# NITIDIN ନିତିଦିନ


RNI REG. NO. ODIODI/2015/62237 • POSTAL REGD. NO.BN/258/18-20 | 8 PAGES • ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

MONDAY 16 JUNE 2025
ସୋମବାର ୧୬ ଜୁନ୍ ୨୦୨୫

NEW AGE MEDIA & PUBLICATIONS PVT. LTD. | PRINTED AT BHUBANESWAR | VOLUME 11 • ISSUE 32 | BHUBANESWAR I BERHAMPUR I SAMBALPUR I BALASORE I JAJPUR | ବର୍ଷ ୧୧ • ସଂଖ୍ୟା ୩୨ | ଭୁବନେଶ୍ୱର । ବ୍ରହ୍ମପୁର । ସମ୍ବଲପୁର । ବାଲେଶ୍ୱର । ଯାଜପୁର





# ୧୭ତମ ବରୁଣେଇ ରଜ ମହୋତ୍ସବ ଉଦ୍‌ଘାଟିତ

**ଖୋର୍ଦ୍ଧା,୧୫।୬/ଏନ୍‌ଏନ୍‌ଏସ୍:** ଆଜି ସନ୍ଧ୍ୟାରେ ତ୍ରିଦିବସୀୟ ବରୁଣେଇ ୧୭ତମ ରଜ ମହୋତ୍ସବ ଖୋର୍ଦ୍ଧା ପୌର ପରିଷଦ ଅଧକ୍ଷା କନକଲକ୍ଷ୍ମୀ ମହାନ୍ତି ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍ଘାଟନ କରିଛନ୍ତି। ସେ ନିଜ ବକ୍ତବ୍ୟରେ ଖୋର୍ଦ୍ଧାର ପାରମ୍ପରିକ ରଜ ମହୋତ୍ସବ ଭାଇଚାରାର ଏକ ନିଛକ ଝଲକ ବୋଲି ଉଲ୍ଲାପନ କରି ଏହାକୁ ଅଧିକରୁ ଅଧିକ ଆଡମ୍ବର ସହକାରେ ପାଳନ କରିବାକୁ ପ୍ରକାଶ କରିଥିଲେ। ମୁଖ୍ୟ ବକ୍ତା ଭାବେ ସମାଜସେବୀ ବାସନ୍ତୀ ମହାପାତ୍ର ଯୋଗଦେଇ ଖୋର୍ଦ୍ଧାର ଏହି ରଜପର୍ବ ପାଳନ ସାଂସ୍କୃତିକ ଜାଗରଣ ସୃଷ୍ଟି କରିବା ସହ ମା' ବରୁଣେଇ ଓ କରୁଣେଇଙ୍କ ମହିମା ଓ ଖୋର୍ଦ୍ଧାଗଡ, ତାପଙ୍ଗ ଗଡ ଓ କନକ ଗଡର ଇତିହାସକୁ ଉଜ୍ଜୀବିତ କରେ ବୋଲି ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ଖୋର୍ଦ୍ଧା ପୌର ପରିଷଦ ଉପାଧକ୍ଷ ସୌର୍ଯ୍ୟରଞ୍ଜନ ମହାନ୍ତି ଯୋଗଦେଇ ୧୭ତମ ରଜ ମହୋତ୍ସବ ଦିଶାନ୍ତ ଅନୁଷ୍ଠାନ ଓ ଜିଲ୍ଲା ପ୍ରଶାସନ ସହଯୋଗରେ ପ୍ରତିବର୍ଷ ପାଳନ ହୋଇଆସୁଛି କହି ଏହି ପର୍ବ ଖୋର୍ଦ୍ଧା ଗଡର ପରମ୍ପରାକୁ ପ୍ରୋତ୍ସାହନ ଦିଏ ବୋଲି କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ପରିଷଦ ସଦସ୍ୟ କମଳ କୁମାର ପ୍ରଧାନ ଏବଂ ପ୍ରାକ୍ତନ ମହାବିଦ୍ୟାଳୟ ଅଧକ୍ଷା ମମତା ଦେ ନିଜ ନିଜ ବକ୍ତବ୍ୟରେ ରଜ ମହୋତ୍ସବ ଓଡ଼ିଶାର ଏକ ଗଣ ପର୍ବ ବୋଲି ଉଲ୍ଲେଖ କରିଥିଲେ। ଦିଶାନ୍ତ ଅନୁଷ୍ଠାନ ସାଧାରଣ ସମ୍ପାଦକ ଦିଲ୍ଲୀପ କୁମାର ପରିଡ଼ାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ ଉଦ୍ଘାଟନୀ ସଭାରେ ଅନୁଷ୍ଠାନ ତରଫରୁ ମୁଖ୍ୟ ଅତିଥି ଓ ସମସ୍ତ ଅତିଥିଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସଭାରେ ଅନ୍ୟ ମାନଙ୍କ ମଧ୍ୟରେ ଜିଲାସୁଚାନା ଓ ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ଉପସ୍ଥିତ ଥିବା ବେଳେ ଜିଲ୍ଲା ପ୍ରଶାସନ ତରଫରୁ ପାନୀୟଜଳ ସହ ଅତ୍ୟାବଶ୍ୟକ ସେବା ଯୋଗାଇ ଦିଆଯାଇଥିଲା।ମଞ୍ଚରେ ଆକର୍ଷଣୀୟ ପାଇକ ଆଖଡ଼ା ଓ ବିଭିନ୍ନ ପ୍ରକାରର ରଜ ମଉଜ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।




# ଦଇତାପତି ନିଯୋଗ ସହ ଶ୍ରୀମନ୍ଦିର ପ୍ରଶାସନର ଗୁରୁତ୍ୱପୂର୍ଣ୍ଣ ବୈଠକ

**ପୁରୀ,୧୫।୬/ଏନ୍‌ଏନ୍‌ଏସ୍:** ଜୁନ୍ ୨୭ରେ ମହାପ୍ରଭୁଙ୍କର ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା। ମହାପ୍ରଭୁଙ୍କ ଏହି ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରାକୁ ଶୃଙ୍ଖଳିତ ଭାବେ ଆୟୋଜନ କରିବା ପାଇଁ ଜୋରଦାର ପ୍ରସ୍ତୁତି ଚଳାଇଛି ଶ୍ରୀମନ୍ଦିର ପ୍ରଶାସନ। ଦଇତାପତି ନିଯୋଗ ସହ ଶ୍ରୀମନ୍ଦିର ପ୍ରଶାସନର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଶୃଙ୍ଖଳିତ ଘୋଷଯାତ୍ରା, ଠାକୁରଙ୍କ ନୀତି କାନ୍ତି ସୁଚାରୁରୂପେ ପାଳନ ନେଇ ଦଇତାପତି ନିଯୋଗ ପ୍ରତିଶ୍ରୁତି ଦେଇଛି। ଦଇତାପତି ନିଯୋଗ ସହ ବୈଠକ ଶେଷ ପରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀଙ୍କ ପ୍ରତିକ୍ରିୟା। ଚଳିତବର୍ଷ ମହାପ୍ରଭୁଙ୍କର ଶୃଙ୍ଖଳିତ ଭାବେ ଘୋଷଯାତ୍ରା ଆୟୋଜନ ନେଇ ଦଇତାପତି ନିଯୋଗ ସହିତ ଆଲୋଚନା ହୋଇଛି। ମହାପ୍ରଭୁଙ୍କ ପହଣ୍ଡିକୁ ବିଶେଷ ଗୁରୁତ୍ୱ। ରଥଯାତ୍ରା ପାଇଁ ପ୍ରସ୍ତୁତ ହୋଇଥିବା ବ୍ୟବସ୍ଥାବଳୀକୁ ଠିକ୍ ଭାବେ ପାଳନ କରାଯିବ। ପହଣ୍ଡି ସମୟରେ ପ୍ରାଧିକୃତ ସେବାୟତ ରହିବେ। ପହଣ୍ଡି ଦଳ ପାଇଁ ବରିଷ୍ଠ ଅଧିକାରୀ ଦାୟିତ୍ୱରେ ରହିବେ। ମୋବାଇଲ୍ ଫୋନ୍ ଉପରେ ସମ୍ପୂର୍ଣ୍ଣ କଟକଣା। ରଥ ଉପରେ ମୋବାଇଲ୍ ଫୋନ୍ ବ୍ୟବହାର ନକରିବା ପାଇଁ ପରାମର୍ଶ। ଯେଉଁମାନେ ନିୟମ ଉଲ୍ଲଙ୍ଘନ କରିବେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ନବଯୌବନ ଓ ନେତ୍ରୋତ୍ସବ ଗୋଟିଏ ଦିନରେ ପଡ଼ିଥିବାରୁ ସମସ୍ତ ନୀତି କାନ୍ତି ସୁଚାରୁରୂପେ କରାଯିବ। ଦେବସ୍ନାନ ପୂର୍ଣ୍ଣିମାରେ ଶ୍ରୀବିଗ୍ରହମାନଙ୍କୁ ସ୍ପର୍ଶ କରିବା ଘଟଣା। ଭିଡିଓ ଫୁଟେଜ ଯାଞ୍ଚ କରାଯାଉଛି। ଯେଉଁମାନେ ନିୟମ ଉଲ୍ଲଙ୍ଘନ କରିଛନ୍ତି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀ ସୂଚନା ଦେଇଥିଲେ। ଗୁଣ୍ଡିଚା ମନ୍ଦିରର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଶେଷ ହୋଇଛି। ଅନ୍ୟ ପଟେ ଦଇତାପତି ନିଯୋଗ ସହ ଶ୍ରୀମନ୍ଦିର ପ୍ରଶାସନର ଗୁରୁତ୍ୱପୂର୍ଣ୍ଣ ଦଇତାପତି ନିଯୋଗ ସମ୍ପାଦକ ରାମକୃଷ୍ଣ ଦାସମହାପାତ୍ର ପ୍ରତିକ୍ରିୟା ଦେଇ କହିଥିଲେ ଯେ, ସ୍ନାନ ପୂର୍ଣ୍ଣିମାରେ ଶୃଙ୍ଖଳିତ ଭାବେ ସମସ୍ତ ନୀତି କାନ୍ତି ସହିତ ହାତୀବେଶ ଅନୁଷ୍ଠିତ ହୋଇଥିଲା। ନବଯୌବନ ଦର୍ଶନ, ଶୃଙ୍ଖଳିତ ରଥଯାତ୍ରା ପାଇଁ ସମସ୍ତ ଆଲୋଚନା ହୋଇଛି। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ, ଆଡ଼ପ ଅବଢ଼ା ପାଇଁ ସମସ୍ତ ସୁବନ୍ଦୋବସ୍ତ କରାଯିବ। ପହଣ୍ଡି ଦଳ ଗଠନ କରାଯିବା ନେଇ ନିଷ୍ପତ୍ତି ହୋଇଛି। ଚତୁର୍ଦ୍ଧାମୂର୍ତ୍ତିଙ୍କ ପହଣ୍ଡି ପାଇଁ ଦଇତାପତି ନିଯୋଗ ପକ୍ଷରୁ ଖସଡ଼ା ପ୍ରସ୍ତୁତ କରାଯାଇଛି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପହଣ୍ଡି ମଧ୍ୟ ଦଳ ଗଠନ ନେଇ ଜାରି ରହିଛି ପ୍ରକ୍ରିୟା। ଶୃଙ୍ଖଳିତ ଘୋଷଯାତ୍ରା ପାଇଁ ଦଇତାପତି ନିଯୋଗ ସମ୍ପୂର୍ଣ୍ଣ ପ୍ରସ୍ତୁତ। ବିଗତ ବର୍ଷମାନଙ୍କରେ ଘଟିଥିବା ତ୍ରୁଟି ବିଚ୍ୟୁତିକୁ ସଂଶୋଧନ କରିବା ନେଇ ବିଶେଷ ଗୁରୁତ୍ୱ ଦିଆଯାଇଛି।

## କାକଟପୁର ବଜାରରେ ଟ୍ରାଫିକ୍ ସମସ୍ୟା

# ଘଣ୍ଟା ଘଣ୍ଟା ଅଟକି ରହୁଛି ଜରୁରୀସେବା ଗାଡ଼ି



**କୁଣ୍ଢେଇ,୧୫।୬/ଏନ୍‌ଏନ୍‌ଏସ୍:** ଦିନକୁ ଦିନ କାକଟପୁର ବଜାରରେ ବୃଦ୍ଧି ପାଉଛି ଟ୍ରାଫିକ ସମସ୍ୟା। ମଙ୍ଗଳା ମନ୍ଦିର ଠାରୁ କଲେଜ୍ ଛକ ଏକ କିଲୋମିଟର ରାସ୍ତା ଅତିକ୍ରମ କରିବାକୁ ଲାଗୁଛି ଏକ ଘଣ୍ଟା। ଏହି ସମୟରେ ଆସୁଥିବା ଜରୁରୀ ସେବା ଗାଡ଼ି ଆମ୍ବୁଲାନ୍ସ ଟ୍ରାଫିକ ଜାମରେ ଘଣ୍ଟା ଘଣ୍ଟା ଧରି ଫସି ରହୁଛି। ଫଳରେ ରୋଗୀ ଘୋର ଅସୁବିଧାରେ ପଡୁଛନ୍ତି। ସେହିପରି ଏକ ସମସ୍ୟା ଦେଖିବାକୁ ମିଳିଥିଲା ଶୁକ୍ରବାର ସଂଧ୍ୟା ୬ ଘଣ୍ଟିକା ସମୟରୁ ରାତି ୮ ଘଣ୍ଟା ପ୍ରାୟ ୨ ଘଣ୍ଟା ଘଣ୍ଟା ଅଟକି ରହିଥିଲା ଯାନବାହାନ କାକଟପୁର ମୁଖ୍ୟ ରାସ୍ତାରେ। ଦୈନିକ ସାଧାରଣ ଜନତା ଠିକଣା ସ୍ଥାନରେ ପହଁଞ୍ଚିବାକୁ ଘଣ୍ଟା ଘଣ୍ଟା ସମୟ ଅଧିକ ଲାଗି ଯାଉଛି। ପୁରୀ ଜିଲ୍ଲାରେ କାକଟପୁର ବଜାର ବ୍ୟବସାୟୀଙ୍କ ପେଣ୍ଠସ୍ଥଳୀ ଭାବେ ପରିଚିତ। ଏହି ବଜାର ଉପରେ କାକଟପୁର ବ୍ଲକର ୧୬ ଟି ପଞ୍ଚାୟତ ବାସୀ ସମ୍ପୂର୍ଣ୍ଣ ନିର୍ଭରଶୀଳ। ସେହିପରି ପଡୋଶୀ ଜିଲ୍ଲା ଜଗତସିଂହପୁର, କଟକ, ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଏହି ବଜାର ନିକଟରେ ଥିବା ସାପ୍ତାହିକ ହାଟକୁ ପାନ, ?ନଡିଆ ,ମାଛ ଶୁଖୁଆ କିଣିବା ପାଇଁ ବ୍ୟବସାୟୀମାନେ ଆସନ୍ତି। କାକଟପୁର ବଜାର ମଧ୍ୟରେ ରହିଛି ଥାନା, ବ୍ଲକ, ତହସିଲ, ମେଡିକାଲ, ବିଭିନ୍ନ ସରକାରୀ ବେସରକାରୀ ସ୍କୁଲ କଲେଜ ଓ ବେବସାୟ ପ୍ରତିଷ୍ଠାନ ସେଥିପାଇଁ ପ୍ରତିଦିନ ଶହଶହ ପଞ୍ଚାୟତବାସୀ ବଜାର କୁ ଆସନ୍ତି ବିଭିନ୍ନ କାମନେଇ। ତା ଛଡା କାକଟପୁରରେ ରହିଛି ଜଗତଜନନୀ ମା'ମଙ୍ଗଳାଙ୍କ ମନ୍ଦିର। ମନ୍ଦିର କୁ ପ୍ରତିଦିନ ହଜାର ହଜାର ଭକ୍ତ ମା'ଙ୍କୁ ଦର୍ଶନ କରିବାପାଇଁ ଆସନ୍ତି। ତେବେ ମଙ୍ଗଳାଙ୍କ ମନ୍ଦିର ଠାରୁ କଲେଜ୍ ଛକ ୧ କିମି ରାସ୍ତା ଅତିକ୍ରମ କରିବାକୁ ଲାଗିଯାଉଛି ୧ ଘଣ୍ଟାରୁ ୨ ଘଣ୍ଟା ସମୟ ଟ୍ରାଫିକ ଜାମ ସମୟରେ ଏକ ଜରୁରୀକାଳୀନ ସେବା ୧୦୮ ଆମ୍ବୁଲାନ୍ସ ଦୀର୍ଘ ସମୟଧରି ଅଟକି ରହୁଛି। ସେହିପରି ଅଟୋ ଷ୍ଟାଣ୍ଡ ନଥିବାରୁ ବାଜାର ରାସ୍ତା ପାର୍ଶ୍ୱରେ ଅଟୋ ଗୁଡ଼ିକ ଲମ୍ବା ଧାଡ଼ିରେ ଠିଆ ହୋଇରହୁଛି। ଦୁଇ ପାର୍ଶ୍ୱରେ ବେଆଇନ ଉଠା ଦୋକାନ ଓ ବ୍ୟବସାୟୀଙ୍କ ପ୍ରାର୍କିଂ ସୁବିଧା ନଥିବା ଯୋଗୁଁ ଟ୍ରାଫିକ ଜାମ ସମସ୍ୟା ସୃଷ୍ଟି ହେଉଛି। ଏହି ଟ୍ରାଫିକ ସମସ୍ୟା ଦୂର କରିବା ପାଇଁ ସ୍ଥାନୀୟ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ ବର୍ତ୍ତମାନ ସୁଦ୍ଧା କୌଣସି ସୁଫଳ ମିଳିନାହିଁ। ଜନସାଧାରଣ ଯାତାୟାତ ରେ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି।

# ସୁନାମୁହିଁ ପର୍ଯ୍ୟଟନସ୍ଥଳୀରେ ରଜଦୋଳି ମହୋତ୍ସବ



**ଖଣ୍ଡପଡ଼ା,୧୫।୬/ଏନ୍‌ଏନ୍‌ଏସ୍:** ଖଣ୍ଡପଡା ସହରର ଉପକଣ୍ଠରେ ଅବସ୍ଥିତ ସୁନାମୁହିଁ ପରିବେଶ ପର୍ଯ୍ୟଟନସ୍ଥଳୀରେ ରଜ ଉପଲକ୍ଷେ ଜନସାଧାରଣଙ୍କ ଭିଡ ପରିଲକ୍ଷିତ ହୋଇଥିଲା। ଦିନ ତମାମ ଅସହ୍ୟ ଗୁଲୁଗୁଳି ରୌଦ୍ରତାପର ପ୍ରଭାବ ସତ୍ତ୍ୱେ ଆଖପାଖ ଗ୍ରାମରୁ ଶହଶହ ଯୁବକ, ଯୁବତୀ, ମହିଳାମାନେ ସପରିବାର ସହ ପର୍ଯ୍ୟଟନସ୍ଥଳୀ ପରିସରରେ ଉପସ୍ଥିତ ରହି ଦୋଳି ଖେଳର ମଜା ନେବା ସହ ପ୍ରାକୃତିକ ପରିବେଶକୁ ଉପଭୋଗ କରିଥିଲେ। ଅନେକ ଯୁବକ, ଯୁବତୀ ସେଲଫି ପଏଣ୍ଟରେ ଫଟୋ ଉଠାଇ ଆନନ୍ଦ ଅନୁଭବ କରିଥିଲେ। ରଜ ଯୋଗୁଁ ଉତ୍ସବ ମୁଖର ହୋଇ ଉଠିଥିଲା ସୁନାମୁହିଁ ପର୍ଯ୍ୟଟନସ୍ଥଳୀ।

# ବିଷ୍ଣୁପୁର ବିଦ୍ୟାଳୟରେ ୮ମ ରଜମହୋତ୍ସବ ଉଦ୍‌ଘାଟିତ



**ଚାରିଛକ,୧୫।୬/ଏନ୍‌ଏନ୍‌ଏସ୍:** ଭିଲିଗ୍ରାମ ପଞ୍ଚାୟତ ବିଷ୍ଣୁପୁର ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ୮ମ ରଜ ମହୋତ୍ସବକୁ ମୁଖ୍ୟ ଅତିଥିଭାବେ ପୁର୍ବତନମନ୍ତ୍ରୀ ସମୀର ରଂଜନ ଦାଶ ଯୋଗଦେଇ ଉଦଘାଟନ କରିଥିଲେ ରଜମହୋତ୍ସବ କମିଟିର ସଭାପତି ସୀମନ୍ତ ଶେଖର ରଥଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ପୂର୍ବତନମନ୍ତ୍ରୀ ସମୀର ରଂଜନ ଦାଶ,ସମ୍ମାନିତ ଅତିଥିଭାବେ ବରଗଡ କଂସ ମହାରାଜ ଦେବରାଜ ଛତ୍ରିଆ, ୨୦୨୪ମିସ୍ ଇଣ୍ଡିଆ ବିଜେତା ସ୍ମୃତି ସଂଚିତା ଦାଶ, ରଜ ମହୋତ୍ସବ ଆୟୋଜକ ସାହିତ୍ୟିକା ତଥା କବୟତ୍ରୀ ସଂଗୀତା ଦାଶ,ସରପଞ୍ଚ ଅରବିନ୍ଦ ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ। ପୂର୍ବପରି ରଜରେ ପୋଡପିଠା, ଝିଅମାନଙ୍କ ପୁଞ୍ଚି ଖେଳ, ଦୋଳିଖେଳ, ଖେଟି ପକା ଆଉ ଦେଖିବାକୁ ମିଳୁନି। ଏହି ରଜ ପର୍ବକୁ ଉଦଜ୍ଜୀତ କରି ରଖିବା ସହିତ ପ୍ରତ୍ୟେକ ଗ୍ରାମରେ ରଜ ମହୋତ୍ସବ ପାଳନ କରିବାକୁ ମୁଖ୍ୟ ଅତିଥି ଶ୍ରୀ ଦାଶ କହିଥିଲେ। ସେହିପରି ଉତ୍ସବର ମୁଖ୍ୟ ଆକର୍ଷଣ ବରଗଡ କଂସ ମହାରାଜ କହୁଛନ୍ତି ଓଡିଶାର ଗଣପର୍ବ ରଜ, ଏହି ରଜ ମହୋତ୍ସବକୁ ପୁର ପଲ୍ଲୀରେ ସମସ୍ତେ ମହା ଆଡମ୍ବରରେ ପାଳନ କରିବାକୁ ଆଦେଶ ଦେଇଛନ୍ତି। ଏହି ଅବସରରେ କୃତି ପ୍ରତିଯୋଗୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗୀତା ଅନୁଷ୍ଠିତ ହେବ, ରଜ ମହୋତ୍ସବର ଅନ୍ତିମ ଦିନ କୃତି ପ୍ରତିଭାମାନଙ୍କୁ ସମ୍ମାନୀତ କରାଯିବ। ପରିଶେଷରେ ରଜମହୋତ୍ସବ କମିଟିର ସଂପାଦକ ରବୀନ୍ଦ୍ର ନାଥ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ରଜ ମହୋତ୍ସବ ଉଦ୍‌ଘାଟିତ



**ନୟାହାଟ,୧୫।୬/ଏନ୍‌ଏନ୍‌ଏସ୍:** ନୟାହାଟ ଫାଣ୍ଡି ଅନ୍ତର୍ଗତ ଧୂମାଳ ପଞ୍ଚାୟତର ନରସିଂହପୁର ହାଟ ମା' ଚାଚଖାଇ ଠାକୁରାଣୀଙ୍କ ନିକଟରେ ୨୦୨୫ ରଜ ମହୋତ୍ସବକୁ କାକଟପୁର ଅଞ୍ଚଳର ବରିଷ୍ଠ ସମାଜସେବୀ ବା ବିଶ୍ୱଭୂଷଣ ଦାସ ଉଦ୍ ଘାଟନ କରିଥିଲେ ତାଙ୍କ ସହିତ ଜଙ୍ଗଲବୋରି ପୂର୍ବତନ ସରପଞ୍ଚ ପ୍ରଣୟ କୁମାର ସାହୁ, ଧୂମାଳର ପୂର୍ବତନ ସରପଞ୍ଚ ମାନସ ସେନାପତି ପ୍ରମୁଖ ଯୋଗଦେଇଥିଲେ। ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ଏଥିରେ ମୁଖ୍ୟ ଅତିଥି ଭାବେ ପ୍ରଶାସନିକ ଅଧିକାରୀ ପ୍ରଭାତ କୁମାର ତରାଇ ମୁଖ୍ୟ ବକ୍ତା ଭାବେ ଶିକ୍ଷାବିତ୍ ପ୍ରକାଶ ଚନ୍ଦ୍ର ପରିଡା ଓ ସମାଜ ସେବି ତ୍ରିଥବାସି ଦାସ ପ୍ରମୁଖ ଯୋଗ ଦେଇଥିଲା ବେଳେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ଆୟୋଜକ ସମ୍ପଦ ମହାନ୍ତି ଫାର୍ମ ହାଉସ ପକ୍ଷରୁ ତିନି ଦିନ ଧରି ରଜ ଉତ୍ସବ ପାଳନ କରାଯିବ ବୋଲି ପ୍ରକାଶ କରିଛନ୍ତି। ଶେଷରେ କୁନି କୁନି କଳାକାରମାନଙ୍କୁ ଅତିଥିମାନଙ୍କ ଦ୍ୱାରା ମାନପତ୍ର ସହିତ ସନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା।

# ପୁରୀ ପାନ୍ଥନିବାସରେ ରଜ ପର୍ବ

**ପୁରୀ,୧୫।୬/ଏନ୍‌ଏନ୍‌ଏସ୍:** ପୁରୀ ପାନ୍ଥନିବାସରେ ଆଜି ରଜପର୍ବ ପାଳିତ ହୋଇଛି। ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡଃ ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଉପଜିଲ୍ଲାପାଳ ରାଜ କିଶୋର ଜେନା ଓ ପର୍ଯ୍ୟଟନ ସହକାରୀ ନିର୍ଦ୍ଦେଶକ ସରୋଜ କାନ୍ତ ପ୍ରଧାନ, କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ ଏହି ପର୍ବ କୁ ଉଦଘାଟନ କରିବା ସହ ଆମ ସଂସ୍କୃତି ଓ ପରମ୍ପରା ରେ ଓଡ଼ିଆ ପର୍ବ ରଜର ଏକ ସ୍ୱତନ୍ତ୍ର ମହକ ରହିଛି। ତିନି ଦିନିଆ ରଜ ପର୍ବ ପଲ୍ଲୀ ଠାରୁ ସହର ପର୍ଯ୍ୟନ୍ତ ସମସ୍ତଙ୍କୁ ଆନନ୍ଦ ଦେଇଥାଏ ବୋଲି ସେମାନେ ମତ ଦେବା ସହ ଏହାକୁ ଆନନ୍ଦ ଉଲ୍ଲାସର ସହ ପ୍ରତ୍ୟେକ ପାଳନ ପାଇଁ ଶୁଭେଚ୍ଛା ଜଣାଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପାନ୍ଥନିବାସର ମ୍ୟାନେଜର ଚନ୍ଦ୍ରକାନ୍ତ ଦାସ, ସହକାରୀ ମ୍ୟାନେଜର ବ୍ୟାମୋକେଶ ତ୍ରିପାଠୀ, ଦିଲ୍ଲୀପ ବାରିକ ଓ ପାନ୍ଥନିବାସର ଅନ୍ୟ କର୍ମଚାରୀ ସହଯୋଗ କରିଥିଲେ।



# ଅଜଣା ଗାଡ଼ି ଧକ୍କାରେ ରାଜମିସ୍ତ୍ରିଙ୍କ ମୃତ୍ୟୁ

**ସାଲେପୁର,୧୫।୬/ଏନ୍‌ଏନ୍‌ଏସ୍:** ଆଉ କିଛି ସମୟ ପରେ ଘରେ ପହଞ୍ଚିଥାନ୍ତା। ବିଧିର ବିଧାନ କିନ୍ତୁ ଥିଲା ଅଲଗା। ରାଜମିସ୍ତ୍ରି କାମ ସାରି ଘରକୁ ଫେରିଲାବେଳେ ଅଜଣା ଗାଡି ଧକ୍କାରେ ଚାଲିଗଲା ଯୁବକଙ୍କ ଜୀବନ। ଘଟଣା ଘଟିଛି ସାଲେପୁର କଟକ ମୁଖ୍ୟ ରାସ୍ତାର ଖରାଖିଆ ମହାଦେବ ମନ୍ଦିର ନିକଟରେ। ଘଟଣାରୁ ପ୍ରକାଶ ପୂର୍ବକଛ ମଲ୍ଲିକ ସାହିର ଗୌରାଙ୍ଗ ମଲ୍ଲିକଙ୍କ ଏକମାତ୍ର ପୁଅ ଦେବେନ୍ଦ୍ର ମଲ୍ଲିକ ରାଜମିସ୍ତ୍ରି କାମ ସାରି ଘରକୁ ଫେରୁଥିବା ସମୟରେ ପଛପଟରୁ ଆସୁଥିବା ଅଜଣା ଗାଡ଼ି ଧକ୍କାଦେବା ଫଳରେ ସେ ଛିଟିକି ପଡ଼ିଥିଲେ। ଖବର ପାଇ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଅବସ୍ଥାରେ ଉଦ୍ଧାରକରି ସାଲେପୁର ମେଡ଼ିକାଲକୁ ନେଇଥିଲେ। ସେଠାରେ ଡାକ୍ତର ଦେବେନ୍ଦ୍ର ମଲ୍ଲିକଙ୍କୁ ମୃତ ଘୋଷଣା କରିଥିଲେ।

# ମା' ଭଗବତୀ ପୀଠରେ ୨୬ତମ ରଜ ଉତ୍ସବ




**କୋଣାର୍କ,୧୫।୬/ଏନ୍‌ଏନ୍‌ଏସ୍:** ଓଡ଼ିଶାର ମୁଖ୍ୟ ପର୍ବ ବିଶେଷ ଭାବେ ଗଣପର୍ବ ଭାବେ ପରିଚିତ ଓଡ଼ିଆଙ୍କର ବାରମାସରେ ତେର ପର୍ବ ମଧ୍ୟରୁ ରଜ ପର୍ବ ଅନ୍ୟତମ। ପ୍ରତିବର୍ଷ ଜୁନ ମାସରେ ଓଡ଼ିଆମାନେ ବିଶେଷକରି କୁଆଁରୀ ଝିଅମାନେ ରଜ ପର୍ବକୁ ଅତି ଧୁମଧାମରେ ୩ଦିନ ଧରି ପାଳନ କରିଥାନ୍ତି। ଏହି ରଜ ପର୍ବକୁ ନେଇ ଶନିବାରଠାରୁ ୩ଦିନ ଧରି କୋଣାର୍କ-ଭୁବନେଶ୍ୱର ମୁଖ୍ୟରାସ୍ତା ପାର୍ଶ୍ୱରେ ଥିବା 'ମା ଭଗବତୀ ପୀଠ' ଠାରେ ଧୁମ୍‌ଧାମ୍‌ରେ ପାଳନ କରାଯାଉଛି ଏହି ରଜ ପର୍ବ। କୋଣାର୍କ ଅଞ୍ଚଳର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ 'ଅର୍କଶ୍ରୀ' ପକ୍ଷରୁ ସମ୍ପାଦକ ଉମେଶ ଚନ୍ଦ୍ର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଦୀର୍ଘ ୨୬ବର୍ଷ ହେବ ଅତି ସଫଳତାର ସହିତ ମା' ଭଗବତୀଙ୍କ ପୀଠରେ କରାଯାଉଥିବା ଏହି ରଜ ଉତ୍ସବରେ ଓଡ଼ିଶାର କଳାସଂସ୍କୃତି, ବିଭିନ୍ନ ପ୍ରକାର ଓଡ଼ିଶାର ପାରମ୍ପରିକ ଖାଦ୍ୟ ବିଶେଷ ଭାବେ ପିଠାଗୁଡିକ ଏଠାରେ ମହିଳାମାନଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥାଏ। ତା'ସହିତ ଓଡ଼ିଶାର ଗ୍ରାମାଞ୍ଚଳର ବିଭିନ୍ନ ପାରମ୍ପରିକ ଖେଳକୁ ଉଦ୍‌ଜୀବିତ କରି ରଖିବା ପାଇଁ ଏଠାରେ ଲୁଡୁ, ତାସ୍ , ନଡ଼ିଆ ଲଢ଼େଇ, ଖେଟି ଚିତା ପକାଇବା ପରି ଅନେକ ଖେଳର ପ୍ରତିଯୋଗିତା କରାଯିବା ସହିତ ସମସ୍ତଙ୍କ ପାଇଁ ଦୋଳି ଖେଳିବାର ବ୍ୟବସ୍ଥା କରାଯାଇଛି। ଉତ୍ସବକୁ ପ୍ରଦୀପ ପ୍ରଜ୍ୱଳନ କରି ପୂର୍ବତନ ଗୃହରାଷ୍ଟ୍ରମନ୍ତ୍ରୀ ତଥା କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, କୋଣାର୍କ ଏନଏସି ଅଧକ୍ଷା ସଂଯୁକ୍ତା ତ୍ରିପାଠୀ, ଗୋପ କଲେଜର ପୂର୍ବତନ ଅଧକ୍ଷ ପ୍ରକାଶ ଚନ୍ଦ୍ର ଖଟୋଇ, ବରିଷ୍ଠ ସମାଜସେବୀ ରାମକୃଷ୍ଣ ମହାନ୍ତି, ଗୋପାଳ ଚନ୍ଦ୍ର ବେହେରା ପ୍ରମୁଖ ଉଦ୍‌ଘାଟନ କରିଥିଲେ। ଉତ୍ସବକୁ ରାଜ୍ୟ ପୁରସ୍କାରପ୍ରାପ୍ତ ବରିଷ୍ଠ ଶିକ୍ଷାବିତ୍ ପ୍ରତାପ କୁମାର ରାଉତ ସଞ୍ଚାଳନ କରିଥିଲେ। ଆଗାମୀ ଦିନରେ ସରକାରୀ ସହାୟତା ମିଳିଲେ ଓ ମା' ଭଗବତୀ ପୀଠ ଓ ମା' ରାମଚଣ୍ଡୀ ପୀଠର ଭିତ୍ତିଭୂମିର ବିକାଶ କରାଗଲେ ଏହି ରଜ ଉତ୍ସବ ଦେଶ ତଥା ରାଜ୍ୟରେ ଏକ ପ୍ରମୁଖ ଉତ୍ସବରେ ପରିଣତ ହୋଇପାରିବ ବୋଲି ଆୟୋଜକ ଅର୍କଶ୍ରୀର ସମ୍ପାଦକ ଉମେଶ ଚନ୍ଦ୍ର ସ୍ୱାଇଁ ପ୍ରକାଶ କରିଥିଲେ। ରଜ ଉତ୍ସବକୁ ବରିଷ୍ଠ ଆଇନଜୀବୀ ସୁରେଶ ଚନ୍ଦ୍ର ସ୍ୱାଇଁ, ପଞ୍ଚାନନ ବରାଳ, ଗନ୍ଧର୍ବ ସେନାପତି, ବିରଞ୍ଚି ନାରାୟଣ ରଥ, ସାମ୍ବାଦିକ ଅଜିତ କୁମାର ମଲ୍ଲିକ, ସୁଦର୍ଶନ ମଲ୍ଲିକ ପ୍ରମୁଖ ପରିଚାଳନା କରିଥିଲେ।

# ତ୍ରିନାଥ ଚରଣ କଳା ସାହିତ୍ୟ ସଂସଦର ରଜପର୍ବ



**ଖୋର୍ଦ୍ଧା,୧୫।୬/ଏନ୍‌ଏନ୍‌ଏସ୍:** ଖୋର୍ଦ୍ଧା ବଉଳାବନ୍ଧର ବିଶିଷ୍ଟ କଳାକାର ତଥା ପୁରୀ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚର ନାଟ୍ୟ ସଂଳାପ ଲେଖକ ତ୍ରିନାଥ ଚରଣ ସାହୁଙ୍କ ନାମରେ ଖୋର୍ଦ୍ଧା ଶ୍ରୀରାମନଗରରେ ସ୍ଥାପିତ ତ୍ରିନାଥ ଚରଣ କଳା ସାହିତ୍ୟ ସଂସଦ ପକ୍ଷରୁ ରଜ ପର୍ବ ଉପରେ ଏକ ଆଲୋଚନା ଚକ୍ର ଗାୟତ୍ରୀ ମନ୍ଦିର ପରିସରରେ ସଂସଦର ସଭାପତି ସତ୍ୟବାଦୀ ବଳିଆରସିଂହଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସଂସଦର ସଂପାଦିକା ଶ୍ରୀମତୀ ଇତିଶ୍ରୀ ସାହୁ ବିବରଣୀ ପାଠ କରିବା ସହ ସଭାର ଆଭିମୁଖ୍ୟ ପ୍ରକାଶ କରିବା ପରେ କବି ଗୋବିନ୍ଦ ଚନ୍ଦ୍ର ମହାରଣା ଅତିଥି ପରିଚୟ ଦେଇଥିଲେ। ଅହମଦାବାଦ୍ ବିମାନ ଦୁର୍ଘଟଣା ମୃତ ବ୍ୟକ୍ତିମାନଙ୍କ ପାଇଁ ୨ମିନିଟ୍ ନିରବ ପ୍ରାର୍ଥନା କରାଯାଇ ମୁଖ୍ୟ ଆଲୋଚକ ଭାବେ ପ୍ରଫେସର ଡ଼. ଶରତ ଚନ୍ଦ୍ର ମହାପାତ୍ର ଯୋଗଦେଇ କହିଥିଲେ ମିଥୁନ ସଂକ୍ରାନ୍ତି ଦିନ ମୌସୁମୀ ଓ ମୃତ୍ତିକାର ହୁଏ ମହାମିଳନ। ଘନ ମେଘମାଳା ଆକାଶ ପଥରେ ଭାସି ଭାସି ଆସି ଧରିତ୍ରୀ ବକ୍ଷରେ ଢାଳି ଦିଅନ୍ତି ଅଜସ୍ର ବାରିରାଶି। ନାରୀ ସଦୃଶା ଏଇ ମାତା ବସୁନ୍ଧରା ରଜସ୍ୱଳା ହୋଇ ପୁଣି ଉତ୍ପାଦିକା ଶକ୍ତି ଲାଭ କରେ। ଉତ୍କଳୀୟ ସାଂସ୍କୃତିର ପ୍ରତୀକ ଏଇ ରଜପର୍ବର ପଶ୍ଚାତରେ କୌଣସି ଦେବଦେବୀଙ୍କର ପରିକଳ୍ପନା ନାହିଁ। କଟକ ମହାନଦୀ ବିହାର ଡ଼ିଗ୍ରୀ କଲେଜର ଅଧକ୍ଷ ଡ଼. ଲକ୍ଷ୍ମଣ କୁମାର ସାହୁ କହିଲେ ରଜ ସମୟରେ ପୃଥିବୀ ରଜବତୀ ହୁଏ ବୋଲି ଲୋକକଥା ରହିଛି। ଧରଣୀକୁ ବିଶ୍ରାମ ଦେବା ପାଇଁ ପାଳନ କରାଯାଇଥାଏ ପର୍ବ। ସ୍ତ୍ରୀ ଲୋକମାନେ ଧରଣୀମାତାର ପ୍ରତିନିଧିତ୍ୱ କରିଥାଆନ୍ତି। ରଜ ତିନିଦିନ କୌଣସି କାର୍ଯ୍ୟ କରିନଥାନ୍ତି ମହିଳାମାନେ। ଖାଲି ପାଦରେ ମାଟି ଉପରେ ଚ଼ାଲିବା ମଧ୍ୟ ବନ୍ଦ କରନ୍ତି। ଦାନ୍ତ କାଠି ଭାଙ୍ଗିବା, ମସଲା ବାଟିବା ମଧ୍ୟ ବନ୍ଦ ହୋଇଯାଏ। ରଜପର୍ବ ପୂର୍ବରୁ ମସଲା ବଟା, ପିଠାପଣା ପାଇଁ ସବୁ କାର୍ଯ୍ୟ ଶେଷ କରିଥାଆନ୍ତି ମହିଳାମାନେ। ରଜ ମଧ୍ୟରେ ନାଚ, ଗୀତ, ତାସ ପଶା ଓ ବାଗୁଡ଼ି ଖେଳ ହେଉଛି ବିଶେଷ ଆକର୍ଷଣ। ଶିକ୍ଷାବିତ୍ ଭୀମସେନ ପ୍ରଧାନ, ସାହିତ୍ୟିକ ବୈକୁଣ୍ଠନାଥ ରାଜଗୁରୁ, ଡ଼. ପ୍ରମୋଦ ଚନ୍ଦ୍ର ଦାଶ, ରାଜେନ୍ଦ୍ର କୁମାର ନରେନ୍ଦ୍ର, ଲଡୁକିଶୋର ଦାଶ, ପ୍ରଫୁଲ୍ଲ କୁମାର ସାମନ୍ତରାୟ, ରାଜ କିଶୋର ବଳିଆରସିଂହ, କୃଷ୍ଣଚନ୍ଦ୍ର ହରିଚନ୍ଦନ, ପ୍ରାଧ୍ୟାପକ ଗୋପାଳ କୃଷ୍ଣ ଦାସ, ଲକ୍ଷ୍ମୀଧର ବଡ଼ଜେନା, ସୌଭାଗ୍ୟ କୁମାର କର, ଫ୍ଲାଇଟ୍ ଲେଫ୍ଟନାଣ୍ଟ ବିଦ୍ୟାଧର ଲେଙ୍କା, ଲକ୍ଷ୍ମୀଧର ସାମନ୍ତରାୟ, ନିଳାଦ୍ରି ନାଥ ଜଗଦ୍ଦେବ, ବିକ୍ରମ କେଶରୀ ଚମ୍ପତି, ନୃତ୍ୟଗୁରୁ ଶ୍ରୀମା ଜଗଦ୍ଦେବ, ବିନତି ମିଶ୍ର, ଉପେନ୍ଦ୍ର ସ୍ୱାଇଁ, ନଳିନୀ ଦାଶ, ନାଟ୍ୟକାର ପ୍ରଫୁଲ୍ଲ କୁମାର ଦାସ, ପଣ୍ଡିତ ବାସୁଦେବ ସାହୁ, ଶାନ୍ତିଲତା ଦେବୀ, ଡ଼. ଚପଳା ପଣ୍ଡା, ବଂଶୀଧର ଦାସ, କୈଳାସ ଚନ୍ଦ୍ର ପୃଷ୍ଟି, ଜ୍ୟୋତିପ୍ରଭା ପଟ୍ଟନାୟକ, ଅନସୂୟା ସାମନ୍ତରାୟ, ସତ୍ୟାନନ୍ଦ ବେହେରା, ଆଡ଼ଭୋକେଟ୍ ନିରଞ୍ଜନ ବାଘସିଂହ ପ୍ରମୁଖ ରଜ ପରମ୍ପରା ଉପରେ ବକ୍ତବ୍ୟ ରଖିଥିଲେ। ଗୋବିନ୍ଦ ଚନ୍ଦ୍ର ମହାରଣାଙ୍କ ସଂଯୋଜନାରେ କବିତା ପାଠ ହୋଇଥିଲା। ହୁଲାସ ପୃଷ୍ଟି, ଅନସୂୟା ସାହୁ ଓ ବୈଶାଖି ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉପସ୍ଥିତ ପ୍ରତ୍ୟେକ ବିଭିନ୍ନ ପ୍ରକାର ରଜ ପିଠା ପ୍ରଦାନ କରାଯାଇଥିଲା। ଉପସ୍ଥିତ ପ୍ରତ୍ୟେକ ବ୍ୟକ୍ତିଙ୍କୁ ମାସିକ ଆମରି ସତ୍ୟ ପତ୍ରିକା ବିତରଣ କରାଯାଇଥିଲା। ଜ୍ୟୋତିରଂଜନ ସାହୁ ଧନ୍ୟବାଦ ଦେଇଥିଲେ।

NITIDIN
ନିତିଦିନ
RNI REG. NO. ODIODI/2015/62237 • POSTAL REGD. NO.BN/258/18-20 8 PAGES • ₹ 6/-
www.nitidin.com
twitter.com/nitidintoday
facebook.com/nitidintoday
MONDAY
16 JUNE 2025
ସୋମବାର
୧୬ ଜୁନ୍ ୨୦୨୫
NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 • ISSUE 32 BHUBANESWAR | BERHAMPUR | SAMBALPUR | BALASORE | JAJPUR ବର୍ଷ ୧୧ • ସଂଖ୍ୟା ୩୨ ଭୁବନେଶ୍ୱର । ବ୍ରହ୍ମପୁର । ସମ୍ବଲପୁର । ବାଲେଶ୍ୱର । ଯାଜପୁର

## ଭୁଶୁଡ଼ିଲା ଇନ୍ଦ୍ରାୟଣୀ ନଦୀ ବ୍ରିଜ୍: ୪୧ ଉଦ୍ଧାର, ୧୮ ଆହତ

# ୪ ମୃତ, ୧୫ରୁ ଊର୍ଦ୍ଧ୍ୱ ନିଖୋଜ

**ପୁଣେ,୧୫।୬/ଏଜେନ୍ସି:**

ମହାରାଷ୍ଟ୍ରର ପୁଣେ ଜିଲ୍ଲା ମାଭଲ୍ ତହସିଲ୍ ଅନ୍ତର୍ଗତ କୁନ୍ଦମାଳା ଗାଁ ରବିବାର ବଡ଼ ଅଘଟଣ ଘଟିଛି । ଅପରାହ୍ଣ ସାଢ଼େ ୩ଟା ବେଳେ ଗାଁ ନିକଟରେ ଥିବା ଇନ୍ଦ୍ରାୟଣୀ ନଦୀବନ୍ଧ ଭୁଶୁଡ଼ି ପଡ଼ିଛି । ଏଥିରେ ୪ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୧୮ ଜଣ ଆହତ ହୋଇଛନ୍ତି । ଆହତଙ୍କ ମଧ୍ୟରୁ ୬ ଜଣଙ୍କ ଅବସ୍ଥା ଗୁରୁତର ରହିଛି । ସେହିପରି ୪୧ ଜଣଙ୍କୁ ଏନ୍‌ଡିଆର୍‌ଏଫ୍ ଟିମ୍ ନଦୀରୁ ସୁରକ୍ଷିତ ଉଦ୍ଧାର କରିଥିବା ବେଳେ ୧୫ରୁ ୨୦ ପର୍ଯ୍ୟଟକଙ୍କ ପତ୍ତା ମିଳୁନାହିଁ । ସେମାନେ ନଦୀର ପ୍ରବଳ ସ୍ରୋତରେ ଭାସିଯାଇଥିବା ଆଶଙ୍କା କରାଯାଉଛି । ଭାସିଯାଇଥିବା ପର୍ଯ୍ୟଟକଙ୍କୁ ଉଦ୍ଧାର ପାଇଁ ଅପରେସନ ଚାଲିଛି । ଏଥିରେ ରାଜ୍ୟ ପୁଲିସ, ଡିଜାଷ୍ଟର ରିଲିଫ୍ ୱାର୍କର ଓ ଏନ୍‌ଡିଆରଏଫ୍ ଟିମ୍ ସହିତ ଭାରତୀୟ ନୌସେନାକୁ ମଧ୍ୟ ସାମିଲ କରାଯାଇଛି ।

କୁନ୍ଦମାଳା ଏକ ପର୍ଯ୍ୟଟନ ସ୍ଥଳୀ ହୋଇଥିବା ବେଳେ ବର୍ଷା ଋତୁରେ ଏଠାରେ ବହୁ ସଂଖ୍ୟକ ପର୍ଯ୍ୟଟକଙ୍କ ଭିଡ଼ ହୋଇଥାଏ । ଦୁଇଦିନ ଧରି ସେଠାରେ ପ୍ରବଳ ବର୍ଷା ହୋଇଥିବାରୁ ଇନ୍ଦ୍ରାୟଣୀ ନଦୀରେ ପାଣି ଦେଖିବାକୁ ଆଜି ଅପରାହ୍ନରେ ସେଠାରେ ପର୍ଯ୍ୟଟକଙ୍କ ଭିଡ଼ ଜମିଥିଲା । ନଦୀ ଉପରେ ଥିବା ଜର୍ଜର ପୁରୁଣା ଲୁହା ବ୍ରିଜ୍ ଉପରେ ୫୦ରୁ ଅଧିକ ପର୍ଯ୍ୟଟକ ଛିଡ଼ା ହୋଇଥିବା ବେଳେ ବ୍ରିଜ୍‌ର ଅଧା ଅଂଶ ଅଚାନକ ଭୁଶୁଡ଼ି ପଡ଼ିଥିଲା । ଇଂରେଜ ସମୟର ବ୍ରିଜ୍‌ଟି ଜର୍ଜର ହୋଇପଡ଼ିଥିବା ବେଳେ ଘଟଣା ବେଳେ କ୍ଷମତାର ଅଧିକ ପର୍ଯ୍ୟଟକ ସେଠାରେ ଉପସ୍ଥିତ ଥିଲେ । ଏପରି କି ଲୋକମାନେ ଦୁଇଚକିଆ ଯାନ ଓ ମୋଟର ସାଇକେଲ୍‌ରେ ଯିବା ଆସିବା କରୁଥିଲେ । ଫଳରେ ଓଜନ ସହିନପାରି ବ୍ରିଜ୍‌ଟି ଭୁଶୁଡ଼ି ପଡ଼ିଥିବା ପ୍ରତ୍ୟକ୍ଷଦର୍ଶୀଙ୍କ ସୂତ୍ରରୁ ଜଣାପଡ଼ିଛି । ଅନ୍ୟପକ୍ଷରେ ଏହି ଘଟଣା ପରେ ▶▶ ୫



● ରଜ ମଉଜ ହେଲା କାଳ

## ପଲପଲା ନଦୀରେ ବୁଡ଼ିଗଲେ ୨

**ବାରିପଦା,୧୫।୬/ଏନ୍‌ଏନ୍‌ଏସ୍:**

ମୟୂରଭଞ୍ଜ ଜିଲ୍ଲା ଶିମିଳିପାଳ ଅଭୟାରଣ୍ୟର ଲୁଲୁଙ୍ଗ ନିକଟ ପଲପଲା ନଦୀରେ ବୁଡ଼ିଯାଇ ୨ଜଣଙ୍କର ମୃତ୍ୟୁ ଘଟିଛି । ମୃତ ଯୁବକ ଦ୍ୱୟ ବାରିପଦା ୱାର୍ଡ ନମ୍ବର ୨୧ ପୂର୍ଣ୍ଣଚନ୍ଦ୍ରପୁର ଅଞ୍ଚଳର ଅଙ୍କିତ କୁମାର ଭୂଜବଳ (୨୦) ଏବଂ ରଘୁନାଥପୁର ଅଞ୍ଚଳର ଅଂଶୁଷ୍ମାନ ନାଏକ (୨୦) ବୋଲି ଜଣାପଡ଼ିଛି । ସୂଚନା ମୁତାବକ ରବିବାର ରଜ ଉପଲକ୍ଷେ ୭ଜଣ ସାଙ୍ଗ ବାରିପଦାରୁ ଶିମିଳିପାଳ ବୁଲିବାକୁ ଯାଇଥିବା ବେଳେ ପଲପଲା ନଦୀରେ ଗାଧେଇ ମଜା ନେଉଥିଲେ । ଏହି ସମୟରେ ଅସାବଧାନତା ବଶତଃ ଗୋଡ଼ ଖସିଯିବାରୁ ୨ଜଣ ଭାସି ଯାଇଥିଲେ । ସେଠାରେ ଉପସ୍ଥିତ ଅନ୍ୟ ସାଙ୍ଗମାନେ ଏନେଇ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ । ଘଟଣାସ୍ଥଳରେ ଅଗ୍ନିଶମ କର୍ମଚାରୀ ପହଞ୍ଚି ଖୋଜାଖୋଜି କରିବା ପରେ ୨ଜଣଙ୍କ ମୃତଦେହ ଉଦ୍ଧାର ହୋଇଥିଲା । ପରେ ମୃତଦେହକୁ ବାରିପଦା ପିଆର୍‌ଏମ୍ ହସ୍‌ପିଟାଲ୍‌କୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି । ରଜପର୍ବ ପରି ଦିନରେ ଏଭଳି ଦୁଃଖଦ ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି ।

## ଖସିପଡ଼ି ଜଳିଗଲା ହେଲିକପ୍ଟର୍, ୭ ମୃତ

**ସାମୟିକ ଭାବେ ଚାରି ଧାମକୁ ଉଡ଼ାଣ ସ୍ଥଗିତ**



**ଡେରାଡୁନ୍,୧୫।୬/ଏଜେନ୍ସି:**

ଉତ୍ତରାଖଣ୍ଡର କେଦାରନାଥରୁ ଗୁପ୍ତକାଶୀକୁ ଯାଉଥିବା ଆର୍ଯ୍ୟାନ୍ ଏଭିଏସନ୍ ପରିଚାଳିତ ଏକ ବେଲ୍ ୪୦୭ ହେଲିକପ୍ଟର୍ ରବିବାର ଗୌରୀକୁଣ୍ଡ ଜଙ୍ଗଲରେ ଦୁର୍ଘଟଣାଗ୍ରସ୍ତ ହୋଇ ଜଳିଯାଇଛି । ଏହି ଦୁର୍ଘଟଣାରେ ଏକ ଶିଶୁକନ୍ୟା ସମେତ ୭ ଜଣଙ୍କର ମୃତ୍ୟୁ ହୋଇଛି । ଗୁରୁତର ପାଗ ଯୋଗୁ ହେଲିକପ୍ଟର୍‌ଟି ଦିଗ ପରିବର୍ତ୍ତନ କରିଥିଲା ବେଳେ ଏହି ଦୁର୍ଘଟଣା ଘଟିଛି ବୋଲି ଅଧିକାରୀମାନେ କହିଛନ୍ତି । ମୁଖ୍ୟମନ୍ତ୍ରୀ ଧାମୀ ସୁରକ୍ଷା ମାନଦଣ୍ଡ ସମୀକ୍ଷା କରିବାକୁ ବୈଷୟିକ କମିଟିକୁ ନିର୍ଦ୍ଦେଶ ଦେଇଛନ୍ତି । ହେଲିକପ୍ଟର୍‌ଟି ସକାଳ ୫ଟା ▶▶ ୫

**ଝାଡ଼ାବାନ୍ତି ସ୍ଥିତିକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ**

## ଜିଲ୍ଲାର ସବୁ ସ୍ୱାସ୍ଥ୍ୟକେନ୍ଦ୍ର ହାଇଆଲର୍ଟ ମୋଡ୍‌ରେ ରଖ


**ଭୁବନେଶ୍ୱର,୧୫।୬/ଏନ୍‌ଏନ୍‌ଏସ୍:**

**ପଡ଼ୋଶୀ ଜିଲ୍ଲାକୁ ନ ବ୍ୟାପିବା ପାଇଁ ସଜାଗ ରୁହ**

ଯାଜପୁର ଏବଂ କେନ୍ଦୁଝର ଜିଲ୍ଲାର କେତେକ ଅଞ୍ଚଳରେ ଝାଡ଼ାବାନ୍ତି ବ୍ୟାପିବାରେ ଲାଗିଛି । ଏହାକୁ ଦୃଷ୍ଟିରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତୁରନ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ତଥା ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀଙ୍କୁ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହ ସମସ୍ତଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ପାଇଁ ଜିଲ୍ଲାର ସବୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ହାଇ ଆଲର୍ଟ ମୋଡ୍‌ରେ ରଖିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଯାଜପୁର ଜିଲ୍ଲାର ସମସ୍ତ ପାନୀୟଜଳ ଉତ୍ସକୁ ଯଥାଶୀଘ୍ର ବିଶୋଧନ କରିବା, ଅନ୍ୟାଦେଶ ପର୍ଯ୍ୟନ୍ତ ରାସ୍ତାକଡ଼ ଖାଦ୍ୟ ଉପରେ କଟକଣା, ଖାଦ୍ୟ ସୁରକ୍ଷା ଯାଞ୍ଚକୁ କଡ଼ାକଡ଼ି କରିବା ପାଇଁ ପଦକ୍ଷେପ ନିଆଯାଉଛି । ପଡ଼ୋଶୀ ଜିଲ୍ଲାକୁ ଯେପରି ଏହି ରୋଗ ନ ବ୍ୟାପିବ ସେଥିପାଇଁ ସେମାନଙ୍କୁ ସଜାଗ ରହିବା ପାଇଁ ପରାମର୍ଶ ଦିଆଯାଇଛି । ଝାଡ଼ାବାନ୍ତି ରୋଗକୁ ନିୟନ୍ତ୍ରଣରେ ଆଣିବା ପାଇଁ ଯଥେଷ୍ଟ ଔଷଧ ଏବଂ ଅନ୍ୟାନ୍ୟ ସାମଗ୍ରୀ, ଡାକ୍ତରୀ ଦଳକୁ ନିୟୋଜିତ କରାଯାଇଛି । ରୋଗ ଆରମ୍ଭ ସମୟରୁ ହିଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ କଟକ ଶ୍ରୀ ରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଓ ହସ୍‌ପିଟାଲ୍‌ରୁ ଡାକ୍ତରୀ ଦଳ ଯାଇ ରୋଗୀମାନଙ୍କ ଚିକିତ୍ସା କରିବା ସହ ପରିସ୍ଥିତି ଉପରେ ନଜର ରଖିଛନ୍ତି । ସ୍ୱାସ୍ଥ୍ୟମନ୍ତ୍ରୀ ▶▶ ୫

## କ୍ଷେତ୍ରସ୍ତରୀୟ ସ୍ଥିତି ପରଖିଲେ ସ୍ୱାସ୍ଥ୍ୟମନ୍ତ୍ରୀ




**ଭୁବନେଶ୍ୱର,ଯାଜପୁର,ଧର୍ମଶାଳା, ୧୫।୬/ଏନ୍‌ଏନ୍‌ଏସ୍:**

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ରାଜ୍ୟସ୍ତରୀୟ ବରିଷ୍ଠ ଅଧିକାରୀ ଏବଂ କେନ୍ଦ୍ରୀୟ ଟିମ୍‌ମାନେ ରବିବାର ଯାଜପୁର ଓ କେନ୍ଦୁଝର ଜିଲ୍ଲା ଆନନ୍ଦପୁର ସବ୍ ଡିଭିଜନର ପ୍ରଭାବିତ ଅଞ୍ଚଳରେ ଡାଇରିଆ ସ୍ଥିତି ନିରୀକ୍ଷଣ କରିଛନ୍ତି । ଆଜି ମନ୍ତ୍ରୀ ଡ. ମହାଲିଙ୍ଗ ଯାଜପୁର ସାଂସଦ ରବୀନ୍ଦ୍ର ନାରାୟଣ ବେହେରା, ବଡ଼ଚଣା ବିଧାୟକ ଅମର ନାୟକ, କୋରେଇ ବିଧାୟକ ଆକାଶଦାଶ ନାୟକ ଏବଂ ଧର୍ମଶାଳା ବିଧାୟକ ହିମାଂଶୁ ▶▶ ୫

## ବିସ୍ଫୋରକ ଲୁଟ୍ ମାଷ୍ଟର୍‌ମାଇଣ୍ଡ୍ ଗିରଫ

**ଶୀର୍ଷସ୍ତରୀୟ ମାଓ କ୍ୟାଡର୍‌ଙ୍କୁ ଦେଉଥିଲା ସୂଚନା**



**ରାଉରକେଲା,୧୫।୬/ଏନ୍‌ଏନ୍‌ଏସ୍:**

ରାଉରକେଲା ପୁଲିସ୍ ଜିଲ୍ଲା ଅନ୍ତର୍ଗତ କେ.ବଲାଙ୍ଗ ଥାନା ବାଙ୍କୋସ୍ଥିତ ପଥର ଖାଦାନକୁ ଯାଉଥିବା ବିସ୍ଫୋରକ ଲୁଟ୍ ଘଟଣାର ମୁଖ୍ୟ ଷଡ଼ଯନ୍ତ୍ରକାରୀ ଜର୍ଜ ମୁଣ୍ଡା ଓରଫ୍ କୁଲୁକୁ ରାଉରକେଲା ପୁଲିସ ଗିରଫ କରିଛି । ଗିରଫ ଜର୍ଜ ମୁଣ୍ଡା ଦୀର୍ଘଦିନ ଧରି ମାଓ ସଙ୍ଗଠନର ଶୀର୍ଷସ୍ତରୀୟ ନେତାଙ୍କ ସହିତ ସମ୍ପର୍କ ରଖି ବିସ୍ଫୋରକ ଲୁଟ୍ କରିବାରେ ମୁଖ୍ୟ ଷଡ଼ଯନ୍ତ୍ରକାରୀ ଭୂମିକା ନିର୍ବାହ କରିଥିଲା ବୋଲି ପଶ୍ଚିମାଞ୍ଚଳ ପୁଲିସ ଡିଆଇଜି ବ୍ରିଜେଶ କୁମାର ରାୟ ଓ ରାଉରକେଲା ଏସ୍‌ପି ନିତେଶ ୱାଧୱାନି ରାଉରକେଲାସ୍ଥିତ ପୁଲିସ୍ ମୁଖ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ।

ଡିଆଇଜି ଶ୍ରୀ ରାୟ କହିଛନ୍ତି ଯେ ଗତମାସ ୨୭ତାରିଖରେ ୫ ଟନ୍ ବିସ୍ଫୋରକ ଲୁଟ୍ ଘଟଣାର ମୁଖ୍ୟ ସୂତ୍ରଧର ଜର୍ଜ ମୁଣ୍ଡା କେ.ବଲାଙ୍ଗ ଥାନା ଅନ୍ତର୍ଗତ ବାଙ୍କୋ ପଥର ଖାଦାନ ଅଞ୍ଚଳର ବାସିନ୍ଦା । ବାଙ୍କୋ ପଥର ଖାଦାନ ସରଣ୍ଡା ଜଙ୍ଗଲକୁ ଲାଗି ରହିଥିବା ବେଳେ ଏହାର ମଧ୍ୟଭାଗରେ ରୁହୁଛି ଜର୍ଜ ମୁଣ୍ଡା । ବାଙ୍କୋ ପଥର ଖାଦାନରୁ ପଥର ଉତ୍ତୋଳନକୁ ଜର୍ଜ ଦୀର୍ଘଦିନରୁ ବିରୋଧ କରିଆସୁଥିଲା । କିନ୍ତୁ ସରକାରୀ ସ୍ତରରେ ଏହା ନିଲାମ ହୋଇଥିବାରୁ ପଥର ବ୍ଲାଷ୍ଟିଂକୁ ରୋକିବାରେ ସେ ବିଫଳ ହୋଇଥିଲା । ତେଣୁ ତା' ମନ ଭିତରେ ପ୍ରତିହିଂସା ପରାୟଣତା ସୃଷ୍ଟି ହୋଇଥିଲା । ଏହାକୁ କିଭଳି ବନ୍ଦ କରିବ ସେ ନେଇ ସେ ଅହରହ ଯୋଜନା କରୁଥିଲା । ଏଥିରେ ବାରମ୍ବାର ବିଫଳ ହେବାରୁ ମାଓବାଦୀ ସଙ୍ଗଠନର ଶୀର୍ଷସ୍ତରୀୟ ନେତାଙ୍କ ସହ ସମ୍ପର୍କ ସ୍ଥାପନ କରିଥିଲା । ଏହି ପଥର ଖାଦାନକୁ ଆସୁଥିବା ବିସ୍ଫୋରକ ଲୁଟିନେଲେ ଆଉ ଖାଦାନ ଚାଲିବ ନାହିଁ ବୋଲି ମନେ କରିଥିଲା । ▶▶ ୫

**ମହାପ୍ରଭୁଙ୍କ ଶ୍ରୀଅଙ୍ଗ ଫିଟା ନୀତି ସମ୍ପନ୍ନ**

## ଆଜି ଲାଗିହେବ ଫୁଲୁରି ତେଲ



**ପୁରୀ,୧୫।୬/ଏନ୍‌ଏନ୍‌ଏସ୍ :**

ଅନବସର ଘରେ ମହାପ୍ରଭୁଙ୍କ ଗୁପ୍ତନୀତି ଚାଲିଥିବା ବେଳେ ରବିବାର ଦଇତାପତି ସେବକମାନେ ଶ୍ରୀଅଙ୍ଗ ଫିଟା ନୀତି ସମ୍ପନ୍ନ କରିଛନ୍ତି । ସ୍ନାନଯାତ୍ରାରେ ପରିଧାନ କରିଥିବା ଓଦା ବସ୍ତ୍ର ଶ୍ରୀଅଙ୍ଗରୁ ଫିଟାଯାଇଛି । ଅସୁସ୍ଥ ଶ୍ରୀବିଗ୍ରହଙ୍କୁ ଆସନ୍ତାକାଲି ବଡ଼ ଓଡିଆ ମଠ ପକ୍ଷରୁ ଫୁଲୁରି ତେଲ ଲାଗିହେବାର ବିଧି ରହିଛି ।

ପ୍ରସ୍ତୁତ ଫୁଲୁରି ତେଲ ଲାଗି ହୋଇ ମହାପ୍ରଭୁ ଜ୍ୱରରୁ ସୁସ୍ଥତା ଅନୁଭବ କରିବେ । ସ୍ନାନଯାତ୍ରାରେ ୧୦୮ଗରା ସୁବାସିତ ଜଳରେ ସ୍ନାନକରି ଜ୍ୱରରେ କମ୍ପୁଛନ୍ତି ମହାପ୍ରଭୁ । ପ୍ରବଳ ଜ୍ୱର ଯୋଗୁଁ ଛପନ ପଉଟି ଭୋଗ ଖାଉଥିବା ମହାପ୍ରଭୁଙ୍କୁ ନାନାଦି ଫଳମୂଳ ସହ କ୍ଷୀର, ଛେନା ଆଦିରେ ପ୍ରସ୍ତୁତ ଚକଟା ଭୋଗ ଲାଗି ହେଉଛି ।




**୨୭ରେ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପ୍ରସ୍ତୁତି**

## ସ୍ୱତନ୍ତ୍ର ଡ୍ରାଇଭ୍ ଆରମ୍ଭ କରିବାକୁ ଡିଜିପିଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର,୧୫।୬/ଏନ୍‌ଏନ୍‌ଏସ୍:**



ଆସନ୍ତା ୨୭ରେ ପୁରୀର ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଅନୁଷ୍ଠିତ ହେବାକୁ ଯାଉଛି ଓ ଏହି ରଥଯାତ୍ରାକୁ ତ୍ରୁଟି ଶୂନ୍ୟ, ଶୃଙ୍ଖଳିତ ଏବଂ ସୁପରିଚାଳନା ଭାବେ ସମ୍ପନ୍ନ କରିବା ନିମନ୍ତେ ରବିବାର ଭୁବନେଶ୍ୱରସ୍ଥିତ ଡିଜିପିଙ୍କ କ୍ୟାମ୍ପ୍ କାର୍ଯ୍ୟାଳୟଠାରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ଅଧ୍ୟକ୍ଷତାରେ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଡିଜିପି ଶ୍ରୀ ଖୁରାନିଆ ରଥଯାତ୍ରାକୁ ଶୃଙ୍ଖଳିତ କରିବା ପାଇଁ ସଦାସର୍ବଦା ସକ୍ରିୟ ତଥା ସଜାଗ ରହିବାକୁ ବରିଷ୍ଠ ପୁଲିସ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ମହାପ୍ରଭୁଙ୍କ ନବଯୌବନ ଦର୍ଶନ, ରଥଯାତ୍ରା, ବାହୁଡ଼ା ଯାତ୍ରା, ସୁନାବେଶ ଆଦି ନୀତିକାନ୍ତିକୁ ଦୃଷ୍ଟିରେ ରଖି ବିଭିନ୍ନ ସୁରକ୍ଷା ବନ୍ଦୋବସ୍ତ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା । ରବିବାର ସନ୍ଧ୍ୟାଠାରୁ ରାଜ୍ୟର ସମସ୍ତ ଜିଲ୍ଲାରେ ଅପରାଧ ନିୟନ୍ତ୍ରଣ ପାଇଁ ସମସ୍ତ ଥାନା ଅଞ୍ଚଳରେ ସ୍ୱତନ୍ତ୍ର ଡ୍ରାଇଭ୍ ଆରମ୍ଭ କରିବାକୁ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି । ବିଶେଷକରି ହୋଟେଲ୍, ଲଜ୍, ମଠ, ମନ୍ଦିର, ବସ୍‌ଷ୍ଟାଣ୍ଡ, ରେଲଷ୍ଟେସନ, ଶ୍ରମିକଙ୍କ ରହଣିସ୍ଥଳ, ଧର୍ମଶାଳା ଆଦି ସ୍ଥାନରେ ତନ୍ନ ତନ୍ନ ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ପ୍ରଥମଥର ପାଇଁ ଇଣ୍ଟିଗ୍ରେଟେଡ୍ କଣ୍ଟ୍ରୋଲ୍ ରୁମ୍ ଟାଉନ ଥାନାରେ ସ୍ଥାପନ କରାଯିବ । ଏହା ସହ ଏଆଇ କ୍ୟାମେରା ସହରର ବିଭିନ୍ନ ସ୍ଥାନରେ ଲଗାଇବାକୁ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି । ବିଶେଷକରି ଉତ୍ତରା ଛକରୁ ଆରମ୍ଭ କରି ପୁରୀ,ପୁରୀ -କୋଣାର୍କ ରୋଡ୍ ସହିତ ସହରର ବିଭିନ୍ନ ଛକରେ ମଧ୍ୟ କ୍ୟାମେରା ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଯାହା ଫଳରେ ଭକ୍ତଙ୍କୁ ଟ୍ରାଫିକ ପରିଚାଳନାରେ ସହଯୋଗ ଓ ସୁବିଧା ମିଳିପାରିବ ବୋଲି ଡିଜିପି ଆଶାବ୍ୟକ୍ତ କରିଛନ୍ତି । ଜନସାଧାରଣଙ୍କ ଯାତାୟାତର ସୁବିଧା ନିମନ୍ତେ ଏକ ବିଶେଷ ମୋବାଇଲ୍ ଆପ୍ ପ୍ରସ୍ତୁତ କରାଯାଇଛି ଯାହା କି ଟ୍ରାଫିକ ଉପଦେଶ, ▶▶ ୫

# ଏଲ୍‌ପି ଟିମ୍ ପକ୍ଷରୁ ରଜ ମହୋତ୍ସବ



**ଭୁବନେଶ୍ୱର,୧୫।୬/ଏନ୍‌ଏନ୍‌ଏସ୍:** ଏଲ୍‌ପି ଟିମ୍ ପକ୍ଷରୁ ଚନ୍ଦ୍ରଶେଖରପୁର ସ୍ଥିତ ଦୁର୍ଗା ପଡ଼ିଆଠାରେ ରଜ ମହୋତ୍ସବ ଧୁମଧାମ୍‌ରେ ଆରମ୍ଭ ହୋଇଛି। ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ତଥା ବିଜେପି ନେତା ପ୍ରିୟଦର୍ଶୀ ମିଶ୍ର ଯୋଗଦେଇ ରଜ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅଭିନେତ୍ରୀ ସୁଭଦ୍ରା ମହାନ୍ତି (ମିଲି), ବ୍ୟାଙ୍କ ଅଧିକାରୀ କିଶୋର ମିଶ୍ର, ରାଜ୍ୟ ବରିଷ୍ଠ ନାଗରିକ ସଂଘ ସଭାପତି ଡ. ମଧୁମାଧବ ଜେନା, ଉପଦେଷ୍ଟା ସମରେନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ପାରମ୍ପରିକ ରୀତି ଅନୁସାରେ ଟିମ୍‌ର ମହିଳା ସଦସ୍ୟାମାନେ ଅତିଥିମାନଙ୍କୁ ଚନ୍ଦନ, ସିନ୍ଦୂର ଲଗାଇ ବନ୍ଦାପନା କରି ସ୍ୱାଗତ ଜଣାଇଥିଲେ। ପହିଲି ରଜ ଅବସରରେ ଆଜି ପୁଚି, ବକେଟ୍ ବଲ, ବାଇଗଣ ଦୌଡ଼ ଓ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ମହୋତ୍ସବରେ କଲୋନୀର ସମସ୍ତ ବର୍ଗର ଲୋକ ସାମିଲ ହୋଇ ମଜା ନେଇଥିଲେ। କିଏ ଦୋଳି ଖେଳିଥିଲା ତ କିଏ ଶଗଡ଼ ଉପରେ ଚଢ଼ିଥିଲା। ଅଧିକାଂଶ ଚାଳ ଘର ଭିତରେ ସେଲ୍‌ଫି ନେଉଥିବାର ଦେଖାଯାଇଥିଲା। ଟିମ୍‌ର ସଭାପତି ରମାକାନ୍ତ ସ୍ୱାଇଁ, ସମ୍ପାଦକ ଅନିରୁଦ୍ଧ ଲେଙ୍କା ଓ ସମସ୍ତ ସଦସ୍ୟା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ବନ୍ଧୁଘର ପକ୍ଷରୁ ପାନ ମହୋତ୍ସବ



**ଭୁବନେଶ୍ୱର,୧୫।୬/ଏନ୍‌ଏନ୍‌ଏସ୍:** ବନ୍ଧୁଘର ସାହିତ୍ୟ ପିଣ୍ଡା ପକ୍ଷରୁ ପାନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଆଇଏମ୍‌ଏମ୍‌ଟି ଅଡିଟୋରିୟମ୍ ଠାରେ ଅନୁଷ୍ଠିତ ଏହି ମହୋତ୍ସବରେ ଓଡ଼ିଶା କୃଷି ବିଶ୍ୱବିଦ୍ୟାଳୟର କୁଳପତି ଡକ୍ଟର ପ୍ରଭାତ କୁମାର ରାଉଳ, ଖ୍ୟାତନାମା କଣ୍ଠଶିଳ୍ପୀ ପଦ୍ମଶ୍ରୀ ଶ୍ୟାମାମଣୀ ଦେବୀ, ମହିଳା କମିଶନର ପ୍ରାକ୍ତନ ଅଧ୍ୟକ୍ଷା ତଥା ସାହିତ୍ୟିକାଲୋପାମୁଦ୍ରା ମହାନ୍ତି, ବିଶିଷ୍ଟ ସାହିତ୍ୟିକ ଓ ସ୍ତମ୍ଭକାର ଅଧ୍ୟାପକ ବିଶ୍ୱରଞ୍ଜନ ଅତିଥି ଭାବେ ଯୋଗଦେଇଥିଲେ। ବନ୍ଧୁଘର ସାହିତ୍ୟ ପିଣ୍ଡାର ସଭାପତି ଦାଶ ବେନହୁରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ନିଆରା ଉତ୍ସବକୁ ସଂଯୋଜନା କରିଥିଲେ ସାହିତ୍ୟ ପିଣ୍ଡା ମୁଖ୍ୟ ଟ୍ରଷ୍ଟି ବିଶିଷ୍ଟ ପ୍ରାବନ୍ଧିକ ବୈଷ୍ଣବ ଚରଣ ମହାନ୍ତି।

ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷତା ପାଇଁ ଔପନ୍ୟାସିକ ଭାଗୀରଥି ଦାସ, ଡାକ୍ତର ଇନ୍ଦ୍ରମଣି ଜେନା, ବୈଦିକ ବିଦ୍ୱାନ ଙ୍ଂ ବ୍ରଜବନ୍ଧୁ ପଣ୍ଡା, ପ୍ରଫେସର ଡଃ ସିନିରୁଦ୍ଧ ଦାଶ, ଡକ୍ଟର ମମତା ମିଶ୍ର ଦାଶ, ସାମ୍ବାଦିକ ବିଜୟ କୁମାର ମହାନ୍ତି, ସାମ୍ବାଦିକ ସଂଗ୍ରାମ ଷଡ଼ଙ୍ଗୀ, ଜାନକୀ ବଲ୍ଲଭ ଦାଶ, ତାମ୍ବୁଳ ବଣିକ ଗୌରହରି ପ୍ରଧାନଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଉତ୍ସବର ମୁଖ୍ୟ ଆକର୍ଷଣ ବୈଷ୍ଣବ ଚରଣ ମହାନ୍ତିଙ୍କ ଲିଖିତ ଓ ୨୦୦୨ ମସିହାରେ ସାହିତ୍ୟ ଏକାଡ଼େମୀ ପୁରସ୍କାର ଲାଭ କରିଥିବା 'ପାନ ଓ ପ୍ରିୟତମା' ପୁସ୍ତକର ପରିବର୍ଦ୍ଧିତ ସଂସ୍କରଣରୁ ପାଠକାର୍ପିତ ହୋଇଥିଲା। ବନ୍ଧୁଘର ସାହିତ୍ୟ ପିଣ୍ଡାର ମୁଖପତ୍ର 'ପିଣ୍ଡା ପତ୍ରିକା' ମଧ୍ୟ ଉନ୍ମୋଚିତ ହୋଇଥିଲା। ଏହି ଅବସରରେପାନକୁ ନେଇ ମ୍ୟାଜିକ୍ ପ୍ରଦର୍ଶନ କରିଥିଲେ ସୁକେଶ ପଟ୍ଟନାୟକ। ପାନ ଉପରେ ଶାସ୍ତ୍ରୀୟ ସଙ୍ଗୀତ ପରିବେଷଣ କରିଥିଲେ ଅରୋଶିଷ ପାଣି । କଣ୍ଠଶିଳ୍ପୀ ତଥା ସଙ୍ଗୀତ ନିର୍ଦ୍ଦେଶକ ପ୍ରଫୁଲ୍ଲ ବେହେରାଙ୍କ 'ବନ୍ଧୁଘର' ସଙ୍ଗୀତ ଉଚ୍ଚ ପ୍ରଶଂସିତ ହୋଇଥିଲା। ଶ୍ରୀ ବେହେରାଙ୍କୁ ସ୍ୱତନ୍ତ୍ର ସମ୍ମାନ ପ୍ରଦାନ କରାଯାଇଥିଲା। ଅନୁଷ୍ଠାନ ପକ୍ଷରୁ ଉପସ୍ଥିତ ସମସ୍ତ ଅତିଥିଙ୍କୁ ସମ୍ମାନିତ କରାଯାଇଥିବା ବେଳେ ଟ୍ରଷ୍ଟି ବିବୁ ଦାସ, ସ୍ୱରାଜ ମିଶ୍ର, ପ୍ରେମଲତା ଖୁଣ୍ଟିଆ, ମହାନ୍ତି ବିନମ୍ର ବିକାଶ ଓ ବରିଷ୍ଠ ସାମ୍ବାଦିକ ଅଶୋକ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ୫ ଜଣଙ୍କୁ 'ପାନ ଓ ପ୍ରିୟତମା' ପୁସ୍ତକ ପ୍ରଦାନ କରାଯାଇଥିଲା।







■ ରଜ ଉତ୍ସବର ଦ୍ୱିତୀୟ ଦିନରେ ଦୋଳିର ମଜା

## ଅହମଦାବାଦ ବିମାନ ଦୁର୍ଘଟଣାସ୍ଥଳ ପରିଦର୍ଶନ କଲେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ

# ମୃତକଙ୍କ ଚିହ୍ନଟ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ଦେଲେ ନିର୍ଦ୍ଦେଶ

**ନୂଆଦିଲ୍ଲୀ,୧୫।୬/ଏନ୍‌ଏନ୍‌ଏସ୍:** ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପି.କେ. ମିଶ୍ର ରବିବାର ଅହମଦାବାଦ ଗସ୍ତ କରି ନିକଟରେ ଘଟିଥିବା ବିମାନ ଦୁର୍ଘଟଣା ପରବର୍ତ୍ତୀ ପରିସ୍ଥିତିର ସମୀକ୍ଷା କରିଛନ୍ତି। ତୁରନ୍ତ ସହାୟତା, ପୁଙ୍ଖାନୁପୁଙ୍ଖ ତଦନ୍ତ ଏବଂ ପୀଡିତ ଓ ସେମାନଙ୍କ ପରିବାରକୁ ବ୍ୟାପକ ସହାୟତା ପ୍ରଦାନ କରିବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନିର୍ଦ୍ଦେଶ ଉପରେ ସେ ଜୋର ଦେଇଥିଲେ। ଡକ୍ଟର ମିଶ୍ର ମେଘାନୀ ନଗରର ବି.ଜେ. ମେଡିକାଲ କଲେଜ ନିକଟରେ ଦୁର୍ଘଟଣା ସ୍ଥଳ ଅନୁଧ୍ୟାନ କରିଥିଲେ। ସେଠାରେ ରାଜ୍ୟ ସରକାର, ବିମାନ ଦୁର୍ଘଟଣା ତଦନ୍ତ ବ୍ୟୁରୋ (ଏଏଆଇବି) ଏବଂ ଭାରତୀୟ ବିମାନବନ୍ଦର କର୍ତ୍ତୃପକ୍ଷଙ୍କ ବରିଷ୍ଠ ଅଧିକାରୀମାନେ ତାଙ୍କୁ ଘଟଣାକ୍ରମ ଏବଂ ତୁରନ୍ତ ପ୍ରତିକ୍ରିୟା ପଦକ୍ଷେପ ବିଷୟରେ ସୂଚନା ଦେଇଥିଲେ।

ଅହମଦାବାଦର ସିଭିଲ୍ ହସ୍ପିଟାଲ୍ ଗସ୍ତ ସମୟରେ ଡକ୍ଟର ମିଶ୍ର ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଭେଟିଥିଲେ, ଡିଏନଏ ନମୁନା ମେଳ ଖାଉଥିବା ଦେଖିଥିଲେ ଏବଂ ଏକ ସୁଗମ ଓ ସହାନୁଭୂତିପୂର୍ଣ୍ଣ ପ୍ରକ୍ରିୟା ସୁନିଶ୍ଚିତ କରି ପୂର୍ଣ୍ଣ ସହାୟତା ପ୍ରଦାନ କରିବାକୁ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେ ଆହତମାନଙ୍କ ସହିତ ମଧ୍ୟ ଆଲୋଚନା କରିଥିଲେ। ହସ୍ପିଟାଲ ଅଧିକାରୀମାନଙ୍କୁ ସେମାନଙ୍କର ଚିକିତ୍ସା ଏବଂ ସୁସ୍ଥତାକୁ ପ୍ରାଥମିକତା ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଗାନ୍ଧୀନଗରର ଫୋରେନସିକ୍ ସାଇନ୍ସ ଲାବୋରେଟୋରୀ (ଏଫଏସଏଲ)ରେ ଡକ୍ଟର ମିଶ୍ର ଡିଏନଏ ନମୁନା ମେଳ ପ୍ରକ୍ରିୟାର ସମୀକ୍ଷା କରିଥିଲେ ଏବଂ ବୈଜ୍ଞାନିକ ସଠିକତା ବଜାୟ ରଖି ଶୀଘ୍ର ଚିହ୍ନଟ ସମାପ୍ତ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଅହମଦାବାଦର ସର୍କିଟ ହାଉସରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି ଡକ୍ଟର ମିଶ୍ର କେନ୍ଦ୍ର ଏବଂ ରାଜ୍ୟ ସରକାର, ଏଏଆଇବି ଏବଂ ଭାରତୀୟ ବିମାନବନ୍ଦର କର୍ତ୍ତୃପକ୍ଷଙ୍କ ବରିଷ୍ଠ ଅଧିକାରୀଙ୍କ ସହ ଜାରି ରହିଥିବା ସହାୟତା, ଉଦ୍ଧାର ଏବଂ ତଦନ୍ତ ପ୍ରୟାସ ବିଷୟରେ ଆଲୋଚନା କରିଥିଲେ। ଏଏଆଇବି ଏକ ସବିଶେଷ ତଦନ୍ତ ଆରମ୍ଭ କରିଛି ଏବଂ ଆମେରିକାର ଜାତୀୟ ପରିବହନ ସୁରକ୍ଷା ବୋର୍ଡ (ଏନଟିଏସବି) ଅନ୍ତର୍ଜାତୀୟ ପ୍ରୋଟୋକଲ ଅନୁଯାୟୀ ଏକ ସମାନ୍ତରାଳ ତଦନ୍ତ କରୁଛି କାରଣ ବିମାନଟି ଆମେରିକାରେ ନିର୍ମିତ। ଫ୍ଲାଇଟ୍ ଡାଟା ରେକର୍ଡର୍ (ଏଫଡିଆର) ଏବଂ କକପିଟ୍ ଭଏସ୍ ରେକର୍ଡର୍ (ସିଭିଆର) ଠାବ ଏବଂ ସୁରକ୍ଷିତ କରାଯାଇଛି ବୋଲି ଅଧିକାରୀମାନେ ନିଶ୍ଚିତ କରିଛନ୍ତି। ଡକ୍ଟର ମିଶ୍ର ପୀଡିତ ପରିବାରକୁ ସମସ୍ତ ପ୍ରକାରର ସହାୟତା ଯୋଗାଇବା ଏବଂ ସମ୍ପୃକ୍ତ ସମସ୍ତ ଏଜେନ୍ସି ମଧ୍ୟରେ ସମନ୍ୱିତ ପ୍ରତିକ୍ରିୟା ସୁନିଶ୍ଚିତ କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ପ୍ରତିବଦ୍ଧତାକୁ ଦୋହରାଇଥିଲେ। ପ୍ରମୁଖ ସଚିବଙ୍କ ସହିତ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀ ପ୍ରଧାନମନ୍ତ୍ରୀଙ୍କ ପରାମର୍ଶଦାତା ତରୁଣ କପୁର ଏବଂ ପିଏମଓର ଉପସଚିବ ମଙ୍ଗେଶ ଘିଲଡିୟାଲ ଉପସ୍ଥିତ ଥିଲେ।



# ନନ୍ଦନକାନନ ବୁଲିଲେ ୩୭ ହଜାର ପର୍ଯ୍ୟଟକ

**ଭୁବନେଶ୍ୱର,୧୫।୬/ଏନ୍‌ଏନ୍‌ଏସ୍:** ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ରବିବାର ରେକର୍ଡ ସଂଖ୍ୟକ ପର୍ଯ୍ୟଟକ ବୁଲିଛନ୍ତି। ଗଣପର୍ବ 'ରଜ' ଅବସରରେ ପର୍ଯ୍ୟଟକମାନେ ସକାଳ ଠାରୁ ସନ୍ଧ୍ୟା ପର୍ଯ୍ୟନ୍ତ ବୁଲିଛନ୍ତି। ପ୍ରାଣୀ ଉଦ୍ୟାନ କର୍ତ୍ତୃପକ୍ଷଙ୍କ ସୂଚନା ଅନୁସାରେ ଦ୍ୱିତୀୟ ରଜ ଅବସରରେ ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ୩୭,୧୦୮ ଜଣ ପର୍ଯ୍ୟଟକ ବୁଲିଛନ୍ତି। ରବିବାର ଭଲ ବାର ସାଙ୍ଗକୁ ପାଗ ଭଲ ଥିବାରୁ ଏତେ ସଂଖ୍ୟାରେ ପର୍ଯ୍ୟଟକ ଆସିଛନ୍ତି। ସୂଚନାଯୋଗ୍ୟ, ୨୦୨୨ ମସିହା ପ୍ରଥମ ରଜରେ ସର୍ବାଧିକ ୩୪,୮୧୭ ପର୍ଯ୍ୟଟକ ଆସିଥିବା ବଡ଼ ରେକର୍ଡ ଥିଲା। ସେହି ରେକର୍ଡ ଆଜି ଭଙ୍ଗ ହୋଇଛି।

# ଡାଇରିଆକୁ ନେଇ ସରକାରଙ୍କୁ ଘେରିଲା ଯୁବ କଂଗ୍ରେସ

**ଭୁବନେଶ୍ୱର,୧୫।୬/ଏନ୍‌ଏନ୍‌ଏସ୍:** ରାଜ୍ୟର ବିଭିନ୍ନ ଜିଲ୍ଲାରେ ଡାଇରିଆ ବ୍ୟାପିବାକୁ ନେଇ ଯୁବ କଂଗ୍ରେସ ରାଜ୍ୟ ସରକାରଙ୍କୁ ଘେରିଛି। ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଉପର ଠାଉରିଆ ଭାବେ ଯାଜପୁର ଜିଲ୍ଲା ଗସ୍ତ କରି ତାଙ୍କର ପାରିବା ପଣିଆ ଦେଖାଇଛନ୍ତି। ଆଜକୁ ପାଖାପାଖି ୭ ଦିନରୁ ଊର୍ଦ୍ଧ୍ୱ ଡାଇରିଆ ବ୍ୟାପିଥିଲେ ମଧ୍ୟ ଆଜି ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ରୋଗୀମାନଙ୍କର ସ୍ୱାସ୍ଥ୍ୟାବସ୍ଥା ବିଷୟରେ ମନେପଡ଼ିଲା ବୋଲି ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ସୁଦିପ ସାମଲ ଏକ ପ୍ରେସ ବିଜ୍ଞ ପ୍ତି ଜରିଆରେ କହିଛନ୍ତି। ଶ୍ରୀ ସାମଲ କହିଛନ୍ତି ଯାଜପୁର ଜିଲ୍ଲାରେ ପାଖାପାଖି ୧୦ରୁ ଊର୍ଦ୍ଧ୍ୱ ଏହି ରୋଗରେ ଜୀବନ ହାରିଥିବାବେଳେ ଶତାଧିକ ଲୋକ ପ୍ରଭାବିତ ଅଛନ୍ତି। ଯଦି ରାଜ୍ୟ ସରକାର ଏହି ଦିଗରେ ପୂର୍ବରୁ ଧ୍ୟାନ ଦେଇଥାନ୍ତେ ତାହାଲେ ଆଜି ଏଭଳି ପରିସ୍ଥିତି ଉପୁଜିନଥାନ୍ତା। ରାଜ୍ୟର ଭଦ୍ରକ, କେନ୍ଦୁଝର, କଟକ, କେନ୍ଦ୍ରାପଡ଼ା ଓ ଖୋର୍ଦ୍ଧା ଭଳି ଜିଲ୍ଲାରେ ଝାଡାବାନ୍ତିର ପରିସ୍ଥିତି ସୃଷ୍ଟି ହୋଇଗଲାଣି। ରାଜ୍ୟ ସରକାର ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ବାଃ ବାଃ ନେବାର ଡିଣ୍ଡିମ ପିଟୁଥିବାବେଳେ ଆଜିର ଦିନରେ ହଇଜା ଭଳି ରୋଗ ରାଜ୍ୟ ଭିତରେ ବ୍ୟାପି ରହୁଛି। ରାଜ୍ୟ ସରକାରଙ୍କ ତରଫରୁ ସ୍ପଷ୍ଟିକରଣ ଦିଆଯାଉ ଏଭଳି ପରିସ୍ଥିତି କାହିଁକି ଆସିଲା। କେଉଁପରି ଭାବରେ ଏହି ରୋଗ ନ ବ୍ୟାପିବ ସେନେଇ ରାଜ୍ୟ ସରକାର ତୁରନ୍ତ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ଶ୍ରୀ ସାମଲ ପ୍ରେସ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି।

# ଦି କ୍ଲବ୍ ପକ୍ଷରୁ ରଜ ମହୋତ୍ସବ



**ଭୁବନେଶ୍ୱର,୧୫।୬/ଏନ୍‌ଏନ୍‌ଏସ୍:** ଭୁବନେଶ୍ୱର ମହାନଗର ନିଗମର ୧ ନଂ ୱାର୍ଡ ଅନ୍ତର୍ଗତ ପ୍ରଶାନ୍ତିବିହାର ଦୁର୍ଗା ପଡ଼ିଆ ଠାରେ ଦି କ୍ଲବ ପକ୍ଷରୁ ରଜ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ଯୋଗଦେଇ ଓଡ଼ିଶା ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ ରଖିବା ପାଇଁ ସମସ୍ତେ ପ୍ରୟାସ କରିବା ଆବଶ୍ୟକ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ମେୟର ସୁଲୋଚନା ଦାସ, ସୁବାସ ପାତ୍ର, ୧ ନଂ ୱାର୍ଡର କର୍ପୋରେଟର ମିହିର କୁକାର ରାଉତ, ୨ ନଂ ୱାର୍ଡର କର୍ପୋରେଟର ମୋନାଲିସା ବେହେରା, ଦୁର୍ଗାପୂଜା କମିଟି ସଭାପତି ଧ୍ରୁବ ଚରଣ ପାତ୍ର ପ୍ରମୁଖ ଯୋଗଦେଇ ଦି କ୍ଲବର ଆୟୋଜନକୁ ପ୍ରଶଂସା କରିଥିଲେ। ଦୁଇଦିନ ଧରି ସ୍ଥାନୀୟ ଅଧିବାସୀ ଦୋଳି ଖେଳି ଧୁମଧାମରେ ରଜ ମଉଜ କରିଥିଲେ। ଦିନରେ ବିଭିନ୍ନ ପ୍ରତିଯୋଗିତା ସହିତ ସନ୍ଧ୍ୟାରେ ନୃତ୍ୟ, ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ମହୋତ୍ସବରେ କଲୋନୀର ସମସ୍ତ ବର୍ଗର ଲୋକ ସାମିଲ ହୋଇଥିଲେ। ଏହି ଅବସରରେ ନବ ନିର୍ମିତ ଦୁର୍ଗା ପଡିଆ ମଞ୍ଚକୁ ବିଧାୟକ ଓ ମେୟର ଉଦ୍‌ଘାଟନ କରିଥିଲେ। ପ୍ରଥମେ କ୍ଲବର ସଦସ୍ୟ ସ୍ୱର୍ଗତ ଶକ୍ତିମାନ ରାଉତରାୟ ଓ ଅହମଦାବାଦ ଉଡାଜାହାଜ ଦୁର୍ଘଟଣାରେ ପ୍ରାଣ ହରାଇଥିବା ମୃତକଙ୍କ ଆତ୍ମାର ସଦ୍‌ଗତି କାମନା କରି ୨ ମିନିଟି ନିରବ ପ୍ରାର୍ଥନା କରାଯାଇଥିଲା। କ୍ଲବର ସଭାପତି ଗୁରୁଦତ୍ତ ସିଂ, ସମ୍ପାଦକ ଦିବ୍ୟ ସୁନ୍ଦର ସ୍ୱାଇଁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଝାଡ଼ାବାନ୍ତି ବ୍ୟାପିବା ଘଟଣାରେ ସରକାରଙ୍କୁ ଘେରିଲା ବିଜେଡି

# ଲୋକଙ୍କ ମୃତ୍ୟୁ ପରେ ମନ୍ତ୍ରୀଙ୍କ ନିଦ ଭାଙ୍ଗିଛି: ପ୍ରମିଳା

**ଭୁବନେଶ୍ୱର,୧୫।୬/ଏନ୍‌ଏନ୍‌ଏସ୍:** ରାଜ୍ୟର ଅନେକ ଜିଲ୍ଲାରେ ଝାଡ଼ାବାନ୍ତି ବ୍ୟାପିଛି। ତେବେ ଯାଜପୁରରେ ଝାଡା ବାନ୍ତି ବ୍ୟାପିବା ଘଟଣାରେ ବିଜେଡି ସରକାରଙ୍କୁ ଘେରିଛି। ଏନେଇ ବିରୋଧୀ ଦଳ ମୁଖ୍ୟ ସଚେତନ ପ୍ରମିଳା ମଲ୍ଲିକ କଡା ପ୍ରତିକ୍ରିୟା ଦେଇ କହିଛନ୍ତି ଯେ ୮ ଦିନ ହେଲା ଝାଡା ବାନ୍ତି ଯୋଗୁଁ ଓଡ଼ିଶା ହୁଲୁସ୍ଥୁଲ। ଲୋକଙ୍କ ମୃତ୍ୟୁ ପରେ ମନ୍ତ୍ରୀଙ୍କ ନିଦ ଭାଙ୍ଗିଛି। ସ୍ୱାସ୍ଥ୍ୟ ମନ୍ତ୍ରୀ ଆଜି ଯାଜପୁର ଗସ୍ତ କରୁଛନ୍ତି।



ପ୍ରମିଳା ଆହୁରି କହିଛନ୍ତି ଯେ ଲୋକଙ୍କୁ ମେଡିକାଲରେ ଠିକ୍ ଭାବେ ଚିକିତ୍ସା ମିଳୁନି। ବିଭାଗ ବିଭାଗ ଭିତରେ ତାଳ ମେଳ ନାହିଁ। ଜଣେ ମନ୍ତ୍ରୀ ପାଣିରୁ ବ୍ୟାପିବା କଥା କହୁଥିବା ବେଳେ ଅନ୍ୟ ଜଣେ ପାଣି କାରଣ ନୁହେଁ କହୁଛନ୍ତି। ମୁଖ୍ୟମନ୍ତ୍ରୀ ଏ ପର୍ଯ୍ୟନ୍ତ ଗୋଟିଏ ସମୀକ୍ଷା ବୈଠକ ବି ନେଇ ନାହାନ୍ତି।ମୃତ୍ୟୁ ସଂଖ୍ୟା ଲୁଚା ଯାଉଥିବା ଅଭିଯୋଗ ଆଣିଛନ୍ତି ପ୍ରମିଳା ମଲ୍ଲିକ। ବିଭିନ୍ନ ଗଣମାଧ୍ୟମରେ ମୃତ୍ୟୁ ସଂଖ୍ୟା ୯ ବୋଲି କୁହା ଯାଉଥିବା ବେଳେ ସରକାର ୭ରେ ଅଟକିଛନ୍ତି। ଏଥିରୁ ଜଣା ପଡୁଛି ଲୋକଙ୍କ ପ୍ରତି ସରକାରଙ୍କର ଆନ୍ତରିକତା ନାହିଁ ବୋଲି ଶ୍ରୀମତୀ ମଲ୍ଲିକ କହିଛନ୍ତି।

# ଜୟ ମା' ଭବାନୀ ଚାରିଟେବୁଲ୍ ଟ୍ରଷ୍ଟ୍ ପକ୍ଷରୁ ରଜ ଉତ୍ସବ




**ଭୁବନେଶ୍ୱର,୧୫।୬/ଏନ୍‌ଏନ୍‌ଏସ୍:** ଜୟ ମା' ଭବାନୀ ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ଆଜି ଜୟଦେବ ବିହାରସ୍ଥ ଗୁରୁ କେଲୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରରେ ଅବସ୍ଥିତ ଉତ୍କଳ ରଙ୍ଗମଞ୍ଚ ଠାରେ ଟ୍ରଷ୍ଟର ଅଷ୍ଟମ ବାର୍ଷିକୀ ରଜ ସଂକ୍ରାନ୍ତି ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଜଣେ ଅନନ୍ୟ କଥା ବାଚକ ଶଙ୍କର୍ଷଣ ମଙ୍ଗରାଜ ଦାଶ ଓ ମା ସୁଭଦ୍ରାଙ୍କ ମୁଖ୍ୟ ବାଡ଼ଗ୍ରାହୀରାମଚନ୍ଦ୍ର ଦାସ ମହାପାତ୍ରଙ୍କୁ ସମ୍ମାନଜନକ 'ଉତ୍କଳ ଶ୍ରୀ' ସମ୍ମାନରେ ସମ୍ମାନିତ କରାଯିବା ସହିତ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ପାଇଥିବା ଓ ନିଜକୁ ପ୍ରତିଷ୍ଠିତ କରିଥିବା ଡାକ୍ତର ଓ ଅନ୍ୟ ବ୍ୟକ୍ତିମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରିଯାଇଥିଲା। ଟ୍ରଷ୍ଟ ପକ୍ଷରୁ ଅବହେଳିତ ବରିଷ୍ଠ ନାଗରିକ ଓ ଛୋଟ ପିଲାମାନଙ୍କ ପାଇଁ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ମଧ୍ୟ କରାଯାଇଥିଲା। ଚଳିତ ବର୍ଷ ଭୁବନେଶ୍ୱର ସ୍ଥିତ ରାମକୃଷ୍ଣ ବାଳାଶ୍ରମର ଛୋଟ ପିଲାମାନେ ଏହି ରଜ ଉତ୍ସବରେ ଯୋଗ ଦେଇଥିଲେ। ଟ୍ରଷ୍ଟର ମହିଳା ସଦସ୍ୟାଙ୍କ ଦ୍ୱାରା ନୃତ୍ୟ ପରିବେଷଣ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଉପଦେଷ୍ଟା ନିଶିକାନ୍ତ ମିଶ୍ର, ଡ଼ ନାରାୟଣ ମହାପାତ୍ର, ଉମାନାଥ ମିଶ୍ର, ମନୋଜ କୁମାର ରାଉଳ, ଅଭିନନ୍ଦନ ଦାସ, ଶାଶ୍ୱତୀ ମିଶ୍ର, ଦିଲ୍ଲୀପ ପଟ୍ଟନାୟକ, ବିପିନ ବିହାରୀ ସାହୁ, ପ୍ରମୋଦିନୀ ପଣ୍ଡା, ମଳୟ ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ରଜ ଉତ୍ସବ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ଦୁର୍ଗା ଚରଣ ରଣବୀର, ଉଦଘାଟକ ଭାବେ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ନିର୍ଦ୍ଦେଶକ ହିମାଂଶୁ ଖଟୁଆ, ମୁଖ୍ୟବକ୍ତା ଭାବ ରେକି ବିଜ୍ଞାନର ମୁଖ୍ୟ ତଥା ବିଜ୍ଞାନି ଗୁରୁ ଶ୍ରୀ ସନ୍ଥ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ବିଜେପି ନେତା ଜଗନ୍ନାଥ ପ୍ରଧାନ ଓ ବିଜେପିର ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସଦସ୍ୟ ସୁରେଶ ମିଶ୍ର, ମନୋରଞ୍ଜନ ପଲେଇ, ସୋନୁ ସାହୁ, ଜଗବନ୍ଧୁ ନାୟକ, ସୁନୀଲ ସାହୁ, ତ୍ରିଲୋଚନ ନାୟକ, ବିଜୟ ପଣ୍ଡା, ବଂଶୀଧର ନାୟକ, ଅକ୍ଷୟ ସାହୁ. ଶ୍ରୀନିବାସ ରାଓ ପ୍ରମୁଖ ସହଯୋଗ କରି ଥିଲେ। ଅଭିନନ୍ଦନ ଦାସ ମଞ୍ଚ ପରିଚାଳନା କରିଥିଲେ।

# ନିଟ୍ ୟୁଜିରେ ଆକାଶର ସଫଳତା

**ଭୁବନେଶ୍ୱର,୧୫।୬/ଏନ୍‌ଏନ୍‌ଏସ୍:** ନିଟ୍ ୟୁଜିରେ ଆକାଶ ଏଜୁକେସନାଲ ସର୍ଭିସେସ ଲିମିଟେଡ (ଏଇଏସ୍‌ଏଲ୍)ର ଓଡ଼ିଶା ଶାଖାର ୧୫ଜଣ ଛାତ୍ର ଛାତ୍ରୀ ସଫଳତା ହାସଲ କରିଛନ୍ତି। ଏଇଏସ୍‌ଏଲ୍‌ର ଉଲ୍ଲେଖନୀୟ ସଫଳତା ହାସଲକାରୀଙ୍କ ମଧ୍ୟରେ ଉତ୍କର୍ଷ ଅଓ୍ୱଧୀୟା (ର୍‍ୟାଙ୍କ୨), କ୍ରିଶଙ୍ଗ ଜୋଷୀ (୩), ଅଭିକା ଅଗ୍ରୱାଲ (ଏଆଇଆର), ହର୍ଷ କେଡାଓ୍ୱତ (୯), ଆରବ ଅଗରୱାଲ (୧୦) ପ୍ରମୁଖ ସ୍ଥାନ ପାଇଛନ୍ତି। ସେହିପରି ଆକାଶର ଓଡ଼ିଶା ଶାଖା ମଧ୍ୟ ଭଲ ପ୍ରଦର୍ଶନ କରିଛି। ଯେଉଁଥିରେ ଏଆଇଆର ୧୦୦୦ ର୍‍ୟାଙ୍କ ମଧ୍ୟରେ ୯ ଜଣ ଛାତ୍ର ଛାତ୍ରୀ ଶୀର୍ଷ ର୍‍ୟାଙ୍କ ହାସଲ କରିଛନ୍ତି ଏବଂ ସେମାନଙ୍କ ମଧ୍ୟରେ ଆଦିତ୍ୟ କିରଣ ବଳ ଏଆଇଆର ୧୨୮ ହାସଲ କରିଥିବାବେଳେ ତାଲିକାରେ ରିତେଶ ପରିଜା (ଏଆଇଆର ୨୦୪), ସାତ୍ୱିକ ମହାପାତ୍ର (୪୨୧), ଅନନ୍ୟା ପାଢ଼ୀ (୪୬୬), ଆଦିତ୍ୟ ଅଂଶୁମାନ ରଥ (୬୬୭), ପ୍ରତ୍ୟାଶା ଦାସ (୬୭୯), ଅଶ୍ମିତ ମହାପାତ୍ର (୭୯୭), ସ୍ମାରକ ଦାସ (୮୨୭), ପ୍ରତ୍ୟୁଷ କର (୯୯୦) ଏବଂ ଏଆଇଆର ୫୦୦୦ ର୍‍ୟାଙ୍କ ମଧ୍ୟରେ ଓଡ଼ିଶାରୁ ୩୯ ଜଣ ଛାତ୍ର ଛାତ୍ରୀ ମନୋନୀତ ହୋଇଛନ୍ତି ବୋଲି ଅଜୟ ବାହାଦୁର ସିଂ, ରିଜିଓନାଲ ଡାଇରେକ୍ଟର ଆଜି କହିଛନ୍ତି। ସେ କହିଛନ୍ତି ଯେ, ଛାତ୍ରଛାତ୍ରୀ ଏଇଏସଏଲର କ୍ଲାସରୁମ ପାଠ୍ୟକ୍ରମରେ ନାମ ଲେଖାଇଥିଲେ, ଯାହା ସ୍ୱତନ୍ତ୍ର ଭାବରେ ଆଶାୟୀଙ୍କୁ ବିଶ୍ୱର ଅନ୍ୟତମ ସର୍ବାଧିକ ଚାଲେଞ୍ଜପୂର୍ଣ୍ଣ ଡାକ୍ତରୀ ପ୍ରବେଶିକ ପରୀକ୍ଷା ଏନଇଇଟିରେ ସଫଳତା ହାସଲ କରିବା ନିମନ୍ତେ ଡିଜାଇନ କରାଯାଇଛି। ଛାତ୍ରଛାତ୍ରୀ ସେମାନଙ୍କର ଏହି ସଫଳତା ପଛରେ ଏଇଏସଏଲ ଦ୍ୱାରା ଯୋଗାଇ ଦିଆଯାଉଥିବା ମଜଭୁତ ଶିକ୍ଷାଗତ ମୂଳଦୁଆ, ସେମାନଙ୍କର ବୁଝିବାରେ ସ୍ପଷ୍ଟତା ଏବଂ ଏକ ନିରନ୍ତର ଏବଂ ଶୃଙ୍ଖଳିତ ଅଧ୍ୟୟନ ରୁଟିନ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ସେ କହିଛନ୍ତି। ଏଇଏସଏଲ ସଫଳତା ହାସଲ କରିଥିବା ଛାତ୍ର ଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇ ସେ କହିଛନ୍ତି ଯେ "ଆମେ ଆମ ଛାତ୍ର ଛାତ୍ରୀଙ୍କର ଏନଇଇଟି ୟୁଜି ୨୦୨୫ରେ ଉଲ୍ଲେଖନୀୟ ସଫଳତା ପାଇଁ ଅତ୍ୟନ୍ତ ଗର୍ବିତ ଅନୁଭବ କରୁଛୁ। ଏଭଳି ଭଲ ନମ୍ବର ରଖିବା କିଛି ଛୋଟ କଥା ନୁହେଁ, ବିଶେଷକରି ଦେଶବ୍ୟାପୀ ୨୩ ଲକ୍ଷରୁ ଅଧିକ ଛାତ୍ର ଛାତ୍ରୀ ଅଂଶଗ୍ରହଣ କରୁଥିବା ଏକ ପରୀକ୍ଷାରେ ଏଭଳି ସଫଳତା ହାସଲ ପ୍ରଶଂସନୀୟ। ଆମେ ସେମାନଙ୍କୁ ସେମାନଙ୍କ ଡାକ୍ତରୀ କ୍ୟାରିୟରେ ନିରନ୍ତର ସଫଳତା କାମନା କରୁଛୁ ବୋଲି ଶ୍ରୀ ସିଂ କହିଛନ୍ତି। ସେହିପରି ଅନ୍ୟମାନଙ୍କ ମଧ୍ୟରେ ମନୋଜ କୁମାର ଷଡଙ୍ଗୀ, ବିକାଶ ଦାଶ, ସନ୍ଦୀପ ବର୍ମା ପ୍ରମୁଖ ଉପସ୍ଥିତ ଥିଲେ।



## ଚନ୍ଦ୍ରଭାଗା ସୌନ୍ଦର୍ଯ୍ୟକରଣ ପ୍ରକଳ୍ପ ଅଗ୍ରସର

# ସମୁଦ୍ରକୂଳରୁ ଟୁରିଷ୍ଟ ପୁଲିସ କିୟୋସ୍କ ଓ ମନ୍ଦିର ଉଚ୍ଛେଦ



**କୋଣାର୍କ,୧୫।୬/ଏନ୍ଏନ୍ଏସ୍:** ଗତ ଶୁକ୍ରବାର ପୂର୍ବାହ୍ନରେ ପ୍ରଶାସନ ପକ୍ଷରୁ ଚନ୍ଦ୍ରଭାଗା ସୌନ୍ଦର୍ଯ୍ୟକରଣ ପ୍ରକଳ୍ପ ପାଇଁ ସମୁଦ୍ରକୂଳ ରୁ ଉଛେଦ କରାଯାଇଛି ଟୁରିଷ୍ଟ ପୋଲିସ କିୟୋସ୍କ, ସୂର୍ଯ୍ୟମନ୍ଦିର ଓ ହନୁମାନ ମନ୍ଦିର ଚତୁଃର୍ପାଶ୍ୱ ଗୃହ, ବନବିଭାଗର ଥିବା ଶିକାର ନିରୋଧୀ ଗୃହ। ସୂଚନାଥାଉ କି ଚନ୍ଦ୍ରଭାଗା ସାମୁଦ୍ରିକ ଥାନା ଅଧୀନ ସମୁଦ୍ରକୂଳ ତୀର୍ଥପୁଷ୍କରଣୀ ସମ୍ମୁଖ ଠାରୁ ସାମୁଦ୍ରିକ ଥାନା ସମ୍ମୁଖ ୧୦୦୦ ମିଟର ଦୂର ପର୍ଯ୍ୟନ୍ତ ପ୍ରାୟ ୧କିମି ସମୁଦ୍ର କୂଳକୁ ଏକ ଅନ୍ତର୍ଜାତୀୟ ମାନର ରୂପରେଖ ଦେବାପାଇଁ ପର୍ଯ୍ୟଟନ ବିଭାଗ ସହାୟତାରେ ରାଜ୍ୟ ନିର୍ମାଣ ବିଭାଗ ପକ୍ଷରୁ ମେସର୍ସ ଦିଲ୍ଲୀପ କଂଷ୍ଟ୍ରକସନ ପ୍ରାଇଭେଟ ଲିମିଟେଡ୍ ଦ୍ୱାରା ୪୬ କୋଟି ଟଙ୍କା ବ୍ୟୟରେ ସୌନ୍ଦର୍ଯ୍ୟକରଣ ପ୍ରକଳ୍ପର କାର୍ଯ୍ୟ ଚାଲୁରହିଛି। ମାତ୍ର ସମୁଦ୍ର କୂଳରେ ପୂର୍ବରୁ ରହିଥିବା କେତେକ ମନ୍ଦିର ପାଇଁ ଏହି ସୌନ୍ଦର୍ଯ୍ୟକରଣ ପ୍ରକଳ୍ପ କାର୍ଯ୍ୟ ରେ ବାଧା ସୃଷ୍ଟି କରିଥିଲା। ଏନେଇ ଗତ ମେ ମାସରେ ୧୨ ତାରିଖ ରେ ଉପଜିଲ୍ଲାପାଳ ରାଜକିଶୋର ଜେନା ଚନ୍ଦ୍ରଭାଗାରେ ପହଁଚି ସ୍ଥିତି ଅନୁଧ୍ୟାନ ସହ ପୂର୍ତ୍ତବିଭାଗ ଡାକବଙ୍ଗଳାରେ ଏକ ପ୍ରଶାସନିକ ବୈଠକ ରେ ସମୁଦ୍ର କୂଳରେ ଥିବା ବହୁ ପୁରାତନ ମହାବୀର ମନ୍ଦିରକୁ ଛାଡ଼ି ଚତୁଃପାର୍ଶ୍ୱରେ ଥିବା ଗୃହ ଓ ସୂର୍ଯ୍ୟମନ୍ଦିରକୁ ଉଛେଦ କରାଯାଇ ମନ୍ଦିରର ସୌନ୍ଦର୍ଯ୍ୟ କରଣ କରାଯିବା ସହ ମେରାଇନ୍ ଥାନା ନିକଟରେ ଥିବା ଟୁରିଷ୍ଟ ପୁଲିସ କିୟୋସ୍କ, ଶ୍ରୀକଣ୍ଠପୁର କରମଙ୍ଗା ଇଡିସି ଶୌଚାଳୟ ଗୃହ ଓ ବନବିଭାଗର ଥିବା ସୁରକ୍ଷା ଗୃହକୁ ଉଚ୍ଛେଦ କରାଯାଇ ଅନ୍ୟସ୍ଥାନରେ ଜମି ଯୋଗାଇଦେବାକୁ ଉପ ଜିଲ୍ଲାପାଳ ଗୋପ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଦେଶ ମୁତାବକ ପ୍ରସାଶନ ପକ୍ଷରୁ ଗତ ଜୁନ ୧୦ ତାରିଖରେ ଚିଠି ନଂ ୧୧୫୫ରେ ଏ ନେଇ ଏକ ବିଜ୍ଞପ୍ତି ଜାରି ହୋଇଥିଲା। ଏହି ଚିଠି ଅନୁଯାୟୀ ୧୨ ତାରିଖ ସଂନ୍ଧ୍ୟା ସୁଦ୍ଧା ମନ୍ଦିର ଚତୁଃର୍ପାଶ୍ୱରୁ ବେଆଇନ ନିର୍ମାଣକୁ ହଟାଇବା ପାଇଁ ନିର୍ଦ୍ଦେଶ ନାମା ଜାରି ହୋଇଥିଲା। ମାତ୍ର ମନ୍ଦିର ପକ୍ଷରୁ କୌଣସି ପଦକ୍ଷେପ ନ ନିଆ ଯିବାରୁ ଆଜି ପ୍ରଶାସନ ପକ୍ଷରୁ ଗୋପ ତହସିଲଦାର ଅନିଲ କୁମାର ମହାନ୍ତି, ନିମାପଡା ଏସଡିପିଓ ଜନାର୍ଦ୍ଦନ ପାଢ଼ୀ, କୋଣାର୍କଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରଣବ କୁମାର ଚାନ୍ଦ, କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମୀୟ କୁମାର ସେଠୀ, କୋଣାର୍କ ଥାନା ଅଧିକାରୀ ପୂର୍ଣଚନ୍ଦ୍ର ସେଠୀ ମେରାଇନି ଥାନା ଅଧିକାରୀ ପ୍ରତିମା ସାହୁ ଏବଂ କୋଣାର୍କ ବନାଞ୍ଚଳ ବନାଧିକାରୀ ସୁଦର୍ଶନ ଦେହୁରୀ, ପୂର୍ତ୍ତବିଭାଗ କନିଷ୍ଠ ଯନ୍ତ୍ରୀ ଦିଲ୍ଲୀପ କୁମାର ବିଶ୍ୱାଳଙ୍କ ସମେତ ଏକ ପ୍ଲାଟୁନ ଫୋର୍ସଙ୍କ ଉପସ୍ଥିତିରେ ଏହାକୁ ଡ୍ରୋଜର ଲଗାଇ ଉଛେଦ କରାଯାଇଛି। ପୂର୍ବ ନିଷ୍ପତ୍ତି ଅନୁଯାୟୀ ମେରାଇନି ଥାନା ନିକଟ ରେ ଥିବା କରମଙ୍ଗା-ଶ୍ରୀକଣ୍ଠପୁର ଇଡିସିର ଶୌଚାଳୟ ଓ କେତେକ ଗୃହକୁ ପ୍ରଶାସନ ଭାଙ୍ଗିବା ପାଇଁ ଗଲାବେଳେ ଇଡିସିର ସଭାପତି ବିପିନ୍ କୁମାର ନାୟକଙ୍କ ନେତୃତ୍ୱରେ ୨୩୯ ଇଡିସି ସଦସ୍ୟ ଏହାକୁ ବିରୋଧକରି ଭାଙ୍ଗିବାକୁ ଦେଇନଥିଲେ। ଆଗ କ୍ଷତିପୂରଣ ଦେବା ସହ ଜମି ଯୋଗାଇଦେବା ପରେ ଭାଙ୍ଗିବାକୁ ଦିଆଯିବ କହିବା ସହ ପ୍ରଶାସନକୁ ହାଇକୋର୍ଟର ଏକ ସ୍ଥିତାବସ୍ଥା ବଜାୟ ରଖିବା ପାଇଁ ନିର୍ଦ୍ଦେଶନାମା ଦେଖାଇଥିଲେ। ଫଳରେ ପ୍ରଶାସନ ଫେରି ଆସିଥିଲେ।

## ପୁଲିସ ହାତରେ ଆନ୍ତଃଜିଲ୍ଲା ଡକାୟତ ଗ୍ୟାଙ୍ଗ୍

# ବନ୍ଧୁକ, ନଗଦ ଟଙ୍କା ଓ ଅଳଙ୍କାର ଜବତ



**ସାଲେପୁର,୧୫।୬/ଏନ୍ଏନ୍ଏସ୍:** କଟକ ଜିଲ୍ଲା ସାଲେପୁର ଥାନା ପୋଲିସ ହାତରେ ଧରାପଡିଛନ୍ତି ୪ଜଣିଆ ଆନ୍ତଜିଲ୍ଲା ଡକାୟତି ଗ୍ୟାଙ୍ଗ। ଏମାନେ ଗତ ୧ ତାରିଖରେ ନାହୋଲ-ତେନ୍ତଲ ରୋଡ଼ରେ ଘର କରି ରହିଆସୁଥିବା ଶିକ୍ଷୟିତ୍ରୀ ମାନସୀ ସିଂହଙ୍କ ଘରେ ରାତି ଅଧରେ ପଶି ମାରଣାସ୍ତ୍ର ଦେଖାଇ ଡକାୟତି କରିଥିଲେ। ଏହାପରେ ସାଲେପୁର କଟକ ମୁଖ୍ୟ ରାସ୍ତାର ନାହୋଲଠାରେ ଥିବା ଏକ ପେଟ୍ରୋଲ ପମ୍ପରୁ ମଧ ସମାନ ଢଙ୍ଗରେ ଭୟଭିତ କରାଇ ୬୦ହାଜର ଟଙ୍କା ଲୁଟ୍ କରିଥିବା ଥାନାରେ ଅଭିଯୋଗ ହୋଇଥିଲା। ପୁଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଥିଲା। ସାଲେପୁର ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ବିରଞ୍ଚି ନାରାୟଣ ପତିଙ୍କ ନେତୃତ୍ୱରେ ଗଠିତ ଟିମ ରେ ସାଲେପୁର ଥାନା ଆଇଆଇସି ଅନିତା ସାହୁ, ମାହାଙ୍ଗା ଥାନା ଆଇଆଇସି ତପନ କୁମାର ନାୟକ, ନିଶ୍ଚିନ୍ତକୋଇଲି ଥାନା ଆଇଆଇସି ଯୁଗଳ କିଶୋର ଦାସ ମିଳିତ ହୋଇ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲେ। ଏହି ଡକାୟତି ଘଟଣାରେ ଅଧିକ ଲୋକ ସାମିଲ ଥିବା ପୁଲିସକୁ ସୁରାଗ ମିଳୁଛି। ହେଲେ ଏବେ ୪ ଜଣଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛି ପୁଲିସ। ଏମାନଙ୍କ ଭିତରେ ତିନି ପେଷାଦାର ଡକାୟତ ଥିବାବେଳେ ସେମାନଙ୍କ ନାମରେ ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଛି। ନିକଟରେ ଏମାନେ ଜେଲରୁ ଜାମିନରେ ଆସିଛନ୍ତି। ଏମାନଙ୍କ ଠାରୁ ଲୁଟ ସାମଗ୍ରୀକୁ କ୍ରୟ କରୁଥିବା ଜଣେ ସଦସ୍ୟ ସାମିଲ ରହିଛି। ଗିରଫ ୩ ଅଭିଯୁକ୍ତ ମାନେ ହେଲେ ମାର୍ଶାଘାଇ ଥାନା ଜୁନା ଗ୍ରାମର ପ୍ରଦୀପ୍ତ ମଲ୍ଲିକଙ୍କ ପୁଅ ହୃଷିକେଶ ମଲ୍ଲିକ ଏବଂ ସେହି ଗ୍ରାମର ବିକ୍ରମ ମଲ୍ଲିକଙ୍କ ପୁଅ ଜ୍ୟୋତି ପ୍ରକାଶ ମଲ୍ଲିକ ଅନ୍ୟଜଣେ ମାର୍ଶାଘାଇ ଥାନା ବଡ଼ପାଳ ଗ୍ରାମର ପ୍ରକାଶ ଆଚାର୍ଯ୍ୟଙ୍କ ପୁଅ ହେମନ୍ତ ଆଚାର୍ଯ୍ୟ। ସେମାନଙ୍କ ଠାରୁ ଚୋରି ସାମଗ୍ରୀ କ୍ରୟକରି ଆସୁଥିବା ଗ୍ୟାଙ୍ଗର ଅନ୍ୟ ସଦସ୍ୟ ହେଲେ କେନ୍ଦ୍ରାପଡା ଥାନା ବଡ଼ଗାଁ ଗ୍ରାମର ଶ୍ରୀଧର ସାହୁଙ୍କ ପୁଅ ରାମଚନ୍ଦ୍ର ସାହୁ। ସେମାନଙ୍କଠାରୁ ପୁଲିସ ସୁନା ଶଙ୍ଖା ୬ହଳ, କାନ ଫୁଲ ଏକ ହଳ, ରୁପା ପାଉଁଜି ଏକ ହଳ, ରୁପା ଚେନ ଗୋଟିଏ, ଗୋଟିଏ ବନ୍ଧୁକ, ଗୋଟିଏ ଲେଖା ଭୁଜାଲି, କଟୁରି, ବାଇକ ଓ ନଗଦ ୭ ହଜାର ଟଙ୍କା ଜବତ କରିଥିବା କଟକ ଗ୍ରାମାଞ୍ଚଳ ଏସ୍‌ପି ପ୍ରତୀକ ସିଂହ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ତେବେ ଏହି ଗ୍ୟାଙ୍ଗର ଅନ୍ୟ ୩ ସଦସ୍ୟ ଏବେ ବି ଫେରାର ଅଛନ୍ତି। ପୁଲିସ ସେମାନଙ୍କ ବିଷୟରେ ସୁରାଗ ପାଇ ତଦନ୍ତ ଚଳାଇଛି ଖୁବଶୀଘ୍ର ସେମାନଙ୍କୁ ଗିରଫ କରାଯିବ ବୋଲି ଏସ୍‌ପି କହିଛନ୍ତି।

## ମା' ବୁଢୀ ଠାକୁରାଣୀଙ୍କ ଅଷ୍ଟମ ବାର୍ଷିକ ଉତ୍ସବ, ବିଶ୍ୱଶାନ୍ତ ମହାଯଜ୍ଞ

**ଚାରିଛକ,୧୫।୬/ଏନ୍ଏନ୍ଏସ୍:** ଚାରିଛକ ନିକଟସ୍ଥ ତୁଳସୀପୁର ପଂଚାୟତ ବେଲପଡା ଗ୍ରମର ଅଧିଷ୍ଠାତ୍ରୀ ଦେବୀ ମା' ବୁଢୀ ଠାକୁରାଣୀଙ୍କ ଅଷ୍ଟମ ବାର୍ଷିକଉତ୍ସବ ଓ ବିଶ୍ୱଶାନ୍ତ ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ୫୦ରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ନିକଟସ୍ଥ ପୂର୍ଣ୍ୟତୋୟା ପ୍ରାଚୀନଦୀରୁ ଏକ ବିରାଟ ଶୋଭାଯାତ୍ରାରେ ଜଳକଳସ ଆଣି ପୂଜା ମଣ୍ଡପରେ ସ୍ଥାପନ କରିଥିଲେ । ମନ୍ଦିରର ମୂଖ୍ୟ ପୂଜକ ବଂଶୀଧର ମିଶ୍ର ଓ ତାଙ୍କ ସହଯୋଗୀମାନଙ୍କ ଦ୍ୱାରା ଯଥା ରୀତି ନୀତି ଅନୁଯାଇ ପୂଜାକାର୍ଯ୍ୟ ଓ ହୋମଯଜ୍ଞ ଆରମ୍ଭ ହୋଇଥିଲା। ପୂଜାରେ ମୁଖ୍ୟକର୍ତ୍ତାଭାବେ ବିଜୟ କୁମାର ସାହୁ ଯୋଗଦେଇଥିଲେ। ବିଶ୍ୱ ତଥା ଗ୍ରାମର ମଙ୍ଗଳ ପାଇଁ ପ୍ରତ୍ୟେକବର୍ଷ ଏହି ପୀଠରେ ବିଶ୍ୱଶାନ୍ତି ହୋମଯଜ୍ଞ ହୋଇଆସୁଛି।

## ବଜ୍ରାଘାତରେ ୪ ଗାଈ ମୃତ

**କଣାସ,୧୫।୬/ଏନ୍ଏନ୍ଏସ୍:** ଆଜି ଅପରାହ୍ଣ ୩ଟା ସମୟରେ କଣାସ ଅଞ୍ଚଳରେ ପ୍ରବଳ ବର୍ଷା ସାଙ୍ଗକୁ ବ୍ରଜପାତ ଘଟିବାରୁ ୪ଟି ଗାଈ ଚରୁଥିବା ଅବସ୍ଥାରେ ମୃତ୍ୟୁବରଣ କରିବା ସହିତ ଗୋଟିଏ ପରିବାର ପକାଘର ଫାଟିଯାଇଥିବା ଜଣାପଡ଼ିଛି। ଖବର ନେବାରେ ଜଣାପଡିଛି ଯେ, ତ୍ରିଲୋଚନପୁର ଗ୍ରାମପଞ୍ଚାୟତ କଣ୍ଟପଡ଼ା ଗ୍ରାମର ରବିନ୍ଦ୍ର ଦାଶଙ୍କ ଦୁଇଟି ଗାଈ, ସୁକାନ୍ତ ବେହେରାଙ୍କର ଦୁଇଟି ଗାଈ ଗ୍ରାମ ନିକଟରେ ଚରୁଥିବା ବେଳେ ବ୍ରଜପାତ ଯୋଗୁଁ ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିଲେ। ସେହିପରି କାତପଡା ଗ୍ରାମର ପ୍ରମୋଦ ମହାପାତ୍ରଙ୍କ ପକ୍କାଘର ବ୍ରଜପାତ ଯୋଗୁଁ ଫାଟିଯାଇଥିବା ଜଣାପଡ଼ିଛି।

## ବଜ୍ରପାତରେ ଜଳିଗଲା ନଡ଼ିଆ ଗଛ

**ସାକ୍ଷୀଗୋପାଳ,୧୫।୬/ଏନ୍ଏନ୍ଏସ୍:** ବଜ୍ରପାତରେ ହୁତୁହୁତୁ ହୋଇ ଜଳିଗଲା ନଡ଼ିଆ ଗଛ। ଏମିତି ଘଟଣା ଘଟିଛି ସତ୍ୟବାଦୀ ବ୍ଲକ ଅଧୀନ ନରେନ୍ଦ୍ରପୁର ପାଇକସାହି ଗାଁରେ। ରବିବାର ମଧ୍ୟାହ୍ନରେ ହଠାତ କଳାହାଣ୍ଡିଆ ମେଘ ଆକାଶରେ ଘୋଟି ବଜ୍ରାଘାତ ହୋଇଥିଲା। ଯାହାଫଳରେ ନରେନ୍ଦ୍ରପୁର ପାଇକସାହି ତେରମାଣ ବଗିଚାରେ ଏକ ନଡ଼ିଆ ଗଛ ହୁତୁହୁତୁ ହୋଇ ଜଳି ଉଠିଥିଲା। ତେବେ ଏଥିରେ କାହାର କିଛି କ୍ଷତି ହୋଇ ନଥିବା ଗ୍ରାମବାସୀମାନେ କହିଛନ୍ତି।

## କଣ୍ଟାପଡ଼ାରେ ଦୁଲୁକିଲା ରଜ ମହୋତ୍ସବ



**କଣ୍ଟାପଡ଼ା,୧୫।୬/ଏନ୍ଏନ୍ଏସ୍:** କଣ୍ଟାପଡ଼ା ବ୍ଲକ ବାଗଲପୁର ପଞ୍ଚାୟତ ଅନ୍ତର୍ଗତ ସୁନ୍ଦରଗ୍ରାମରେ ରଜ ମହୋତ୍ସବର ଆୟୋଜିତ ହୋଇଛି। ଏହି ୩ ଦିନିଆ ବିଶେଷ କାର୍ଯ୍ୟକ୍ରମ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବାର ଥିବା ସ୍ଥଳେ ସୁନ୍ଦରଗ୍ରାମର ଝିଅ ମାନଙ୍କ ଦ୍ୱାରା ନାଟ 'ଯେସାକୁ ତେସା' ମଞ୍ଚସ୍ଥ ହୋଇଯାଇଛି। ଏହି ଗ୍ରାମର ବରିଷ୍ଠ ନଗରୀକ ରାମ ପ୍ରସାଦ ମହାନ୍ତିଙ୍କ ରଚିତ ଓ ନିର୍ଦ୍ଦେଶିତ ନାଟକଟି ସାଂପ୍ରତିକ ସମାଜରେ ସାଧାରଣ ମଣିଷର ଅନୁଭବ ଉପରେ ପର୍ଯ୍ୟବେଶିତ ହୋଇଥିବା ବେଳେ ଏହାର ବିଭିନ୍ନ ଭୁମିକାରେ ସରୋଜିନୀ ଆଚାର୍ଯ୍ୟ, ପୁଜାସ୍ମିତା ମିଶ୍ର, ସ୍ୱର୍ଣ୍ଣପ୍ରଭା ଦାଶ, ସିମ୍ରନ ମିଶ୍ର, ସିପ୍ରା ସ୍ୱାଇଁ ପ୍ରମୁଖ ଅଭିନୟ କରିଥିଲେ। ନାଚ଼ରେ ବର୍ଷିୟାନ ସଂଗୀତକାର ଗାନ୍ଧୀ ଭାଇନା ସଂଗୀତ ନିର୍ଦ୍ଦେଶନା ଦେଇଥିଲେ। କଳାକାର ମାନଙ୍କ ନିଖୁଣ ଅଭିନୟ ଦର୍ଶକ ମାନଙ୍କ ପାଇଁ ବେଶ ଉପଭୋଗ୍ୟ ହୋଇଥିଲା।

## ବ୍ରହ୍ମାକୁମାରୀ ଆଶ୍ରମରେ ରଜ ମହୋତ୍ସବ

**ଖୋର୍ଦ୍ଧା,୧୫।୬/ଏନ୍ଏନ୍ଏସ୍:** ଗୋଡ଼ିପୋଖରୀଠାରେ ଅବସ୍ଥିତ ବ୍ରହ୍ମାକୁମାରୀ ସେବା କେନ୍ଦ୍ରର ମୁଖ୍ୟ ସଞ୍ଚାଳିକା ବ୍ରହ୍ମାକୁମାରୀ ଅନୁରାଧା ଭଉଣୀଙ୍କର ସଭାପତିତ୍ୱରେ ରଜ ମହୋତ୍ସବ ପାଳନ କରାଯାଇଥିଲା। ଅତିଥି ଭାବରେ ସମାଜସେବି ଶ୍ରୀ ନୀଳାଦ୍ରି ନାଥ ଜଗଦେବ ଯୋଗଦାନ କରି କବିତା ମାଧମରେ ପହିଲି ରଜ, ରଜ ସଂକ୍ରାନ୍ତି, ଭୁଦାହ, ବସୁମତୀ ସ୍ନାନ ବିଷୟରେ ଶୁଣାଇଥିଲେ। ବ୍ରହ୍ମାକୁମାରୀ ରମା ଭଉଣୀ ସମସ୍ତଙ୍କୁ ପୁଷ୍ପଗୁଚ୍ଛ ଓ ତିଳକ ଦେଇ ସ୍ୱାଗତ କରିଥିଲେ। ବିଭିନ୍ନ ଗ୍ରାମରୁ ଶତାଧିକ ଭାଇଭଉଣୀ ଏଥିରେ ଯୋଗଦାନ କରିଥିଲେ। ବ୍ରହ୍ମାକୁମାର ଜୟକୃଷ୍ଣ ଭାଇ କୃଷି ଭିତ୍ତିକ ଓ ପ୍ରକୃତିର ପର୍ବ ଏହି ରଜ ମହୋତ୍ସବରେ ମାଟିମାଆ ସହିତ ସମସ୍ତ ନାରୀ ଜାତିକୁ ସମ୍ମାନ ଦେବା ପାଇଁ କହିଥିଲେ। ଶେଷରେ ସମସ୍ତେ ମହମବତୀ ପ୍ରଜ୍ୱଳନ କରି ଅହମ୍ମଦାବାଦରୁ-ଲଣ୍ଡନ ଯାତ୍ରା କରୁଥିବା ବିମାନ ଦୁର୍ଘଟଣାରେ ମୃତ୍ୟୁ ଘଟିଥିବା ଅମର ଆତ୍ମାର ସଦ୍‌ଗତି ପାଇଁ ଗଭୀର ଶ୍ରଦ୍ଧାଞ୍ଜଳି ପ୍ରଦାନକରି ଶାନ୍ତି ପ୍ରାର୍ଥନା କରିଥିଲେ।

## ରଜସଂକ୍ରାନ୍ତିରେ ନୀଳମାଧବଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼

**କଣ୍ଟିଲୋ,୧୫।୬/ଏନ୍ଏନ୍ଏସ୍:** ସମ୍ପ୍ରତି ପ୍ରତ୍ୟେକ ପୂର୍ବ ବର୍ଷ ଭଳି ଚଳିତ ବର୍ଷ ପହିଲି ରଜଦିନ ଓ ରଜର ଦିତୀୟ ଦିବସରେ ଶ୍ରୀ ନୀଳମାଧବଙ୍କ ଦର୍ଶନ କରିବା, କଂସା ପିତ୍ତଳ ବାସନ କ୍ରୟ ବିକ୍ରୟ କରିବା ତଥା ମହାନଦୀରେ ମୋଟର ବୋଟ୍‌ରେ ବୁଲି ରଜପର୍ବର ଖୁସି ମନାଇବା, ପିକନିକ୍ କରି ଏଠାର ଚତୁର୍ଦ୍ଦିଗ ର ଶୌନ୍ଦର୍ଯ ଉପୋଭୋଗ କରିବା ପାଇଁ ହଜାର ହଜାର ସଂଖ୍ୟାରେ ଭକ୍ତ, ଶ୍ରଦ୍ଧାଳୁ, ପର୍ଯ୍ୟଟକ ତଥା ଠାକୁର ପ୍ରେମୀମାନଙ୍କର ଭିଡ଼ ଜମିବା ସହିତ ଗାଡି ପାର୍କିଂ ସ୍ଥାନରେ ପ୍ରାୟ ହଜାରରୁ ଊର୍ଦ୍ଧ୍ୱ ଚାରି ଚକିଆ, ତିନି ଚକିଆ ଓ ଦୁଇ ଚକିଆ ଗାଡ଼ି ରହିଥିବା ଦେଖିବାକୁ ମିଳୁଛି। କିନ୍ତୁ ପ୍ରତ୍ୟେକ ପୂର୍ବ ବର୍ଷ ମାନଙ୍କରେ ଝିଅ ବୋହୂ ମାନେ ପାଳୁଥିବା କିମ୍ବା ଉପଭୋଗ କରୁଥିବା 'ରଜମାହାଲ' ସମ୍ପୂର୍ଣ ଭାବେ 'ଫିକା' ପଡ଼ି ଯାଇଥିବା ସ୍ପଷ୍ଟ ଭାବେ ଦେଖିବାକୁ ମିଳୁଛି। ଏହି ଦିନମାନଙ୍କରେ ନିଜ ହାତରେ ଝିଅ ବୋହୂ ମାନେ ବିଭିନ୍ନ ପ୍ରକାର ପିଠା, ମିଠା, ପୋଡ଼ପିଠା ପ୍ରସ୍ତୁତ କରିବା, ପରସ୍ପର ମଧରେ ଅଳତା ପିନ୍ଧାଇ ରଜଦୋଳି ପଡ଼ିଆରେ ଏକତ୍ର ହୋଇ ପୁଚି ଖେଳିବା, ଦୋଳି ଖେଳିବା, ତାସ୍ ଖେଳିବା ମଉଜ ମଜ୍ଲିସ୍ କରି ବିଭିନ୍ନ ପ୍ରକାର ରଜ ଗୀତ ଗାଇବା ହୋଇଥାଏ। କିନ୍ତୁ ଦୁର୍ଭାଗ୍ୟର ବିଷୟ ଏହା ଯେ, ବିକାଶ ପ୍ରକଳ୍ପ ନାଁରେ ବହୁ ପୁରାତନ ପ୍ରାଚୀନ ପାରମ୍ପରିକ ପ୍ରଥାଗୁଡ଼ିକୁ ଲୋପ କରାଯାଇଛି। ରଜ ପର୍ବ ପାଳନ ହେଉଥିବା ପଡିଆରେ ଏବେ ଗାଡି ପାର୍କିଂ ହୋଇଥିବା ଏବଂ କଣ୍ଟିଲୋ ମହାନଦୀର ନେହରୁ ଘାଟକୁ ଯିବା ରାସ୍ତାରେ ଥିବା ଦୋଳି ଖେଳ ଗଛକୁ କାଟି ଦେବା ଓ ଦୟାଣା ଚୋରି ବଗିଚାକୁ ସର୍ବଦା ତାଲା ପକାଇ ରଖିଥିବାରୁ ଚଳିତବର୍ଷ ରଜମାହାଲ ସମ୍ପୂର୍ଣ ଭାବେ ଫିକା ପଡ଼ିଥିବା ଯୋଗୁ ଝିଅ ବୋହୂମାନେ ବହୁ ଅସନ୍ତୋଷ ପ୍ରକାଶ କରିଛନ୍ତି।

## କ୍ଷତ୍ରୀୟ ସମାଜର ବୈଠକ



**ନିଶ୍ଚିନ୍ତକୋଇଲି,୧୫।୬/ଏନ୍ଏନ୍ଏସ୍:** ଭୁବନେଶ୍ୱରର ଉତ୍କଳବିକାଶ ପରିଷଦ ପକ୍ଷରୁ ଗଣପର୍ବ ରଜ ମହୋତ୍ସବରେ କଟକ ସଦର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବନ୍ଧୁପୁର ପଂଚାୟତ ଅରେଇ ଗ୍ରାମର ଶ୍ରୀ ଶ୍ରୀ ଭୀମେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ଖଣ୍ଡାୟତ କ୍ଷତ୍ରିୟମାନଙ୍କୁ ନେଇ ଏକ ବୈଠକ ଓ ବନ୍ଧୁ ମିଳନ ଅନୁଷ୍ଠିତ ହୋଇଛି। ବିକାଶ ପରିଷଦର ଅଧ୍ୟକ୍ଷ ବସନ୍ତ କୁମାର ସ୍ୱାଇଁଙ୍କ ସଂଯୋଜନାରେ ଏଥିରେ ଉପାଧ୍ୟକ୍ଷ ରବିନ୍ଦ୍ର କୁମାର ମହାପାତ୍ର ଓ ହୃଦାନନ୍ଦ ପଟ୍ଟନାୟକ, ମହାସଚିବ ଶ୍ୟାମସୁନ୍ଦର ଚୌଧୁରୀ ଓ ଆର୍ତ୍ତତ୍ରାଣ ବିଶ୍ୱାଳ, ସଚିବ କାମଦେବ ପାତ୍ର , ଜଟାଧାରୀ ଲେଙ୍କା, ସୃଷ୍ଟିଧର ନାୟକ, ଅଭୟ କୁମାର ମୁଦୁଲି, ରତିକାନ୍ତ ଭୂୟାଁ, ଚନ୍ଦ୍ରକାନ୍ତ ପରିଡା, ପ୍ରକାଶ ଚନ୍ଦ୍ର ପାତ୍ର, ରତ୍ନାକର ସ୍ୱାଇଁ, ସୁବାଷଚନ୍ଦ୍ର ପାତ୍ର, କାହ୍ନୁ ଚରଣ ପାତ୍ର, ଉଦୟ ପାତ୍ର, କ୍ଷୀରୋଦ ସ୍ୱାଇଁ, ରମେଶ ଚନ୍ଦ୍ର ସାମଲ, ଗନ୍ଧର୍ବ ପୃଷ୍ଟି, ନାରାୟଣ ସ୍ୱାଇଁ, ଚିତ୍ତରଂଜନ ସ୍ୱାଇଁ, ବିଜୟ କୁମାର ସ୍ୱାଇଁ, ବିଭୂପ୍ରସାଦ ଭୂୟାଁ, କମଳାକାନ୍ତ ସ୍ୱାଇଁ, ନଗେନ୍ ପାତ୍ର, ପ୍ରମୁଖ ଯୋଗଦେଇ ଖଣ୍ଡାୟତ କ୍ଷତ୍ରିୟ ପରିବାରମାନଙ୍କୁ ଏକତ୍ରିତ କରାଇ ସେମାନଙ୍କର ବିଭିନ୍ନ ନାର୍ଯ୍ୟଦାବିକୁ ପାଇବା ପାଇଁ କି କି ପଦକ୍ଷେପ ନିଆଯିବ ସେ ସଂକ୍ରାନ୍ତରେ ଆଲୋଚନା କରାଯାଇଥିଲା। ଆଗାମୀ ଦିନରେ ଖଣ୍ଡାୟତ କ୍ଷତ୍ରିୟ ସମାଜ ଏକଜୁଟ୍ ହୋଇ ସେମାନଙ୍କରଦାବିକୁ ସରକାରଙ୍କଠାରେ ଉପସ୍ଥାପନ କରିବେ ବୋଲି ବୈଠକରେ ଆଲୋଚନା ହୋଇଥିଲା। ବିଶ୍ୱନାଥ ଦାଶ ଏହି ସଭାକୁ ପରିଚାଳନା କରିଥିବା ବେଳେ ଆୟୋଜକ ଶରତ କୁମାର ସାମଲ, ସୁଶାନ୍ତ କୁମାର ସ୍ୱାଇଁ, ପ୍ରମୋଦ କୁମାର ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ପଞ୍ଚାୟତ ପକ୍ଷରୁ ଚା'ଦୋକାନୀଙ୍କୁ କାଚଗ୍ଲାସ୍ ବଣ୍ଟନ

### ପେପର୍ ଗ୍ଲାସ୍ ବ୍ୟବହାର ନ କରିବାକୁ ପରାମର୍ଶ



**ଓଡ଼ଗାଁ,୧୫।୬/ଏନ୍ଏନ୍ଏସ୍:** ଓଡ଼ଗାଁ ବ୍ଲକ ଅନ୍ତର୍ଗତ କୁରାଳ ଗ୍ରାମପଞ୍ଚାୟତ ପକ୍ଷରୁ ଚଣ୍ଡିଛକରେ ଥିବା ଚା'ଦୋକାନୀ ମାନଙ୍କୁ ଶନିବାର କାଚଗ୍ଲାସ ବଣ୍ଟନ କରାଯାଇଛି। ସରକାର ପଲିଥିନ ବ୍ୟବହାର ଓ ବିକ୍ରି ଉପରେ ଲଗାମ ଲଗାଇବାକୁ ଉଦ୍ୟମ ଆରମ୍ଭ କରିଥିବାବେଳେ କେତେକ ଦୋକାନୀ ସରକାରଙ୍କ ନିର୍ଦ୍ଦେଶକୁ ଫୁଙ୍କରି ଉଡ଼ାଇ ଦେଉଛନ୍ତି। ଏପରିସ୍ଥଳେ ଆଜି କୁରାଳ ସରପଞ୍ଚ ବିଜନ ପାଇକରାୟ ଚଣ୍ଡିଛକରେ ଥିବା ୪ଜଣ ଚା'ଦୋକାନୀଙ୍କୁ ଚା'ପିଇବା ପାଇଁ ବ୍ୟବହାର କରାଯାଉଥିବା ପେପର କପ ସ୍ୱାସ୍ଥ୍ୟ ପାଇଁ ହାନୀ କାରକବୋଲି ବୁଝାଇଥିଲେ। ଏଥିସହ ପେପର କପ ବଦଳରେ କାଚଗ୍ଲାସ ବ୍ୟବହାର କରିବାକୁ ପରାମର୍ଶ ଦେଇଥିଲେ। ଏପରିକି ଦୋକାନୀ ଅଶୋକ ପାତ୍ର,ମନୋରଞ୍ଜନ ମହାରଣା, ସୁଧାଂଶୁ ଶେଖର ସାହୁ ଓ ସୋମନାଥ ପାତ୍ରଙ୍କୁ ଉତ୍ତରୀୟ ସହିତ ୧୦ଟି ଲେଖାଏଁ କାଚଗ୍ଲାସ ପ୍ରଦାନ କରିଥିଲେ। ଏଣିକି ଗ୍ରାହକଙ୍କୁ ପେପରକପ ବଦଳରେ କାଚଗ୍ଲାସରେ ଚା'ଦେବାକୁ ଅନୁରୋଧ କରିବା ସହିତ ଗ୍ରାହକମାନେ ମଧ ଏଦିଗରେ ସଚେତନ ରହିବାକୁ ପରାମର୍ଶ ଦେଇଥିଲେ। ଦୋକାନୀଙ୍କୁ ଗ୍ଲାସ ବଣ୍ଟନବେଳେ ପଞ୍ଚାୟତର ୱାର୍ଡମେମ୍ବରଙ୍କ ସମେତ ସମାଜସେବୀ ପ୍ରଶାନ୍ତ ପାତ୍ର, ପଞ୍ଚୁ ପ୍ରଧାନ, କାଳୁଚରଣ ଜେନା, ଟୁନା ଦାସ,ଭରତ ମହାନ୍ତି, ପ୍ରସନ୍ନ କୁମାର ସାହୁ, ନିରଞ୍ଜନ ପାଣିଗ୍ରାହୀ ଓ ନନ୍ଦିଆ ଜେନା ପ୍ରମୁଖ ଉପସ୍ଥିତଥିବା ଜଣାପଡ଼ିଛି। ତେବେ ମେଡିକାଲଛକ କିମ୍ବା ଗାଆଁରେ ଥିବା ଅନ୍ୟ ଚା'ଦୋକାନୀଙ୍କୁ ମଧ କାଚଗ୍ଲାସ୍ ପ୍ରଦାନ କରାଯିବବୋଲି ସରପଞ୍ଚ ଶ୍ରୀ ପାଇକରାୟ ସୂଚନା ଦେଇଛନ୍ତି।

## ଆଠଗଡ଼ରେ ରଜ ମହୋତ୍ସବ-୨୦୨୫ ଓ ରଜ କୁଇନ୍ ପ୍ରତିଯୋଗିତା

# 'ଐତିହ୍ୟ ସଂସ୍କୃତି ଓ ଅଞ୍ଚଳର ପରମ୍ପରାକୁ ଉଜ୍ଜୀବିତ ରଖିବାର ଆବଶ୍ୟକତା ରହିଛି'



**ଆଠଗଡ଼,୧୫।୬/ଏନ୍ଏନ୍ଏସ୍:** ଆଠଗଡ଼ର ଐତିହ ସଂସ୍କୃତି ବ୍ୟାପକ ରଜ ସହିତ ଏ ଅଞ୍ଚଳରେ ଥିବା ବିଭିନ୍ନ ପରମ୍ପରାକୁ ଉଜ୍ଜୀବିତ କରିବା ପାଇଁ ବର୍ଷ ତମାମ କାର୍ଯ୍ୟକ୍ରମର ଆବଶ୍ୟକତା ରହିଛି ବୋଲି ଆଠଗଡ ଟାଉନ କ୍ଲବ୍‌ଠାରେ ଅନୁଷ୍ଠିତ ରଜ ମହୋତ୍ସବ ଓ ରଜ କୁଇନ ପ୍ରତିଯୋଗିତା ଉଦଘାଟନ ସନ୍ଧ୍ୟାରେ ଅତିଥିମାନେ ପ୍ରକାଶ କରିଥିଲେ। କ୍ଲବ୍‌ର ସଭାପତି ରାମ ନାରାୟଣ ମହାନ୍ତି ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମର ପ୍ରଥମ ଉଦ୍‌ଘାଟନୀ ସନ୍ଧ୍ୟାରେ ଉଦ୍‌ଘାଟକ ଭାବେ କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉ ସାହେବ ସିନ୍ଦେ, ସମ୍ମାନିତ ଅତିଥି ଭାବେ ଆଠଗଡ଼ ଉପଜିଲ୍ଲାପାଳ ପ୍ରହଲ୍ଲାଦ ନାରାୟଣ ଶର୍ମା ଏବଂ ମୁଖ୍ୟ ବକ୍ତା ଭାବେ ବରିଷ୍ଠ ଶିକ୍ଷାବିତ ମଣିପାଲ ବିଶ୍ୱବିଦ୍ୟାଳୟ ଇଟା ନଗରର ରାଜନୀତି ବିଜ୍ଞାନର ପ୍ରଫେସର ରେବତୀ ବଲ୍ଲଭ ତ୍ରିପାଠୀ ଯୋଗଦେଇ ଆଠଗଡ଼ର ଐତିହାସିକ ପୃଷ୍ଠଭୂମି ସହିତ କଳା ସାହିତ୍ୟ ସଂସ୍କୃତିର ଦିଗ ଉପରେ ଆଲୋକପାତ କରିଥିଲେ। ପ୍ରାକ୍ ସ୍ୱାଧୀନତା ଅମଳର ଆଠଗଡ଼ର ସର୍ବ ପୁରାତନ ସାଂସ୍କୃତିକ ଅନୁଷ୍ଠାନ ଟାଉନ କ୍ଲବ୍ ଆନୁକୁଲ୍ୟରେ ରଜ ମହୋତ୍ସବ ୨୦୨୫ ଅନୁଷ୍ଠିତ ହୋଇଯାଇଛି। ଆଠଗଡ଼ ଗୋପବନ୍ଧୁ ବିଜ୍ଞାନ ମହାବିଦ୍ୟାଳୟ ଆଠଗଡ଼ ମହିଳା ମହାବିଦ୍ୟାଳୟ ଆଇନ ମହାବିଦ୍ୟାଳୟ ଭଳି ଶିକ୍ଷା ଅନୁଷ୍ଠାନ ଏବଂ ଅନେକ କ୍ରୀଡ଼ା ସଂସ୍କୃତି ଓ ପରମ୍ପରାର ଆଦି ଜନନୀ ଭାବରେ ପରିଚିତ ଏହି ଅନୁଷ୍ଠାନଟି ଗତ କିଛିଦିନ ଧରି ନିଷ୍କ୍ରିୟ ଥିବା ବେଳେ ଏବେ ଏହାକୁ ପୁଣିଥରେ ଉଜ୍ଜୀବିତ କରି ଆଠଗଡ଼ର କଳା ସାହିତ୍ୟ ସଂସ୍କୃତି ଓ ପରମ୍ପରାକୁ ନେଇ ପ୍ରଥମ ରଜ ମହୋତ୍ସବ ଆରମ୍ଭ ହୋଇଛି। ସମ୍ପାଦକ ରଞ୍ଜନ କୁମାର ଦାସ ସହ ସମ୍ପାଦକ ସୋମନାଥ ଭକ୍ତା ନିଜର ବକ୍ତବ୍ୟ ରଖିଥିଲେ। ବରିଷ୍ଠ ସାମ୍ବାଦିକ ପାର୍ଥସାରଥୀ ପଟ୍ଟନାୟକଙ୍କ ସଂଯୋଜନା ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆଠଗଡ଼ କଳାକେନ୍ଦ୍ରର ଗୁରୁ ଅଚିନ୍ତ୍ୟ ବେହେରାଙ୍କ ନିର୍ଦ୍ଦେଶିତ ଓଡ଼ିଶୀ ନୃତ୍ୟ ଏବଂ ଗୁରୁ ପ୍ରଫୁଲ୍ଲ କୁମାର ସାହୁ ଙ୍କ ସଂଯୋଜନା ରେ ସଙ୍ଗୀତ ପରିବେଷିତ ହୋଇଥିଲା। ପରେ ପରେ ଆଠଗଡ଼ କଲଚରାଲ ଏକାଡେମୀ ବଲିଉଡ୍ ଡ୍ୟାନ୍ସ ଗ୍ରୁପ୍ ଆଠଗଡ଼ କଳାକେନ୍ଦ୍ର ପକ୍ଷରୁ ଓଡ଼ିଶୀ, ସମ୍ବଲପୁରୀ ଏବଂ ଭଜନରେ ନୃତ୍ୟ ପରିବେଷଣ ହୋଇଥିଲା। ତିନି ଦିନ ଧରି ଏହି ମହୋତ୍ସବ ପାଳନ କରାଯିବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।


ନିତି ଭାରତୀ

ଦୟାର କୌଣସି ଧର୍ମ ନାହିଁ। ଧର୍ମଗୁଡ଼ିକ ସବୁ ଗଳି ଭଳି ହୋଇଥିବା ବେଳେ ଦୟା ଖୋଲା ଆକାଶ ସଦୃଶ ହୋଇଥାଏ। - ଅମିତ୍ ରାୟ

ନିତିଦିନ NITIDIN
ସୋମବାର, ୧୬ ଜୁନ୍ ,୨୦୨୫

# ରଜ ପାନ ଓ ପୁଚି ଖେଳ

ଆମ ଓଡ଼ିଶା ଆଦ୍ୟ, ଅନାଦ୍ୟ, ଅନନ୍ତ, ଅତୁଳନୀୟ। ଓଡ଼ିଆ ଆମ ମା' ଓ ମାଟିର ଭାଷା। ଓଡ଼ିଶାର ମାଟି ଆମ ମା'ର ମାଟି। ଏଠି ଅଛି ନିଆରା। ତା'ର ପାଣି-ପବନ, ନଦୀ-ନାଳ, ବଣ-ପାହାଡ଼, ପର୍ବପର୍ବାଣି, ପିଠାପଣା, ଖାଦ୍ୟପେୟ, ବସ୍ତ୍ର-ପରିଧାନ, ଜାତି-ଜନଜାତି- ଏମିତିକି ଠାକୁର-ଠାକୁରାଣୀ ମଧ୍ୟ ଅତି ନିଆରା। ଏଠି ଠାକୁରଙ୍କୁ କେତେବେଳେ ଜ୍ୱର ହେଲେ ସେ ପଥ୍ୟ ଖାଆନ୍ତି ତ କେତେବେଳେ ଠାକୁରାଣୀଙ୍କ ମାନ ଭଞ୍ଜନ କରନ୍ତି। ଏଠି ଟିଟିଲାଗଡ଼ର ଗରମ ସାଙ୍ଗକୁ ଦାରିଂବାଡ଼ିର ତୁଷାରପାତ ଅନୁଭବ କରିହୁଏ। ଏଠି ସମୁଦ୍ର ବେଳାଭୂମି ସାଙ୍ଗକୁ ଦେଓମାଳୀ ଶିଖରକୁ ତାରା ଛୁଇଁ ହୁଏ। କଟକର ଦହିବରା, ସାଲେପୁର ରସଗୋଲା, ନୟାଗଡ଼ ଛେନାପୋଡ଼, ପୁରୀର



ଅର୍ଣ୍ଣଜିତା ନାୟକ

ଅନ୍ନ ଡାଲମା, ରସାବଳୀ, ଭଦ୍ରକର ପାକୁଆ ଲଡ୍ଡୁ, ଛେନା ମୁଡ଼କି, ଢେଙ୍କାନାଳ ବରା, ବ୍ରହ୍ମପୁର ଆଚାର, ପାମ୍ପଡ଼, ସମ୍ବଲପୁରର ପାଳଙ୍ଗଘଣ୍ଟା ଖଟା, କୋରାପୁଟର ମାଣ୍ଡିଆ ଭଳି ଭିନ୍ନ ଭିନ୍ନ କେତେ ଯେ ସୁସ୍ୱାଦୁ ଖାଦ୍ୟର ସମ୍ଭାର ଆମ ଓଡ଼ିଶା। ଏଇସବୁ ବିବିଧତା ମଧ୍ୟରେ ଏକତା ହେଉଛି ଆମ ଓଡ଼ିଶାର ସ୍ୱର। ସବୁ ଓଡ଼ିଆଙ୍କର ମନ ସେଇ କାଳିଆ ଠାକୁର ପାଖରେ, ସେଇ ପଖାଳ କଂସା ଓ ସେଇ ବାର ମାସରେ ତେର ପର୍ବ ପାଖରେ। ସେଇ ତେର ପର୍ବ ମଧ୍ୟରେ ରଜ ପର୍ବ ହେଉଛି ଆମ ଓଡ଼ିଶାର। ପ୍ରତ୍ୟେକ ଓଡ଼ିଆଙ୍କର ଗର୍ବ। ଏହା କେବଳ ଏକ ପର୍ବ ନୁହେଁ, ବରଂ ଆମ ସମୃଦ୍ଧ ଐତିହ୍ୟର ପ୍ରତୀକ। ନାରୀତ୍ୱ, ମାତୃତ୍ୱ, ନେତୃତ୍ୱ, ଶକ୍ତି ଓ ସୃଷ୍ଟିର ଏକ ପର୍ବ; ରଜ ପର୍ବ, ଆମ ଓଡ଼ିଶାର ପର୍ବ।

ଆମ ଓଡ଼ିଆ ଘରେ ପୂଜାପାଠ, ପର୍ବପର୍ବାଣି ହେବ, ଆଉ ପାନ-ଗୁଆର ବ୍ୟବହାର ହେବନାହିଁ, ଏମିତି କେବେ ହୋଇ ପାରିବ? ପାନ ଓଡ଼ିଆ ତଥା ଜଗନ୍ନାଥ ସଂସ୍କୃତି ସହିତ ଓତପ୍ରୋତ ଭାବରେ ଜଡ଼ିତ। ପ୍ରତି ଦିନ ପ୍ରଭୁ ଜଗନ୍ନାଥଙ୍କୁ ପାନ ଅର୍ପଣ କରାଯାଏ। ରଜ ପାନ ବିନା ରଜର ମଜା ନାହିଁ। ହେଲେ ଏବେ ପ୍ରଶ୍ନ ସେ ରଜରେ ପାନ କାହିଁକି? ପାନପତ୍ର ହେଉଛି ଭଲ ପାଇବାର ପ୍ରତୀକ। ଓଡ଼ିଆ ପରିବାରରେ ପାନ ଆତିଥ୍ୟ ଏବଂ ସ୍ନେହର ପ୍ରତୀକ। ରଜ ସମୟରେ, ଯେତେବେଳେ ବନ୍ଧୁ ଏବଂ ସମ୍ପର୍କୀୟମାନେ ଆସିଥାନ୍ତି, ପାନ ଅର୍ପଣ କରିବା, ଓଡ଼ିଆ ପରମ୍ପରାରେ ଗୁଜା ଆନନ୍ଦର ଏକ ଋଷ ସହିତ ସମ୍ମାନର ଏକ ମିଠା ପ୍ରତୀକ। ଯେତେବେଳେ ରଜ ପର୍ବ ପୃଥିବୀର ପ୍ରଜନନ ଏବଂ ନାରୀତ୍ୱକୁ ପାଳନ କରେ, ପାନ ସୂକ୍ଷ୍ମ ଭାବରେ ଏକ ସକ୍ରିୟ ରକ୍ଷକର ଭୂମିକା ଗ୍ରହଣ କରେ- ଅନ୍ତଃନଳୀକୁ ସୁରକ୍ଷା ଦିଏ, ଇନ୍ଦ୍ରିୟକୁ ସଶକ୍ତ କରେ ଏବଂ ଋତୁକାଳୀନ ରୋଗରୁ ରକ୍ଷା କରେ। ମୌସୁମୀ ସମୟରେ ଓ ବିଶେଷକରି ରଜ ସମୟରେ ଏହାର ବ୍ୟବହାର ସଂଯୋଗବଶତଃ ନୁହେଁ- ଏହା ସ୍ୱଦେଶୀ ବିଜ୍ଞାନର ଏକ ବିକଶିତ ଅନୁଭୂତ ଓ ରୀତିରେ ଅନ୍ତର୍ଭୁକ୍ତ। ଏହା ବ୍ୟବହାର ପ୍ରଜନନ ଏବଂ ନାରୀତ୍ୱର ପ୍ରତୀକ ପାନ। ନିୟମିତ ମାସିକ ଋତୁସ୍ରାବ ଓ ଋତୁସ୍ରାବଜନିତ ଶାରୀରିକ ପୀଡ଼ାରୁ ଆରାମ ପାଇବା ନିମନ୍ତେ ପାନପତ୍ର ଅତ୍ୟନ୍ତ ଲାଭଦାୟକ ଅଟେ। ସେଥି ଲାଗି ଓଡ଼ିଆଙ୍କ ପର୍ବ ରଜ, ଯାହା ପାନ ବିନା ଅସମ୍ପୂର୍ଣ୍ଣ, ନାରୀମାନଙ୍କ ସମ୍ପୂର୍ଣ୍ଣ ସୁସ୍ଥତାର କରେ। ଏହା ସମ୍ପ୍ରତି ଏବଂ ପ୍ରାଚୁର୍ଯ୍ୟର ପରିପ୍ରକାଶ କରୁଥିବା ମା' ଲକ୍ଷ୍ମୀଙ୍କୁ ଏକ ସାଙ୍କେତିକ ନୈବେଦ୍ୟ ଭାବରେ ଦିଆଯାଏ। ଝିଅମାନେ ଯେଉଁଠି ଲକ୍ଷ୍ମୀ ସ୍ୱରୂପିଣୀ, ଓ ରଜ ସେଇ ଝିଅମାନଙ୍କ ପର୍ବ, ତେବେ ସେଠି ପାନର ମହତ୍ତ୍ୱ ରହିବ ନାହିଁ ବା କେମିତି!

ରଜ ଆମକୁ ଯେମିତି ଋତୁସ୍ରାବର ଗୁରୁତ୍ୱ ଓ ତାହା ସହିତ ଜଡ଼ିତ ନାରୀର ମହତ୍ତ୍ୱକୁ ଅତି ପ୍ରାଞ୍ଜଳ ଭାବରେ ବୁଝାଏ, ଠିକ୍ ସେହିପରି ପୁଚିଖେଳ ଝିଅମାନଙ୍କର ସୁସ୍ଥ ପ୍ରଜନନ ସ୍ୱାସ୍ଥ୍ୟର ପ୍ରତୀକ। ପୁଚିଖେଳ ଏକ ବ୍ୟାୟାମ ସ୍ୱରୂପ, ଯାହାକୁ କରିବା ଦ୍ୱାରା ଝିଅମାନଙ୍କର ଅଣ୍ଟା, ଗୋଡ଼ ଓ ସମ୍ପୂର୍ଣ୍ଣ ଶରୀର ଆକୃତିରେ ରହି ପାରିବ। ତା' ଛଡ଼ା ପୁଚିଖେଳ ଗର୍ଭାଶୟ ପାଇଁ ଏକ ଭଲ ବ୍ୟାୟାମ। ଏହା ଡିମ୍ବାଶୟ କୋଷଗୁଡ଼ିକଙ୍କ ଲାଗି ମଧ୍ୟ ଉତ୍ତମ, ଯାହା ଡିମ୍ବାଣୁ ଅଣ୍ଡା ଉତ୍ପାଦନ କରିବା ଓ ଭଲ ହରମୋନ୍ ତିଆରି କରିବାରେ ସହାୟକ ହୁଏ। ଫଳ ସ୍ୱରୂପ, ମହିଳାମାନଙ୍କ ଋତୁସ୍ରାବ ଏବଂ ଗର୍ଭଧାରଣକୁ ନିୟନ୍ତ୍ରଣ ଓ ସକ୍ରିୟ ରଖିବାରେ ପୁଚିଖେଳ ସାହାଯ୍ୟ କରେ। ସେଥି ଲାଗି ପୁଚି ଯେ କେବଳ ଏକ ଖେଳ, ଯାହାକୁ ଆମେ ରଜରେ ବା କୁମାର ପୂର୍ଣ୍ଣମୀରେ ଖେଳୁ, ତାହା ନୁହେଁ, ବରଂ ଏହା ଆମକୁ ମନେ ପକାଇ ଦିଏ ଯେ ସୃଷ୍ଟି ଲାଗି ଆବଶ୍ୟକ ନାରୀ ଓ ନାରୀ ଲାଗି ଆବଶ୍ୟକ ଏକ ସୁସ୍ଥ ସ୍ୱାସ୍ଥ୍ୟ, ଯାହାର ପ୍ରତୀକ




ସେଇ ପୁଚିଖେଳ, ରଜ ପାନ ଓ ସମ୍ପୂର୍ଣ୍ଣ ରଜ ପର୍ବ।

ରଜ ପର୍ବ ହେଉଛି ଉର୍ବରତାର ପ୍ରତୀକ, ଯାହାକୁ ନିଷ୍ଠିତ ଓ ସୁରକ୍ଷିତ କରିଥାଏ ରଜ ପର୍ବର ପାଳନ। ସମାଜ ଓ ସୃଷ୍ଟିରେ ମହିଳାମାନଙ୍କର ଅନନ୍ୟ ସ୍ଥିତି ଓ ମହିଳାଙ୍କର ଗୁରୁତ୍ୱକୁ ଓଡ଼ିଶା ଏହି ପର୍ବ ମାଧ୍ୟମରେ ବ୍ୟାଖ୍ୟା କରିବାରେ ବିଶ୍ୱରେ ଏକ ଅଗ୍ରଣୀ ସ୍ଥାନ ଅଧିକାର କରିଛି। ଏହି ପର୍ବ ଲାଗେ ଭାବିଲେ ଯେ ଓଡ଼ିଶା କିପରି ଏକ ପର୍ବ ମାଧ୍ୟମରେ ସୃଷ୍ଟିର ରଚନା କରୁଛି ଓ ସୃଷ୍ଟିର ରଚୟିତାଙ୍କୁ ସମ୍ମାନ ଜଣାଉଛି। ରଜ କେବଳ ଏକ ପର୍ବ ନୁହେଁ, ବରଂ ଓଡ଼ିଆଙ୍କ ଅଭିମାନ, ଓଡ଼ିଶାର ସ୍ୱାଭିମାନ, ଓ ସମଗ୍ର ନାରୀ ଜାତି ଓ ସୃଷ୍ଟିର ସମ୍ମାନ, ଯାହା ସର୍ବଦା ବିଦ୍ୟମାନ। ତା' ଛଡ଼ା ଓଡ଼ିଆ ସଂସ୍କୃତିରେ ପର୍ବପର୍ବାଣି ପାଳନ କେବଳ ଭକ୍ତି ଏବଂ ପରମ୍ପରାରେ ନିହିତ ନୁହେଁ, ବରଂ ବିଜ୍ଞାନ ଏବଂ ଋତୁଗତ ବୁଝାମଣାର ଗଭୀର ଭାବରେ ମଧ୍ୟ ରହିଛି। ଆମ ଓଡ଼ିଆ ପର୍ବ, ସେ ମହାବିଷୁବ ସଂକ୍ରାନ୍ତି ହେଉ ବା କୁମାର ପୂର୍ଣ୍ଣମୀ ହେଉ ବା ପ୍ରଥମାଷ୍ଟମୀ ହେଉ ବା ସେଇ ରଜ ପର୍ବ ହେଉ, ପ୍ରତ୍ୟେକ ପର୍ବ ନିର୍ଦ୍ଦିଷ୍ଟ ଜଳବାୟୁ ପରିବର୍ତ୍ତନ, କୃଷିଚକ୍ର ଏବଂ ଶାରୀରିକ ଆବଶ୍ୟକତା ସହିତ ସାମଞ୍ଜସ୍ୟ ରଖେ। ଓଡ଼ିଆ ଘରେ, ଓଡ଼ିଆ ପର୍ବପର୍ବାଣିରେ ତିଆରି ହେଉଥିବା ପ୍ରତ୍ୟେକ ବ୍ୟଞ୍ଜନ ପ୍ରକୃତି ଏବଂ ମାନବ ଜୀବନ ମଧ୍ୟରେ ଏହି ସମନ୍ୱୟକୁ ପ୍ରତିଫଳିତ କରେ। ଏହା ସାରା ବିଶ୍ୱକୁ ଏହି ବାର୍ତ୍ତା ଦିଏ ଯେ ପର୍ବପର୍ବାଣି ପାଳନ କରିବା ପଛରେ କେତେ ଯେ ବୈଜ୍ଞାନିକ ଦୃଷ୍ଟିଭଙ୍ଗୀ ରହିଛି, ତାହା ବୁଝିବା ଓ ହୃଦବୋଧ କରିବାର ଆବଶ୍ୟକତା ରହିଛି- ବିଶେଷକରି ଆଜିକାର ଏହି ଅତ୍ୟାଧୁନିକ ଯୁଗରେ, ଯେତେବେଳେ ମଣିଷକୁ ମଣିଷ ପାଇଁ ସମୟ ରହୁନାହିଁ, ମଣିଷକୁ ନିଜ ଜନ୍ମର ଉଦ୍ଦେଶ୍ୟ ମନେ ରହୁନାହିଁ, ମାନବିକତାର ମୂଲ୍ୟ ବୋଧ ହେଉନାହିଁ, ପ୍ରକୃତି ଲାଗି ଆନୁଗତ୍ୟ ରହୁନାହିଁ କି ସୃଷ୍ଟିର ସ୍ରଷ୍ଟାଙ୍କୁ ସେ ପ୍ରଣିପାତ କରୁନାହିଁ। ଆଧୁନିକତାର ଛଳନାରେ ମନୁଷ୍ୟ ମାନବିକତା ଓ ପାରମ୍ପରିକତା ଭୁଲି ଭୁଲି ଚାଲିଛି, ଯାହା ଫଳରେ ରଜ ଭଳି ପର୍ବ ଆଜି କେବଳ ତିନିଦିନିଆ ଛୁଟି, ବାହାର ଖାଦ୍ୟ, ଯେପରି ପିଜା ଓ ଚାଓମିନ୍, ସିନେମା ଦେଖା ଓ ଆରାମ କରିବାରେ ସୀମିତ ହୋଇ ଚାଲିଛି। ଶୁଣୁନାହିଁ ସେଇ ରଜ ଗୀତ, ବାସୁନାହିଁ ସେଇ ପୋଡ଼ପିଠାର ମହକ, ଦିଶୁନାହିଁ ସେଇ ରଜ ଦୋଳି କି କଦଳୀ ପତ୍ରର ଜୋତା, ଶୋଭା ପାଉନାହିଁ ସେଇ ସବୁ ଅଳତା କି ପାନଖିଆ ପାଟିର ସେଇ ନାଲି ହସ! ସେଥିପାଇଁ ଏବେ ସମୟର ଆହ୍ୱାନ ଯେ ଆମେ ଆମ ସାଂସ୍କୃତିକ ପରମ୍ପରାକୁ ପାଳନ କରିବା ଓ ନିଜର ସ୍ୱତନ୍ତ୍ର ପରିଚୟ ଓ ଗରିମାକୁ ବଞ୍ଚାଇ ରଖିବା।

ମୋ: ୬୩୭୦୯୦୫୯୪୭

# ବିମାନ ଦୁର୍ଘଟଣାରୁ ଶିକ୍ଷା

ପାଦରେ ଚାଲି ହେଉ ବା ଯାନବାହନରେ- ସଡ଼କ ଅତିକ୍ରମ କରିବା ଅପେକ୍ଷା ବିମାନ ଯାତ୍ରା ନିରାପଦ। ନିକଟ ଅତୀତରେ ଘଟି ଯାଇଥିବା ବିମାନ ଦୁର୍ଘଟଣା, ଯାହା କେବଳ ବିମାନ ଭିତରେ ବସିଥିବା ଯାତ୍ରୀମାନଙ୍କ ଜୀବନ ନୁହେଁ, ବରଂ ସେମାନଙ୍କ କଲେଜ ହଷ୍ଟେଲ ଭିତରେ ଥିବା କିଛି ଡାକ୍ତରୀ ଛାତ୍ର ଏବଂ ସଡ଼କରେ ଯାତାୟାତ କରୁଥିବା କିଛି ଯାତ୍ରୀଙ୍କ ଜୀବନ ନେଇଛି, ତାହା ନିରାପତ୍ତାର ଉପରୋକ୍ତ ଧାରଣାକୁ ବଦଳାଇ ଦେଇ ନପାରେ, ଯଦିଓ ବିମାନ ଦୁର୍ଘଟଣାରେ ପ୍ରାଣ ହରାଇବା ବ୍ୟକ୍ତିମାନଙ୍କ ସଂଖ୍ୟାଜନିତ ପରିସଂଖ୍ୟାନରେ ଏହା ସାମାନ୍ୟ ପରିବର୍ତ୍ତନ ଘଟାଇବାର ସୁଯୋଗ ବହନ କରିଥାଏ। ଦୁର୍ଘଟଣା ସବୁବେଳେ ଦୁର୍ଘଟଣା ହୋଇଥାଏ, ତେବେ ଏହି କ୍ଷେତ୍ରରେ ଏବେ ସମସ୍ତେ ଯାହା ଜାଣିବାର ଆବଶ୍ୟକତା ରହିଛି, ତାହା ହେଉଛି- କାହିଁକି ଏୟାର ଇଣ୍ଡିଆର ବୋଇଂ ୭୮୭-୮ ବା ଅତି ସୁରକ୍ଷିତ ବିମାନ ଭାବରେ ବିବେଚନା କରାଯାଉଥିବା ଡ୍ରିମ୍‌ଲାଇନର ଉଡ଼ାଣ ଭରିବାର ମାତ୍ର ଅଳ୍ପ କେତେ ମିନିଟ୍ ପରେ ଊର୍ଦ୍ଧ୍ୱଗତି ହରାଇ ବସିଲା! ଏହାର କାରଣ କ'ଣ ଥିଲା- ବାୟୁର ତାପମାତ୍ରାରେ ଆଧିକ୍ୟ ଏବଂ ବିମାନ ଇଞ୍ଜିନ୍‌ର କାର୍ଯ୍ୟ କ୍ଷମତାରେ ଦୁର୍ବଳ ପ୍ରଦର୍ଶନ, ବିମାନ ଡେଣାରେ କିଛି ଅସୁବିଧା ଏବଂ ଏମିତିକି ପକ୍ଷୀମାନଙ୍କ ସହିତ ଧକ୍କା, ଭୁଲ୍ ଚାଳନା, ବିମାନର ଜାଳେଣିରେ କିଛି ଅସୁବିଧା ବା ଜାଳେଣିରେ ଅଭାବ ଇତ୍ୟାଦି ଯାହା ବିଶେଷଜ୍ଞମାନେ ଅନୁମାନ କରୁଛନ୍ତି ଅବତରଣକାରୀ ଗିୟର ତଥାପି ନିମ୍ନଗତି ଆପଣାଇଥିବାକୁ ଦେଖି ନା ଆଉ କିଛି? କେବଳ ଏକ ପୁଙ୍ଖାନୁପୁଙ୍ଖ ତଦନ୍ତ ହିଁ ସାମ୍ନାକୁ ଆଣି ପାରିବ ସର୍ବାଧିକ ସୁରକ୍ଷିତ ମନେ କରାଯାଉଥିବା ଏହି ବିମାନଟି ଦୁର୍ଘଟଣାର ସମ୍ମୁଖୀନ ହେବାର କାରଣକୁ।

ବିମାନ ଭିତରେ ଥିବା ୨୪୨ ଜଣ ଯାତ୍ରୀଙ୍କ ସମେତ ଡାକ୍ତରୀ ଛାତ୍ର ଏବଂ ଅନ୍ୟାନ୍ୟ ବ୍ୟକ୍ତିଙ୍କ ଜୀବନ ହାନି ଘଟାଇ ଥିବା ଏତେ ଭୟଙ୍କର ଦୁର୍ଘଟଣାର କାରଣ ଜାଣିବାକୁ ସମସ୍ତେ ଅପେକ୍ଷା କରିଥିବା ବେଳେ କେତେକ ପ୍ରଶ୍ନ ଅବଶ୍ୟ ଉତ୍ତରର ଅପେକ୍ଷା ରଖୁଛି। ୧୯୯୬ରେ ୩୯୬ ଲୋକ ପ୍ରାଣ ହରାଇ ଥିବା ହରିୟାନାର ଚରଖି-ଦାଦ୍ରି ଉପରେ ଆକାଶ ମାର୍ଗରେ ଘଟିଥିବା ବିମାନ ଦୁର୍ଘଟଣା ପରେ ଅହମଦାବାଦ ଦୁର୍ଘଟଣା ହେଉଛି ଅନ୍ୟତମ ଭୟଙ୍କର ଦୁର୍ଘଟଣା। ଗୁରୁବାର ପର୍ଯ୍ୟନ୍ତ କୌଣସି ଦୁର୍ଘଟଣାକୁ ସାମ୍ନା କରି ନଥିବାର ରେକର୍ଡକୁ ବହନ କରୁଥିବା ଡ୍ରିମ୍‌ଲାଇନର ଉଡ଼ାଣ ଭରିବା ପରେ ପରେ କାହିଁକି ହଠାତ୍ ଦୁର୍ଘଟଣାଗ୍ରସ୍ତ ହେଲା- ପ୍ରଶ୍ନଟି ସମ୍ପ୍ରତି ସମସ୍ତଙ୍କ ମନରେ ପ୍ରଥମ ପ୍ରଶ୍ନ ଭାବରେ ରହିଛି। ଏହି ବିମାନର ଦୁଇଗୋଟି ଇଞ୍ଜିନ୍ ରହିଥିବା ବେଳେ ଏକା ଥରକେ କ'ଣ ଦୁଇଟିଯାକ ଇଞ୍ଜିନ୍ ବିଫଳ ହେଲେ? ନିୟନ୍ତ୍ରଣ ବ୍ୟବସ୍ଥା କ'ଣ ବିଫଳ ହେଲା? ପକ୍ଷୀମାନଙ୍କ ତରଫରୁ ଏହା ଦୁର୍ଘଟଣାର ଶିକାର ହେଲା କି? ଜାଳେଣିରେ କିଛି ସଂକ୍ରମଣ ରହିଥିଲା କି? ନା ଆଉ କିଛି କାରଣ ରହିଛି ଏହା ପଛରେ। ଏସବୁ ଏବଂ ଆହୁରି ଅନେକ ପ୍ରଶ୍ନର ଉତ୍ତର କେବଳ ଏକ ପୁଙ୍ଖାନୁପୁଙ୍ଖ ନିରପେକ୍ଷ ତଦନ୍ତ ପରେ ଜଣା ପଡ଼ିବ, ତେବେ ଏଭଳି ଏକ ତଦନ୍ତ ପ୍ରକ୍ରିୟା ବେଶ୍ ଦୀର୍ଘ ସମୟ ନେବାର ସମ୍ଭାବନା ରହିଛି। ତଦନ୍ତ ନ ସରି କୌଣସି ସଠିକ୍ କାରଣ ନିର୍ଣ୍ଣୟ ନହେବା ପର୍ଯ୍ୟନ୍ତ କୌଣସି ସିଦ୍ଧାନ୍ତରେ ଉପନୀତ ହେବା ଠିକ୍ ନୁହେଁ କିମ୍ବା ବିମାନ ନିର୍ମାଣକାରୀ କମ୍ପାନୀ ବୋଇଂ ଉପରେ ସବୁ ଦୋଷ ଲଦିଦେବା ଉଚିତ ନୁହେଁ। ଏହି କ୍ଷେତ୍ରରେ ତଦନ୍ତ କାର୍ଯ୍ୟ ଏକ ବଡ଼ ଆହ୍ୱାନ ହେବ, କାରଣ ଏହା ଘଟିଛି ଏକ ସହରାଞ୍ଚଳରେ ଏବଂ କର୍ତ୍ତୃପକ୍ଷମାନଙ୍କ ଦ୍ୱାରା ସ୍ଥାନଟିକୁ ପ୍ରମାଣ ସଂଗ୍ରହ ନିମନ୍ତେ ସୁରକ୍ଷିତ ରଖାଯିବା ପୂର୍ବରୁ ସେଠାରେ ଅନେକ ସଂଖ୍ୟକ ଲୋକ ଜମା ହୋଇ ଯାଇଥିଲେ। ସେହି ସ୍ଥାନର ଏକ ସମ୍ପୂର୍ଣ୍ଣ ପରିଷ୍କରଣ ଆବଶ୍ୟକ- କେବଳ ଦୁର୍ଘଟଣାର କାରଣ ଜାଣିବା ପାଇଁ ପ୍ରମାଣ ସଂଗ୍ରହ ନିମନ୍ତେ ନୁହେଁ, ବରଂ ମୃତକମାନଙ୍କ ପରିଚୟକୁ ପ୍ରତିପାଦିତ କରିବା ନିମନ୍ତେ।

ଏଆଇ-୧୭୧ ଦୁର୍ଘଟଣା ମଧ୍ୟ ବିମାନ ନିରାପତ୍ତା ବାବଦରେ ରହିଥିବା ସମସ୍ତ ପ୍ରକାରର ସମସ୍ୟାଗୁଡ଼ିକୁ ତନ୍ନ ତନ୍ନ କରି ଜାଣିବା ପାଇଁ ଏକ ସୁଅବସର। ସମୟ ଅତିବାହିତ ହୋଇ ଚାଲିବା ସହିତ ବିମାନରେ ଯାତ୍ରା କରିବା ନିରାପଦ ହୋଇ ଚାଲିଛି, ତେବେ ଏହି ଧରଣର ଏକ ଦୁର୍ଘଟଣା ଅବଶ୍ୟ ସମ୍ପୃକ୍ତ ଉଦ୍ୟୋଗ ଉପରେ କଳାଛାଇଟିଏ ପକାଇବାର ସମସ୍ତ ସମ୍ଭାବନା ବହନ କରୁଛି, ଯେହେତୁ ଏହା ଭାରତରେ ବେଶ୍ ଦ୍ରୁତ ଗତିରେ ସମ୍ପ୍ରସାରିତ ହେଉଛି। ମଧ୍ୟବିତ୍ତ ବର୍ଗଙ୍କ ସମ୍ପ୍ରସାରଣ, ବ୍ୟୟ କରିବା ଭଳି ଆୟରେ ବୃଦ୍ଧି, ଏବଂ ବୃତ୍ତିଗତ ବାଧ୍ୟବାଧକତା ବିମାନ ଯାତ୍ରାର ଚାହିଦାକୁ ବୃଦ୍ଧି କରୁଛି। ଏହି ଚାହିଦାକୁ ମେଣ୍ଟାଇବା ନିମନ୍ତେ ନୂଆ ନୂଆ ବିମାନ ବନ୍ଦରମାନ ତିଆରି କରାଯାଉଛି ଏବଂ ବିଦ୍ୟମାନ ବିମାନ ବନ୍ଦରଗୁଡ଼ିକର ସମ୍ପ୍ରସାରଣ କରାଯାଉଛି। ବିମାନ ସେବା ଯୋଗାଉ ଥିବା ଉଭୟ ସ୍ୱଦେଶୀ ଏବଂ ବିଦେଶୀ କମ୍ପାନୀମାନେ ଯାତ୍ରୀମାନଙ୍କର ମନୋଭାବ ଓ ଆବଶ୍ୟକତାରୁ ଢେର୍ ଫାଇଦା ପାଉଛନ୍ତି ଏବଂ ନୂଆ ନୂଆ ସ୍ଥାନଗୁଡ଼ିକୁ ସେମାନଙ୍କ ସେବା ଯୋଗାଇବା ଲକ୍ଷ୍ୟସ୍ଥଳୀରେ ପରିସରଭୁକ୍ତ କରୁଛନ୍ତି; ସେମାନଙ୍କ ବିମାନ ଓ ଉଡ଼ାଣ ସେବାର ସଂଖ୍ୟାରେ ବୃଦ୍ଧି ଘଟାଉଛନ୍ତି। ୨୦୧୯ରୁ ୨୦୨୪- ମାତ୍ର ୫ ବର୍ଷ ମଧ୍ୟରେ ଘରୋଇ ରୁଟ୍‌ର ସଂଖ୍ୟା ୬୪୬ରୁ ୮୨୩କୁ ବୃଦ୍ଧି ପାଇଛି। ସମାନ ଅବଧିରେ ଘରୋଇ ଯାତ୍ରୀମାନଙ୍କ ସଂଖ୍ୟା ୨୦୧୯ରେ ୧୩୭.୬ ମିଲିଅନ୍‌ରୁ ୨୦୨୪ରେ ୨୨୮ ମିଲିଅନ୍‌କୁ ବୃଦ୍ଧି ପାଇଛି। ତେବେ, ଏହି ଉଦ୍ୟୋଗ ନିମନ୍ତେ ଗୁଣାତ୍ମକ ମାନର କର୍ମଚାରୀ ଯଥା ରକ୍ଷଣାବେକ୍ଷଣ ଇଞ୍ଜିନିୟର, ପାଇଲଟ୍, ଏମିତିକି ଗ୍ରାଉଣ୍ଡ୍ ଷ୍ଟାଫ୍‌ଙ୍କ ପର୍ଯ୍ୟନ୍ତ କର୍ମଚାରୀମାନଙ୍କ ଆବଶ୍ୟକତାକୁ ପୂରଣ କରିବା କଷ୍ଟକର ସାବ୍ୟସ୍ତ ହୋଇଛି। ଅପର ପକ୍ଷରେ ପାଇଲଟ୍ ପ୍ରଶିକ୍ଷଣରେ ଅବନତି ଦେଖା ଦେଇଛି। ଏହିସବୁ ଚିନ୍ତା ଏବଂ ଆଶଙ୍କା, ଯଦିଓ ଏଥିରେ କେତେକ ଅତିରଞ୍ଜନ ରହିଛି, ତଥାପି ଏସବୁ ଉପରେ ବିଚାର କରିବାର ଜରୁରୀ ଆବଶ୍ୟକତା ରହିଛି, କାରଣ ଏହା ଯାତ୍ରୀମାନଙ୍କୁ ସେମାନଙ୍କର ନିରାପତ୍ତା ସହିତ କୌଣସି ପ୍ରକାରର ବୁଝାମଣା କରାଯାଉ ନଥିବାର ଆଶ୍ୱାସନା ପ୍ରଦାନ କରିବା ନିମନ୍ତେ ଅନିବାର୍ଯ୍ୟ। ଭାରତୀୟ ବିମାନ ସେବା ହେଉଛି ଅର୍ଥନୀତିକ ଉଦାରୀକରଣର ଏକ ମହାନ କାହାଣୀ; ଦେଶ ବର୍ତ୍ତମାନ ବିଶ୍ୱର ତୃତୀୟ ବୃହତ୍ତମ ବିମାନ ସେବା ବଜାର। ସମ୍ପ୍ରତି କେନ୍ଦ୍ର ସରକାର ଭାରତକୁ ବିମାନ ସେବାର ଏକ ପେଣ୍ଠସ୍ଥଳୀରେ ପରିଣତ କରି ଦୁବାଇ ଏବଂ ସିଙ୍ଗାପୁର ଭଳି ବିମାନ ସେବା କେନ୍ଦ୍ରଗୁଡ଼ିକ ସହିତ ପ୍ରତିଯୋଗିତା କରିବାର ମନୋଭାବ ପୋଷଣ କରୁଛନ୍ତି। ଅହମଦାବାଦର ଦୁର୍ଘଟଣା ଏଭଳି ମହତ୍ତ୍ୱାକାଂକ୍ଷା ଉପରେ ପାଣି ପକାଇ ଦେଇପାରେ। ତେଣୁ ନେଡ଼ିଗୁଡ଼ କହୁଣିକୁ ବୋହିଯିବା ପୂର୍ବରୁ ସରକାର ଅହମଦାବାଦ ବିମାନ ଦୁର୍ଘଟଣାର କାରଣ, ଏଥିପାଇଁ ଦାୟୀ କାରଣକୁ ଜାଣି ନିଜର ଦାୟିତ୍ୱ ନିର୍ଦ୍ଧାରଣ, ଦୋଷୀଙ୍କ ଉପରେ ଦଣ୍ଡ ବିଧାନ କରିବା ସଙ୍ଗେ ସଙ୍ଗେ ଆବଶ୍ୟକୀୟ ପ୍ରତିଷେଧକ ବ୍ୟବସ୍ଥାମାନ ଯଥା ଶୀଘ୍ର ଗ୍ରହଣ କରିବା ଉଚିତ। ସେପରି ହେଲେ ଭବିଷ୍ୟତରେ ଏଭଳି ଦୁଃଖଦ ଦିନଗୁଡ଼ିକୁ ସହଜରେ ଏଡ଼ାଇ ଦିଆଯାଇ ପାରିବ।

# ଗଣପର୍ବ ରଜ: କାଳି ଓ ଆଜିର

ଓଡ଼ିଶାରେ ପାଳନ କରାଯାଉଥିବା ପର୍ବମାନଙ୍କ ମଧ୍ୟରେ ରଜ ଏକ ପ୍ରମୁଖ ପର୍ବ। ଏହାକୁ 'ପାର୍ବଣର ରାଣୀ' ବୋଲି କୁହାଯାଏ। ଅନ୍ୟାନ୍ୟ ପର୍ବମାନଙ୍କ ପରି ଏଥିରେ କୌଣସି ଦେବଦେବୀଙ୍କୁ ପୂଜା କରାଯାଏ ନାହିଁ। ତଥାପି ରଜରେ ଦୋଳି ଖେଳର ଆସର, ଗାଁ ଦାଣ୍ଡର ସେଇ କବାଡ଼ି ଖେଳ, ତାସ୍ ଖେଳ, ରଜ ପାନ ଓ ଘରେ ଘରେ ପ୍ରସ୍ତୁତ ହେଉଥିବା ପୋଡ଼ପିଠା ସମସ୍ତଙ୍କୁ ତିନି ଦିନ କାଳ ଏକ ନୂଆ ଦୁନିଆ ଭିତରେ ହଜାଇ ଦିଏ। ସ୍ନେହ ସୌହାର୍ଦ୍ଦ୍ୟ ଓ ଭାଇଚାରା ମଧ୍ୟରେ ସାମାଜିକ ଭିତ୍ତିଭୂମିକୁ ଦୃଢ଼ କରେ। ଆତ୍ମୀୟତା ଓ ବୁଝାମଣାର ବାତାବରଣ ସୃଷ୍ଟି କରେ। ତେଣୁ, ଏହି ଗଣପର୍ବ ରଜକୁ ଓଡ଼ିଶାବାସୀ ଉତ୍କଣ୍ଠା ଓ



ହିମାଂଶୁ ଶେଖର ଆଚାର୍ଯ୍ୟ

ଆବେଗର ସହ ଅପେକ୍ଷା କରିଥାନ୍ତି। ଏହି ପର୍ବଟି ମୁଖ୍ୟତଃ ଝିଅମାନଙ୍କର ପର୍ବ। ତଥାପି ପୁଅମାନେ ମଧ୍ୟ ଏହି ପର୍ବକୁ ଆନନ୍ଦ ଉଲ୍ଲାସର ସହ ପାଳନ କରିବାକୁ ଆଗେଇ ଆସିଥାନ୍ତି।

ଆମ ସଂସ୍କୃତି, ପରମ୍ପରା ଓ ଚଳଣିର ନିଚ୍ଛକ ପ୍ରତୀକ ହେଉଛି ରଜ ପର୍ବ। ପ୍ରକୃତି ସହିତ ଜୀବନକୁ ସରସ ସୁନ୍ଦର କରିବାର ସୁଯୋଗ ଦେଉଥିବା ଏହି ପର୍ବର ମୁଖ୍ୟ ଆକର୍ଷଣ ହେଉଛି ଦୋଳି ଖେଳ। ରଜଦୋଳି ସହିତ ରଜ ଗୀତର ମଜା ନିଆରା। ରଜଦୋଳିରେ ବସିବା ମାତ୍ରେ ପ୍ରତ୍ୟେକ ଓଡ଼ିଆ ଝିଅଙ୍କ କଣ୍ଠରୁ ଆପେ ଆପେ ବାହାରି ଆସେ- 'ବନସ୍ତେ ଡାକିଲା ଗଜ/ ବରଷକେ ଥରେ ଆସିଛି ରଜ/ ଆସିଛି ରଜଲୋ .../ ଘେନି ନୂଆ ସଜବାଜ।'

ରଜ ଦୋଳିରେ ବସି କୁଆଁରୀମାନଙ୍କ ସୁଲଳିତ କଣ୍ଠରୁ ଭାସି ଆସୁଥିବା ଏହି ଗୀତ ମନେ ପକାଇ ଦିଏ ରଜ ମଉଜକୁ। ପର୍ବର ରାଣୀ ସେ। ଭରିଦିଏ କୁଆଁରୀ ମନରେ ଅଫୁରନ୍ତ ଆନନ୍ଦ। ଦୋଳିର କଟମଟ ଶବ୍ଦରେ ପ୍ରକମ୍ପିତ ହୁଏ ଗାଁ ତୋଟା। ବିଶେଷକରି ପଟା ଦୋଳିରେ ଦୁଇ ସାଙ୍ଗ ପେଙ୍ଗ ମାରି ଦୋଳିକୁ ଉପରକୁ ଉଠାଇବା ଦୃଶ୍ୟ ବେଶ୍ ଉପଭୋଗ୍ୟ ହୁଏ। ତା'ସାଙ୍ଗକୁ ପୁଣି କୁଆଁରୀ କଣ୍ଠରୁ ଶୁଭେ- 'ରଜଦୋଳି କଟମଟ/ ମୋ ଭାଇ ମୁଣ୍ଡରେ ସୁନା ମୁକୁଟ/ ସୁନା ମୁକୁଟ ଲୋ .../ ଦିଶୁଥାଏ ଝଟଝଟ।' ଆଜି କିନ୍ତୁ ସେ ଦୋଳି ନାହିଁ କି ସେ ଗୀତ ନାହିଁ। ଶୁଣା ଯାଉନି ସେଇ କେଁ କଟର ଶବ୍ଦ। ସବୁଠି ଯେପରି ଗୋଟିଏ ବ୍ୟତିକ୍ରମର ଆବହାଓ୍ୱା।

ଉତ୍କଳୀୟ ପରମ୍ପରାରେ ବାର ମାସରେ ତେର ପର୍ବ ପାଳନ କରାଯାଏ। ଓଡ଼ିଶାର ପର୍ବ ବିଭିନ୍ନ ପରମ୍ପରାର ପ୍ରତିନିଧିତ୍ୱ କରିଥାଏ। ଏପରି ଏକ ପର୍ବ ହେଉଛି ରଜ, ଯାହା ମାଟି ସହ ମଣିଷକୁ ଯୋଡ଼ିଥାଏ, କାରଣ କନ୍ୟାଟି ରଜସ୍ୱଳା ହେଲେ ଯେପରି ଭାବରେ ବ୍ୟବହାର ପାଇଥାଏ, ଠିକ୍ ସେହିପରି ଏହି ରଜ ପର୍ବରେ ଆମର ଧରଣୀ ମାତାଙ୍କୁ ବ୍ୟବହାର ଦେଖାଯାଏ। ତେଣୁ ରଜସ୍ୱଳା ନାରୀ ପରି ମାଟି ମା'କୁ ଏହି ସମୟରେ ବିଶ୍ରାମ ଦିଆଯାଏ। ଉଦ୍ଦେଶ୍ୟ ହେଲା, ନାରୀମାନେ ରଜସ୍ୱଳା ପରେ ଯେପରି ସନ୍ତାନ ସୃଷ୍ଟି ପାଇଁ ସକ୍ଷମ ହୋଇଥାନ୍ତି, ଠିକ୍ ସେହିପରି ଆଦ୍ୟ ଆଷାଢ଼ର ବାରି ପାତରେ ମାତା ବସୁଧା ଫସଲ ଉତ୍ପାଦନ ପାଇଁ ସକ୍ଷମ ହୋଇଥାଏ। ଜ୍ୟେଷ୍ଠ ମାସର ଶେଷ ଦିନକୁ ପହିଲି ରଜ, ଆଷାଢ଼ ମାସର ପ୍ରଥମ ଦିନଟି ରଜ ସଂକ୍ରାନ୍ତି ଓ ତା' ପର ଦିନକୁ ଭୂଇଁ ନଅଁଣ ବା ଭୂମି ଦହନ କୁହାଯାଏ। ଚତୁର୍ଥ ଦିନ ବସୁମତୀ ସ୍ନାନ ପାଳନ ପରେ ଏହି ପର୍ବ ଶେଷ ହୁଏ। ରଜ ପର୍ବରେ ପୋଡ଼ପିଠାର ମଜା ନେବାକୁ କେହି ଭୁଲନ୍ତି ନାହିଁ। ଘରେ ଘରେ ରଜ ପୋଡ଼ପିଠା ପ୍ରସ୍ତୁତ ହୁଏ। ଏଇ ପୋଡ଼ପିଠା ବେଶ୍ ରୁଚିକର। ପିଠା ତିଆରି କରାଯାଇ ବନ୍ଧୁବାନ୍ଧବ ଓ ସାହି ପଡ଼ିଶାଙ୍କୁ ଦିଆ ଯାଇଥାଏ। ଉତ୍କଳର ଆରାଧ୍ୟ ଦେବତା ଜଗନ୍ନାଥଙ୍କ ଶ୍ରୀମନ୍ଦିରରେ ଏହି ପୋଡ଼ପିଠା ସବୁ ଦିନ ଭୋଗ ହେବାର ବିଧି ଅଛି। ସେହିପରି ନୂଆ ବିବାହିତ ଝିଅମାନଙ୍କ ଶାଶୂଘରୁ ରଜ ଭାର ଆସିଥାଏ। ରଜ ପର୍ବରେ ରଜ ପାନ ନଥିଲେ ସବୁକିଛି ମାଦାମାନ୍ଦା ଲାଗେ। ମୁଖ୍ୟତଃ ରଜରେ କେହି କୁଣିଆ ଆସିଲେ ନବବଧୂମାନେ ପାନଥାଳି ଧରି ରଜପାନ ଦେବାର ବିଧି ରହିଛି। ସେ ଛୋଟ ଝିଅଟିଏ ହେଉ କି ପରିଣତ ବୟସରେ ଉପନୀତ ହୋଇଥିବା ବୁଢ଼ାବୁଢ଼ୀ, ସମସ୍ତଙ୍କ ପାଟିରେ ରଜପାନ। ତାସ୍ ଖେଳ ହେଉ କି ଲୁଡୁ ଖେଳ, ସବୁଠି ରଜ ପାନର ଆସର। ରଜ ଦୋଳି ଯେପରି ଝିଅମାନଙ୍କ ପାଇଁ ଉଦ୍ଦିଷ୍ଟ, ସେହିପରି ପୁଅମାନେ କବାଡ଼ି ଖେଳିବା ପରମ୍ପରା କାହିଁ କେତେ କାଳରୁ ଚଳି ଆସୁଛି। ଗାଁ ପଡ଼ିଆରେ କବାଡ଼ି ଖେଳ ଦେଖିବା ପାଇଁ ଗ୍ରାମବାସୀ ବେଶ୍ ଭିଡ଼ ଜମାଇଥାନ୍ତି। କବାଡ଼ି ପ୍ରତିଯୋଗିତା ଜିତିବା ପାଇଁ ଗାଁ ଗାଁ ମଧ୍ୟରେ କବାଡ଼ି ପ୍ରତିଯୋଗିତା ଚାଲେ। ରଜ ସମୟରେ ଏଭଳି ପ୍ରତିଯୋଗିତା ଲୋକଙ୍କ ମଧ୍ୟରେ ଏକତା ସୃଷ୍ଟି କରେ।

ରଜ ହେଉଛି ଏକ ଆନନ୍ଦମୟ ପର୍ବ। ଆବାଳବୃଦ୍ଧବନିତା ସମସ୍ତଙ୍କ ମନ ପ୍ରାଣରେ ଏହା ଉଲ୍ଲାସ ଭରିଦିଏ। ଶାନ୍ତି, ମୈତ୍ରୀ ଓ ସୌହାର୍ଦ୍ଦ୍ୟ ବୃଦ୍ଧି କରିବାରେ ରଜ ପର୍ବର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ରଜ ପର୍ବ ପୂର୍ବ ଓଡ଼ିଶାରେ ତିନି ଦିନ ଧରି ପାଳନ କରା ଯାଉଥିବା ବେଳେ ପଶ୍ଚିମ ଓଡ଼ିଶାରେ ଏହା ପାଞ୍ଚଦିନ ଧରି ପାଳନ କରାଯାଏ। ତେଣୁ ଏହାକୁ ପଞ୍ଚ ପର୍ବ ମଧ୍ୟ କୁହାଯାଏ। ଏହି ପର୍ବ ଖାଲି ଓଡ଼ିଶାରେ ନୁହେଁ, କେରଳରେ 'ଓନାମ୍' ଓ ରାଜସ୍ଥାନରେ 'ତାଜ୍' ପର୍ବ ଭାବରେ ପାଳନ କରାଯାଏ। ସେ ଦୃଷ୍ଟିରୁ ରଜ ପର୍ବକୁ ଏକ ଅବସର ବିନୋଦନ ପର୍ବ କହିଲେ ଭୁଲ୍ ହେବନାହିଁ। କିନ୍ତୁ ଆଧୁନିକତାର ଛାପରେ ଧୀରେ ଧୀରେ ଏହି ଗଣପର୍ବ ତା'ର ସ୍ମୃତିଚିହ୍ନ ହରେଇବାକୁ ବସିଲାଣି। ବିଜ୍ଞାନର ଅଗ୍ରଗତି ଓ ସଭ୍ୟତାର ବିକାଶ ସାଙ୍ଗକୁ ଅବକ୍ଷୟମୁଖୀ ସଂସ୍କୃତି ଭିତରେ ରଜ ପର୍ବ ତା'ର ଚମକ ହରାଉଛି। ବିଦେଶରେ ରହୁଥିବା ଲୋକମାନେ ଏବେ ରଜରେ ଗାଁକୁ ଆସିବାକୁ ଆଗ୍ରହ ଦେଖାଉ ନାହାନ୍ତି। ଟେଲିଭିଜନ, କମ୍ପ୍ୟୁଟର, ମୋବାଇଲ ଯୁଗରେ ଏବଂ କ୍ରିକେଟ୍ ଖେଳର ପ୍ରସାର ଓ ପ୍ରଚାରର ଭିଡ଼ ଭିତରେ ଆଉ ପୂର୍ବ ଭଳି କବାଡ଼ି ଓ ବାଗୁଡ଼ି ଖେଳ ଦେଖିବାକୁ ମିଳୁନି। ଆଜିର ଆଧୁନିକ ନାରୀମାନେ ରଜ ସମୟରେ ଚୁଲିରେ କଦଳୀ ପତ୍ରରେ ପୋଡ଼ପିଠା ପ୍ରସ୍ତୁତ କରିବା ଅପେକ୍ଷା ଓଭନ୍‌ରେ କାଜୁ କିସମିସ୍ ଦିଆ କେକ୍ କରିବାକୁ ଅଧିକ ପସନ୍ଦ କରୁଛନ୍ତି। ଆଜିର ପାଠୋଇ ଝିଅମାନେ ରଜରେ ଗାଁ ବରଗଛ, ଆମ୍ବଗଛରେ ଦୋଳି ଖେଳିବା ଅପେକ୍ଷା ପାର୍କରେ ଲାଗିଥିବା ଦୋଳିକୁ ଅଧିକ ପସନ୍ଦ କରୁଛନ୍ତି। ଆଉ ରଜ ଦୋଳି ଗୀତ କଥା ନ କହିବା ଭଲ।

ଏବେ ଚିନ୍ତା କରିବାର ବେଳ ଆସିଛି। ଅପସଂସ୍କୃତିର ପଶାପାଲିରୁ ଆମ ସଂସ୍କୃତି ଓ ପରମ୍ପରାକୁ ରକ୍ଷା କରିବାକୁ ହେବ। ଅବଶ୍ୟ ଏବେ ଗାଁ ଗଣ୍ଡାରେ ଓ ସହରର କେତେକାଂଶରେ ରଜ ପର୍ବକୁ ଉଜ୍ଜୀବିତ ରଖିବା ପାଇଁ ପ୍ରୟାସ ଆରମ୍ଭ ହୋଇଛି। କେତେକ ସଂଗଠନ ଏଥିପାଇଁ ଆଗେଇ ଆସିଛନ୍ତି। ଓଡ଼ିଶାର ସଂସ୍କୃତିକୁ ବଜାୟ ରଖିବା ପାଇଁ ସେମାନଙ୍କ ତରଫରୁ ପୋଡ଼ପିଠା, କବାଡ଼ି, ରଜ ଦୋଳି ଓ ଗୀତ, ତାସ୍ ଖେଳ ଇତ୍ୟାଦିର ପ୍ରତିଯୋଗିତା ଆୟୋଜନ କରାଯାଉଛି। କିଛି ପରିମାଣରେ ଏହା ଆମ ହଜି ଯାଉଥିବା ପରମ୍ପରାକୁ ରକ୍ଷା କରିବାରେ ସକ୍ଷମ ହୋଇ ପାରିଛି। ସେଥିପାଇଁ ସେମାନେ ପ୍ରଶଂସାର ପାତ୍ର। ମାତ୍ର ଏହି ଅଭିଯାନରେ ଆମେ ସମସ୍ତେ ସାମିଲ ହେବା ଦରକାର।

ସଭାପତି, ସାରସ୍ୱତ ପରିଷଦ
ଜଗତସିଂହପୁର,
ମୋ: ୯୩୩୭୨୨୧୯୨୪

# ଆଧୁନିକ ଢାଞ୍ଚାରେ ରଜ ପର୍ବ

ଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ପାଳନ ହେଉଥିବା ଓଡ଼ିଶାରେ ବାର ମାସର ତେର ପର୍ବ ମଧ୍ୟରୁ ରଜ ଏକ ପାରମ୍ପରିକ ପର୍ବ, ଯାହାକୁ ସାଧାରଣରେ ଗଣପର୍ବ କୁହାଯାଏ। ନିପଟ ମଫସଲ ଗ୍ରାମାଞ୍ଚଳରୁ ଆରମ୍ଭ କରି ସହରାଞ୍ଚଳ ଯାଏଁ ଏହି ପର୍ବ ଧୁମ୍‌ଧାମ୍‌ରେ ଚାରି ଦିନ ଧରି ପାଳିତ



କ୍ଷୀରୋଦିନୀ ବେହେରା

ହୋଇଥାଏ। ରଜ ସଂକ୍ରାନ୍ତିର ପୂର୍ବ ଦିନକୁ ପହିଲି ରଜ ବା ପାଣିବୁହା ରଜ, ଦ୍ୱିତୀୟ ଦିନକୁ ରଜ ସଂକ୍ରାନ୍ତି, ତୃତୀୟ ଦିନକୁ ଭୂମିଦାହ ବା ଭୂମି ଦହନ ଏବଂ ଚତୁର୍ଥ ତଥା ଅନ୍ତିମ ଦିନକୁ ବସୁମତୀ ସ୍ନାନ ବା ମହାଲକ୍ଷ୍ମୀ ଦିନ କୁହାଯାଏ। ରଜ ଶବ୍ଦର ଆକ୍ଷରିକ ଅର୍ଥ ରଜବତୀ ହେବା, ଯାହା ପୃଥିବୀକୁ ମାତା ଭାବରେ ବିବେଚନା କରି ବର୍ଷାର ଆଗମନରେ ସେ ରଜସ୍ୱଳା ହୋଇଥାନ୍ତି ବୋଲି ବୁଝାଯାଏ। ଅର୍ଥାତ୍ ଧରିତ୍ରୀ ମାତା ଋତୁମତୀ ହୋଇଥାନ୍ତି। ଏଥିପାଇଁ କୃଷକମାନେ ତିନି ଦିନ ପାଇଁ ହଳ ଲଙ୍ଗଳ ପୂଜା କରି କୃଷି କର୍ମରୁ ଅବ୍ୟାହତି ନେଇ ବସୁଧା ମାତାଙ୍କୁ ବିଶ୍ରାମ ଦିଅନ୍ତି। ଏଭଳି ନୀତି ନିୟମ ଭିତରେ ଥିବା କେଉଁ ପ୍ରାଚୀନ କାଳରୁ ଓଡ଼ିଶାରେ ପାଳିତ ହୋଇ ଆସୁଥିବାରୁ ରଜକୁ ମଧ୍ୟ ଏକ କୃଷିଭିତ୍ତିକ ପର୍ବ ଭାବେ ଗ୍ରହଣ କରାଯାଇଛି।

ଓଡ଼ିଶାର ସଂସ୍କୃତିରେ ଏହି ମହାନ୍ ପାରମ୍ପରିକ ଗଣପର୍ବର ପୋଡ଼ପିଠା, ରଜ ପାନ ଓ ରଜ ଦୋଳିର ଯଥେଷ୍ଟ ଆକର୍ଷଣ ରହିଥାଏ। ସେଥି ମଧ୍ୟରୁ ରଜ ପୋଡ଼ପିଠାର ସ୍ୱାଦ ତୃପ୍ତିକର ଏବଂ ନିଆରା। ଏହା ଶ୍ରୀଜଗନ୍ନାଥଙ୍କର ଅତ୍ୟନ୍ତ ପ୍ରିୟ ପିଠା ଏବଂ ରୁଚିକର ବୋଲି ପ୍ରାଚୀନ ଶାସ୍ତ୍ର କୁହେ। ତେବେ ରଜ ପାନ ଓଡ଼ିଆମାନଙ୍କ ମୁଖ ବିନ୍ୟାସର ଶ୍ରେଷ୍ଠ ସମ୍ପଦ। ଏହା ଓଡ଼ିଶାର ସଂସ୍କୃତିରେ ଭାବ ଆଦାନପ୍ରଦାନ କରିବାରେ ମୁଖ୍ୟ ଭୂମିକା ନିର୍ବାହ କରେ ଏବଂ ରଜ ପର୍ବର ଅନ୍ୟତମ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟେ। ଏହି ଅବସରରେ ଝିଅ ବୋହୂମାନେ ବିଶେଷକରି କୃଷି




ଗୀତ ଗାନ କରିଥାନ୍ତି। ତା' ସହିତ ସେମାନଙ୍କ ପାଟିରେ ପାନଖିଲ ଜାକି ଦୋଳି ଖେଳିବାର ଦୃଶ୍ୟ ଅତି ନିଆରା। ଏତେବେଳେ ସେମାନଙ୍କ କଣ୍ଠରୁ ଭାସିଆସେ ପାରମ୍ପରିକ ରଜ ଦୋଳି ଗୀତ, 'ରଜ ଦୋଳି କଟକଟ/ ମୋ ଭାଇ ମୁଣ୍ଡରେ ସୁନା ମୁକୁଟ ଲୋ ଦିଶୁଥାଇ ଝଟଝଟ।' ତେବେ ଝିଅ ବୋହୂମାନଙ୍କ ଭବିଷ୍ୟତ ସାଂସାରିକ ଜୀବନ ସୁଖମୟ କରିବାକୁ ରଜ ପର୍ବର କଳ୍ପନା କରାଯାଏ। ରଜ ପର୍ବର ବିଧି ବିଧାନକୁ ସେମାନେ ନିଜେ ପାଳନ କରି ଜଣେ ମା'ର କର୍ତ୍ତବ୍ୟକୁ ସୁଚାରୁ ରୂପେ ତୁଲାଇ ପାରିବେ ଏବଂ ଭବିଷ୍ୟତରେ ନିଜ ଝିଅମାନଙ୍କୁ ନିଜ ଅନୁଭୂତିରୁ ଶିଖି ସଂସାର ନିୟମ ଶିଖାଇବା ହେଉଛି ଏହି ପର୍ବର ଉଦ୍ଦେଶ୍ୟ। ତେଣୁ ଅନ୍ୟାନ୍ୟ ପର୍ବ ମଧ୍ୟରୁ ରଜ ଓଡ଼ିଆଙ୍କର ଏକ ସ୍ୱତନ୍ତ୍ର ପର୍ବ ଅଟେ। ଝିଅ ବୋହୂମାନଙ୍କର ଯଥେଷ୍ଟ ସମ୍ମାନ ରହିଛି ବୋଲି ଏହାକୁ ଝିଅମାନଙ୍କ ପର୍ବ କହିଲେ ଅତ୍ୟୁକ୍ତି ହେବନାହିଁ। ଅବିବାହିତ ଝିଅମାନେ ପାଦରେ ଅଳତା, ମଥାରେ ବିନ୍ଦି, ହାତରେ ରଙ୍ଗବେରଙ୍ଗର ଚୁଡ଼ି ତଥା ବିଭିନ୍ନ ରତ୍ନ ଅଳଙ୍କାର ପିନ୍ଧି ନିଜକୁ ସଜେଇ ରଖିଥାନ୍ତି ଏବଂ ଶାଢ଼ି ପିନ୍ଧି ରଜ ଦୋଳି ଖେଳ, ପୁଚି ଖେଳ ଆଦିରେ ସମୟ ଅତିବାହିତ କରିଥାନ୍ତି। ଏହି ଦିନ ଧରିତ୍ରୀ ମା'କୁ ସମ୍ମାନ ଦେଇ କେହି ଭୂଇଁ ଉପରେ ଖାଲି ପାଦରେ ନଚାଲି ପତ୍ର/ ଖୋଳପାରେ ତିଆରି ପାଦୁକାରେ ଭୂଇଁ ଉପରେ ଚାଲିବାର ବିଧି ରହିଛି। ଏହି ଅବସରରେ ପୁଅମାନଙ୍କର କବାଡ଼ି ଓ ବୋହୂଚୋରି ଖେଳ ଜମେ। ତା' ପରେ ରାତ୍ରି ସମୟରେ ଯୁବକ ଓ ଯୁବତୀମାନଙ୍କ ପାଇଁ ନାଚ ଗୀତର ପ୍ରତିଯୋଗିତା ଆସର କରାଯାଏ। ଏହିପରି ଭାବରେ ରଜ ମଉଜ ଧୁମ୍‌ଧାମ୍‌ରେ ଓଡ଼ିଶାରେ ପାଳନ ହୁଏ। କିନ୍ତୁ ଯୁଗ ଅନୁସାରେ ପୁରୁଣା ରୁଚିରେ ଅନେକ ପରିବର୍ତ୍ତନ ଦେଖା ଦେଲାଣି। ଏବେ ଯାତ୍ରା ସିନେମାଠାରୁ ଆରମ୍ଭ କରି ଘରେ ଘରେ ଟିଭି ହେଲାଣି। ସମସ୍ତଙ୍କ ହାତରେ ମୋବାଇଲ ହ୍ୟାଣ୍ଡସେଟ୍ ରହିଲା। ତେଣୁ ଲୋକମାନେ ଚାରି ଦିନ କାଳ ପର୍ବ ମାନିବାକୁ ନାପସନ୍ଦ କଲେଣି। ମଉଜ ମଜଲିସ୍ ଏବେ ଡେଟିଂ ଇଣ୍ଟରନେଟ୍ ଚାଟିଂରେ ରୂପାନ୍ତରିତ ହେଲାଣି। ପୁଅ ଝିଅମାନେ ପାର୍କରେ ଯାଇ ମଉଜ ମସ୍ତି କରୁଛନ୍ତି। କେବଳ ସହରାଞ୍ଚଳ ନୁହେଁ, ଗ୍ରାମାଞ୍ଚଳରେ ମଧ୍ୟ ସମାନ ପରିସ୍ଥିତି ହେଲାଣି। ନାମକୁ ମାତ୍ର ପିଠାପଣାର ଆୟୋଜନ କରାଯାଉଛି। କାଁ ଭାଁ କେଉଁଠି ଦଉଡ଼ି ଦୋଳିରେ ସ୍ୱଳ୍ପ ସମୟ ପାଇଁ ରଜ ଦୋଳି ଖେଳା ଯାଉଛି। ହେଲେ ରଜ ଗୀତ ଶୁଣିବାକୁ ଆଉ ମିଳୁନାହିଁ। ସମୟ ବଦଳି ଗଲାଣି, ଲୋକଙ୍କ ମାନସିକତାରେ ମଧ୍ୟ ପରିବର୍ତ୍ତନ ହେଲାଣି। ଆଉ ଆମ ପାରମ୍ପରିକ ଖାଦ୍ୟ ଏଣ୍ଡୁରି ପିଠା, ଚକୁଳି, ଆରିସା, ଇଟିଲି, ବରା, ପୋଡ଼ପିଠାର ମହକ ପିଲାଙ୍କୁ ଆକୃଷ୍ଟ କରୁନି। ସେସବୁର ସ୍ଥାନ ନେଇଛି ପିଜା, ବର୍ଗର୍, ସ୍ୟାଣ୍ଡଉଇଚ୍, ମୋମୋସ୍ ଆଦି। ଦୋଳି, କବାଡ଼ି ଆଦି ଖେଳ ଛାଡ଼ି ପିଲାମାନେ ମୋବାଇଲ ଖେଳରେ ମାତୁଛନ୍ତି। ଏସବୁର ଅନ୍ତ କରି ରଜ ପର୍ବ ପରି ଏକ ଗଣପର୍ବର ମହତ୍ତ୍ୱ ପିଲାଙ୍କୁ ବୁଝେଇବାକୁ ହେବ। ଏ ଦିଗରେ ବାପା, ମା'ମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ନହେଲେ ରଜ ପର୍ବ ଭବିଷ୍ୟତରେ ସାମାଜିକ ଗଣମାଧ୍ୟମ ମଧ୍ୟରେ ସୀମିତ ହୋଇ ରହିଯିବ।

ଚନ୍ଦ୍ରଶେଖରପୁର, ଭୁବନେଶ୍ୱର
ମୋ: ୯୭୭୭୨୯୦୦୨

ଲେଖା ପଠାଇବାର ଠିକଣା, ସମ୍ପାଦକ, 'ନିତିଦିନ', Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, e-mail: nitidinedit@gmail.com

## ବନ କର୍ମଚାରୀଙ୍କୁ ଆକ୍ରମଣ, ୮ ଗିରଫ



**କେନ୍ଦୁଝର,୧୫।୬/ଏନ୍ଏନ୍ଏସ୍:** ବଡ଼ବିଲ ରେଞ୍ଜ ଗୁଆଲି ସେକ୍ସନ୍ କାରୋ ସଂରକ୍ଷିତ ଜଙ୍ଗଲରେ ଗତ ୧୪ ତାରିଖ ସକାଳେ ବନଜାତ ଦ୍ରବ୍ୟ ସଂଗ୍ରହ କରିବାକୁ ଯାଇଥିବାବେଳେ ବଣୁଆ ହାତୀ ଆକ୍ରମଣରେ ରୀନା ମୁଣ୍ଡାଙ୍କ ମୃତ୍ୟୁ ହୋଇଥିବାବେଳେ ତାଙ୍କ ସ୍ୱାମୀ ରାଜୁ ମୁଣ୍ଡା ଗୁରୁତର ଆହତ ହୋଇଥିଲେ। ଏନେଇ ବନ ବିଭାଗ ସୂଚନା ପାଇ ଘଟଣାସ୍ଥଳକୁ ଯାଇ ସେମାନଙ୍କୁ ଆମ୍ବୁଲାନ୍ସ ଓ ଅଫିସ୍ ଗାଡ଼ିରେ ଆଣିବା ବେଳେ କେନ୍ଦୁଡ଼ିହି ଗ୍ରାମ ନିକଟରେ ଗାଡ଼ି ଅଟକାଇ ଗୁଆଲି ଫରେଷ୍ଟର୍ ଶରତ କୁମାର ପଟ୍ଟନାୟକ, ପ୍ରୋଟେକ୍ସନ୍ ସ୍କ୍ୱାର୍ଡର କର୍ମଚାରୀ ମୂରଲୀଧର ନାୟକ, ବଚନ ମୁଣ୍ଡା ଓ ଶିବ ନାଏକଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ୨ ଘଣ୍ଟା ଧରି ଫରେଷ୍ଟର୍ ଶରତ କୁମାର ପଟ୍ଟନାୟକଙ୍କୁ ସ୍ଥାନୀୟ ଲୋକ ସଂଘବଦ୍ଧ ହୋଇ ମରଣାନ୍ତକ ଆକ୍ରମଣ କରିଥିଲେ। ଏହି ଘଟଣାକୁ କେନ୍ଦ୍ର କରି ଶନିବାର ସନ୍ଧ୍ୟାରେ ଓଡ଼ିଶା ନନ୍‌ଗେଜେଟେଡ୍ ଫରେଷ୍ଟ ସର୍ଭିସ୍ ଆସୋସିଏସନ୍ ପକ୍ଷରୁ ଶତାଧିକ ବନ କର୍ମଚାରୀ କେନ୍ଦୁଝର ବନଖଣ୍ଡ କାର୍ଯ୍ୟାଳୟ ଆସି ଶାନ୍ତିପୂର୍ଣ୍ଣ ଭାବେ ପ୍ରତିବାଦ କରି ଘେରାଉ କରିଥିଲେ। ଅପରାଧୀଙ୍କୁ ୪୮ ଘଣ୍ଟା ମଧ୍ୟରେ ଗିରଫ ଏବଂ ଅନ୍ୟ ଦାବି ଉପରେ ବନଖଣ୍ଡ ଅଧିକାରୀ ସଂଘର କର୍ମକର୍ତ୍ତାଙ୍କ ସହ ଆଲୋଚନା ପରେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ରବିବାର ରୁଗୁଡ଼ି ପୁଲିସ ଏହି ମାମଲାରେ ୮ ଜଣଙ୍କୁ ଗିରଫ କରିଛି। ମୁଖ୍ୟ ଅଭିଯୁକ୍ତମାନେ ଏବେ ବି ଫେରାର୍ ଅଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ କେନ୍ଦୁଡ଼ିହି ଗ୍ରାମର ସାଗର ସେଠୀ(୪୫), ସାଗର ସେଠୀଙ୍କ ପତ୍ନୀ ବନବାସ ସେଠୀ(୩୫), ଦେବ ମହାକୁଡ଼ ଓରଫ୍ ଦାମ (୨୦), ମୁନା ମହାକୁଡ଼ (୨୮), ପୁରନ୍ଦର ମହାକୁଡ଼(୨୦), ସୁରେନ୍ଦ୍ର ମହାକୁଡ଼(୨୩), ସାମଲ ମହାକୁଡ଼ (୧୯) ଓ ଭାସ୍କର ନାଏକ(୪୦)। ରୁଗୁଡ଼ି ଥାନାରେ ଏକ ମାମଲା ରୁଜୁ ହୋଇଛି।

## ‘ଲୋକଙ୍କ ସରକାରରେ ଅଫିସର୍‌ରାଜ୍‌କୁ ସମାପ୍ତ କରାଯାଇଛି’

**ବାରିପଦା,୧୫।୬/ଏନ୍ଏନ୍ଏସ୍:** କେନ୍ଦ୍ରରେ ବିଜେପି ସରକାରର ତୃତୀୟ ପାଳିର ପ୍ରଥମ ବର୍ଷ ଏବଂ ରାଜ୍ୟରେ ପ୍ରଥମ ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ମନ୍ତ୍ରୀ ଡ଼. କୃଷ୍ଣ ଚନ୍ଦ୍ର ମହାପାତ୍ର ସରକାରଙ୍କ ୧ ବର୍ଷର ରିପୋର୍ଟ ପ୍ରଦାନ କରିଛନ୍ତି। ଶ୍ରୀ ମହାପାତ୍ର କହିଛନ୍ତି ଯେ ଓଡ଼ିଶାରେ ଦୀର୍ଘ ବର୍ଷ ଧରି ଚାଲିଥିବା ସରକାରରେ ଲୋକେ ମୁଖ୍ୟମନ୍ତ୍ରୀଙ୍କ ଭେଟ ପାଉ ନଥିଲେ। ଫଳରେ ରାଜ୍ୟରେ ଅଫିସର୍ ରାଜ୍ ଚାଲିଥିଲା। ମାତ୍ର ବିଜେପି ସରକାର ୧ ବର୍ଷ ମଧ୍ୟରେ ଓଡ଼ିଶାରେ ଏକ ଲୋକାଭିମୁଖୀ ସରକାର ଚଳାଇବାରେ ସକ୍ଷମ ହୋଇଛନ୍ତି। ଏବେ ମୁଖ୍ୟମନ୍ତ୍ରୀ ଲୋକଙ୍କ ନିକଟକୁ ଯାଉଛନ୍ତି। ଜନଅଭିଯୋଗ ଶୁଣାଣି ଶିବିରମାନ ଆୟୋଜନ କରି ମୁଖ୍ୟମନ୍ତ୍ରୀ ସିଧାସଳଖ ଲୋକଙ୍କ ଅଭିଯୋଗ ଶୁଣିବା ସହିତ ଇତିମଧ୍ୟରେ ୮୬ ପ୍ରତିଶତରୁ ଅଧିକ




ଅଭିଯୋଗର ସମାଧାନ କରୁଛନ୍ତି। ସେହିପରି ବିଜେପି ନିର୍ବାଚନ ବେଳେ ଲୋକଙ୍କୁ ଦେଇଥିବା ୨୧ଟି ପ୍ରତିଶ୍ରୁତି ମଧ୍ୟରୁ ଏକ ବର୍ଷ ମଧ୍ୟରେ ୧୧ଟି ପୂରଣ କରିଛି। ବାକି ୪ ବର୍ଷ ମଧ୍ୟରେ ସମସ୍ତ ପୂରଣ କରାଯିବ।

ସେହିପରି ମୟୂରଭଞ୍ଜ ଜିଲ୍ଲାର ବିକାଶ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ତତ୍ପରତା ଦେଖାଇଛନ୍ତି। ବୁଢ଼ାମରା-ଚାକୁଳିଆ, ବାଙ୍ଗିରିପୋଷି- ଗୋରୁମହିସାଣି ଓ ଟାଟା ବାଦାମ ପାହାଡ଼ ୩ଟି ରେଳ ପ୍ରକଳ୍ପ ମଞ୍ଜୁର ହୋଇଥିବା ବେଳେ ବର୍ତ୍ତମାନ ଜମି ଅଧିଗ୍ରହଣ ଚାଲିଛି। ବାରିପଦାରେ ବାଇପାସ୍ ରେଳପଥ ନିର୍ମାଣ, ଦୁଆରଶୁଣି ଘାଟି ରାସ୍ତା ପ୍ରଶସ୍ତିକରଣ, ବାରିପଦା-ବୁଢ଼ାବଳଙ୍ଗ ନଦୀରେ ବହୁପ୍ରତିକ୍ଷୀତ ଆଡ଼ିବନ୍ଧ ନିର୍ମାଣ, ଷ୍ଟେସନ୍ ବଜାର ହାଟର ଆଧୁନିକୀକରଣ, ଜୁବୁଲି ପାର୍କର ଉନ୍ନତିକରଣ, ପାଲବଣି ବାଇପାସ୍ ନିକଟକୁ ବସ୍‌ଷ୍ଟାଣ୍ଡ ସ୍ଥାନାନ୍ତରଣ ସହ ଟାଉନ ବସ୍ ପ୍ରଚଳନ ଓ ଜିଲ୍ଲାରେ ଏକ ଗ୍ରୀନ୍ ହାଇଡ୍ରୋଜେନ୍ ପ୍ଲାଣ୍ଟ ସ୍ଥାପନ ଆଦି ବହୁ ପଦକ୍ଷେପ ନିଆଯାଇଛି। ଏହାସହ ୨୦୩୬ରେ ଗଠିତ ହେବାକୁ ଥିବା ବିକଶିତ ଓଡ଼ିଶାରେ ମୟୂରଭଞ୍ଜ ତଥା ବାରିପଦା ୧ ନମ୍ବର ହେବ ବୋଲି ମନ୍ତ୍ରୀ ଶ୍ରୀ ମହାପାତ୍ର କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ବିଜେପି ପୂର୍ବ ସଂଗଠନ ଜିଲ୍ଲା ସଭାପତି ନିହାର

**୨୧ ନିର୍ବାଚନୀ ପ୍ରତିଶ୍ରୁତିରୁ ୧ ବର୍ଷରେ ୧୧ ପୂରଣ ହୋଇଛି**

**ଉତ୍ତରଦାୟୀ ସରକାର ରିପୋର୍ଟ କାର୍ଡ ପ୍ରଦାନ କରୁଛନ୍ତି**

ରଞ୍ଜନ ମୋଦୀ ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାରିପଦା ବିଧାୟକ ପ୍ରକାଶ ସୋରେନ, ରାଜ୍ୟସଭା ସାଂସଦ ମମତା ମହାନ୍ତ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁଜାତା ମୁର୍ମୁ, ପୂର୍ବତନ ବିଧାୟକ ତଥା ଜିଲ୍ଲା ସଭାପତି କାହ୍ନ ସୋରେନ ଓ ରାଜ୍ୟ ପ୍ରବକ୍ତା କବି ବିଷ୍ଣୁ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।

## ବିଧାୟକଙ୍କ ବାଘାଯତୀନ ସ୍ମୃତିପୀଠ ପରିଦର୍ଶନ

**୧ କୋଟି ଅନୁଦାନ ଖର୍ଚ୍ଚ ନେଇ ଆଲୋଚନା**



**ବାଲେଶ୍ୱର,୧୫।୬/ଏନ୍ଏନ୍ଏସ୍:** ସରକାରୀ ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଓଟିଡ଼ିସି ସହକାରୀ ଯନ୍ତ୍ରୀ ଏବଂ କନିଷ୍ଠ ଯନ୍ତ୍ରୀଙ୍କୁ ନେଇ ରବିବାର ସକାଳେ ଚଷାଖଣ୍ଡ ପଞ୍ଚାୟତସ୍ଥିତ ଶହୀଦ ବାଘାଯତୀନଙ୍କ ସ୍ମୃତିପୀଠ ପରିଦର୍ଶନ କରିଛନ୍ତି। ସୂଚନାନୁଯାୟୀ ରାଜ୍ୟ ସରକାରଙ୍କ ପକ୍ଷରୁ ବାଘାଯତୀନ ସ୍ମୃତିପୀଠର ଉନ୍ନତି ପାଇଁ ୧ କୋଟି ଟଙ୍କା ଅନୁଦାନ ମିଳିଥିବାବେଳେ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ ଜରିଆରେ କାର୍ଯ୍ୟ ସମ୍ପାଦନ ହେବ। ତେବେ ଏହି ଅନୁଦାନ କିଭଳି ସଠିକ୍ ଭାବେ ବିନିଯୋଗ ହୋଇପାରିବ ସେ ସମ୍ବନ୍ଧରେ ଓଟିଡିସିର ସହକାରୀ ଯନ୍ତ୍ରୀ ଏବଂ କନିଷ୍ଠ ଯନ୍ତ୍ରୀଙ୍କ ସହ ବିଧାୟକ ଶ୍ରୀ ଦାସ ବିଶଦ ଆଲୋଚନା କରିଥିଲେ। ଏହି ଆଲୋଚନାରେ ସ୍ମୃତିପୀଠର ରୂପରେଖ ନେଇ ଏକ ଡିପିଆର୍ ପ୍ରସ୍ତୁତ ନିମନ୍ତେ ବିଧାୟକ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ୧ କୋଟି ଟଙ୍କା ବିନିମୟରେ ପ୍ରଥମେ ବାଉଣ୍ଡରି ୱାଲ୍, ସ୍ୱାଗତମ୍ ଗେଟ୍, ଶହୀଦ ବାଘାଯତିନଙ୍କ ପ୍ରତିମୂର୍ତ୍ତି, ପୋଖରୀ ଚାରି ପାଖରେ ପ୍ରୋଟେକ୍ସନ ୱାଲ୍, ପୋଖରୀ ଘାଟ, ରାସ୍ତା ଓ ପୋଖରୀ ପାର୍ଶ୍ୱରେ ଲାଇଟ୍, ନୂତନ ଗେଷ୍ଟ ହାଉସ୍ ଓ ଅଫିସ୍ କୋଠରୀ ଆଦିର ନିର୍ମାଣ କରାଯିବ। ଏହି ଅବସରରେ ସାଂସଦଙ୍କ ପ୍ରତିନିଧି ଉମାକାନ୍ତ ପଣ୍ଡା, ବିଧାୟକଙ୍କ ପ୍ରତିନିଧି କାର୍ତ୍ତିକ ଚନ୍ଦ୍ର ଗିରି, ବ୍ୟକ୍ତିଗତ ସହାୟକ କୃଷ୍ଣ ଚନ୍ଦ୍ର ସାହା, ମଣ୍ଡଳ ସଭାପତି ଉମାକାନ୍ତ ଜେନା, ସ୍ମୃତି କମିଟିର ସମ୍ପାଦକ ସର୍ବେଶ୍ୱର ମହାନ୍ତି, ଜୟନ୍ତ ମଣ୍ଡଳ, ନରେନ୍ଦ୍ର ନାୟକ, ସରୋଜ ଗୋଚ୍ଛାୟତ, ସାବିର ଖାନ୍, ଶେଖ ସୁଜାଉଦ୍ଦିନ, ଶେଖ ହାକି, ନିରଞ୍ଜନ ନାୟକ, ବିଜୟ କୁମାର ନାୟକ ଓ ଚନ୍ଦନ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ସୋରରେ ଡ୍ରିଙ୍କ୍ ଏଣ୍ଡ ଡ୍ରାଇଭ୍ ଯାଞ୍ଚ



**ସୋର,୧୫।୬/ଏନ୍ଏନ୍ଏସ୍:** ସୋର ପୌରପାଳିକା ଅନ୍ତର୍ଗତ ବରଫକଳ ଏବଂ କୋର୍ଟ ଛକରେ ସୋର ଅବକାରୀ ଓ ପରିବହନ ବିଭାଗ ପକ୍ଷରୁ ଡ୍ରିଙ୍କ୍ ଏଣ୍ଡ ଡ୍ରାଇଭ୍ ଯାଞ୍ଚ କରାଯାଇ ଜରିମାନା ଆଦାୟ କରାଯାଇଛି। ରାଜ୍ୟ ସରକାରଙ୍କ ‘ଆମର ସଙ୍କଳ୍ପ ନିଶା ନୁହେଁ ଜୀବନ’ କାର୍ଯ୍ୟକ୍ରମ ଆନୁକୂଲ୍ୟରେ ବାଲେଶ୍ୱର ଆଞ୍ଚଳିକ ପରିବହନ ବିଭାଗର ଅତିରିକ୍ତ ଆର୍‌ଟିଓ ସାବିତ୍ରୀ ହେମ୍ବ୍ରମ୍ ଓ ସୋର ଅବକାରୀ ଅଧିକାରୀ ସୁରଜ କୁମାର ଟୀଗାଙ୍କ ନେତୃତ୍ୱରେ ଏହି ଯାଞ୍ଚ କରାଯାଇଥିଲା। ଏହି ସମୟରେ ଜଣେ ବାଇକ୍ ଚାଳକ, ଜଣେ ଅଟୋ ଚାଳକ ଓ ୩ ଜଣ ଟ୍ରକ୍ ଚାଳକ ମଦପିଇ ଗାଡ଼ି ଚାଳନା କରୁଥିବା ବେଳେ ଏହି ଟିମ୍ ତାଙ୍କୁ ଧରିଥିଲେ। ଏନେଇ ୫ଟି ମାମଲା କରାଯାଇ ୮୬ ହଜାର ଟଙ୍କା ଜରିମାନା

**୮୬ ହଜାର ଜରିମାନା ଆଦାୟ**

ଆଦାୟ କରାଯାଇଛି। ଏହି ଚଢ଼ଉରେ ଅବକାରୀ ଏଏସ୍‌ଆଇ ବସନ୍ତ ବାରିକ, କନେଷ୍ଟବଳ ଶଶୀକାନ୍ତ ସାହୁ ଓ କାଜଲ ପ୍ରିୟଦର୍ଶିନୀଙ୍କ ସମେତ ପରିବହନ ବିଭାଗର କର୍ମଚାରୀମାନେ ସାମିଲ ହୋଇଥିଲେ।

**ବିଦ୍ୟୁତ୍ ଆଘାତରେ ଶ୍ରମିକଙ୍କ ମୃତ୍ୟୁ ଘଟଣା**


## ଶୁଦ୍ଧିକ୍ରିୟା ପାଇଁ ‘ଆପଣ ଏକା ନୁହଁନ୍ତି’ ସଂଗଠନର ସହାୟତା



**ଖଇରା,୧୫।୬/ଏନ୍ଏନ୍ଏସ୍:** ବାଲେଶ୍ୱର ଜିଲ୍ଲା ଖଇରା ଥାନା ଝିଙ୍କିରିଆ ପଞ୍ଚାୟତ ଅନ୍ତର୍ଗତ ଗଗନଧୂଳୀ ଗ୍ରାମରେ ପାଇଖାନା ଟାଙ୍କି ନିର୍ମାଣ ବେଳେ ବିଦ୍ୟୁତ୍ ଆଘାତରେ ମୃତ୍ୟୁବରଣ କରିଥିବା ଶ୍ରମିକଙ୍କ ପରିବାରକୁ ‘ଆପଣ ଏକା ନୁହଁନ୍ତି’ ଟ୍ରଷ୍ଟ ସହଯୋଗର ହାତ ବଢ଼ାଇଛି। ରବିବାର ଟ୍ରଷ୍ଟର ସଭାପତି ଅଜୟ କୁମାର ମହାନ୍ତି, ସମ୍ପାଦକ ସୁଶାନ୍ତ କୁମାର ବେହେରା, ଉପଦେଷ୍ଟା ଶିବାନନ୍ଦ ପାଢ଼ୀ, ସଭ୍ୟ ଗୋପାମଣି ପଣ୍ଡା, ମଧୁସ୍ମିତା ମିଶ୍ର, ସତ୍ୟରଞ୍ଜନ ଉପାଧ୍ୟାୟ, ବଳରାମ ସାହୁ, କାଳିପ୍ରସାଦ ମାଝୀ, ପ୍ରଦୀପ ଲେଙ୍କା, ଗୌତମ ଶିଅଳ ଓ ରଞ୍ଜିତା ବେହେରା ଗଗନଧୂଳି ଗ୍ରାମରେ ପହଞ୍ଚି ମୃତ ବାବାଜୀ ମାଝୀ (୫୦) ଓ ହରେକୃଷ୍ଣ ଦାସ(୩୨)ଙ୍କ ପରିବାରକୁ ଶୁଦ୍ଧିକ୍ରିୟା ପାଇଁ ଆବଶ୍ୟକ ଅର୍ଥ ପ୍ରଦାନ କରିଛନ୍ତି। ଏହାସହ ଉକ୍ତ ମୃତକ ପରିବାର ଦ୍ୱୟଙ୍କୁ ସରକାରୀ ସହାୟତା ପ୍ରଦାନ ପାଇଁ ସଂଗଠନ ପକ୍ଷରୁ ଦାବି ହୋଇଛି।

**ଡିଆର୍‌କେ କପ୍ ଦିବାରାତ୍ର ୨୦-୨୦ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ**

## ରାଫେଲ୍ ରକେଟ୍ସ ଫାଇନାଲ୍‌କୁ ଉତ୍ତୀର୍ଣ୍ଣ



**ବାରିପଦା,୧୫।୬/ଏନ୍ଏନ୍ଏସ୍:** ସ୍ଥାନୀୟ ମଧୁବନ ମିନି ଷ୍ଟାଡିୟମ୍‌ରେ ଡିଆର୍‌କେ କ୍ଲବ୍ ଆନୁକୂଲ୍ୟରେ ଆୟୋଜିତ ବାର୍ଷିକ ଡିଆର୍‌କେ କପ୍ ଦିବାରାତ୍ର ୨୦-୨୦ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହୋଇଛି। ଏଥିରେ ରାଫେଲ୍ ରକେଟ୍ସ ୫ ୱିକେଟ୍‌ରେ ଲାଲବଜାର ୱାରିୟର୍ସକୁ ପରାସ୍ତ କରି ଫାଇନାଲ୍‌ରେ ପ୍ରବେଶ କରିଛି। ପ୍ରଥମେ ବ୍ୟାଟିଂ କରି ଲାଲବଜାର ୱାରିୟର୍ସ ୨୦ ଓଭର୍‌ରେ ୭ ୱିକେଟ୍ ହରାଇ ୧୫୨ ରନ୍ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ଲକ୍ଷ୍ମୀଧର ସିଂ ୪୮, ହରିଶଙ୍କର ଘୋଷ ୨୬ ଓ ଦୀପକ କୁମାର ମହାତ ୨୩ ରନ୍ କରିଥିବା ବେଳେ ବିପକ୍ଷ ଦଳର ଉପେନ୍ଦ୍ର ନାୟକ ଓ ନିର୍ବିଶଙ୍କର ବାରିକ ୨ଟି ଲେଖାଏଁ ୱିକେଟ୍ ଅକ୍ତିଆର କରିଥିଲେ। ଏହାର ଜବାବରେ ରାଫେଲ୍ ରକେଟ୍ସ ୧୯.୧ ଓଭରେ ୫ ୱିକେଟ୍ ହରାଇ ୧୫୭ ରନ୍ ସଂଗ୍ରହ କରି ବିଜୟ ଲାଭ କରିଥିଲେ। ଦଳ ପକ୍ଷରୁ ଅମିତ ପରିଡ଼ା ୪୭, ଦେବାଶିଷ ମହାନ୍ତ ୨୯, ନିର୍ବିଶଙ୍କର ବାରିକ ୨୪ ଓ ସୁବ୍ରତ କୁମାର ସିଂ ୨୩ ରନ୍ ସଂଗ୍ରହ କରିଥିବା ବେଳେ ବିପକ୍ଷ ଦଳର ହରିଶଙ୍କର ଘୋଷ ୩ଟି ୱିକେଟ୍ ଅକ୍ତିଆର କରିଥିଲେ। ଅମ୍ପାୟାର ଆଶୁତୋଷ ପାଣି ଓ ଦିଲ୍ଲୀପ ଦାସ ଖେଳ ପରିଚାଳନା କରିଥିବା ବେଳେ ସମ୍ବିତ ମହାରଣା ସ୍କୋରିଂରେ ସହାୟତା କରିଥିଲେ। ବୁବୁ ସିନ୍‌ହା ଧାରା ବିବରଣୀ ପ୍ରଦାନ କରିଥିଲେ। ପୂର୍ବତନ କ୍ରିକେଟ୍ ଖେଳାଳି ସୁଧାଂଶୁ ଶେଖର ଜେନା, ବଳବନ୍ତ ତୁଙ୍ଗ, କାର୍ଯ୍ୟକାରୀ ସମ୍ପାଦକ ନିରୋଜ ସାହୁ, ମୁଖ୍ୟ ଆୟୋଜକ ଅମିତାଭ ଦାସ ଓ ସହ ଆୟୋଜକ ସତ୍ୟନାରାୟଣ ଜୀଉ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

## ଏଫ୍‌ଏମ୍ ଜୁନିୟର୍ କଲେଜ ଛାତ୍ରଛାତ୍ରୀଙ୍କ ସଫଳତା



**ବାଲେଶ୍ୱର,୧୫।୬/ଏନ୍ଏନ୍ଏସ୍:** ଚଳିତ ବର୍ଷ ସର୍ବଭାରତୀୟ ନିଟ୍-ୟୁଜି ମେଡିକାଲ୍ ପ୍ରବେଶିକା ପରୀକ୍ଷାରେ ଫକୀରମୋହନ କନିଷ୍ଠ ମହାବିଦ୍ୟାଳୟର ବିଜ୍ଞାନ ଛାତ୍ରଛାତ୍ରୀ ଉଲ୍ଲେଖନୀୟ କୃତିତ୍ୱ ହାସଲ କରିଛନ୍ତି। ଏଥିରେ ପ୍ରଜ୍ଞା ପରମିତା ଗିରି ଓ ପାର୍ଥସାରଥୀ ମିଶ୍ର ଯୁଗ୍ମଭାବେ ୯୯.୪୩ ପର୍ସେଣ୍ଟାଇଲ୍ ମାର୍କ ରଖିଥିବା ବେଳେ ବର୍ଷା ତ୍ରିପାଠୀ ୯୯.୨୫ ପର୍ସେଣ୍ଟାଇଲ୍, ପଙ୍କଜ ସାସମଲ ୯୯.୨୫ ପର୍ସେଣ୍ଟାଇଲ୍, ବିଭୂତି ବେହେରା ୯୮.୩୨ ପର୍ସେଣ୍ଟାଇଲ୍, ବିବେକାନନ୍ଦ ସାମଲ ୯୭.୮୬ ପର୍ସେଣ୍ଟାଇଲ୍ ଓ ଜେ ସି ଜିତାଂଶୁ ରାଉତ ୯୭.୧୮ପର୍ସେଣ୍ଟାଇଲ୍ ମାର୍କ ରଖିଥିବା ବେଳେ ଆହୁରି ଅନେକ ଛାତ୍ରଛାତ୍ରୀ ଏମାନଙ୍କଠାରୁ କମ୍ ମାର୍କ ରଖି ବିଭିନ୍ନ ବର୍ଗରେ କୃତକାର୍ଯ୍ୟ ହୋଇ ଶିକ୍ଷାନୁଷ୍ଠାନର ଗର୍ବ ଓ ଗୌରବ ବଜାୟ ରଖିଛନ୍ତି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ କୁମାର ରଣା, ଉପାଧ୍ୟକ୍ଷ ଡକ୍ଟର ସନ୍ତୋଷ କୁମାର ରାଉତ, ଷ୍ଟାଫ୍ କାଉନସିଲ୍ ଚେୟାରମ୍ୟାନ୍ ଡକ୍ଟର ଭାଗବତ ଭୂୟାଁ, ଆକଡେମିକ୍ ‘ବର୍ଷା’ର ଡକ୍ଟର ସୋନାଲିସା ମହାନ୍ତି, ନୋଡାଲ୍ ନାମଲେଖା ଅଧିକାରୀ ଡକ୍ଟର ତପସ୍ୱିନୀ ନାଏକ, ସେକ୍ସନ୍ ଅଧିକାରୀ ବଳରାମ ନାଏକଙ୍କ ସମେତ ଅନ୍ୟାନ୍ୟ ଅଧ୍ୟାପକ ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀ ସେମାନଙ୍କୁ ଶୁଭେଚ୍ଛା ଜଣାଇବା ସହିତ ଜୀବନର ଚଲାପଥରେ ଆଗେଇ ଯାଇ ଦେଶ, ରାଜ୍ୟ ଓ ଜିଲ୍ଲା ପାଇଁ ଆହୁରି ଅନେକ କୃତିତ୍ୱ ହାସଲ କରିବା ପାଇଁ ଅଭିନନ୍ଦନ ଜଣାଇଛନ୍ତି।

## ସିନିୟର୍ ପୁରୁଷ ସାହାଣୀ କପ୍ ଫୁଟବଲ୍ ପାଇଁ ଖେଳାଳି ଚୟନ

**କେନ୍ଦୁଝର,୧୫।୬/ଏନ୍ଏନ୍ଏସ୍:** ଚଳିତ ବର୍ଷର ସାହାଣୀ କପ୍ ଟୁର୍ଣ୍ଣାମେଣ୍ଟରେ କେନ୍ଦୁଝର ପୁରୁଷ ଟିମ୍ ପାଇଁ କେନ୍ଦୁଝର ଜିଲ୍ଲା କ୍ରୀଡ଼ା ସଂସ୍ଥା ଆନୁକୂଲ୍ୟରେ ଆସନ୍ତା ୧୯ ତାରିଖରେ କେନ୍ଦୁଝର ଷ୍ଟାଡିୟମ୍‌ରେ ଖେଳାଳି ଚୟନ କରାଯିବ। ଆଗ୍ରହୀ ପୁରୁଷ ଖେଳାଳି ନିଜର ପ୍ରମାଣପତ୍ର (ଜନ୍ମ ସାର୍ଟିଫିକେଟ୍, ହାଇସ୍କୁଲ୍ ସାର୍ଟିଫିକେଟ୍, ଆଧାର କାର୍ଡ) ସହ ଖେଳ ଉପକରଣ ଧରି ଫୁଟବଲ୍ ସମ୍ପାଦକ ରବିନ୍ଦ୍ର କୁମାର ପାଢ଼ୀଙ୍କ ନିକଟରେ ୧୧ଟା ପୂର୍ବରୁ ନାମ ପଞ୍ଜିକରଣ କରି ଚୟନ ପ୍ରକ୍ରିୟାରେ ସାମିଲ ହେବାକୁ ଜିଲ୍ଲା କ୍ରୀଡ଼ା ସଂସ୍ଥାର ସାଧାରଣ ସମ୍ପାଦକ ଡ଼ା ଜନାର୍ଦ୍ଦନ ଦାଶ ସୂଚନା ଦେଇଛନ୍ତି। ପ୍ରକାଶଥାଉକି ସାହାଣୀ କପ୍ ଟୁର୍ଣ୍ଣାମେଣ୍ଟର ଏକ ଜୋନ୍ କେନ୍ଦୁଝର ଜିଲ୍ଲାରେ ହେବ ବୋଲି ଫୁଟବଲ୍ ଆସୋସିଏସନ୍ ଅଫ୍ ଓଡ଼ିଶା ଜଣାଇଛନ୍ତି।

## ଜିନ୍ଦଲ୍ ପକ୍ଷରୁ କଷ୍ଟମ୍ ହାୟରିଂ ସେଣ୍ଟର୍ ଉଦ୍‌ଘାଟିତ

**ସିଆଳିଯୋଡ଼ା କୃଷକ କ୍ଲବ୍‌କୁ ଅତ୍ୟାଧୁନିକ କୃଷି ଯନ୍ତ୍ରପାତି ପ୍ରଦାନ**



**ଯୋଡ଼ା,୧୫।୬/ଏନ୍ଏନ୍ଏସ୍:** ନିରନ୍ତର କୃଷି ବିକାଶ ପାଇଁ ଜିନ୍ଦଲ୍ ଷ୍ଟିଲ୍ ଏଣ୍ଡ ପାୱାର (ଜେଏସ୍‌ପି)ର ସାମାଜିକ ସଂସ୍ଥା ଜିନ୍ଦଲ୍ ଫାଉଣ୍ଡେସନ୍ ପକ୍ଷରୁ ସ୍ଥାନୀୟ ଦେଓଝର ପଞ୍ଚାୟତ ସିଆଳିଯୋଡ଼ା ଗ୍ରାମର ଗାଗରାଇ ସାହିରେ ଏକ କଷ୍ଟମ୍ ହାୟରିଂ ସେଣ୍ଟର୍ ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ବଡ଼ବିଲ୍ ପେଲେଟ୍ ପ୍ଲାଣ୍ଟ ୟୁନିଟ୍ ହେଡ୍ ପୁରୁଷୋତ୍ତମ ଏମ୍‌ଡି ଯୋଗଦେଇ ଏହି ସେଣ୍ଟର୍‌ର ଶୁଭାରମ୍ଭ କରିଥିଲେ। ଅର୍ଥନୀତିର ବିକାଶରେ କୃଷିର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଶ୍ରୀ ପୁରୁଷୋତ୍ତମ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦେଓଝର ପଞ୍ଚାୟତ ସମିତିସଭ୍ୟ ଶ୍ରୀମତୀ ଲକ୍ଷ୍ମୀ ମୁଣ୍ଡା, ୱାର୍ଡମେମ୍ବର୍ ଶୁକୁମତୀ ମୁଣ୍ଡା, ବିଶିଷ୍ଟ ସମାଜସେବୀ ତ୍ରିଲୋଚନ ପଲାଇ, ସିଏସ୍‌ଆର୍ ମୁଖ୍ୟ ଭର୍ଜିଲ ଲାକ୍ରା ଓ କୃଷକ କ୍ଲବ୍‌ର ସଭାପତି ପାଣ୍ଡିଆ ମୁଣ୍ଡା ପ୍ରମୁଖ ଯୋଗଦେଇ ସ୍ଥାନୀୟ ଅଞ୍ଚଳର ସାମଗ୍ରିକ ବିକାଶରେ ଜିନ୍ଦଲ୍ ଷ୍ଟିଲ୍‌ର ଅବଦାନକୁ ଖୁବ୍ ପ୍ରଶଂସା କରିଥିଲେ। ଏହି ଅବସରରେ ସିଆଳିଯୋଡ଼ା କୃଷକ କ୍ଲବ୍‌କୁ ଅତ୍ୟାଧୁନିକ କୃଷି ଯନ୍ତ୍ରପାତି ପ୍ରଦାନ କରାଯାଇଛି। ପ୍ରକାଶଥାଉକି ଜିନ୍ଦଲ୍ ଏଜୁକେସନ୍ ଏଣ୍ଡ ୱେଲଫେୟାର୍ ସୋସାଇଟି-ଜେଇଡବ୍ଲ୍ୟୁଏସ୍ ଓ ମାଆ ବୁରୁ କୃଷକ କ୍ଲବ୍ ସହବନ୍ଧନରେ ଏହି ସେଣ୍ଟର୍‌ର ଶୁଭାରମ୍ଭ ହୋଇଛି। ଏହି ସେଣ୍ଟର ଜରିଆରେ କୃଷକଙ୍କ ବ୍ୟବହାର ପାଇଁ ରିହାତି ଦରରେ କୃଷି ଯନ୍ତ୍ରପାତି ଭଡ଼ାରେ ମିଳିବ। ଏଥିପାଇଁ ପ୍ରାଥମିକ ଭାବେ ଗୋଟିଏ ଟ୍ରାକ୍ଟର୍, ଥ୍ରେସର୍, ରୋଟାଭେଟର୍ ଓ ଟ୍ରଲି ପ୍ରଦାନ କରାଯାଇଛି। କମ୍ ଖର୍ଚ୍ଚରେ ଏହି ଯନ୍ତ୍ରପାତି ମିଳୁଥିବାରୁ କୃଷି ସମ୍ପର୍କିତ ଖର୍ଚ୍ଚ ଚାପ ଉଲ୍ଲେଖନୀୟ ଭାବେ ହ୍ରାସ ପାଇବ।

**ରଜ ମହୋତ୍ସବ ଉଦ୍‌ଘାଟିତ**

## ‘ମହୋତ୍ସବ ସଂସ୍କୃତି, ପରମ୍ପରା ଓ ଐତିହ୍ୟର ମୂକସାକ୍ଷୀ’

**ବାହାନଗା,୧୫।୬/ଏନ୍ଏନ୍ଏସ୍:** ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକ୍ କୋଟିଆକୋଇଲି ପଞ୍ଚାୟତ ବିଞ୍ଝିପୁର ପଡ଼ିଆରେ ରଜ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। କୋଟିଆକୋଇଲି ରଜ ମହୋତ୍ସବ କମିଟିର ସଦସ୍ୟଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମକୁ ମୁଖ୍ୟଅତିଥି ଭାବେ ସୋର ବିଧାୟକ ମାଧବ ଧଡ଼ା ଉଦ୍‌ଘାଟନ କରି ମହୋତ୍ସବ ମାଧ୍ୟମରେ ହଜିଯାଉଥିବା ଭାଷା, ସଂସ୍କୃତି ଓ ପରମ୍ପରାକୁ ବଞ୍ଚାଇ ରଖିବା ଏବଂ ଅଞ୍ଚଳର ପ୍ରଗତିକୁ ଆଗେଇ ନେବାକୁ ଆହ୍ୱାନ ଦେଇଥିଲେ। ରାଜେଶ କୁମାର ଉପାଧ୍ୟାୟଙ୍କ ସଭାପତିତ୍ୱରେ ସମ୍ପାଦକ ତ୍ରିଲୋଚନ ନାୟକ ବିବରଣୀ ପାଠ କରିଥିଲେ। ସନ୍ତୋଷ ଶିଅଳ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବାବଦରେ ସୂଚନା ଦେଇଥିଲେ। ମୁଖ୍ୟବକ୍ତା ଅଶ୍ୱିନୀ ମହାପାତ୍ର, ସମ୍ମାନିତ ଅତିଥିଭାବେ ଜିଲ୍ଲାପରିଷଦ ବିନପ୍ରଭା ଶିଅଳ, ଫକୀରମୋହନ ଦାସ, ଅଶୋକ ପାତ୍ର ଓ ସୁରେନ୍ଦ୍ର ମହାଳିକ ପ୍ରମୁଖ ଯୋଗଦେଇ ଅଞ୍ଚଳର କଳା, ସଂସ୍କୃତି ଓ ପରମ୍ପରାକୁ ବଜାଇ ରଖିବା ପାଇଁ ମହୋତ୍ସବର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ଦ୍ୱିତୀୟ ସନ୍ଧ୍ୟାରେ ରାକେଶ ମଲ୍ଲିକ ଓ ମଣିଷା ଚିନ୍ମୟୀ ବେହେରା ଯୋଗଦେଇ ବକ୍ତବ୍ୟ ରଖିଥିଲେ। ତୃତୀୟ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ବାଲେଶ୍ୱରର ପ୍ରାକ୍ତନ ସାଂସଦ ଇଂ. ରବୀନ୍ଦ୍ର ଜେନା ଓ ଜୟରାମ ଦାସ ପ୍ରମୁଖ ଯୋଗଦେଇ ଅଞ୍ଚଳର ସଂସ୍କୃତି, ପରମ୍ପରା ଓ ଐତିହ୍ୟର ମୁକସାକ୍ଷି



କୋଟିଆକୋଇଲିରେ ପାଳିତ ରଜ ମହୋତ୍ସବ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବହୁ ବରେଣ୍ୟ ବ୍ୟକ୍ତିଙ୍କୁ ମାନପତ୍ର ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ସନ୍ତୋଷ ଶିଅଳ ଧନ୍ୟବାଦ ଦେଇଥିଲେ। ପରେ ରାଜ୍ୟ ସରକାରଙ୍କ କଳା ଓ ସଂସ୍କୃତି ବିଭାଗ ପକ୍ଷରୁ ଆସିଥିବା କଳାକାରଙ୍କ ନାଚଗୀତ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମରେ ଦର୍ଶକ ଝୁମିଥିଲେ। ଏପରିକି ଯଲିଓଡ୍ ଖଳନାୟକ ସଞ୍ଜୟ ଭୋଳଙ୍କ ସଂଳାପ ସାଙ୍ଗକୁ ମାନସ ଜେନାଙ୍କ ସଙ୍ଗୀତରେ ଦର୍ଶକ ହଜି ଯାଇଥିଲେ। ଏହାସହ ଦର୍ଶକଙ୍କ ପାଇଁ ମୀନା ବଜାର, ଡ୍ରାଗନ୍ ବୋଟ୍, ପୁଚି, ରଜ ଦୋଳି ଓ ବିଭିନ୍ନ ଖାଦ୍ୟ ଆଦିର ଲୋକେ ମଜା ନେଇଥିଲେ।

# ବଳଦେବଜିଉ ମନ୍ଦିର ସୁଲଭ ଶୌଚାଳୟ କାର୍ଯ୍ୟକ୍ଷମରେ ବିଳମ୍ବ



## ଭକ୍ତ ମହଲରେ ଅସନ୍ତୋଷ

**ନିଶ୍ଚିନ୍ତକୋଇଲି,୧୫।୬/ଏନ୍ଏନ୍ଏସ୍:** କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକ ପୁରାଣ ପ୍ରସିଦ୍ଧ ଶ୍ରୀ ଶ୍ରୀ ବଳଦେବଜିଉ ମନ୍ଦିର ବ୍ରହ୍ମକ୍ଷେତ୍ର ପୀଠ। ଏହି ପୀଠରେ ବାର ମାସରେ ତେର ପର୍ବ ପାଳନ କରାଯାଇଥାଏ। ଏହି ପର୍ବ ଗୁଡିକ ମଧ୍ୟରେ ମୁଖ୍ୟତଃ ମହାପ୍ରଭୁଙ୍କର ରଥଯାତ୍ରା, ଦୋଳଯାତ୍ରା ଓ ଚନ୍ଦନଯାତ୍ରା ଅନୁଷ୍ଠିତ ହୋଇଥାଏ। ଦୀର୍ଘ ଦିନ ହେବ ଏହି ମନ୍ଦିରକୁ ବହୁ ଶ୍ରଦ୍ଧାଳୁ ଭକ୍ତ ଦୂରଦୂରାନ୍ତରୁ ଦର୍ଶନ କରି ମହାପ୍ରଭୁଙ୍କ ସାନ୍ନିଧ୍ୟ ଲାଭ କରନ୍ତି। ଦୂର ଦୂରାନ୍ତରୁ ଆସୁଥିବା ଶ୍ରଦ୍ଧାଳୁ ଭକ୍ତଙ୍କ ପାଇଁ ବ୍ଲକ ପ୍ରଶାସନ ଓ ପଞ୍ଚାୟତର ମିଳିତ ଉଦ୍ୟମରେ ବଳଦେବଜୀଉ ମନ୍ଦିର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଏକ ସୁଲଭ କମ୍ୟୁନିଟ୍ ଶୌଚାଳୟ ନିର୍ମାଣ କରାଯାଇଛି। ଦୀର୍ଘ ଦିନ ହେଲା ଏହି ଶୌଚାଳୟ କାର୍ଯ୍ୟ ଶେଷ ହୋଇଥିଲେ ମଧ ଲୋକଙ୍କ କାମରେ ଲାଗିପାରୁନାହିଁ ବୋଲି ଅଭିଯୋଗ ହେଉଛି। ଆଉ ମାତ୍ର କେଇଟା ଦିନ ରହିଲା ପ୍ରଭୁଙ୍କର ନବ ଯୌବନ ଦର୍ଶନ ଓ ଶ୍ରୀଗୁଣ୍ଡିଚା ଯାତ୍ରା। ଏହି ଯାତ୍ରାକୁ ଦେଖିବା ପାଇଁ ବହୁ ଦୂର ଦୂରାନ୍ତରୁ ଶ୍ରଦ୍ଧାଳୁ ଭକ୍ତମାନେ ତାଙ୍କର ମହାପ୍ରଭୁଙ୍କୁ ଦର୍ଶନ କରିବା ପାଇଁ ଭାବ ବିହ୍ୱଳ ହୋଇ ଆସିଥାଆନ୍ତି। ଏଥିରେ ବହୁ ବରିଷ୍ଠ ନାଗରିକ ଓ ଭିନ୍ନକ୍ଷମ ବ୍ୟକ୍ତି ମଧ୍ୟ ଦର୍ଶନ ପାଇଁ ଆସିଥାଆନ୍ତି। ଏମାନଙ୍କ ପାଇଁ ମନ୍ଦିର ପାର୍ଶ୍ୱରେ ସରକାରଙ୍କ ତରଫରୁ ଅନୁଷ୍ଠିତ ହୋଇଥିବା କମ୍ୟୁନିଟ୍ ଶୌଚାଳୟ କାର୍ଯ୍ୟକ୍ଷମ ହେବ ବୋଲି ଆଶା କରାଯାଉଥିଲା। କିନ୍ତୁ ଏବେ ଏହି କମ୍ୟୁନିଟ ଶୌଚାଳୟ କାର୍ଯ୍ୟକ୍ଷମ ନ ହେବାରୁ ବହୁ ଶ୍ରଦ୍ଧାଳୁ ବାହାରକୁ ଶୌଚ ହେବାକୁ ଯିବାକୁ ପଡୁଛି। ଏହାକୁ ନେଇ ଭକ୍ତଙ୍କ ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ସରକାର ମନ୍ଦିର ପ୍ରଶାସନ ଓ ସ୍ଥାନୀୟ ନେତୃ ମଣ୍ଡଳୀ ଏହା ଉପରେ ଗୁରୁତ୍ୱ ଦେଇ ଭକ୍ତଙ୍କ ଆଗମନକୁ ଦୃଷ୍ଟିରେ ରଖି କମ୍ୟୁନିଟ୍ ଶୌଚାଳୟକୁ କାର୍ଯ୍ୟକ୍ଷମ କରାଇବା ପାଇଁ ବୁଦ୍ଧିଜୀବୀ ମହଲରେ ଦାବି କରାଯାଉଛି। ଏହି କମ୍ୟୁନିଟ୍ ଶୌଚାଳୟ କାର୍ଯ୍ୟକ୍ଷମ ହେଲେ ବହୁ ଶ୍ରଦ୍ଧାଳୁ ଭକ୍ତ ଉପକୃତ ହୋଇପାରିବେ ବୋଲି କୁହାଯାଉଛି।

# ଶ୍ରୀ ଶ୍ରୀ ବଳଦେବଜିଉ ହନୁମାନ ମନ୍ଦିରର ଚଳିତବର୍ଷ ରଥଯାତ୍ରାକୁ ନେଇ ଆଶଙ୍କା

**କୁଆଁପାଳ,୧୫।୬/ଏନ୍ଏନ୍ଏସ୍:** ମାହାଙ୍ଗା ବ୍ଲକର ଉମରସ୍ଥିତ ପର୍ଯ୍ୟଟନ କ୍ଷେତ୍ର ଶ୍ରୀ ଶ୍ରୀ ବଳଦେବଜିଉ ହନୁମାନ ମନ୍ଦିରରେ ଗତବର୍ଷ ପରି ଚଳିତବର୍ଷ ରଥାଯାତ୍ରାକୁ ନେଇ ଆଶଙ୍କା ସୃଷ୍ଟି ହୋଇଛି। ଏଠାରେ ସୂଚନା ଯୋଗ୍ୟ ଯେ ୨୦୨୨ ମସିହା ଠାରୁ ଏ ପର୍ଯ୍ୟନ୍ତ ସ୍ଥାୟୀ ଟ୍ରଷ୍ଟି ଗଠନ କରାଯାଇ ନଥିବାରୁ ମନ୍ଦିର ସମସ୍ତ ପ୍ରକାର ଆୟ କାହା ପକେଟ୍‌କୁ ଯାଉଛି। ଏପରିକି ମାସିକ ୨୦ହଜାର ଟଙ୍କା ତୁଡୁମୁଆଁରୁ ଆୟ କରାଯାଇଥାଏ। ଏହାକୁ ଛାଡିଦେଲେ ମନ୍ଦିର ପରିସରରେ ବିଭିନ୍ନ କାର୍ଯକ୍ରମ, ହନୁମାନ ଚାଳିଶା, ଗାଡିପୂଜା, ମାନସିକ ଭୋଗରୁ ଆଦାୟ ଅର୍ଥ ହରିଲୁଟ ହେଉଛି ବୋଲି ମନ୍ଦିରର ପୂର୍ବତନ ଟ୍ରଷ୍ଟି ତଥା ଉମରର ପୂର୍ବତନ ସରପଂଚ ନିରଞ୍ଜନ ମହାପାତ୍ର ଅଭିଯୋଗ କରିଛନ୍ତି। ସହକାରୀ ଦେବୋତ୍ତର କମିଶନର କଟକ ବିନା ନୋଟିଫିକେସନ୍‌ରେ ମନ୍ଦିରର ମଧ୍ୟବର୍ତ୍ତୀ ଟ୍ରଷ୍ଟି ଗଠନ କରିଛନ୍ତି। ଯେଉଁଥିରେ ତହସିଲଦାର ମାହାଙ୍ଗା, ବିଡିଓ ମାହାଙ୍ଗା, ଆଇଆଇସି ଭଦ୍ରେଶ୍ୱର, ଉମର ଗ୍ରାମର ବିଜୟ କୁମାର ସିଂ, କମଳାକାନ୍ତ ସାମଲ, ପ୍ରମୋଦ କୁମାର ମହାରଣା, ଗୋତରା ଗ୍ରାମର ମୀନକେତନ ସେନାପତି ପ୍ରମୁଖ ରହିଛନ୍ତି। ମନ୍ଦିରରେ ଅନିୟମିତତା ସଂପର୍କରେ ୨୦୨୪ରେ ସହକାରୀ ଦେବୋତ୍ତର କମିଶନର କଟକ ୨୦୨୫ରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଓ ଆଇନମନ୍ତ୍ରୀଙ୍କୁ ପୂର୍ବତନ ଟ୍ରଷ୍ଟି ନିରଞ୍ଜନ ମହାପାତ୍ର ଲିଖିତ ଅଭିଯୋଗ କରିଥିଲା ବେଳେ ଚଳିତବର୍ଷ ମନ୍ଦିର ପରିସରରେ ହେଉଥିବା ଅଷ୍ଟପ୍ରହରୀ ଓ ସ୍ନାନ ପୂର୍ଣ୍ଣିମା ଦିନ ମନ୍ଦିରରେ ପ୍ରସାଦନୀତି ବନ୍ଦ ହୋଇଛି। ଏ ପର୍ଯ୍ୟନ୍ତ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇନାହିଁ। ଗତବର୍ଷ ମାହାଙ୍ଗା ବିଧାୟକଙ୍କ ଉଦ୍ୟମକ୍ରମେ ରଥଯାତ୍ରା କାର୍ଯ୍ୟକ୍ରମ ସୁଚାରୁପେ ସମ୍ପନ୍ନ ହୋଇଥିଲା। ଚଳିତ ବର୍ଷ ରଥଯାତ୍ରାକୁ ନେଇ ଏବେଠାରୁ ଆଶଙ୍କା ସୃଷ୍ଟି ହେଲାଣି। ତେବେ ଟ୍ରଷ୍ଟିର ଦାୟିତ୍ୱରେ ଥିବା ମାହାଙ୍ଗା ତହସିଲଦାର ରଥନିର୍ମାଣ ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ସହିତ ମନ୍ଦିରର ନୀତିକାନ୍ତି ବିଭ୍ରାଟ ସଂପର୍କରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପୂର୍ବତନ ଟ୍ରଷ୍ଟି ଶ୍ରୀ ମହାପାତ୍ର ଦାବି କରିଛନ୍ତି।

**NOTICE**

The partnership firm M/S SHEEET PROFILE COMPANY bearing Regd No. 11201800745/2018 Dist- Ganjam, Odisha has been reconstituted on 01.04.2025 due to retirement of one partner Smt Nalini Sahu And admission of partners are Smt Bidyulata Sahu, Smt Pratibha Sahu, Smt Pratyusha Sahu & Smt Purnima Sahu w.e.f 01.04.2025.

Sri Pravhat Ranjan Sahu
Managing Partner
M/S SHEET PROFILE COMPANY

# ବିଭିନ୍ନ ସ୍ଥାନରେ ରଜଉତ୍ସବ

**କଣ୍ଟାପଡ଼ା,୧୫।୬/ଏନ୍ଏନ୍ଏସ୍:** ଓଡ଼ିଆଙ୍କ ପ୍ରମୁଖ ଗଣପର୍ବ ରଜ ଉତ୍ସବ ବିଭିନ୍ନ ସ୍ଥାନରେ ଉତ୍ସାହର ସହ ପାଳିତ ହୋଇଛି। ଓଲଟପୁର ଥାନା ଅନ୍ତର୍ଗତ ସୁନ୍ଦରଗ୍ରାମଠାରେ ଏସଜି ସ୍କୋଟିଙ୍ଗ କ୍ଲବ ଆନୁକୂଲ୍ୟରେ ଆୟୋଜିତ ପହିଲି ରଜ କାର୍ଯ୍ୟକ୍ରମରେ ରାଜ୍ୟସଭା ସାଂସଦ ସୁଲତା ଦେଓ, ନିଆଳି ପ୍ରାକ୍ତନ ବିଧାୟକ ଡଃ.ପ୍ରମୋଦକୁମାର ମଳିକ ଓ ଓଟିଡ଼ିସି ଅଧିକାରୀ ମଧୁସ୍ମିତା ସୋରେନ ଅତିଥିରୂପେ ଯୋଗଦେଇଥିଲେ। ସେହିପରି ଆମ୍ରପଲ୍ଲୀ ରିସର୍ଟ୍, ଓସେନୱାର୍ଲ୍ଡ ୱାଟରପାର୍କ ଓ ପ୍ରଜ୍ଞା ଫାଉଣ୍ଡେସନରେ ରଜ ପର୍ବ ପାଳନ ହେବା ସହ ପର୍ଯ୍ୟଟକଙ୍କ ଭିଡ଼ ଲାଗିଥିଲା।

# ଜନଆରୋଗ୍ୟ ସମିତି ଓ ଗାଁ କଲ୍ୟାଣ ସମିତିର ପ୍ରଶିକ୍ଷଣ ଶିବିର

**କୁଆଁପାଳ,୧୫।୬/ଏନ୍ଏନ୍ଏସ୍:** ଓଡିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତଥା ଜାତୀୟ ସ୍ୱାସ୍ଥ୍ୟ ମିଶନ ପ୍ରାୟୋଜିତ ଉତ୍ତମ ସ୍ୱାସ୍ଥ୍ୟ, ସ୍ୱଚ୍ଛତା, ପରିମଳ ଏବଂ ପୋଷଣ ପ୍ରତି ସଯତ୍ନ ଓ ତ୍ୱରାନ୍ୱିତ ହେବାର ଲକ୍ଷ୍ୟ ନେଇ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆନୁକୂଲ୍ୟରେ ଦୁଇ ଦିନ ବ୍ୟାପୀ ଜନଆରୋଗ୍ୟ ସମିତି ଓ ଗାଁ କଲ୍ୟାଣ ସମିତିର ପ୍ରଶିକ୍ଷଣ ଶିବିର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକ୍ଷକ ଡାକ୍ତର ତନୁସ୍ମିତା ବିଶ୍ୱାଣୀ ଉଦ୍‌ଘାଟନ କରିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଜନସ୍ୱାସ୍ଥ୍ୟ ସଂପ୍ରସାରଣ ଅଧିକାରୀ ସୁଧାଂଶୁ କୁମାର ଦାସ ଙ୍କ ସଂଯୋଜନାକ୍ରମେ ଜାତୀୟ ସ୍ୱାସ୍ଥ୍ୟମିଶନ ଜିଲ୍ଲା ପ୍ରଶିକ୍ଷକ ପ୍ରମୋଦ କୁମାର ଦାଶ, ଆୟୁଷ ଡାକ୍ତର ସ୍ୱାଗତିକା ମହାପାତ୍ର ପ୍ରଶିକ୍ଷଣ ପ୍ରଦାନ କରି ଜନଆରୋଗ୍ୟ ସମିତିର ଲକ୍ଷ୍ୟ, ଉଦ୍ଦେଶ୍ୟ, ବାର ପ୍ରକାର ସେବା ପ୍ରଦାନ, ଗୋଷ୍ଠୀସ୍ୱାସ୍ଥ୍ୟ- ଜନସ୍ୱାସ୍ଥ୍ୟର କାର୍ଯ୍ୟାନ୍ୱୟନ, ସ୍ୱାସ୍ଥ୍ୟ ଭିତ୍ତିକ 'ବିଶ୍ୱାସ' କାର୍ଯ୍ୟକ୍ରମ ତଥା ଗାଁ କଲ୍ୟାଣ ସମିତିର ଭୂମିକା ଆଦି ଗ୍ରାମ୍ୟ ସ୍ୱାସ୍ଥ୍ୟ ଯୋଜନା ସଂପର୍କୀତ ବିଷୟବସ୍ତୁ ଗୁଡିକ ଉପରେ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ। ବ୍ଲକ କାର୍ଯ୍ୟକ୍ରମ ପରିଚାଳକ ପ୍ରମୋଦ କୁମାର ସ୍ୱାଇଁଙ୍କ ପରିଚାଳନାକ୍ରମେ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିନସ୍ଥ ନଡିଆସାସ୍‌ପୁର, ବାସୁଦେବପୁର, ଭଦ୍ରେଶ୍ୱର ଓ ଶ୍ରୀକୃଷ୍ଣପୁର ଆଦି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରର ସରପଂଚ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ, ସ୍ୱାସ୍ଥ୍ୟକର୍ମୀ, ବିଦ୍ୟାଳୟ ସ୍ୱାସ୍ଥ୍ୟ ଦୂତ ପ୍ରମୁଖ ୬୦ ଜଣରୁ ଉର୍ଦ୍ଧ୍ୱ ପ୍ରଶିକ୍ଷାର୍ଥୀ ସକ୍ରିୟ ଯୋଗଦାନ କରିଥିଲେ।

# ଚିହ୍ନଟ ହେଲା ବେଆଇନ ଜବରଦଖଲ, ଉଚ୍ଛେଦକୁ ଅପେକ୍ଷା



**କିଶନନଗର,୧୫।୬/ଏନ୍ଏନ୍ଏସ୍:** ଗ୍ରାମବାସୀ ତହସିଲ ପ୍ରଶାସନଠୁ ପ୍ରତାରଣର ଶିକାର ହୋଇ ଜିଲ୍ଲାପାଳଙ୍କଠୁ ନେଇ ମାନବାଧିକାର କମିସନଙ୍କ ଦ୍ୱାରସ୍ଥ ହେବା ସହ ଗଣମାଧ୍ୟମରେ ଖବର ପ୍ରସାରଣ ପରେ ତହସିଲ ପ୍ରଶାସନର ବୁଦ୍ଧି ପଶିବା ଫଳରେ ପଞ୍ଚାୟତସ୍ତରର କୁଜି ନେତାଙ୍କ ସହ ଜବରଦଖଲକାରୀଙ୍କ ବହପପଣିଆର ଅନ୍ତ ଘଟିଲା। ତହସିଲ ପ୍ରଶାସନର ଅମିନ, ଆରଆଇ ସର୍‌ଜମିନ ମାପ କରି ରିପୋର୍ଟ ତହସିଲଦାରଙ୍କୁ ପ୍ରଦାନ କରିଛନ୍ତି। ଏଭଳି ଘଟଣା ଘଟିଛି କଟକ ଜିଲ୍ଲାର କଟକ ସଦର ବ୍ଲକ ଅନ୍ତର୍ଗତ କିଶନନଗର ତହସିଲ ଅଧୀନସ୍ଥ ଥୋରିଆପଡ଼ା ଗ୍ରାମରେ। ଘଟଣାରୁ ପ୍ରକାଶ କଟକ ସଦର ବ୍ଲକ ଅନ୍ତର୍ଗତ ଥୋରିଆପଡ଼ା ଗ୍ରାମ୍ୟ ରାସ୍ତାକୁ ଜବରଦଖଲ କରିଥିବା ଅସାମାଜିକ ବ୍ୟକ୍ତି ବିରୁଦ୍ଧରେ ଗ୍ରାମବାସୀଙ୍କ ଦୀର୍ଘ ଦୁଇମାସର ସଂଘର୍ଷ ଏବଂ ଦୈନିକ 'ନିତିଦିନ'ରେ ବାରମ୍ବାର ଖବର ପ୍ରକାଶିତ ପାଇବା ପରେ କିଶନନଗର ତହସିଲ ପ୍ରଶାସନର ଚେତା ପଶିଥିଲା। ତହସିଲଦାରଙ୍କ ନିର୍ଦ୍ଦେଶକ୍ରମେ ରାଜସ୍ୱ ନିରୀକ୍ଷକ, ଅମିନ ସରଜମିନ ତଦନ୍ତ କରିବା ସହ ମାପ କରିଥିଲେ। ଗ୍ରାମ୍ୟ ରାସ୍ତାର ସାତକଡ଼ି ଜବରଦଖଲ ହେବା ସହ ଜବରଦଖଲକାରୀକୁ ପରୋକ୍ଷରେ ସାହାଯ୍ୟ କରୁଥିବା ପଞ୍ଚାୟତସ୍ତରୀୟ କୁଜି ନେତା ୩ ଡିସିମିଲି ଅନାବାଦୀ ସରକାରୀ ଜମି ଜବରଦଖଲ କରିଛନ୍ତି। ଏ ନେଇ ରାଜସ୍ୱ ନିରୀକ୍ଷକ ସରଜମିନ ତଦନ୍ତ ରିପୋର୍ଟ ତହସିଲଦାରଙ୍କୁ ପ୍ରଦାନ କରିଛନ୍ତି। ସରଜମିନ ତଦନ୍ତ ସହ ମାପ ସରିଗଲା ପରେ ଉଚ୍ଛେଦ ହେଉଛି ନା ରାଜନୈତିକ ଚାପରେ ତହସିଲଦାର ଦିନ ଗଡ଼ାଉଛନ୍ତି ତାହା ଦେଖିବାକୁ ବାକି ରହିଲା ବୋଲି ସାଧାରଣରେ ମତପ୍ରକାଶ ପାଇଛି।

# ନାୟାରା ତେଲଟାଙ୍କି ପକ୍ଷରୁ ରଜ ଉତ୍ସବ



**ସାଲେପୁର,୧୫।୬/ଏନ୍ଏନ୍ଏସ୍:** ରଜପର୍ବ ସାଲେପୁର ବ୍ଲକ ଅନ୍ତର୍ଗତ ଭାତପଡ଼ାଠାରେ ଥିବା ନାୟରା ପେଟ୍ରୋଲ ପମ୍ପ୍‌ରେ ପାଳନ କରାଯାଇଛି। ଅନୁଷ୍ଠାନର ପ୍ରୋପ୍ରାଇଟର ତଥା ବିଶିଷ୍ଟ ସମାଜସେବୀ ହରିବନ୍ଧୁ ଶତପଥୀଙ୍କ ଉଦ୍ୟମରେ ଭାତପଡା ସ୍ଥିତ ସାଇ ସମୀକ୍ଷା ଫିଲିଂ ଷ୍ଟେସନ ପରିସରରେ ରଜ ଦୋଳି ଲଗାଯାଇଥିଲା ଯେଉଁଥିରେ କି ତେଲ ପକାଇବା ପାଇଁ ଆସୁଥିବା ଗ୍ରାହକ ଓ ଆଖପାଖ ଅଞ୍ଚଳର ବହୁ ଲୋକମାନେ ଦୋଳି ଖେଳିବାର ମଜ୍ଜା ନେଉଥିବା ଦେଖିବାକୁ ମିଳିଥିଲା। ପ୍ରଥମେ ଏହି କାର୍ଯ୍ୟକ୍ରମକୁ ଅତିଥି ଭାବେ ରାଜ୍ୟ ସାମ୍ବାଦିକ ସଂଘର ଉପଦେଷ୍ଟା ଅକ୍ଷୟ କୁମାର ଦାଶ, ବିଶିଷ୍ଟ ସମାଜସେବୀ ହରିବନ୍ଧୁ ଶତପଥୀ ଓ ଆନୁଷ୍ଠାନିକ ଭାବେ ଫିତା କାଟି ଉଦ୍‌ଘାଟନ କରିଥିଲେ। ଏହି ପେଟ୍ରୋଲ ପମ୍ପକୁ ଆସୁଥିବା ସମସ୍ତଙ୍କୁ ପୋଡ଼ପିଠା, ରଜ ପାନ ଓ ମିଠା ବଣ୍ଟା ଯାଇଥିଲା। ଏହା ରଜ ତିନିଦିନ ଧରି ଚାଲୁରହିବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି। ସ୍ଥାନୀୟ ଅଞ୍ଚଳର ବହୁ ଝିଅମାନେ ଆସି ଏଠାରେ ଆନନ୍ଦ ଉଲ୍ଲାସର ସହ ଦୋଳି ଖେଳିବା ସହିତ ପରସ୍ପରକୁ ରଜ ପାନ ଖୁଆଇ ଖୁସି ହେଉଥିବା ଦେଖିବାକୁ ମିଳିଥିଲା। କାର୍ଯ୍ୟକ୍ରମରେ ପେଟ୍ରୋଲ ପମ୍ପର ସମସ୍ତ କର୍ମଚାରୀ ଉପସ୍ଥିତ ରହି ରଜପର୍ବ ପାଳନ କରିଥିଲେ। ଓଡ଼ିଶାରେ ଅନେକ ପେଟ୍ରୋଲ ପମ୍ପ ଥିଲାବେଳେ ଏଭଳି କାର୍ଯ୍ୟକ୍ରମ କେଉଁଠି ହେଉନଥିବା ବେଳେ ସାଲେପୁର ଭାତପଡ଼ାସ୍ଥିତ ନାୟରା ପେଟ୍ରୋଲ ପମ୍ପରେ ଏଭଳି ନିଆରା ଢଙ୍ଗରେ ରଜପର୍ବ ପାଳନ ହେଉଥିବାରୁ ସାଧାରଣରେ ଆନନ୍ଦ ପ୍ରକାଶ ପାଇଛି।

# 'ସୁନାନାକୀ ଝିଅ' ପ୍ରତିଯୋଗିତାର ଷଷ୍ଠ ସଂସ୍କରଣ



**ଫୁଲନଖରା,୧୫।୬/ଏନ୍ଏନ୍ଏସ୍:** କଟକ ସଦର ବୟାଳିଶମୌଜା ବରାଳ ଗ୍ରାମର ଅଗ୍ରଣୀ ସାମାଜିକ ସଂଗଠନ ସ୍ୱାମୀଜୀ ଯୁବକ ସଂଘ ପକ୍ଷରୁ ସୁନାନାକୀ ଝିଅ ପ୍ରତିଯୋଗିତା - ୨୦୨୫ (ଷଷ୍ଠ ସଂସ୍କରଣ) କଳପଡ଼ା ମାନ୍ୟବର ପ୍ୟାଲେସରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସର୍ବମୋଟ ଜୁନିଅର ଗ୍ରୁପ୍‌ରେ ୩୭ଜଣ ଓ ସିନିୟର୍ ଗ୍ରୁପରେ ୨୭ଜଣ ପ୍ରତିଯୋଗିନୀ ଅଂଶଗ୍ରହଣ କରିଥିଲେ। ସଙ୍ଘର ପ୍ରତିଷ୍ଠାତା ଆଦର୍ଶ ପ୍ରତିଭା ଇଂ.ବିରଞ୍ଚି ନାରାୟଣ ଭୂୟାଁଙ୍କର ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନୀ ସଭାରେ ପ୍ରାଧ୍ୟାପକ ପ୍ରଫୁଲ୍ଲ ଦାସ, ସଞ୍ଜୀବ ବିଶ୍ୱାଳ, କବି ବାମଦେବ ସ୍ୱାଇଁ, ସୁବାଷ ଚନ୍ଦ୍ର ସାହୁ, ଶିକ୍ଷୟିତ୍ରୀ ମଞ୍ଜୁଳା ସାହୁ, ଶିକ୍ଷୟିତ୍ରୀ ସରୋଜିନୀ ରଥ, ନାଟ୍ୟକାର ଆଶୋକ ପଟ୍ଟନାୟକ ପ୍ରମୁଖ ଯୋଗଦାନ କରିଥିଲେ। ପୁରସ୍କାର ବିତରଣୀ ସଭାରେ ଉପଦେଷ୍ଟା ସମରେନ୍ଦ୍ର ମହାପାତ୍ର, ଶିକ୍ଷାବିତ୍ ପ୍ରଦୀପ୍ତ ବିଶ୍ୱାଳ, ଇଂ. ତୋଫାନ ଜେନା, ବିଶ୍ୱଜିତ୍ ରାୟ, ୟୁନିୟନ୍ ଫର୍ କଟକ ସଦର ଡେଭଲପମେଣ୍ଟର ସଭାପତି ଇଂ. ମନୋଜ ନାୟକ, ବିଶିଷ୍ଟ କଳାକାର ବବି ଇସଲାମ, ରିଶୁ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସଙ୍ଘର ସମ୍ପାଦକ ଶିକ୍ଷାବିତ୍ ଇଂ. ସୁରଜ୍ ବେହେରା, ସମ୍ପାଦିକା ସୁଶ୍ରୀ ପ୍ରଗତି ସ୍ୱାଇଁ, ଆଞ୍ଚଲ ପରିଡ଼ା, ସିତୁଲ, ସୁଜାତା ପରିଡ଼ା, ପ୍ରଣତି ସ୍ୱାଇଁ, ମଦନ ମୋହନ ରାଉତ, ଆଦିତ୍ୟ ଭୂୟାଁ, ଦୀପିକା ସାହୁ, ଦେବୀପ୍ରସାଦ ରାଉତରାୟ, ମେରି ପାଣି, ରୂପ ନାରାୟଣ ସ୍ୱାଇଁ, ଇଂ. ସେବକ ଶ୍ରୀକାନ୍ତ ପ୍ରମୁଖ ସହଯୋଗ କରିଥିଲେ। ମାଟ୍ରିକ ଟପ୍ପର, କଲେଜ ଟପ୍ପର ଓ ବିଭିନ୍ନ ବ୍ୟକ୍ତିତ୍ୱମାନଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ସଂଯୋଜକ ଶିକ୍ଷାବିତ୍ ସୂର୍ଯ୍ୟନାରାୟଣ ଭୂୟାଁ ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ରାହ୍ମସେନା ଯୁବପରିଷଦ ପକ୍ଷରୁ ବିଶ୍ୱ ରକ୍ତଦାତା ଦିବସ

# ରକ୍ତଦାନ କରି ଅନ୍ୟର ଜୀବନ ବଞ୍ଚାଇବାକୁ ଆହ୍ୱାନ



**ବେଗୁନିଆ,୧୫।୬/ଏନ୍ଏନ୍ଏସ୍:** ବେଗୁନିଆ ବ୍ଲକ ବଡବେରଣା ପଞ୍ଚାୟତ ସଦର ମହକୁମାରେ ଅବସ୍ଥିତ ' ବ୍ରାହ୍ମସେନା ଯୁବପରିଷଦ ' ଆନୁକୂଲ୍ୟରେ ଶନିବାର ବିଶ୍ୱ ରକ୍ତଦାତା ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ ରକ୍ତଦାନ ଶିବିରରୁ ମୋଟ ୨୫ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଖୋର୍ଦ୍ଧା ରକ୍ତଭଣ୍ଡାର ଅଧିକାରୀ ଡାକ୍ତର ସୌରଭ ସୁନ୍ଦରରାୟ ଏଥିରେ ଯୋଗଦେଇ ରକ୍ତଦାନ କରି ଅନ୍ୟର ଜୀବନ ବଞ୍ଚାଇବା ଉପରେ ଗୁରୁତ୍ୱାରୋପ କରିଥିଲେ। ଲାବ ଟେକ୍ନେସିଆ ଅରୁଣ କୁମାର ସାହୁ , ଝୁନୁଲତା ସାହୁ ଓ ସହାୟିକା ଅମିତା ନାୟକ ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ। ପରେ ସ୍ଥାନୀୟ ରାଜୀବ ଗାନ୍ଧୀ ସେବକେନ୍ଦ୍ର ସଭାଗୃହରେ ଆୟୋଜିତ ସଭାରେ ସଭାପତି ଗୋବିନ୍ଦ ଚନ୍ଦ୍ର ପଣ୍ଡା ପୌରୋହିତ୍ୟ କରିଥିଲେ। ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ କାର୍ଯ୍ୟକ୍ରମ ସଂଯୋଜନା କରିବା ସହ ରକ୍ତଦାନ ସମ୍ପର୍କିତ ସଚେତନତା ସଙ୍ଗୀତ ଗାନ କରିଥିଲେ. ସଭାପତି ସମସ୍ତଙ୍କୁ ରକ୍ତଦାନ ପାଇଁ ଶପଥ ପାଠ କରାଇଥିଲେ। ଏଥିରେ ବିଶିଷ୍ଟ ରସାୟନବିଜ୍ଞାନୀ ପ୍ରଫେସର ଡ. ହରିପ୍ରସାଦ ଦାସ ମୁଖ୍ୟ ଅତିଥି , ଡାକ୍ତର ଅମରେନ୍ଦ୍ର ନାଥ ମହାପାତ୍ର ମୁଖ୍ୟ ବକ୍ତା, ପୂର୍ବତନ ପ୍ରଶାସନିକ ଅଧିକାରୀ ସୁଧାକର ସାମନ୍ତରାୟ, ଶିକ୍ଷାବିତ ଶରତ କୁମାର ପଣ୍ଡା ସମ୍ମାନିତ ଅତିଥି ରୂପେ ଯୋଗଦେଇ ରକ୍ତଦାନ ଏକ ସର୍ବୋତ୍କୃଷ୍ଟ ସାମାଜିକ କାର୍ଯ୍ୟ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ରକ୍ତଦାନ ପାଇଁ ଉଲ୍ଲେଖନୀୟ ଅବଦାନ ପାଇଁ ଗଁପୁର ଗ୍ରାମର ତପନ କୁମାର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ମାନସ ରଞ୍ଜନ ପଣ୍ଡା, କୋଷାଧ୍ୟକ୍ଷ ଜ୍ୟୋତିକୃଷ୍ଣ ପ୍ରଧାନ, ସମାଜସେବୀ ଅଶ୍ୱିନୀ କୁମାର ପଟ୍ଟନାୟକ, ସଭ୍ୟ ରମାକାନ୍ତ ରଣା, ସୁଧାଂଶୁଶେଖର ରଣା, ପ୍ରଭୁପ୍ରସାଦ ମହାପାତ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ କବୟିତ୍ରୀ ମାନସୀ ଦାସ ଉଦ୍‌ଯାପନୀ ସଙ୍ଗୀତ ଗାନ କରିଥିବା ବେଳେ ସଭ୍ୟ ପ୍ରଭାତ କୁମାର ରଣା ଧନ୍ୟବାଦ ଦେଇଥିଲେ।

## ଓଡ଼ଗାଁ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ୮ମ ମ୍ୟାଚ୍

# ଏକ୍ସଟ୍ରିମ୍ ବ୍ଲାଷ୍ଟରର୍ସ ଓ ଏସ୍ଆର୍ଏସ୍‌ସି ବିଜୟୀ



**ଓଡ଼ଗାଁ,୧୫।୬/ଏନ୍ଏନ୍ଏସ୍:** ଓଡ଼ଗାଁ ମିନିଷ୍ଟାଡ଼ିୟମରେ ଚାଲିଥିବା ୧୬ତମ କ୍ରିକେଟ ଟୁର୍ଣ୍ଣାମେଣ୍ଟର ରବିବାର ୮ମ ମ୍ୟାଚରେ ଏକ୍ସଟ୍ରିମ୍ ବ୍ଲାଷ୍ଟରର୍ସ ଓ ଏସଆରଏସସି ବିଜୟୀ ହୋଇଛନ୍ତି। ଆଜିର ପ୍ରଥମ ମ୍ୟାଚ୍ ଇଲାଇଟ୍ ଇଗଲସ ଓ ଏକ୍ସଟ୍ରିମ୍ ବ୍ଲାଷ୍ଟରର୍ସ ମଧ୍ୟରେ ପ୍ରତିଦ୍ୱନ୍ଦିତା ହୋଇଥିଲା। ଇଲାଇଟ୍ ଇଗଲସ ଟସଜିଣି ପ୍ରଥମେ ବୋଲିଂ କରିବାକୁ ନିଷ୍ପତି ନେଇଥିଲା। ଏକ୍ସଟ୍ରିମ୍ ବ୍ଲାଷ୍ଟରର୍ସ ପ୍ରଥମେ ବ୍ୟାଟିଂକରି ନିର୍ଦ୍ଧାରିତ ୧୦ ଓଭରରେ ସମସ୍ତ ଉଇକେଟ ହରାଇ ୧୧୪ ରନ୍ ସଂଗ୍ରହ କରିଥିବାବେଳେ ଜବାବରେ ଇଲାଇଟ୍ ଇଗଲସ ୮ ଉଇକେଟ ହରାଇ ମାତ୍ର ୮୦ରନ୍‌ରେ ସୀମିତ ରହିଥିଲା। ଫଳରେ ଏକ୍ସଟ୍ରିମ୍ ବ୍ଲାଷ୍ଟରର୍ସ ୩୪ରନରେ ବିଜୟୀହୋଇ ସେମିଫାଇନାଲରେ ପ୍ରବେଶ କରିଛି।ସେହିପରି ଦ୍ୱିତୀୟ ମ୍ୟାଚ୍ ଏସଆରଏସସି ସହିତ ବ୍ରଦର୍ସ ଏକାଦଶ ମଧ୍ୟରେ ହୋଇଥିଲା। ଏସ୍ଆରଏସ୍‌ସି ଟସ୍ ଜିଣି ପ୍ରଥମେ ବ୍ୟାଟିଂକରି ୧୦ ଓଭରରେ ୫ ଉଇକେଟ ହରାଇ ୧୪୭ ରନର ବିଶାଳ ସ୍କୋର କରିଥିଲା। ଜବାବରେ ବ୍ରଦର୍ସ ଏକାଦଶ ୭ ଓଭରରେ ସମସ୍ତ ଉଇକେଟ ହରାଇ ୬୮ ରନ୍ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା। ଫଳରେ ଏସଆରଏସସି ଦଳ ୭୮ରନ୍ ରେ ବିଜୟୀ ହୋଇ ଦ୍ୱିତୀୟ ଦଳ ଭାବେ ସେମିଫାଇନାଲକୁ ଉନ୍ନିତ ହୋଇଛି। ଖେଳକୁ ବିଜୟାନନ୍ଦ, ମିଥୁନ୍, ଶୁଭମ୍, କିଶାନ୍, ରୋହନ ଏବଂ ସୂର୍ଯ୍ୟକାନ୍ତ ପରିଚାଳନା କରିଥିବା ଜଣାପଡ଼ିଛି।

# ବିଜେଡିର ସାଂଗଠନିକ ବୈଠକ

**ଗୋରିଛକ,୧୫।୬/ଏନ୍ଏନ୍ଏସ୍:** ନିମାପଡ଼ା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଛଣିଜଙ୍ଗ ପଂଚାୟତରେ ବିଜୁ ଜନତା ଦଳର ଏକ ସାଂଗଠନିକ ବୈଠକ ଓ ସଭାପତି ନିର୍ବାଚନ ଚକୋରଡାସ୍ଥିତ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ନିମାପଡା ବିଜେଡି ନେତା ଦିଲ୍ଲୀପ କୁମାର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ୧୮ନଂ ଜିଲ୍ଲାପରିଷଦସଭ୍ୟା କୁଞ୍ଜଲତା ସାମଲ, ବ୍ଲକ ପର୍ଯ୍ୟବେକ୍ଷକ ନରସିଂହ ରାଉତରାୟ, ଅଜୟ ମହାନ୍ତି, ଦୁର୍ଲ୍ଲଭ ନାୟକ, ଅକ୍ଷୟ ପଡିଆରୀ, ଭଗବାନ ନାୟକ, ପୁରୁଷୋତ୍ତମ ମହାପାତ୍ର, ଶିବପ୍ରସାଦ ସାହୁ, ପ୍ରେମାନନ୍ଦ ସ୍ୱାଇଁ, ପ୍ରଦୀପ୍ତ ଦାସ, ରଂଜନ ଦାସ, ତପନ ପ୍ରଧାନ, ଦୁର୍ଯ୍ୟୋଧନ ଦାସ, ପୂର୍ଣ୍ଣଚନ୍ଦ୍ର ଖଟୋଇଙ୍କ ସମେତ ଉକ୍ତ ପଞ୍ଚାୟତର ସମସ୍ତ ୱାର୍ଡ ସଭ୍ୟ/ସଭ୍ୟା ଓ ନାଏବ ସରପଞ୍ଚ ସଂନ୍ଧ୍ୟାରାଣୀ ଦାସ ପ୍ରମୁଖ ଯୋଗଦେଇଥିଲେ। ବଳରାମ ନାୟକଙ୍କୁ ପଞ୍ଚାୟତର ସଭାପତି ଭାବେ ସର୍ବ ସମ୍ମତି କ୍ରମେ ମନୋନୀତ କରାଯାଇଥିଲା। ତୃଣମୂଳ ସ୍ତରରେ ସଂଗଠନକୁ ମଜଭୁତ କରିବା ସହ ଆସନ୍ତା ପଞ୍ଚାୟତ ନିର୍ବାଚନରେ ଦଳ ଯେପରି ବାଜିମାତ କରିବ ସମସ୍ତେ ନିଜ ନିଜ ଭିତରେ ଥିବା ମନୋମାଳିନ୍ୟକୁ ଭୁଲି କାର୍ଯ୍ୟକରିବାକୁ ଶ୍ରୀ ନାୟକ ଆହ୍ୱାନ ଦେଇଥିଲେ। ଉକ୍ତ ବୈଠକରେ ପଞ୍ଚାୟତର ଶତାଧିକ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ।

## ମାହାଙ୍ଗାରେ ଭଞ୍ଜ ଜୟନ୍ତୀ, ରଜ ଉତ୍ସବ

# ସୁବର୍ଣ୍ଣ ଜୟନ୍ତୀ ସମାରୋହ ଉଦ୍‌ଯାପିତ



**ମାହାଙ୍ଗା,୧୫।୬/ଏନ୍ଏନ୍ଏସ୍:** କେନ୍ଦ୍ରୀୟ ସାଂସ୍କୃତିକ ସଂସଦ ଗୋକନ ଆନୁକୂଲ୍ୟରେ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଜୟନ୍ତୀ, ରଜ ଉତ୍ସବ ଓ ମାହାଙ୍ଗା ମହୋତ୍ସବର ସୁବର୍ଣ୍ଣ ଜୟନ୍ତୀ ସମାରୋହର ଉଦଯାପନ ପର୍ବ ଗୋକନ ଭଞ୍ଜ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବକୁ ଜାତୀୟ ମାନବାଧିକାର ଆୟୋଗର ମାନବ୍ୟର ସଦସ୍ୟ ଡକ୍ଟର ନ୍ୟାୟମୂର୍ତ୍ତୀ ବିଦ୍ୟୁତ୍ ରଞ୍ଜନ ଷଡଙ୍ଗୀ ମୁଖ୍ୟଅତିଥିଭାବରେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଡକ୍ଟର ନ୍ୟାୟମୂର୍ତ୍ତୀ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କୁ ସମ୍ମାନ ଜଣାଇ କହିଲେ ଯେ ଉପେନ୍ଦ୍ର ଭଞ୍ଜ ଥିଲେ ସାଧନା ଓ ସିଦ୍ଧିର କବି ସମ୍ରାଟ। କଠୋର ପରିଶ୍ରମ, ନିଷ୍ଠାପର କର୍ତ୍ତବ୍ୟ ଦ୍ୱାରା ଓଡିଆ ସାହିତ୍ୟକୁ ଜାତୀୟ ସ୍ତରରେ ମର୍ଯ୍ୟାଦାବନ୍ତ ସ୍ଥାନ ଦେଇଥିଲେ ବୋଲି ମତ ରଖିଥିଲେ। ଅନୁଷ୍ଠାନର ପ୍ରାଣ ପ୍ରତିଷ୍ଠାତା ପ୍ରାକ୍ତନମନ୍ତ୍ରୀ ସେକ ମତଲୁବ ଅଲିଙ୍କୁ ଜଣେ ମାନବବାଦୀ ଜନନେତାରେ ଅଭିହିତ କରିଥିଲେ। ଏହି ଅବସରରେ ମୁଖ୍ୟଅତିଥି ନ୍ୟାୟମୂର୍ତ୍ତୀ ଷଡଙ୍ଗୀଙ୍କୁ ଅନୁଷ୍ଠାନ ତରଫରୁ 'ନ୍ୟାୟଶ୍ରୀ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ସମ୍ମାନିତ ଅତିଥିଭାବେ ଡକ୍ଟର କୃଷ୍ଣ କେଶବ ଷଡଙ୍ଗୀଙ୍କୁ ଅନୁଷ୍ଠାନ ତରଫରୁ ଚଳିତ ବର୍ଷର ମର୍ଯ୍ୟାଦା ଜନକ "କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ସମ୍ମାନ" ପ୍ରଦାନ କରାଯାଇଥିଲା। ସେ ମଧ ଭଞ୍ଜଙ୍କୁ ସମ୍ମାନ ଜଣାଇ କହିଲେ ଯେ କବି ଭଞ୍ଜ ଥିଲେ ସାଲିସ ବିହୀନ କବି। ଜାତୀୟ ଚେତନାକୁ ଅଭିମନ୍ତ୍ରିତ କରି ଭାରତୀୟ ପରମ୍ପରାକୁ ଭଞ୍ଜ ଯେପରି ମହିମା ମଣ୍ଡିତ କରିଛନ୍ତି ତାର ପଟାନ୍ତର ନାହିଁ। ସମ୍ମାନୀତ ଅତିଥିଭାବେ ଉତ୍କଳ ଗଣକବି ବୈଷ୍ଣବ ପାଣି ସ୍ମୃତି ସଂସଦ ଉପସଭାପତି ପ୍ରଫେସର କାର୍ତ୍ତିକ ଚନ୍ଦ୍ର ବରାଳ, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସାମ୍ବାଦିକ ଓ ସାହିତ୍ୟିକ ମୁରଲୀଧର ସାମଲ, ବରେଣ୍ୟ ଅତିଥିଭାବେ ଆଗାମୀ ଶତାବ୍ଦୀ ପତ୍ରିକା ସଂପାଦକ ମସୁଦ ଅଲି ପ୍ରମୁଖ ଯୋଗଦେଇ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ, ରଜ ଉତ୍ସବ ଓ ମାହାଙ୍ଗା ମହୋତ୍ସବର ମହତ୍ତ୍ୱ ଗ୍ରାମାଂଚଳରେ ପୁଲକିତ କରିଛି ବୋଲି ମତବ୍ୟକ୍ତ କରିଥିଲେ। ଉତ୍ସବରେ ବିଶିଷ୍ଟ ସାହିତ୍ୟିକ ତଥା କଟକ କଳାବିକାଶ କେନ୍ଦ୍ରର ସଭାପତି ଡକ୍ଟର ବିଜୟାନନ୍ଦ ସିଂହ ସଭାପତିତ୍ୱ କରି କହିଥିଲେ ଯେ ରଜ ଆମର ଜାତୀୟ ପର୍ବ ତଥା ଓଡିଶାର ମହାନ ସାରସ୍ୱତ ସାଧକ, କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଓଡିଆ ଜାତିର ନମସ୍ୟ ଓ ଐତିହାସିକ ଯୁଗ ପୁରୁଷ, ପାରମ୍ପରିକ ଭାବେ ଅନୁଷ୍ଠାନ ତରଫରୁ ବିଶିଷ୍ଟ ଶିକ୍ଷାବିତ୍ ପ୍ରଫୁଲ୍ଲ କୁମାର ସାହୁଙ୍କୁ 'ମାହାଙ୍ଗା ଶ୍ରେଷ୍ଠ ସମାଜସେବୀ ସମ୍ମାନ' ପ୍ରଦାନ କରାଯାଇଥିବାବେଳେ ଚଳିତ ମାଟ୍ରିକ ଓ ଉଚ୍ଚ ମାଧ୍ୟମିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରଛାତ୍ରୀମାନଙ୍କୁ 'ମାହାଙ୍ଗା ମେଧା ଶ୍ରେଷ୍ଠ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ରଜ ଦୋଳି ଗୀତ, ଭଞ୍ଜ ସଂଗୀତ, ଭଞ୍ଜ ପ୍ରତିବୃତ୍ତି ଅଙ୍କନ, ପୁଟ, ହୁଲୁହୁଳି ଓ ଶଙ୍ଖ ବାଦନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀମାନଙ୍କୁ ଡକ୍ଟର ନ୍ୟାୟମୂର୍ତ୍ତୀ ଷଡଙ୍ଗୀ ସମ୍ମାନିତ କରିଥିଲେ। ସଂସଦର ସଂପାଦକ ଆଇନଜିବୀ ଦୀପକ କୁମାର ମହାନ୍ତି ନ୍ୟାୟମୂର୍ତ୍ତୀ ଷଡଙ୍ଗୀଙ୍କ ଉଦ୍ଦେଶ୍ୟରେ ମାନପତ୍ର ପଠନ କରିଥିବାବେଳେ ସଂଗ୍ରାମ ସାମଲ ଓ ସୁକାନ୍ତ କୁମାର ନନ୍ଦ ଭଞ୍ଜ ସମ୍ମାନରେ ସମ୍ମାନିତ ଡକ୍ଟର କୃଷ୍ଣ କେଶବ ଷଡଙ୍ଗୀ ଓ ମାହାଙ୍ଗା ଶ୍ରେଷ୍ଠ ସମାଜସେବୀ ସମ୍ମାନରେ ବିଶିଷ୍ଟ ଶିକ୍ଷାବିତ୍ ପ୍ରଫୁଲ୍ଲ କୁମାର ସାହୁଙ୍କ ଉଦ୍ଦେଶ୍ୟରେ ମାନପତ୍ର ପଠନ କରିଥିଲେ। ସଂସଦର ସାଧାରଣ ସଂପାଦକ ନଳିନୀକାନ୍ତ ନାୟକ ବାର୍ଷିକ ବିବରଣ ପାଠ କରିଥିଲେ। ସଂସଦର ନବନିର୍ବାଚିତ ସଭାପତି ଅରକ୍ଷିତ ପ୍ରଧାନ ଅତିଥିମାନଙ୍କୁ ସ୍ୱାଗତ କରିଥିବାବେଳେ ପଣ୍ଡିତ ପ୍ରଭାତ କୁମାର କର ଅତିଥି ପରିଚୟ ଓ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ସଂସଦର ଉପସଭାପତି କ୍ଷୀରୋଦ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ମହୋତ୍ସବରେ ଡଃ ଏକାଦଶୀ ପ୍ରଧାନ, ମହେଶ୍ୱର ସ୍ୱାଇଁ, ରାଜକିଶୋର ଜେନା, ଯୁବନେତା ସୌକତ ଅଲି ପ୍ରମୁଖ କବିଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଉତ୍ସବକୁ ଶିକ୍ଷାବିତ ପ୍ରଦ୍ୟୁମ୍ନ ବାରିକ, ସମାଜସେବୀ ଶ୍ୟାମସୁନ୍ଦର ସ୍ୱାଇଁ, ସେକ କଲ୍ଲିମୁଲ୍ଲା ଆଜାଦ, ମାନସ ରଞ୍ଜନ ଦାସ, ସୁଶୀଲ କୁମାର ପଣ୍ଡା,କୈବଲ୍ୟ ମହାନ୍ତି, ପ୍ରତାପ ନାୟକ, କୁଶାସନ ମଲିକ, ଭ୍ରମରବର ଦାସ, ଦୀପକ ନାୟକ, ହାଡିବନ୍ଧୁ ସାହୁ, ଧରଣୀଧର ସାହୁ, ରତ୍ନାକର ସାହୁ, ରମେଶ ସାହୁ, ନରହରି ବେହେରା, ରବି ନାରାୟଣ ସାହୁ, ବଳରାମ ସ୍ୱାଇଁ, ପୂର୍ଣ୍ଣଚନ୍ଦ୍ର ସେଠୀ, ସେକ ଜାବୀର ପ୍ରମୁଖ ସହଯୋଗ ଥିଲେ। ଏହି ଅବସରରେ ଆନନ୍ଦ ଡ୍ୟାନ୍ସ ଗ୍ରୁପ୍ ଗୌଡ଼ ଗୋପ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା।

## ମା' ଉମାଦେବୀଙ୍କ ପୀଠରେ ରଜ ମହୋତ୍ସବ

**ଖଣ୍ଡପଡ଼ା,୧୫।୬/ଏନ୍‌ଏନ୍‌ଏସ୍:** ପହିଲି ରଜର ସ୍ପର୍ଶରେ ଉତ୍ସବମୁଖର ହୋଇ ଉଠିଛି ଖଣ୍ଡପଡା ସହର ଠାରୁ ଆରମ୍ଭ କରି ପୁର ପଲ୍ଲୀ। ସବୁଠି ଉତ୍ସବର ମାହୋଲ ପରିଲକ୍ଷିତ ହେଉଛି। ରଜ ପାନ ସାଙ୍ଗକୁ ଘରେ ଘରେ ପିଠାପଣା, ମିଠା ଓ ଦୋଳିର ମଜା ନେଉଛନ୍ତି ଅଞ୍ଚଳବାସୀ। ଏ ଅବସରରେ ଖଣ୍ଡପଡା ସହରର ଆରାଧ୍ୟ ମା ଉମାଦେବୀଙ୍କ ପୀଠରେ ରଜ ମହୋତ୍ସବ ଶନିବାର ଠାରୁ ଆରମ୍ଭ ହୋଇଛି। ପ୍ରାତଃ ସମୟରେ ମା'ଙ୍କ ପୀଠ ପରିସରରେ ସ୍ୱତନ୍ତ୍ର ରୀତି ନୀତି ଅନୁଯାୟୀ ପୂଜାର୍ଚ୍ଚନା ସହ ହୋମଯଜ୍ଞ ଆଦି ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ମା' ଙ୍କ ନିକଟରେ ଭୋଗ ଲାଗି ନିମନ୍ତେ ମନ୍ଦିର ପରିସରରେ ଶ୍ରଦ୍ଧାଳୁଙ୍କ ଭିଡ ପରିଲକ୍ଷିତ ହୋଇଥିଲା। ରଜ ମହୋତ୍ସବ କମିଟିର ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ସୁଚାରୁ ରୂପେ ସଂପାଦିତ ହୋଇଥିବା ବେଳେ ଖଣ୍ଡପଡା ପୋଲିସ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ମନ୍ଦିର ପରିସରରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା। ଆସନ୍ତା ୧୭ ତାରିଖ ରାତିରେ ରଜ ମହୋତ୍ସବ ଉଦ୍‌ଯାପିତ ହେବ ବୋଲି ଜଣାପଡ଼ିଛି।

### ତୃତୀୟ ପୃଷ୍ଠାରୁ

## ୪ ମୃତ, ୧୫ରୁ ଊର୍ଦ୍ଧ୍ୱ...

ରାଜ୍ୟରେ ନଦୀ ଉପରେ ଥିବା ସମସ୍ତ ବ୍ରିଜ୍‌ଗୁଡ଼ିକର ସ୍ଥିତି ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ଉପ-ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ। ସେ କହିଛନ୍ତି, ଆଜି ଯେଉଁ ଘଟଣା ଘଟିଛି, ତା'ର ତଦନ୍ତ କରାଯିବ। ଯେଉଁମାନେ ଏଥିପାଇଁ ଦାୟୀ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଗୃହ ମନ୍ତ୍ରୀ ଅମିତ୍ ଶାହ ଘଟଣାରେ ଦୁଃଖ ପ୍ରକାଶ କରିବା ସହିତ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନାଭିସ୍‌ଙ୍କ ସହିତ କଥାବାର୍ତ୍ତା ହୋଇଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀଙ୍କୁ ପ୍ରଭାବିତ ଲୋକଙ୍କ ସହାୟତା ପାଇଁ ଚାଲିଥିବା ପ୍ରୟାସ ସମ୍ପର୍କରେ ସୂଚନା ଦିଆଯାଇଛି। ସେହିପରି ଗୃହମନ୍ତ୍ରୀ ଅମିତ ଶାହ ମଧ୍ୟ ଉଦ୍ଧାର କାର୍ଯ୍ୟ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ପଚାରି ବୁଝିଛନ୍ତି।

## ଖସିପଡ଼ି ଜଳିଗଲା ହେଲିକପ୍ଟର୍ ...

୧୦ ମିନିଟ୍ ସମୟରେ ଗୁପ୍ତକାଶୀରୁ ଉଡ଼ାଣ ଆରମ୍ଭ କରିବା ପରେ ୫ଟା ୧୮ ମିନିଟରେ ଶ୍ରୀକେଦାରନାଥଜୀ ହେଲିପ୍ୟାଡ୍‌ରେ ଅବତରଣ କରିଥିଲା। ଏହା ପୁଣି ୫ଟା ୧୯ ମିନିଟ୍ ସମୟରେ ଗୁପ୍ତକାଶୀ ଅଭିମୁଖେ ଯାତ୍ରା କରିଥିଲା ଏବଂ ୫ଟା ୩୦ମିନିଟ୍‌ରୁ ୫ଟା ୪୫ ମିନିଟ୍ ମଧ୍ୟରେ ଗୌରୀକୁଣ୍ଡ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇ ଜଳି ଯାଇଥିବା ରିପୋର୍ଟ ହୋଇଛି। ମୃତଯାତ୍ରୀଙ୍କ ମଧ୍ୟରେ ଉତ୍ତରାଖଣ୍ଡ ଉଖିମଠର ବିକ୍ରମ ରାଓ୍ୱତ, ମହାରାଷ୍ଟ୍ର ଯବତମାଲ ଅଞ୍ଚଳର ଗୋଟିଏ ପରିବାରର ରାଜକୁମାର ସୁରେଶ ଜୟସ୍ୱାଲ, ଶ୍ରଦ୍ଧା ଜୟସ୍ୱାଲ ଓ କାଶୀ ରାଜକୁମାର ଜୟସ୍ୱାଲ୍, ଉତ୍ତରପ୍ରଦେଶର ବିନୋଦ ଦେବୀ (୬୬) ଓ ତୃଷ୍ଟି ସିଂହ (୧୯) ଏବଂ ଜୟପୁର ବାସିନ୍ଦା ତଥା ହେଲିକପ୍ଟର୍‌ର ପାଇଲଟ୍ କ୍ୟାପଟେନ୍ ରାଜବୀର ସିଂହ ଚୌହାନ (୩୯)। ତେବେ ଗୌରୀକୁଣ୍ଡ ପାଖାପାଖି ଜଙ୍ଗଲରେ ଏହା ପଡ଼ି ଜଳି ଯାଇଥିବା ବେଳେ ଗାଈ ଚରାଉଥିବା ଲୋକେ ପ୍ରଥମେ ଦୁର୍ଘଟଣାଗ୍ରସ୍ତ ହେଲିକପ୍ଟର୍‌କୁ ଠାବ କରିଥିଲେ। ସେମାନେ ଏନେଇ ପୁଲିସକୁ ଖବର ଦେବା ପରେ ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଥିଲା। ଏନ୍‌ଡିଆର୍‌ଏଫ୍ ଓ ଏସ୍‌ଡିଆର୍‌ଏଫ୍ କର୍ମଚାରୀ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହୋଇଥିଲେ ବୋଲି ଅଧିକାରୀମାନେ କହିଛନ୍ତି।

ଏହି ଘଟଣାରେ ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମୀ ଦୁଃଖ ପ୍ରକାଶ କରିଛନ୍ତି। ସେ କହିଛନ୍ତି, ଆଜି ସକାଳେ ଖରାପ ପାଗ ଯୋଗୁଁ ଏକ ହେଲିକପ୍ଟର୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଯେଉଁମାନେ ପ୍ରାଣ ହରାଇଛନ୍ତି ସେମାନଙ୍କ ପାଇଁ ମୁଁ ପରମେଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଛି। ଏକ ଜରୁରିକାଳୀନ ବୈଠକ ତୁରନ୍ତ ଡକାଯାଇଛି, ଯେଉଁଥିରେ ଆମର ଡିଜିସିଏ (ସିଭିଲ ଏଭିଏସନ୍ ମହାନିର୍ଦ୍ଦେଶାଳୟ)ର ନିୟମ ଉଲ୍ଲଂଘନ ନକରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ତେବେ ଏହି ଦୁର୍ଘଟଣା ପରେ ଦୁଇଦିନ ପାଇଁ ଚାରିଧାମ ଯାତ୍ରାରେ ହେଲିକପ୍ଟର୍ ସେବା ସ୍ଥଗିତ ରଖାଯାଇଛି। ଯାତ୍ରୀଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ଏହି ସେବାକୁ ବନ୍ଦ କରାଯାଇଛି ବୋଲି ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମୀ କହିଛନ୍ତି।

## ଜିଲ୍ଲାର ସବୁ ସ୍ୱାସ୍ଥ୍ୟକେନ୍ଦ୍ର ...

ବିଭିନ୍ନ ଜିଲ୍ଲାର ଡାକ୍ତର ଓ ଅନ୍ୟ ଅଧିକାରୀମାନଙ୍କ ସହ ନିୟମିତ ଆଲୋଚନା କରି ସ୍ଥିତି ଉପରେ ନଜର ରଖୁଛନ୍ତି ଏବଂ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି। ରାଜ୍ୟ ସରକାରଙ୍କୁ ଝାଡ଼ାବାନ୍ତି ନିୟନ୍ତ୍ରଣରେ ସହାୟତା କରିବା ପାଇଁ କେନ୍ଦ୍ର ସରକାରଙ୍କ 'ଭାରତୀୟ ଆୟୁର୍ବିଜ୍ଞାନ ଗବେଷଣା ପରିଷଦ( ଆଇସିଏମ୍‌ଆର୍)ର ଟିମ୍ ମଧ୍ୟ ଓଡ଼ିଶା ଆସି ସ୍ଥିତି ଅନୁଧ୍ୟାନ କରୁଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି।

## କ୍ଷେତ୍ରସ୍ତରୀୟ ସ୍ଥିତି ପରଖିଲେ ...

ଶେଖର ସାହୁଙ୍କ ସହ ଯାଜପୁର ଜିଲ୍ଲାର ପ୍ରଭାବିତ ଅଞ୍ଚଳ ଗସ୍ତକରି କ୍ଷେତ୍ରସ୍ତରୀୟ ସ୍ଥିତିର ନିରୀକ୍ଷଣ କରିଥିଲେ। ମନ୍ତ୍ରୀ ପ୍ରଭାବିତ ଅଞ୍ଚଳରେ ଲୋକମାନଙ୍କ ସହ ସିଧାସଳଖ ଆଲୋଚନା କରିବା ସହ ବଡ଼ଚଣା, ଧର୍ମଶାଳା, ମଧୁବନ ଓ ଯାଜପୁର ରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କର ଭଲମନ୍ଦ ପଚାରି ବୁଝିଥିଲେ। କ୍ଷେତ୍ର ପରିଦର୍ଶନ ପରେ ମନ୍ତ୍ରୀ ଜିଲ୍ଲା କାର୍ଯ୍ୟାଳୟ ସଭାଗୃହଠାରେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର, ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ଡାକ୍ତର ଅମରେନ୍ଦ୍ର ମହାନ୍ତି, ଖାଦ୍ୟ ନିରାପତ୍ତା ନିର୍ଦ୍ଦେଶକ ଡାକ୍ତର ଶକ୍ତି ପ୍ରସାଦ ମିଶ୍ର, ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡି, ୩ ଟି କେନ୍ଦ୍ରୀୟ ଟିମ୍ ସଦସ୍ୟବୃନ୍ଦ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ, ମେଡିକାଲ କଲେଜ ମାନଙ୍କରୁ ଆସିଥିବା ପ୍ରଫେସର, ବିଶେଷଜ୍ଞ ଏବଂ ଅନ୍ୟାନ୍ୟ କ୍ଷେତ୍ରସ୍ତରୀୟ ଅଧିକାରୀମାନଙ୍କ ସହ ବିସ୍ତୃତ ସମୀକ୍ଷା କରିଥିଲେ।

ବ୍ଲକ୍ ଏବଂ ପଞ୍ଚାୟତସ୍ତରୀ ସ୍ଥିତିର ସମୀକ୍ଷା କରି ପ୍ରତି ପାନୀୟଜଳ ଉତ୍ସକୁ ନିୟମିତ ବ୍ୟବଧାନରେ ବାରମ୍ବାର ବିଶୋଧନ କରିବା ଏବଂ ବିଦ୍ୟାଳୟ ଖୋଲିବା ପୂର୍ବରୁ ବିଦ୍ୟାଳୟ ପରିସରରେ ଥିବା ନଳକୂପ ଓ ପାଣିଟାଙ୍କି ଆଦିକୁ ବିଶୋଧିତ କରିବା ପାଇଁ ସେ ଜଳଯୋଗାଣ ବିଭାଗ ଯନ୍ତ୍ରୀମାନଙ୍କୁ କଡ଼ା ନିର୍ଦ୍ଦେଶ ଦେଇଥିଲେ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର କ୍ଷେତ୍ରସ୍ତରୀୟ କର୍ମଚାରୀମାନେ ଘରକୁ ଘର ବୁଲି ପ୍ରାଥମିକ ଅବସ୍ଥାରୁ ଡାଇରିଆ ରୋଗୀମାନଙ୍କୁ ଚିହ୍ନଟ କରିବା ସହ ପ୍ରାରମ୍ଭିକ ଚିକିତ୍ସା ନିମନ୍ତେ ଆବଶ୍ୟକୀୟ ଔଷଧ, ଓଆରଏସ୍ ପ୍ୟାକେଟ୍ ଆଦି ହସ୍ପିଟାଲ୍‌କୁ ପଠାଇବାକୁ ନିର୍ଦ୍ଦେଶ ଦେଇଥିଲେ। ପରେ ସ୍ୱାସ୍ଥ୍ୟମନ୍ତ୍ରୀ କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡର ପ୍ରଭାବିତ ଅଞ୍ଚଳ ଗସ୍ତକରି କ୍ଷେତ୍ରସ୍ତରୀୟ ସ୍ଥିତି ପରଖିବା ସହ କେନ୍ଦୁଝର ଜିଲ୍ଲାପାଳ ବିଶାଳ ସିଂହ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ, ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ବିଭାଗ ଯନ୍ତ୍ରୀ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ବରିଷ୍ଠ ଅଧିକାରୀ ଏବଂ ବିଶେଷଜ୍ଞମାନଙ୍କ ସହ ସ୍ଥିତିର ସମୀକ୍ଷା କରି ଡାଇରିଆର ପ୍ରତିରୋଧ ଓ ପ୍ରତିଷେଧକ ମୂଳକ ପଦକ୍ଷେପଗୁଡ଼ିକୁ ବ୍ୟାପକ କରିବା ନିମନ୍ତେ ପରାମର୍ଶ ଦେଇଥିଲେ।

## ବିସ୍ଫୋରକ ଲୁଟ୍ ମାଷ୍ଟର୍‌ମାଇଣ୍ଡ ...

କିପରି ବିସ୍ଫୋରକ ଲୁଟ୍ ହୋଇପାରିବ ସେ ନେଇ ମାଓ ସଙ୍ଗଠନର ନେତୃତ୍ୱଙ୍କ ସହ ବିସ୍ତୃତ ଆଲୋଚନା କରି ଗତମାସ ୨୭ ତାରିଖରେ ଲୁଟ୍‌କୁ ଶେଷ ସ୍ପର୍ଶ ଦେଇଥିଲା।

ଉଲ୍ଲେଖଯୋଗ୍ୟ ଯେ ସୁନ୍ଦରଗଡ଼ ଜିଲ୍ଲା ବଡ଼ଗାଁ ଥାନା ଅନ୍ତର୍ଗତ ଇତ୍‌ମା ଅଞ୍ଚଳରୁ ୫ ଟନ୍ ବିସ୍ଫୋରକ ବାଙ୍କୋ ପଥର ଖାଦାନକୁ ଚାଲାଣ ସମ୍ପର୍କରେ ସେ ପୂର୍ବରୁ ସୂଚନା ପାଇଥିଲା। ଏହାକୁ ଲୁଟ୍ କରିବା ପାଇଁ ସେ ମାଓବାଦୀଙ୍କ କ୍ୟାମ୍ପ୍‌କୁ ଯାଇ ଖବର ଦେଇଥିଲା। ଗତମାସ ୨୭ ତାରିଖରେ ବିସ୍ଫୋରକ ଚାଲାଣ ବେଳେ ବାଙ୍କୋ ଖାଦାନ ନିକଟରେ ୧୦/୧୫ ଜଣ ସଶସ୍ତ୍ର ପୁରୁଷ ଓ ମହିଳା ମାଓବାଦୀ ସେଠାରେ ପହଞ୍ଚି ବିସ୍ଫୋରକ ବୋଝେଇ ଭ୍ୟାନ୍‌କୁ ଜଙ୍ଗଲ ମଧ୍ୟକୁ ନେଇ ଜଙ୍ଗଲ ମଧ୍ୟରେ ପୂର୍ବରୁ ପ୍ରସ୍ତୁତ ଥିବା ଅନ୍ୟ ଏକ ଭ୍ୟାନ୍ ଯୋଗେ ସମସ୍ତ ବିସ୍ଫୋରକ ସାମଗ୍ରୀକୁ ଲୁଟ୍ କରିଥିଲେ। ସେମାନେ ବନ୍ଧୁକ ମୁନରେ ଭ୍ୟାନ୍ ଚାଳକକୁ ଜଙ୍ଗଲକୁ ନେଇଯାଇ ୨୦୦ ପ୍ୟାକେଟ୍ ସିଡିଇଟି ବ୍ରାଣ୍ଡର ବିସ୍ଫୋରକ ଲୁଟିନେଇଥିଲେ। ଏହି ଘଟଣା ପରେ ଜନୈକ ଅତିରିକ୍ତ ଏସ୍‌ପିଙ୍କ ନେତୃତ୍ୱରେ ଏସ୍‌ଆଇଟି ଗଠନ କରାଯାଇଥିଲା। ଏହି ଟିମ୍ ଗତ ପ୍ରାୟ ୧୫ଦିନ ହେଲା ଘଟଣାର ତଦନ୍ତ କରୁଥିଲା। ତଦନ୍ତ ପରେ ଜର୍ଜ ମୁଣ୍ଡାର ସନ୍ଦେହଜନକ ଗତିବିଧି ଉପରେ ପୁଲିସର ନଜର ଥିଲା। ଫରେନ୍ସିକ୍ ବିଶ୍ଳେଷଣ, ଟେଲିଫୋନ୍ ଡାଟାକୁ ଆଧାର କରି ପୁଲିସ୍ ଜର୍ଜ ମୁଣ୍ଡାକୁ ଧରିଥିଲା। ଜର୍ଜ ମୁଣ୍ଡାର ମୋବାଇଲ୍ ଯାଞ୍ଚ ପରେ ସେ ବିସ୍ଫୋରକ କେତେବେଳେ ଖାଦାନକୁ ପଠାଯାଉଛି ସେସବୁ ତଥ୍ୟ ମାଓବାଦୀଙ୍କୁ ଦେଇଥିଲା। ଏପରିକି ସେ ବହୁଥର ମାଓବାଦୀ କ୍ୟାମ୍ପ୍‌କୁ ଯାଇ ପୁଲିସର ଗତିବିଧି ଓ ବିସ୍ଫୋରକ ସାମଗ୍ରୀ ସମ୍ପର୍କରେ ଶୀର୍ଷସ୍ତରୀୟ ନେତୃତ୍ୱଙ୍କୁ ସୂଚନା ଦେଉଥିଲା। ଗତମାସ ୨୭ତାରିଖରେ ଜର୍ଜର ଯୋଜନା ସଫଳ ହୋଇଥିଲା। ମାଓବାଦୀମାନେ ଲୁଟି ନେଇଥିବା ୫ ଟନ୍ ବିସ୍ଫୋରକ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ପ୍ରାୟ ୩୮୧୧ କେଜି ବିସ୍ଫୋରକ ଜବତ କରିବାରେ ସଫଳ ହୋଇଛନ୍ତି। ଓଡ଼ିଶା-ଝାଡ଼ଖଣ୍ଡ ସୀମାରେ ସୁରକ୍ଷା ବାହିନୀର ଅପରେସନ୍ ଜାରି ରହିଛି। ମାଓବାଦୀଙ୍କୁ ସହଯୋଗ କରିଥିବାରୁ ଜର୍ଜକୁ ଗିରଫ କରାଯାଇଛି ବୋଲି ଶ୍ରୀ ରାୟ କହିଥିଲେ। ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଏସ୍‌ଆଇଟି ନେତୃତ୍ୱ ନେଉଥିବା ଅତିରିକ୍ତ ଏସ୍‌ପି ହରେକୃଷ୍ଣ ମାଝୀ, ବଣାଇ ଏସ୍‌ଡିପିଓ ରାମଚନ୍ଦ୍ର ବିଶ୍ୱାଳଙ୍କ ସମେତ ଅନ୍ୟାନ୍ୟ ପୁଲିସ୍ ଅଧିକାରୀ ଉପସ୍ଥିତ ଥିଲେ।

### ୧୬ ନମ୍ବର ଜାତୀୟ ରାଜପଥରେ ଅଘଟଣ

# ଓଲଟିଲା ଯାତ୍ରୀବାହୀ ବସ୍, ୧୦ ଗୁରୁତର

**ଖୋର୍ଦ୍ଧା,୧୫।୬/ଏନ୍‌ଏନ୍‌ଏସ୍:** ଖୋର୍ଦ୍ଧା ୧୬ ନମ୍ବର ଜାତୀୟ ରାଜପଥ ପିତାପଲ୍ଲୀ ଛକରେ ଓଲଟିଲା ଯାତ୍ରୀବାହୀ ବସ୍। ଫଳରେ ୧୦ ଯାତ୍ରୀ ଗୁରୁତର ହୋଇଥିବା ବେଳେ ୧୫ରୁ ଅଧିକ ଯାତ୍ରୀ ଆହତ ହୋଇଥିବା ଜଣାପଡ଼ିଛି। ବସ୍‌ଟି ଭୁବନେଶ୍ୱରରୁ ପୋଲସରା ଯାଉଥିବା ବେଳେ ଭାରସାମ୍ୟ ହରାଇ ଦୁର୍ଘଟଣା ହୋଇଥିବା ସୂଚନାରୁ ଜଣାପଡିଛି। ଘଟଣାସ୍ଥଳରେ ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନା ପୋଲିସ ପହଞ୍ଚି ତଦନ୍ତ କରିବା ସହିତ ବସକୁ ଘଟଣାସ୍ଥଳରୁ ହଟାଇ ରାସ୍ତା ସାର୍ବଜନୀନ କରିବା ସାଙ୍ଗକୁ ଆହତ ମାନଙ୍କୁ ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟ ପଠାଇଥିବା ବେଳେ ଗୁରୁତରମାନଙ୍କୁ ଏମ୍ସ ହସ୍ପିଟାଲ ପଠାଯାଇଥିବା ଘଟଣାସ୍ଥଳରୁ ପ୍ରକାଶ ପାଇଛି। ଦୁର୍ଘଟଣା ଘଟିଥିବା ଯାତ୍ରୀବାହୀ ବସରେ ପ୍ରାୟ ୪୫ରୁ ଅଧିକ ଯାତ୍ରୀ ଯାତ୍ରା କରୁଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ, ରବିବାର ଦିନ ୧୧ଟା ସମୟରେ ନୀଳକଣ୍ଠ ନାମକ ଏକ ଘରୋଇ ବସ ଭୁବନେଶ୍ୱରରୁ ଖୋର୍ଦ୍ଧା ଦେଇ ପୋଲସରା ଅଂଚଳ ଅଭିମୁଖେ ଯାତ୍ରା କରୁଥିଲା। ତେବେ କୌଣସି କାରଣ ବଶତଃ ଯାତ୍ରୀବାହୀ ବସଟି ପିତାପଲ୍ଲୀ ନିକଟରେ ଭାରସାମ୍ୟ ହରାଇ ଓଲଟି ଯାଇଥିଲା। ତେବେ ବସ ମଧ୍ୟରେ ୪୫ ରୁ ଉର୍ଦ୍ଧ ଯାତ୍ରୀ ଯାତ୍ରା କରୁଥିବା ବେଳେ ଦୁର୍ଘଟଣାରେ ୧୦ଯାତ୍ରୀ ଗୁରୁତର ହୋଇଥିବା ସୂଚନା ମିଳିଥିବା ବେଳେ ୧୫ରୁ ଉର୍ଦ୍ଧ୍ୱ ଆହତ ହୋଇଥିବା ସୂଚନା ମିଳିଛି। ଦୁର୍ଘଟଣା ପରେ ପିତାପଲ୍ଲୀ ଛକ ଜୋର ଶଙ୍ଖ ନିକଟରେ ରାସ୍ତା ?ରେ ଟ୍ରାଫିକ୍ ଜାମ୍ ସମସ୍ୟା ସୃଷ୍ଟି ହୋଇଥିଲା। ଘଟଣାସ୍ଥଳରେ ସ୍ଥାନୀୟ ଶିଳ୍ପାଞ୍ଚଳ ଥାନା ପୁଲିସ ପହଞ୍ଚି ଟ୍ରାଫିକ୍ ନିୟନ୍ତ୍ରଣ କରିବା ସହ ଦୁର୍ଘଟଣା ଗ୍ରସ୍ତ ବସ୍‌ଟିକୁ ଜବତକରି ତଦନ୍ତ ଚଳାଇଥିବା ଥାନା ଅଧିକାରୀ ବାସୁଦେବ ଜୟସିଂହଙ୍କ ସୂଚନାରୁ ପ୍ରକାଶ ପାଇଛି।




## ମୁଖ୍ୟ ଶାସନ ସଚିବଙ୍କ ରଥଯାତ୍ରା ପ୍ରସ୍ତୁତି ସମୀକ୍ଷା



**ପୁରୀ,୧୫।୬/ଏନ୍‌ଏନ୍‌ଏସ୍:** ପୁରୀ ଗସ୍ତରେ ଆସି ରଥଯାତ୍ରା ପାଇଁ ସମସ୍ତ ପ୍ରସ୍ତୁତି ବିଷୟରେ ସମୀକ୍ଷା କରିଛନ୍ତି ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା। ଜୁନ୍ ୨୭ରେ ମହାପ୍ରଭୁଙ୍କର ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଥିବାରୁ ରଥଯାତ୍ରାକୁ କିଭଳି ଶାନ୍ତି ଶୃଙ୍ଖଳାର ସହିତ ଆୟୋଜନ କରାଯାଇପାରିବ ସେନେଇ ସମୀକ୍ଷା କରିଥିଲେ ମୁଖ୍ୟ ଶାସନ ସଚିବ। ମୁଖ୍ୟ ଶାସନ ସଚିବ ଶ୍ରୀମନ୍ଦିର କାର୍ଯ୍ୟାଳୟ ଠାରେ ପହଞ୍ଚିବା ପରେ ଶ୍ରୀମନ୍ଦିର ନୀତି ପ୍ରଶାସକ ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ତାଙ୍କୁ ସ୍ୱାଗତ କରିଥିଲେ। ମୁଖ୍ୟ ଶାସନ ସଚିବ ରଥ ନିର୍ମାଣ କାର୍ଯ୍ୟର ସମୀକ୍ଷା କରିବା ସହ ତିନି ରଥର ମୁଖ୍ୟ ବିଶ୍ୱକର୍ମାଙ୍କ ସହ ଆଲୋଚନା କରିଥିଲେ। ତେବେ ମହାପ୍ରଭୁଙ୍କ ଆଶୀର୍ବାଦରୁ ଚଳିତ ବର୍ଷ ରଥଯାତ୍ରା ଶାନ୍ତି ଶୃଙ୍ଖଳାର ସହ ଆୟୋଜନ ହେବ। ରଥଯାତ୍ରା ପାଇଁ ପ୍ରଶାସନିକ ସ୍ତରରେ ମଧ୍ୟ ଜୋରଦାର ପ୍ରସ୍ତୁତି ଚାଲିଛି। ତିନି ରଥର ନିର୍ମାଣ କାର୍ଯ୍ୟକୁ ଦ୍ରୁତ ଗତିରେ ଆଗେଇ ନେଉଛନ୍ତି ସମସ୍ତ ନିର୍ମାଣ କାରୀ। ପ୍ରବଳ ଭକ୍ତଙ୍କ ସମାଗମ କୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଉଛି। ସେହିପରି ଶ୍ରୀମନ୍ଦିର ସିଂହଦ୍ୱାର ଠାରେ ଚାଲିଥିବା ସମସ୍ତ ଚିତ୍ର କାର୍ଯ୍ୟ ମଧ୍ୟ ମୁଖ୍ୟ ଶାସନ ସଚିବ ବୁଲି ଦେଖିଥିଲେ। ମହାପ୍ରଭୁଙ୍କର ଆଶୀର୍ବାଦ ରୁ ଚଳିତ ବର୍ଷ ରଥଯାତ୍ରା ଶାନ୍ତି ଶୃଙ୍ଖଳାର ସହ ଆୟୋଜନ ହେବ ବୋଲି ଆଶା ରଖିଛନ୍ତି ମୁଖ୍ୟ ଶାସନ ସଚିବ।

## ବନବିଭାଗ କର୍ମଚାରୀଙ୍କ କଳା ବ୍ୟାଜ୍ ପରିଧାନ

**ଖୋର୍ଦ୍ଧା,୧୫।୬/ଏନ୍‌ଏନ୍‌ଏସ୍:** ସେ ମାସ ୨୩ ତାରିଖରେ ଢେଙ୍କାନାଳ ରେ ବନରକ୍ଷୀ ପ୍ରହଲ୍ଲାଦ ପ୍ରଧାନଙ୍କ ଶିକାରୀ ଗୁଳିରେ ମୃତ୍ୟୁ ଘଟଣା ତଦନ୍ତ ଦାବିରେ ବନବିଭାଗର ତିନି ଦଫା ଦାବି ରଖି ଗତ ୯ ତାରିଖରେ ଖୋର୍ଦ୍ଧା ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବି ପତ୍ର ପ୍ରଦାନ କରିଥିଲେ। ଏହି ଦାବିପତ୍ରରେ ମୃତ ପ୍ରଧାନର ପରିବାରକୁ ୧କୋଟିର ଅନୁକମ୍ପା, ତାଙ୍କ ପରିବାରର ଭରଣ ପୋଷଣ, ଫରେଷ୍ଟ କମିଶନ ଗଠନ, ବନବିଭାଗ କର୍ମଚାରୀମାନଙ୍କୁ ପୁଲିସ ଅଧିକାରୀଙ୍କ ଭଳି ଦରମା ପ୍ୟାକେଜ୍ ଘୋଷଣା ଆଦି ଦାବି ରହିଛି। ଯଦି ସରକାର ୧୫ ତାରିଖ ଭିତରେ ନ ଶୁଣନ୍ତି ତେବେ ଜୁନ୍ ୨୨ଠାରୁ ସମସ୍ତ ବନ କର୍ମଚାରୀ ସମୂହ ଛୁଟିରେ ଯିବେ ବୋଲି ଜିଲ୍ଲାପାଳଙ୍କୁ ଭେଟି ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ। ଆଜି କର୍ମଚାରୀମାନେ କଳା ବ୍ୟାଜ୍ ପିନ୍ଧି ପ୍ରତିବାଦ କରିଛନ୍ତି। ଏହା ୧୫ ତାରିଖ ଠାରୁ ୨୧ତାରିଖ ପର୍ଯ୍ୟନ୍ତ ଚାଲିବ। ସରକାର କୌଣସି ପଦକ୍ଷେପ ନ ନେଲେ ଆଗାମୀ ୨୨ତାରିଖଠାରୁ ସମୂହ ଛୁଟିରେ ସମସ୍ତ ବନ କର୍ମଚାରୀ ଯିବେ ବୋଲି ସୂଚନା ମିଳିଛି।



## କଣ୍ଟେନର୍ ପଛରେ ପିଟିହେଲା ବାଇକ୍: ୧ ମୃତ, ଜଣେ ଗୁରୁତର

**ଟାଙ୍ଗୀ,୧୫।୬/ଏନ୍‌ଏନ୍‌ଏସ୍:** ଟାଙ୍ଗୀ ଥାନା ଅନ୍ତର୍ଗତ ୧୬ନଂ ଜାତୀୟ ରାଜପଥ ମଙ୍ଗୁଳି ନିକଟରେ ଏକ ବାଇକ କଣ୍ଟେନର ପଛରେ ପିଟି ହେବାରୁ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଥିବା ଜଣାପଡିଛି। ମୃତ ଯୁବକ ଜଣଙ୍କ ହେଲେ କେନ୍ଦ୍ରାପଡ଼ାର ଜୀବନ ପଟ୍ଟନାୟକ ଗୁରୁତର ହୋଇଥିବା ବ୍ୟକ୍ତି ଜଣଙ୍କ କଟକ ଅଞ୍ଚଳର ଆଶିଷ ମହାପାତ୍ର ବୋଲି ଜଣାପଡ଼ିଛି। ଦୁହେଁ ମଧୁ ବାସନ୍ତୀ ନାମକ ଏକ ଯାତ୍ରାପାଟିରେ କାର୍ଯ୍ୟ କରୁଥିବା ବେଳେ ଦୁହେଁ ବାଇକ ଯୋଗେ ଚଣ୍ଡିଖୋଲରୁ କଟକ ଅଭିମୁଖେ ଯାଉଥିବା ସମୟରେ ମଙ୍ଗୁଳି ନିକଟରେ ବାଇକ ଚକା ପମ୍ପଚର ହୋଇ ଯିବାରୁ ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଠିଆ ହୋଇଥିବା କଣ୍ଟେନର ପଛରେ ପିଟି ହୋଇଥିଲା। ଫଳରେ ଘଟଣାସ୍ଥଳରେ ଜୀବନଙ୍କ ଜୀବନ ଚାଲିଯାଇଥିବା ବେଳେ ଆଶିଷ ଗୁରୁତର ହୋଇ ଥିଲେ। ଖବର ପାଇଁ ଘଟଣାସ୍ଥଳରେ ରାଜପଥ ପୁଲିସ ପହଞ୍ଚି ମୃତ୍ୟୁ ଦେହକୁ ରାଜପଥ ଆମ୍ବୁଲାନ୍ସ ଯୋଗେ ବ୍ୟବଚ୍ଛେଦ ପାଇଁ କଟକ ବଡ଼ ମେଡ଼ିକାଲକୁ ପଠାଇ ଗୁରୁତର ବ୍ୟକ୍ତିଙ୍କୁ ଚିକିତ୍ସା ପାଇଁ ପଠାଇ ଦୁଇଜଣଙ୍କ ସମ୍ପର୍କୀୟ ମାନଙ୍କୁ ଖବର ଦେଇଥିଲେ।

## ପୁଅର ଛୁରାମାଡ଼ରେ ବୃଦ୍ଧ ବାପ ଗୁରୁତର

**କୋଣାର୍କ,୧୫।୬/ଏନ୍‌ଏନ୍‌ଏସ୍:** ଶନିବାର ରାତ୍ର ୮ଘଣ୍ଟିକା ସମୟରେ ପାରିବାରିକ ସମସ୍ୟାକୁ କେନ୍ଦ୍ରକରି ରାମଚଣ୍ଡୀ ଥାନା ଅଧୀନ ବାଲିକପିଳେଶ୍ୱର ଗ୍ରାମର ଧଡିଆ ମଲ୍ଲିକ(୭୦) ନାମକ ବ୍ୟକ୍ତିଙ୍କର ନିଜ ପୁଅ ଦିଲ୍ଲୀପ ମଲ୍ଲିକ(୪୫) ମଧ୍ୟରେ କୌଣସି କାରଣକୁ ନେଇ କଳି ଝଗଡ଼ାହୋଇଥିଲା। କଳିଝଗଡା ସମୟରେ ପୁଅ ଦିଲ୍ଲୀପ ହଠାତ ଉତ୍‌କ୍ଷିପ୍ତ ହୋଇ ବାପା ଧଡ଼ିଆଙ୍କର ପେଟକୁ ଏକ ଛୁରୀରେ ଅଚାନକ ଆକ୍ରମଣ କରିଥିଲା। ଫଳରେ ବାପା ଧଡିଆ ମଲ୍ଲିକର ପେଟରୁ ରକ୍ତସ୍ରାବ ହୋଇ ଗୁରୁତର ହୋଇପଡ଼ିଥିଲେ। ଏହି ଘଟଣା ପରେ ଗ୍ରାମବାସୀ ମାନେ ତୁରନ୍ତ ଗୁରୁତର ଆହତ ଧଡ଼ିଆଙ୍କୁ ଗୋପ ମେଡିକାଲକୁ ଆମ୍ବୁଲାନ୍ସରେ ପଠାଇଥିଲେ। ସେଠାରେ ସୁସ୍ଥ ହେବାପରେ ରବିବାର ସକାଳେ ବାପା ଧଡିଆ ମଲ୍ଲିକ ମେଡିକାଲରୁ ଫେରିଆସି ଏ ନେଇ ରାମଚଣ୍ଡୀ ଥାନାରେ ପୁଅ ଦିଲ୍ଲୀପ ବିରୋଧରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ରାମଚଣ୍ଡୀ ଥାନାରେ ଏକ ମାମଲା ରୁଜୁକରି ପୁଲିସ ଆସାମୀ ଦିଲ୍ଲୀପ ମଲ୍ଲିକକୁ ନିଜ ଗ୍ରାମ ବାଲିକପିଳେଶ୍ୱରରୁ ଗିରଫକରି କୋର୍ଟଚାଲାଣ କରି ଘଟଣାର ତଦନ୍ତ ଜାରି ରହିଥିବା ରାମଚଣ୍ଡୀ ଥାନା ଅଧିକାରୀ ବସନ୍ତ କୁମାର ସାହୁ ପ୍ରକାଶ କରିଛନ୍ତି।



## ସ୍ୱତନ୍ତ୍ର ଡ୍ରାଇଭ୍ ଆରମ୍ଭ ...

ପାର୍କିଂ ସ୍ଥାନ, ଟ୍ରାଫିକ ଜାମ୍ ଓ ବିକଳ୍ପ ରାସ୍ତା ସମ୍ବନ୍ଧରେ ତ୍ୱରିତ ସୂଚନା ପ୍ରଦାନ କରିବ।

ଏହା ସହ ସମ୍ଭାବ୍ୟ ଆତଙ୍କବାଦୀ ଆକ୍ରମଣର ମୁକାବିଲା ନିମନ୍ତେ ସମୁଦ୍ର ମଧ୍ୟରେ ଭାରତୀୟ ନୌସେନା, ଭାରତୀୟ ତଟରକ୍ଷୀ ଓ ଓଡ଼ିଶା ପୁଲିସ ସାମୁଦ୍ରିକ ଥାନାର ମିଳିତ ପାଟ୍ରୋଲିଂ ବ୍ୟବସ୍ଥା ସହ ଜାହାଜରେ କ୍ୟୁଆର୍‌ଟି ମୁତୟନ, ଆକାଶ ମାର୍ଗରୁ ଆକ୍ରମଣକୁ ପ୍ରତିହତ କରିବା ନିମନ୍ତେ ଡ୍ରୋନ୍ ଏବଂ ଆଣ୍ଟି ଡ୍ରୋନ୍ ସିଷ୍ଟମ୍‌ର ବ୍ୟବସ୍ଥା କରାଯାଇଛି।

ଯେକୌଣସି ପ୍ରତିକୂଳ ପରିସ୍ଥିତିର ମୁକାବିଲା ନିମନ୍ତେ ଆଣ୍ଟି ଟେରୋରିଷ୍ଟ ସ୍କ୍ୱାଡ୍ ସହ ଏକ ରକ୍ଷକ ବାହନ ମଧ୍ୟ ପୁରୀ ସହରରେ ମୁତୟନ କରାଯିବା ଉପରେ ଡିଜିପି ଗୁରୁତ୍ୱାରୋପ କରିଛନ୍ତି। ସୁରକ୍ଷା ଓ ନିରାପତ୍ତା ଦୃଷ୍ଟିରୁ ବିଗତ ବର୍ଷ ଅପେକ୍ଷା ଅଧିକ ଫୋର୍ସ ନିୟୋଜିତ କରାଯିବା ଉପରେ ଡିଜିପି ସୂଚନା ଦେଇଛନ୍ତି। ଏହା ସହ ରଥଯାତ୍ରା ସମୟରେ ସମ୍ଭାବ୍ୟ ଦଳା ଚକଟା ପରିସ୍ଥିତି ଏବଂ ଏହାର ନିରାକରଣ ଉପରେ ସଦା ସର୍ବଦା ପ୍ରସ୍ତୁତ ରହିବାକୁ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି।

ଏହି ଅବସରରେ ସହରରେ ଟ୍ରାଫିକ୍ ସୁପରିଚାଳନା ନିମନ୍ତେ ରୋଡ୍ ଡିଭାଇଡର୍, ଡିଲିନେଟର୍ ଓ ଟ୍ରାଫିକ ଜୋନ୍ ବ୍ୟବସ୍ଥା, ସହରର ବିଭିନ୍ନ ସ୍ଥାନରେ ପର୍ଯ୍ୟାପ୍ତ ପାର୍କିଂ ବ୍ୟବସ୍ଥା, ଶୃଙ୍ଖଳିତ ଟ୍ରାଫିକ ବ୍ୟବସ୍ଥାର ପରିଚାଳନା, ସମୁଦ୍ର କୂଳରେ ପୁଲିସ ପକ୍ଷରୁ କଡାକଡି ପାଟ୍ରୋଲିଂ, ଅସ୍ଥାୟୀ ପୁଲିସ ଆଉଟ୍‌ପୋଷ୍ଟ ଖୋଲାଯିବା, ବିଭିନ୍ନ ରେଳ ଷ୍ଟେସନରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ଆଲୋଚନା ହୋଇଥିଲା। ଆର୍‌ପିଏଫ୍ ସହ ଉପଯୁକ୍ତ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ଡିଜିପି ପରାମର୍ଶ ଦେଇଥିଲେ। ସେହିପରି ଅତି ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ପାଇଁ ସ୍ୱତନ୍ତ୍ର ହେଲିପ୍ୟାଡ୍, ପୁଲିସ ଫୋର୍ସଙ୍କ ରହଣି ନିମନ୍ତେ ସ୍ୱତନ୍ତ୍ର ସୁବିଧା, ଶୃଙ୍ଖଳିତ ରଥଟଣା, ବ୍ୟାରିକେଡ୍ ବ୍ୟବସ୍ଥା, ଜିଲ୍ଲା ପ୍ରଶାସନ ସହ ମିଶି ବିଭିନ୍ନ ଅସୁବିଧାର ଆଶୁ ସମାଧାନ ଏବଂ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ନିମନ୍ତେ ସ୍ୱତନ୍ତ୍ର ସୁବିଧା ଇତ୍ୟାଦି ସମ୍ପର୍କରେ ଡିଜିପି ବିସ୍ତୃତ ଭାବେ ଆଲୋଚନା କରିଥିଲେ। ରଥ ଯାତ୍ରାକୁ ଶୃଙ୍ଖଳିତ ତଥା ତ୍ରୁଟିଶୂନ୍ୟ ଭାବେ ସମାପନ କରିବା ପାଇଁ ଡିଜିପି ଶ୍ରୀ ଖୁରାନିଆ ଜନସାଧାରଣଙ୍କ ସହଯୋଗ କାମନା କରିଛନ୍ତି।

ଏହି ବୈଠକରେ ନିର୍ଦ୍ଦେଶକ (ଗୁଇନ୍ଦା) ଆର. ପି. କୋଚେ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଧୁନିକୀକରଣ) ସୌମେନ୍ଦ୍ର କୁମାର ପ୍ରିୟଦର୍ଶୀ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର, ପରିବହନ କମିଶନର ଅମିତାଭ ଠାକୁର , ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (କମୁନିକେସନ) ଦୟାଲ ଗଙ୍ଗୱାର , ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଏସ୍‌ଏପି) ରାଜେଶ କୁମାର, ଆଇଜି (କେନ୍ଦ୍ରାଞ୍ଚଳ) ଏସ୍. ପ୍ରବୀଣ କୁମାର, ଆଇଜି (ଅପରେସନ୍) ଡ. ଦୀପକ କୁମାର, ଆଇଜି (ବିପିଏସ୍‌ପିଏ) ଅନୁପ ସାହୁ, ଡିଆଇଜି (ପ୍ରୋଭିଜନିଂ) ଚରଣ ସିଂ ମିନା, ଡିଆଇଜି (ଏସ୍‌ଆଇଡବ୍ଲୁ) ଡ. କନୱାର ବିଶାଳ ସିଂ , ଡିଆଇଜି (ଏସ୍‌ଟିଏଫ୍) ପିନାକ ମିଶ୍ର, ଡିଆଇଜି( କ୍ରାଇମ୍‌ବ୍ରାଞ୍ଚ) ବି. ଗଙ୍ଗାଧର, ଡିଆଇଜି ( କାର୍ମିକ) ଯୁଗଳ କିଶୋର ବନୋଥ, ଏସ୍‌ପି (ରେଲୱେ) ବିବେକାନନ୍ଦ ଶର୍ମା, ଏସପି (ପୁରୀ) ଭିନୀତ ଅଗ୍ରୱାଲଙ୍କ ସମେତ ବହୁ ବରିଷ୍ଠ ପୁଲିସ ଅଧିକାରୀ ଉପସ୍ଥିତ ଥିଲେ।

## ଇସ୍କନ ଗଭର୍ଣ୍ଣିଂ ବଡି କମିସନର ଅଧ୍ୟକ୍ଷଙ୍କୁ ପତ୍ର ଲେଖିଲେ ଗଜପତି ମହାରାଜା

**ପୁରୀ,୧୫।୬/ଏନ୍‌ଏନ୍‌ଏସ୍:** ସାରା ବିଶ୍ୱରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସ୍ନାନଯାତ୍ରା ତଥା ରଥଯାତ୍ରା ଶାସ୍ତ୍ର ଅନୁମୋଦିତ ତିଥିରେ ପାଳନ ସମ୍ପର୍କରେ ପଦକ୍ଷେପ ନେବାକୁ ଇସ୍କନ ଗଭର୍ଣ୍ଣିଂ ବଡି କମିସନର ଅଧ୍ୟକ୍ଷଙ୍କୁ ଆଜି ପତ୍ର ଲେଖିଛନ୍ତି ଶ୍ରୀ ଗଜପତି ମହାରାଜା। ଗଜପତି ମହାରାଜା ନିଜ ପତ୍ର (ଇମେଲ୍ ମଧ୍ୟମରେ) ଅତି ସ୍ପଷ୍ଟ ଭାବେ ଉଲ୍ଲେଖ କରିଛନ୍ତି ଯେ, ଭାରତ ବାହାରେ ବିଭିନ୍ନ ଦେଶର ଇସ୍କନ କେନ୍ଦ୍ର ତଥା ମନ୍ଦିର ଗୁଡ଼ିକ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସ୍ନାନଯାତ୍ରା ଏବଂ ରଥଯାତ୍ରା ଶାସ୍ତ୍ରରେ ଅନୁମୋଦିତ ନ ଥିବା ତିଥିରେ ପାଳନ କରୁଥିବା ନଜରକୁ ଆସିଅଛି। ଏହା ସମ୍ପୂର୍ଣ୍ଣ ରୂପେ ଶାସ୍ତ୍ର ବିରୋଧୀ କାର୍ଯ୍ୟ। ବିଭିନ୍ନ ଇସ୍କନ ମନ୍ଦିର ପକ୍ଷରୁ ଇଣ୍ଟରନେଟରେ ଏସମ୍ପର୍କରେ ଦିଆଯାଇଥିବା ଘୋଷଣାନାମାକୁ ମଧ୍ୟ ଚିଠି ସହିତ ସଂଲଗ୍ନ କରାଯାଇଅଛି। ଶ୍ରୀ ଗଜପତି ମହାରାଜା ଲେଖିଛନ୍ତି ଯେ, ଗତ ମାର୍ଚ୍ଚ ୨୦ ତାରିଖରେ ଭୁବନେଶ୍ୱର ଠାରେ ହୋଇଥିବା ଆଲୋଚନା ସମୟରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକମାନେ ଦୃଢ଼ ଭାବେ ଇସ୍କନର ଯୁକ୍ତିକୁ ଖଣ୍ଡନ କରିବା ସହ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସ୍ନାନଯାତ୍ରା କେବଳ ଜ୍ୟେଷ୍ଠ-ପୂର୍ଣ୍ଣିମା ତିଥି (ଏବର୍ଷ ଜୁନ୍ ୧୧ ତାରିଖ) ପାଳନ ହୋଇପାରିବ ଏବଂ ଆଷାଢ ଶୁକ୍ଳ ଦ୍ୱିତୀୟ (ଏବର୍ଷ ଜୁନ୍ ୨୭ ତାରିଖ ) ଠାରୁ ଆଷାଢ ଶୁକ୍ଳ ପକ୍ଷ ଦଶମୀ (ଏବର୍ଷ ଜୁଲାଇ ୫ ତାରିଖ) ପବିତ୍ର ନଅ ଦିନ ମଧ୍ୟରେ ହିଁ ରଥଯାତ୍ରା (ଶ୍ରୀଗୁଣ୍ଡିଚା ଯାତ୍ରା ଏବଂ ବାହୁଡାଯାତ୍ରା) ପାଳନ କରାଯାଇ ପାରିବ ବୋଲି ସ୍ପଷ୍ଟ ଭାବେ କହିଥିଲେ। ମହାପ୍ରଭୁଙ୍କ ସବୁଠାରୁ ପବିତ୍ର ଏହି ଯାତ୍ରା ଅନ୍ୟ ତିଥି କିମ୍ବା ତାରିଖରେ ପାଳନ କରାଯିବା ଦ୍ୱାରା ଶାସ୍ତ୍ର ତଥା ପବିତ୍ର ଶ୍ରୀଜଗନ୍ନାଥ ପରମ୍ପରା ଉଲ୍ଲଂଘନ ହେବ। ଏନେଇ ଗବେଷକ ମାନଙ୍କ ବିସ୍ତୃତ ଶାସ୍ତ୍ର ସମ୍ମତ ମତ ଖୁବଶୀଘ୍ର ଇସ୍କନକୁ ପଠାଯିବ। ତେଣୁ ସମଗ୍ର ବିଶ୍ୱରେ କୌଣସି ଇସ୍କନ କେନ୍ଦ୍ର କିମ୍ବା ମନ୍ଦିରରେ ଶାସ୍ତ୍ର ସମ୍ମତ ତିଥି/ତାରିଖ ବ୍ୟତିରେକ ଅନ୍ୟ ଦିନ ସ୍ନାନଯାତ୍ରା କିମ୍ବା ରଥଯାତ୍ରା ଯେପରି ପାଳିତ ନ ହୁଏ, ତାହା ନିଶ୍ଚିତ କରିବାକୁ ଇସ୍କନ ଗର୍ଭର୍ଣ୍ଣିଂ ବଡି କମିସନ ଅଧ୍ୟକ୍ଷ ଗୋବର୍ଦ୍ଧନ ଦାସ ପ୍ରଭୁଙ୍କୁ କହିଛନ୍ତି ଗଜପତି ମହାରାଜା।

## ଓଡ଼ିଶା ସାଇକେଲ୍ ପୋଲୋ ସଙ୍ଘର ଗଭର୍ଣ୍ଣିଂ ବଡି ବୈଠକ

**ପୁରୀ,୧୫।୬/ଏନ୍‌ଏନ୍‌ଏସ୍:** ଓଡ଼ିଶା ସାଇକେଲ ପୋଲୋ ସଙ୍ଘର ଗଭର୍ଣ୍ଣିଂ ବଡି ବୈଠକ ଅନୁଷ୍ଠିତ ହୋଇଯାଇଛି। ପୁରୀ ୟୁଥ ହଷ୍ଟେଲ ଠାରେ ଓଡିଶା ସାଇକେଲ ପୋଲୋ ସଂଘର ନୂତନ ସଭାପତି ଭାବେ ବିନୟ ନୃସିଂହ ମହାପାତ୍ର ଏବଂ ବିଭିନ୍ନ କାର୍ଯ୍ୟକର୍ତ୍ତା ନିର୍ବାଚିତ ହୋଇଛନ୍ତି ବୋଲି ସଙ୍ଘ ର ରାଜ୍ୟ ସାଧାରଣ ସମ୍ପାଦକ ରାଜକିଶୋର ମହାନ୍ତି କହିଥିଲେ। ଏହି ସଭାରେ ଓଡ଼ିଶାର ୧୦ଟି ୟୁନିଟ୍ ଅଂଶଗ୍ରହଣ କରିଥିଲେ। ଏହି ମିଟିଂରେ ଗୋପୀନାଥ ସାହୁ, ଅଭିମନ୍ୟୁ ଶତପଥୀ, ରଂଜିତ ମିଶ୍ର, ସଚ୍ଚିଦାନନ୍ଦ ଦାଶ, ଶରତ ମହାନ୍ତି, ଅମର ଆନନ ପଟ୍ଟନାୟକ, ପ୍ରିତିଶ ମହାନ୍ତି, ପ୍ରତୀକ ଦାଶ, ଶିବାଶିଷ ମହାନ୍ତି, ଅଂଶୁମାନ ଶତପଥୀ, ଶୁଭମ ଜେନା, ଶୁଭ୍ରଜିତ ମିଶ୍ର ଏବଂ ସମସ୍ତ ଜିଲ୍ଲାର ସମ୍ପାଦକ ମାନେ ଯୋଗଦାନ କରିଥିଲେ ବୋଲି ଓଡିଶା ସାଇକେଲ ପୋଲୋ ସଂଘର ରାଜ୍ୟ ସାଧରଣ ସମ୍ପାଦକ କହିଥିଲେ।

ଆଗାମୀ ଦିନରେ ଜାତୀୟ ସ୍ତରୀୟ ପ୍ରତିଯୋଗୀତା ଡିସେମ୍ବର ମାସ ରେ ଅନୁଷ୍ଠିତ ହେବ। ଏହି ଖେଳର ଉନ୍ନତି ପାଇଁ ସ୍କୁଲ ସ୍ତରରୁ ଖେଳାଳିମାନଙ୍କୁ ଚୟନ କରାଯିବ ଏବଂ ଆବଶ୍ୟକ କାର୍ଯ୍ୟକ୍ରମ କରାଯିବ ବୋଲି ସଂଘର ରାଜ୍ୟ ସଭାପତି କହିଥିଲେ। ସରକାରଙ୍କ ନିକଟରେ ଖେଳାଳି ମାନଙ୍କୁ ପ୍ରୋତ୍ସାହନ ରାଶି ଯୋଗାଇ ଦିଆଯିବ ସେ ନେଇ ସଂଘର ରାଜ୍ୟ ସାଧାରଣ ସମ୍ପାଦକ ନୂତନ ସଭାପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ନଭେମ୍ବର ସୁଦ୍ଧା ୨୦ଟି ଜିଲ୍ଲାରେ ଏହି ଖେଳକୁ ପଞ୍ଜିକରଣ କରାଯିବ। ସାଇକେଲ ପୋଲୋ ଖେଳର ସମସ୍ତ ସୁବିଧା ଅସୁବିଧା ସରକାର ଙ୍କ ନିକଟରେ ପହଞ୍ଚେଇବା ନୂତନ ସଭାପତିଙ୍କ ନେତୃତ୍ୱ କ୍ରମେ ଏକ ୩ଜଣିଆ ଡ୍ରାଫଟିଙ୍ଗ କମିଟି ଗଠନ କରାଯାଇଛି। ଡିସେମ୍ବର ସୁଦ୍ଧା ଜାତୀୟ ସ୍ତରୀୟ ସାଇକେଲ ପୋଲୋ ପ୍ରତିଯୋଗିତା ପୁରୀ ଠାରେ ଅନୁଷ୍ଠିତ ହେବ ବୋଲି ସଙ୍ଘ ର ସଭାପତି ପ୍ରକାଶ କରିଥିଲେ।

## ଆଜିର ଇତିହାସ

- ୧୫୫୮-ପ୍ରଥମ ଭାରତୀୟ ସ୍ୱତନ୍ତ୍ରତା ସଂଗ୍ରାମ ସମୟରେ ମୋରାର ଯୁଦ୍ଧ ହୋଇଥିଲା।
- ୧୯୮୩-ଛତିଶଗଡ଼ରେ ଗୁରୁ ଘାସିଦାସ ବିଶ୍ୱବିଦ୍ୟାଳୟର ସ୍ଥାପନା ହୋଇଥିଲା।
- ୨୦୦୮-ଉତ୍ତରପ୍ରଦେଶ ରାଜ୍ୟ ବିତ୍ତ ମନ୍ତ୍ରଣାଳୟର ଏକ ପ୍ୟାନେଲ୍ ପେଟ୍ରୋଲିୟମ୍ ବିକ୍ରି କରରେ କଟୌତି ସହିତ ସହମତ ହୋଇଥିଲେ।
- ୨୦୧୨-ଉସ୍ମାନାବାଦରେ ଏକ ବସ୍ ପାହାଡ଼ରୁ ପଡ଼ି ୩୦ ଜଣ ଲୋକଙ୍କର ମୃତ୍ୟୁ ହୋଇଥିଲା।
- ୧୯୫୦- ମିଥୁନ ଚକ୍ରବର୍ତ୍ତୀଙ୍କର ଆଜି ଜନ୍ମଦିନ।
- ୧୯୪୪-ରସାୟନ ବିଜ୍ଞାନର ଜନକ ପ୍ରଫୁଲ୍ଲ ଚନ୍ଦ୍ର ରାୟଙ୍କ ନିଧନ।

## ଆଜିର ରାଶିଫଳ



ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା,ନିମାପଡ଼ା, ପୁରୀ, ମୋ: ୯୭୭୭୨୫୨୨୪୦

**ମେଷ** - ଆଜି ସାବଧାନ ରହିବେ। ସରକାର ବିରୋଧୀ କାମରୁ ଦୂରରେ ରହିବେ। ଦୁର୍ଘଟଣା ଘଟିପାରେ। ବାହାରର ଖାଦ୍ୟପେୟର ଅଭ୍ୟାସ ପାଇଁ ସ୍ୱାସ୍ଥ୍ୟହାନି ଘଟିପାରେ। ସନ୍ତାନ ସହିତ ମତଭେଦ ହୋଇପାରେ।

**ବୃଷ** - ପ୍ରିୟ ସାଙ୍ଗମାନଙ୍କ ସହିତ ଭ୍ରମଣ କରିବାର ସୁଯୋଗ ପାଇବେ। ସୁନ୍ଦର ବସ୍ତ୍ର-ଆଭୂଷଣ, ଭୋଜନ ଆଦିର ଅବସର ମିଳିବ। ବାହନ ଧୀରେ ଚଲେଇବେ। ପରିବାରରେ କାହାରି ସହିତ ବିବାଦ ହୋଇପାରେ।

**ମିଥୁନ** - ପରିବାରର ବାତାବରଣ ଉଲ୍ଲାସପୂର୍ଣ୍ଣ ରହିବ। ଶାରୀରିକ ସ୍ଫୂର୍ତ୍ତି ଓ ମାନସିକ ପ୍ରସନ୍ନତା ଅନୁଭବ କରିବେ। ଆର୍ଥିକ ଲାଭ ପାଇବେ। ଦ୍ୱିପହର ପରେ ମନୋରଞ୍ଜନ ଉପରେ ଧ୍ୟାନ ରହିବ।

**କର୍କଟ** - ଭବିଷ୍ୟତର ଯୋଜନା କରିବା ପାଇଁ ଭଲ ସମୟ। ବାଦବିବାଦ ଠାରୁ ଦୂରରେ ରହିବେ। ବିଦ୍ୟାର୍ଥୀଙ୍କ ପାଇଁ ସମୟ ଅନୁକୂଳ। ସ୍ୱାସ୍ଥ୍ୟ ଭଲ ରହିବ। ଜଏଣ୍ଟ ପେନ୍ ଦୂର ହୋଇପାରେ।

**ସିଂହ** - ଶାରୀରିକ ଓ ମାନସିକ ସ୍ତରରେ ଅସୁସ୍ଥ ରହିବେ। ମାତାଙ୍କ ସ୍ୱାସ୍ଥ୍ୟ ଚିନ୍ତାରେ ପକାଇବ। ବୌଦ୍ଧିକ ଓ ରାଜନୈତିକ ଚର୍ଚ୍ଚା ନକରିଲେ ଭଲ। ଖର୍ଚ୍ଚ ଉପରେ ନିୟନ୍ତ୍ରଣ ରଖନ୍ତୁ।

**କନ୍ୟା** - ଆଧ୍ୟାତ୍ମିକତା ପ୍ରତି ଆକର୍ଷଣ ରହିବ। ଆର୍ଥିକ ଲାଭ ହେବାର ସମ୍ଭାବନା ରହିଛି। ସ୍ଥାୟୀ ସମ୍ପତ୍ତି ପାଇଁ ପ୍ରୟାସ ନକରିଲେ ଭଲ। ଇଲେକ୍ଟ୍ରିକ୍ ଉପକରଣଗୁଡ଼ିକ ପ୍ରତି ସାବଧାନ ରହିବେ।

**ତୁଳା** - ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ବିଗିଡ଼ି ଯାଇପାରେ। ବାଣୀ ଉପରେ ସଂଯମ ରଖନ୍ତୁ। ମନର ଗ୍ଲାନି ଦୂର ହେବ। ନୂଆ କାମ ପାଇଁ ପ୍ରସ୍ତୁତ ରହିବେ। ବିରୋଧୀଙ୍କ ଉପରେ ବିଜୟ ପ୍ରାପ୍ତ କରିବେ।

**ବିଛା** - ସୁଖ ଓ ସନ୍ତୋଷ ପ୍ରାପ୍ତି ହେବ। ଶୁଭ ସମାଚାର ପାଇବେ। ବ୍ୟାପାର ପାଇଁ ଦିନଟି ସାମାନ୍ୟ। ଅନାବଶ୍ୟକ ଖର୍ଚ୍ଚ ପାଇଁ ସଂଯମ ରଖିବେ। ମନର ଚିନ୍ତା ଦୂର ହେବ।


**ଧନୁ** - ଆଜି ଦୁର୍ଘଟଣାର ଯୋଗ ରହିଛି। ସବୁ ମାମଲାରେ ସାବଧାନ ରହିବେ। ବାହନ ଧୀରେ ଚଲାନ୍ତୁ। ଧନ ଖର୍ଚ୍ଚ ହୋଇପାରେ। ସ୍ୱଭାବରେ ଉଗ୍ରତା ରହିବ। ପ୍ରସନ୍ନ ରହିବେ।

**ମକର** - ବ୍ୟାପାର-ବ୍ୟବସାୟ ଓ ଚାକିରି କରୁଥିବା ଲୋକଙ୍କ ପାଇଁ ଭଲ ଦିନ। ପୁତ୍ର ଓ ପତ୍ନୀଙ୍କ ଦ୍ୱାରା ଆର୍ଥିକ ଲାଭ ପାଇବେ। ସାଂସାରିକ ଜୀବନରେ ସୁଖପ୍ରଦ ପ୍ରସଙ୍ଗ ପାଇଁ ମନ ଖୁସି ରହିବ। ମନୋରଞ୍ଜନ ପଛରେ ଧନ ଖର୍ଚ୍ଚ ହେବ।

**କୁମ୍ଭ** - ଦିନଟି ଲାଭକାରୀ। ବ୍ୟାପାର କ୍ଷେତ୍ରରେ ଲାଭ ପାଇବେ। ଚାକିରିରେ ପଦୋନ୍ନତି ହେବ। ଧାର୍ ଧନ ପାଇବେ। ନିବେଶର ଯୋଜନା କରିପାରନ୍ତି। ସନ୍ତୋଷଜନକ ପ୍ରଗତି ହେବ। ପାରିବାରିକ ଜୀବନରୁ ଆନନ୍ଦ ମିଳିବ।

**ମୀନ** - କୌଣସି ନୂଆ କାମ ଆରମ୍ଭ ହୋଇପାରେ। ଧାର୍ମିକ ଯାତ୍ରା ଯୋଗ ରହିଛି। କୌଣସି ବିଘ୍ନ ବିନା କାମ ହୋଇଯିବ। ଧନ ଲାଭ ଯୋଗ ରହିଛି। ମିତ୍ର ଦ୍ୱାରା ଲାଭ ପାଇବେ।

## ଶ୍ରୀମଦ୍ ଭଗବଦ୍‌ଗୀତା



**ସ୍ୱୟମେବାତ୍ମନାତ୍ମାନଂ ବେତ୍ଥ ତ୍ୱଂ ପୁରୁଷୋତ୍ତମ।**
**ଭୂତଭାବନ ଭୂତେଶ ଦେବଦେବ ଜଗତ୍‌ପତେ। (୧୦/୧୫)**

ହେ ପୁରୁଷୋତ୍ତମ, ହେ ଜୀବଜଗତର ଉତ୍ପାଦକ, ହେ ଭୂତଗଣଙ୍କ ନିୟାମକ, ହେ ଦେବଦେବ, ହେ ବିଶ୍ୱପାଳକ ତୁମେ ନିଜେ ନିଜର ଆତ୍ମଜ୍ଞାନ ଦ୍ୱାରା ନିଜକୁ ଜାଣ। ସତରେ ତ୍ରିଗୁଣାତ୍ମକ ମାୟାଶୂନ୍ୟ ପୁରୁଷ ହିଁ ପୁରୁଷୋତ୍ତମ, ତେଣୁ ତାଙ୍କର ଆତ୍ମଜ୍ଞାନ ସ୍ୱତଃସିଦ୍ଧ। ଏହି ଆତ୍ମଜ୍ଞାନ ଦ୍ୱାରା ସେ ନିଜକୁ ଜାଣନ୍ତି। ଶ୍ରୀ ରାମକୃଷ୍ଣ ଏ ସଂକ୍ରାନ୍ତରେ କହନ୍ତି - ଜଣେ ଲୋକ ଖଣ୍ଡିଏ ହୀରା ନେଇ ବଜାରକୁ ଗଲେ ତା'ର ମୂଲ୍ୟାଙ୍କନ କରିବା ପାଇଁ ଏବଂ ଅନେକ ବ୍ୟବସାୟୀଙ୍କୁ ମଧ୍ୟ ଦେଖାଇଲେ। ବାଇଗଣ ବେପାରୀ କହିଲା ଯେ ମୋତେ ଏହାକୁ ଦିଅ ତା' ବଦଳରେ ମୁଁ ତୁମକୁ ପାଞ୍ଚ ପାଛିଆ ବାଇଗଣ ଦେବି। ଚାଉଳ ବେପାରୀ କହିଲା - ଏହାର ମୂଲ୍ୟ ଦୁଇବସ୍ତା ଚାଉଳର ମୂଲ୍ୟ ସହିତ ସମାନ ହେବ। ଆଉ ଜଣେ ପର୍ଦ୍ଦା ବେପାରୀ କହିଲା ଯେ ଏହି ହୀରାପଥର ପରିବର୍ତ୍ତେ ମୁଁ ତୁମକୁ ଗୋଟିଏ ଲାଇଲେନ ପର୍ଦ୍ଦାର ଗୋଟିଏ ବଣ୍ଡଲ୍ ଦେବି। କାହାକୁ ନ ଦେଇ ସେ ଶେଷରେ ହୀରା ବେପାରୀ ପାଖରେ ପହଞ୍ଚିଲା। ହୀରା ବେପାରୀ ପରୀକ୍ଷା ନିରୀକ୍ଷା କରି ଜାଣିଗଲା ଯେ ଏହା ଗୋଟିଏ ଅମୂଲ୍ୟ ହୀରାଖଣ୍ଡ। ସେ ଲୋକଟିକୁ କହିଲା - ଏହାର ମୂଲ୍ୟ ଦୁଇଲକ୍ଷ ଟଙ୍କା। ବିଭିନ୍ନ ଲୋକ ନିଜର ବିଭିନ୍ନ ବୁଝିବା-ଶକ୍ତି ଅନୁସାରେ ଈଶ୍ୱରଙ୍କୁ ଦେଖନ୍ତି ଓ ବୁଝନ୍ତି। ତେଣୁ ବାସ୍ତବରେ ଈଶ୍ୱରଙ୍କ କୃପା ଓ ବିଭବ ଅନନ୍ତ, କେହି ତାଙ୍କୁ ସହଜରେ ଧରିପାରନ୍ତିନି।

# ଡିଏନ୍‌ଏ ପରୀକ୍ଷା

**ଯେତେବେଳେ କୌଣସି ବଡ଼ ଦୁର୍ଘଟଣା ବା କୌଣସି ଅପରାଧ ଘଟିତ ହୁଏ ତାହା ବଡ଼ ଆହ୍ୱାନ ହୋଇଯାଏ ଏକ ଶବ ଚିହ୍ନଟ କରିବା ପାଇଁ। ଏଥିପାଇଁ ଏକ ଭରସାଯୋଗ୍ୟ ଉପାୟ ହେଉଛି ଡିଏନ୍‌ଏ ଟେଷ୍ଟିଂ। ଡିଏନ୍‌ଏ ଟେଷ୍ଟ କିପରି ହୁଏ, କିଏ କରେ ଓ ଶବଗୁଡ଼ିକର ଚିହ୍ନଟରେ ଡିଏନ୍‌ଏ ଟେକ୍‌ନିକ୍ କିପରି ସାହାଯ୍ୟ କରେ ସେ ବିଷୟରେ ବୋଧହୁଏ କମ୍ ଲୋକ ଜାଣିଥିବେ। ଡିଏନ୍‌ଏ ଅର୍ଥାତ ଡିଅକ୍ସିରାଇବୋନ୍ୟୁକ୍ଲିକ୍ ଏସିଡ୍ ଯାହା ଆମ ଶରୀରର ପରିଚୟ ଦେଇଥାଏ। ଏହା ଆମ ଶରୀରର ପ୍ରତି କୋଷିକାରେ ଥାଏ। ମାତାପିତାଙ୍କ ଠାରୁ ଏହା ଆମକୁ ମିଳିଥାଏ ଓ ଜୀବନ ସାରା ଏଥିରେ ପରିବର୍ତ୍ତନ ହୁଏନାହିଁ। ଏହି ପରୀକ୍ଷା ପାଇଁ କିଛି ଜୈବିକ ତତ୍ତ୍ୱ ଯଥା- ରକ୍ତ, ଛେପ, ଝାଳ, ପରିସ୍ରା, ସ୍ୱର୍ମ, ମଳ, କେଶ, ଦାନ୍ତ, ହାଡ଼, ସ୍କିନ୍‌ର ବ୍ୟବହାର କରାଯାଏ। ଏହି ଜିନିଷଗୁଡ଼ିକ ଦୁର୍ଘଟଣା ସ୍ଥଳରୁ ବା ଅପରାଧ ସ୍ଥଳରୁ ପୀଡ଼ିତର ଶରୀରରୁ ନିଆଯାଏ।**




**କିପରି କାମ କରେ:**
ଯଦି ଶବର ଚେହେରା ପୂରା ଜଳିଯାଇଥାଏ ବା ଶରୀର ଖଣ୍ଡବିଖଣ୍ଡିତ ହୋଇଯାଏ ତେବେ ତା' ଶରୀରରୁ କେଶ, ହାଡ଼, ଦାନ୍ତ, ମାଂସପେଶୀ ବା ରକ୍ତର ନମୁନାରୁ ଡିଏନ୍‌ଏ ନିଆଯାଏ। ଏହି ଡିଏନ୍‌ଏକୁ ପରିବାରର କୌଣସି ସଦସ୍ୟ (ମାତାପିତା, ଭାଇଭଉଣୀ, ପିଲା)ର ଡିଏନ୍‌ଏ ସହିତ ମ୍ୟାଚ୍ କରାଯାଏ। ଡିଏନ୍‌ଏ ଯଦି ମ୍ୟାଚ୍ କରୁଥାଏ ତେବେ ଶବର ଚିହ୍ନଟ ହୋଇଯାଏ।

**କିପରି ହୁଏ:**
ଏହା ଏକ ସାଇଣ୍ଟିଫିକ୍ ପ୍ରୋସେସ୍ ଯେଉଁଥିରେ ପାଞ୍ଚଟି ଷ୍ଟେପ୍ ଥାଏ- କୋଷିକାରୁ ଡିଏନ୍‌ଏକୁ ଅଲଗା କରାଯାଏ। କେତେ ପରିମାଣରେ ଡିଏନ୍‌ଏ ମିଳିଛି ତାହା ଦେଖାଯାଏ ଯେପରି ଡିଏନ୍‌ଏର ବିଭାଜନ କରାଯାଇ ଏହାର ବିଶ୍ଳେଷଣ ହୋଇପାରିବ। ଡିଏନ୍‌ଏର ଖଣ୍ଡକୁ ଅଲଗା କରାଯାଏ। ଏହାପରେ ମିଳିଥିବା ଡିଏନ୍‌ଏକୁ ପୀଡ଼ିତ ବା ସନ୍ଦିଗ୍ଧର ଡିଏନ୍‌ଏ ସହିତ ମ୍ୟାଚ କରାଯାଏ।

# ଦେଶର ବଡ଼ ପରିବାର



ଭାରତୀୟ ସଂସ୍କୃତିରେ ପରିବାରର ବହୁତ ବଡ଼ ଯୋଗଦାନ ଥାଏ। ଏକ ଯୁଗ ଥିଲା ଯେତେବେଳେ ସଂଯୁକ୍ତ ପରିବାର ଥିଲା କିନ୍ତୁ ଆଜି ଦରଦାମ୍ ବୃଦ୍ଧି ଓ ପରିବର୍ତ୍ତନୀୟ ସମାଜରେ ଲୋକମାନେ ସଂଯୁକ୍ତ ପରିବାରରେ ରହିବା ପରିବର୍ତ୍ତେ ଛୋଟ ପରିବାର ମଧ୍ୟରେ ରହୁଛନ୍ତି। ବହୁତ କମ୍ ଲୋକ ଥିବେ ଯେଉଁମାନଙ୍କୁ ସଂଯୁକ୍ତ ପରିବାର ପସନ୍ଦ ଆସୁଥିବ। ତେବେ ଏପରି ପରିବାରରେ ସାଧାରଣତଃ ୧୫-୨୦ ଜଣ ଲୋକ ରହନ୍ତି। ସୁଖ-ଦୁଃଖ ଏକା ସହିତ ବାଣ୍ଟିଥାନ୍ତି। କୌଣସି ନିର୍ଣ୍ଣୟ ଏକା ସହିତ ନିଅନ୍ତି ଓ ବୟସ୍କ ଲୋକମାନଙ୍କ ଆଦର କରନ୍ତି। ଆଜି ଜାଣିବା ଦୁନିଆର ସବୁଠାରୁ ବଡ଼ ପରିବାର ବିଷୟରେ ଯେଉଁ ପରିବାରଟି ଆମ ଦେଶରେ ରହୁଛି। ଏହି ପରିବାରରେ ସଦସ୍ୟଙ୍କ ସଂଖ୍ୟା ଏତେ ବେଶୀ ଯେ ଗଣିବା ପାଇଁ ବହୁତ ସମୟ ଲାଗିବ। ଦୁନିଆର ବଡ଼ ପରିବାର ଦେଶର ମିଜୋରାମ ରାଜ୍ୟରେ ରୁହନ୍ତି। ଏହି ପରିବାରରେ ରୁହନ୍ତି ୧୬୭ ଜଣ ସଦସ୍ୟ ଯେଉଁମାନେ ବକ୍ତଭାଙ୍ଗ ଗ୍ରାମରେ ରୁହନ୍ତି। ଶହେ କୋଠରି ଥିବା ଚାରି ମହଲାର ଏକ ଘରେ ଏହି ପରିବାରଟି ରହେ ଯାହାର ମୁଖିଆ ଜିଓନା ଚାନା ଯାହାଙ୍କର ୨୦୨୧ରେ ମୃତ୍ୟୁ ହୋଇଗଲା। ସେ ସମୟରେ ତାଙ୍କର ବୟସ ୭୬ ବର୍ଷର ଥିଲା। ଏହାପରେ ଏହି ପରିବାରକୁ ସବୁଠାରୁ ବଡ଼ ପୁଅ ସମ୍ଭାଳିଥିଲେ। ବଡ଼ କଥା ହେଲା ଏମାନେ ପରସ୍ପର ସହିତ ଝଗଡ଼ା କରନ୍ତି ନାହିଁ। ଏହି ପରିବାର ଏତେ ବଡ଼ ଯେ ପୂରା ଗ୍ରାମ ଏକାଭଳି ମନେହୁଏ। ଏଠାରେ ସବୁବେଳେ କିଛି ନା କିଛି ଘଟଣା ଘଟୁଥିବାର ଦେଖିବାକୁ ମିଳେ। ଜିଓନା ଚାନା ଇସାଇ ଧର୍ମର। ତେଣୁ ସେ ଅନେକ ବିବାହ କରିଥିଲେ। ପରିବାରରେ ତାଙ୍କର ୩୯ ଜଣ ପତ୍ନୀ, ୯୪ ଜଣ ପିଲା, ୨୩ ଜଣ ନାତି-ନାତୁଣୀ ଓ ଜଣେ ଅଣନାତି ଅଛନ୍ତି। ସେଠାରେ ୪୫ କେ.ଜି ଚାଉଳ, ୨୫ କେ.ଜି ଡ଼ାଲି, ୬୦ କେ.ଜି ପରିବା, ୩୦-୪୦ଟି କୁକୁଡ଼ା ଓ ୨୦ କେ.ଜି ଫଳର ପ୍ରତିଦିନ ବ୍ୟବହାର ହୁଏ। କୃଷି ବ୍ୟତୀତ ଏମାନଙ୍କର ନିଜର ବ୍ୟବସାୟ ରହିଛି। ତେଣୁ ଭରଣ-ପୋଷଣ ଖୁବ୍ ଭଲ ଭାବରେ ହୋଇଯାଏ।

# ବିଶ୍ୱର ପ୍ରାଚୀନ ସହର: ଇରାନ୍



ବିଶ୍ୱରେ ଭାରତର ରହିଛି ଏକ ଅଲଗା ପରିଚୟ। ଏଠିକାର ଐତିହାସିକ ଐତିହ୍ୟ ଓ ସଂସ୍କୃତି ସବୁ କିଛି ଏହାକୁ ବାକି ଦେଶ ଠାରୁ ଅଲଗା କରିଛି। ଏହାର ଇତିହାସ ଖୁବ୍ ପୁରୁଣା। କିନ୍ତୁ ଆମ ଦେଶ ଠାରୁ ମଧ୍ୟ ଏକ ପୁରୁଣା ଦେଶ ଅଛି ଯାହାର ନାମ ଇରାନ୍। ଏହାର ସ୍ଥାପନା ହୋଇଥିଲା ଖ୍ରୀ.ପୂ ୩୨୦୦ରେ। ଇତିହାସକାରଙ୍କ ଅନୁସାରେ ଇରାନକୁ ପାର୍ସିଆ ନାମରେ ସମସ୍ତେ ଜାଣୁଥିଲେ। ଇରାନ୍ ସବୁବେଳ ପାଇଁ ଏକ ସ୍ୱତନ୍ତ୍ର ଦେଶ ହୋଇ ରହିଛି। ଇରାନ୍‌ରେ ପର୍ଯ୍ୟଟକମାନଙ୍କର ଯାତାୟାତ ଲାଗି ରହିଥାଏ। ଏହାଦ୍ୱାରା ସେଠିକାର ଅର୍ଥବ୍ୟସ୍ଥତାକୁ ମଧ୍ୟ ମଜଭୁତି ମିଳିଥାଏ। ପ୍ରାଚୀନ କାଳରେ ଇରାନ୍ ବହୁତ ଭିନ୍ନ ଥିଲା ଯାହାର ନାମ ପୂର୍ବରୁ ଥିଲା ପାରସ୍ୟ। ପ୍ରାଚୀନ କାଳରେ ପାରସ ଦେଶ ଆର୍ଯ୍ୟମାନଙ୍କର ଏକ ଶାଖାର ନିବାସ ସ୍ଥାନ ଥିଲା। ବୈଦିକ ଯୁଗରେ ପାରସରୁ ଆରମ୍ଭ କରି ଗଙ୍ଗା, ସରଯୁ କୂଳ ପର୍ଯ୍ୟନ୍ତ ସବୁ ଭୂମି ଆର୍ଯ୍ୟଭୂମି ଥିଲା ଯେଉଁଗୁଡ଼ିକ ଅନେକ ପ୍ରଦେଶରେ ବିଭକ୍ତ ହୋଇଥିଲା। ଯେଉଁଭଳି ଭାବରେ ଭାରତବର୍ଷରେ ପଞ୍ଜାବର ଆଖପାଖର କ୍ଷେତ୍ରଗୁଡ଼ିକୁ ଆର୍ଯ୍ୟାବର୍ତ୍ତ ବୋଲି କୁହାଯାଉଥିଲା ସେହିଭଳି ଭାବରେ ପ୍ରାଚୀନ ପାରସରେ ମଧ୍ୟ ଆଧୁନିକ ଆଫଗାନିସ୍ତାନ ସହିତ ଲାଗିଥିବା ପୂର୍ବ ପ୍ରଦେଶକୁ ଆରିୟାନ ବା ଏର୍ଯ୍ୟାନ୍ (ୟୁନାନୀ ଏରିୟାନା) କୁହାଯାଉଥିଲା ଯାହାକୁ ପରେ ଇରାନ ବୋଲି କୁହାଗଲା। ପ୍ରାଚୀନ ପାର୍ସୀ ନିଜ ନାମ ସହିତ ଆର୍ଯ୍ୟ ଶବ୍ଦ ବଡ଼ ଗୌରବର ସହିତ ଯୋଡୁଥିଲେ। ପ୍ରାଚୀନ ସମ୍ରାଟ ଦାର୍ଯ୍ୟବହୁ ନିଜ ନାମରେ ଆର୍ଯ୍ୟପୁତ୍ର ବୋଲି ଲେଖୁଥିଲେ। ଇରାନର ଆଧିକାରିକ ଭାଷା ହେଉଛି ପାର୍ସୀ। ଏସିଆ ମହାଦେଶ ଓ ଇରାନରେ ଥିବା ୟୁନେସ୍କୋ ବିଶ୍ୱ ଐତିହ୍ୟ ସ୍ଥଳର ଯେତିକି ସଂଖ୍ୟା ରହିଛି ତାହା ପୃଥିବୀର ତୃତୀୟ ସର୍ବାଧିକ ସ୍ଥଳ।

# ବିବେକଙ୍କ ଫିଲ୍ମର ନାମ ପରିବର୍ତ୍ତନ



ବିବେକ ଅଗ୍ନିହୋତ୍ରୀ ଏବେ ତାଙ୍କ ଫିଲ୍ମ 'ଦି ଦିଲ୍ଲୀ ଫାଇଲ୍ସ: ଦି ବେଙ୍ଗଲ୍ ଚାପ୍ଟର' ସହିତ ପ୍ରସ୍ତୁତ ହୋଇ ରହିଛନ୍ତି। ଫିଲ୍ମଟି ଏବେ 'ଦି ବେଙ୍ଗଲ୍ ଫାଇଲ୍ସ: ରାଇଟ୍ ଟୁ ଲାଇଫ୍' ନାମରେ ୫ ସେପ୍ଟେମ୍ବରରେ ସିନେମା ଘରଗୁଡ଼ିକରେ ରିଲିଜ ହେବ। ଫିଲ୍ମର ନିର୍ମାତା ଅଭିଷେକ ଅଗ୍ରୱାଲ୍, ପଲ୍ଲବୀ ଯୋଶୀ ଓ ବିବେକ ଅଗ୍ନିହୋତ୍ରୀ ଏହି ନିଷ୍ପତ୍ତି ନେଇଛନ୍ତି ଜନତାଙ୍କ ଡିମାଣ୍ଡ ଯୋଗୁ। ବିବେକ ରଞ୍ଜନ ଅଗ୍ନିହୋତ୍ରୀଙ୍କ 'ଫାଇଲ୍ସ'ର ଏହା ହେଉଛି ତୃତୀୟ କିସ୍ତି। ଏହା ପୂର୍ବରୁ ୨୦୧୯ରେ ରିଲିଜ ହୋଇଥିଲା 'ଦି ତାସ୍‌କେଣ୍ଟ ଫାଇଲ୍ସ' ଓ 'ଦି କାଶ୍ମୀର ଫାଇଲ୍ସ' ରିଲିଜ ହୋଇଥିଲା ୨୦୨୨ରେ। ବର୍ତ୍ତମାନର ଏହି ତୃତୀୟ ଫିଲ୍ମଟି ୧୯୪୦ ଦଶକର ବିଭାଜନ ପୂର୍ବର ବଙ୍ଗରେ ହୋଇଥିବା ସାମ୍ପ୍ରଦାୟିକ ଦଙ୍ଗା ଉପରେ ଏହାର କାହାଣୀ ଆଧାରିତ। ବିଶେଷ କରି ଡାଇରେକ୍ଟ ଆକ୍ସନ୍ ଡେ' ଓ ନୋଆଖାଲୀ ଦଙ୍ଗାଗୁଡ଼ିକ ଉପରେ ଏହାର କାହାଣୀ ଆଧାରିତ। ଅଗ୍ନିହୋତ୍ରୀ ଏହି ଘଟଣାକୁ ହିନ୍ଦୁମାନଙ୍କର ନରସଂହାର ବୋଲି କହିଛନ୍ତି। ତେବେ ଏହି ଫିଲ୍ମ ଜରିଆରେ ସେ ଭାରତୀୟ ଇତିହାସର ଅଣଦେଖା ଭାଗଟିକୁ ଦର୍ଶକମାନଙ୍କ ସମ୍ମୁଖକୁ ନେଇ ଆସିଛନ୍ତି। ଫିଲ୍ମରେ ମିଥୁନ ଚକ୍ରବର୍ତ୍ତୀ, ଅନୁପମ୍ ଖେର ଓ ପଲ୍ଲବୀ ଯୋଶୀଙ୍କ ପରି ଶାନ୍‌ଦାର କଳାକାର ମୁଖ୍ୟ ଭୂମିକାରେ ନଜର ଆସିବେ। ଏହାର କାହାଣୀକୁ ଲେଖିବା ସହିତ ନିର୍ଦ୍ଦେଶନା ଭାର ନିଜେ ସମ୍ଭାଳିଛନ୍ତି ବିବେକ ଅଗ୍ନିହୋତ୍ରୀ ଓ ଏହାକୁ ପ୍ରଡ୍ୟୁସ୍ କରିଛନ୍ତି ଅଭିଷେକ ଅଗ୍ରୱାଲ୍ ଓ ପଲ୍ଲବୀ ଯୋଶୀ। ତେବେ ଫିଲ୍ମର ନାମ ପରିବର୍ତ୍ତନ କରିବା ପଛରେ ରହିଛି ଏକ ବଡ଼ କାରଣ ଫିଲ୍ମଟିର ପୂରା କାହାଣୀ ବଙ୍ଗର ଇତିହାସ ଉପରେ ଆଧାରିତ ଓ ଏହା ସହିତ ସଠିକ୍ ଭାବରେ ଦିଲ୍ଲୀ ନାମ ବି ଫିଟ୍ ବସିଛି। ଏପରି ସ୍ଥଳେ ନିର୍ମାତାମାନଙ୍କୁ ଶେଷ ସମୟରେ ଏକ ବଡ଼ ନିଷ୍ପତ୍ତି ନେବାକୁ ପଡ଼ିଲା।

# ପାରାମାନଙ୍କୁ ଦୂରରେ ରଖୁଥିବା ଗଛ

ବାଲ୍‌କନି ହେଉଛି ଘରର ସେହି ସ୍ଥାନ ଯେଉଁଠାରେ ଲୋକମାନେ ଶାନ୍ତିର ସହିତ ଚା' ପିଇବାକୁ ପସନ୍ଦ କରନ୍ତି। କିଛି ଲୋକ ବାଲ୍‌କନି ସଜେଇବା ପାଇଁ ପସନ୍ଦ କରନ୍ତି। ବାଲ୍‌କନିକୁ ଭିନ୍ନ ଭିନ୍ନ ପ୍ରକାରର ପକ୍ଷୀମାନେ ଆସନ୍ତି ଓ ସ୍ଥାନଟିକୁ ଅପରିଷ୍କାର କରିଦିଅନ୍ତି। କିନ୍ତୁ ପାରାମାନେ ଯେଉଁଠାରେ ଡ଼େରା ପକାଇ ଥାଆନ୍ତି ସେଠାରେ ସେମାନଙ୍କର ମଳ କାରଣରୁ ବସିବାକୁ ମନହୁଏ ନାହିଁ। ଏପରି ସ୍ଥଳେ ଲୋକମାନେ ପାରା କିମ୍ବା ଅନ୍ୟ କୌଣସି ପକ୍ଷୀଙ୍କୁ ବିନା କ୍ଷତିରେ କିପରି ସେଠାରୁ ହଟେଇବେ ସେଥିପାଇଁ ଚେଷ୍ଟା କରିଥାନ୍ତି। କିଛି ଲୋକ ନେଟ୍ ଲଗାଇ ଦିଅନ୍ତି ତ ଆଉ କିଛି ଲୋକ ବାଲ୍‌କନିର ସୌନ୍ଦର୍ଯ୍ୟ ନଷ୍ଟ ହେବା ଭୟରେ ନେଟ୍ ଲଗାଇ ନଥାନ୍ତି। ଯଦି ନେଟ୍ ଲଗଉ ନଥିବା ଲୋକମାନଙ୍କ ମଧ୍ୟରେ ଆପଣ ଅଛନ୍ତି ତେବେ ପାରାମାନଙ୍କୁ ଘରଠାରୁ ଦୂରରେ ରଖିବା ପାଇଁ କିଛି ଗଛ ଲଗାଇ ପାରିବେ ଯେଉଁଗୁଡ଼ିକର ତୀବ୍ର ଗନ୍ଧ ପାରାମାନଙ୍କୁ ବାଲ୍‌କନି ଠାରୁ ଦୂରରେ ରଖିପାରିବ।



**ରୋଜମେରୀ**
ଯଦି ବାଲ୍‌କନି ପରିଷ୍କାର ଥାଏ ତେବେ ରୋଜମେରୀ ଗଛ ଲଗାନ୍ତୁ। ଏହାର ବାସ୍ନା ବହୁତ ତୀବ୍ର ହୋଇଥାଏ। ଏହି କାରଣରୁ ପାରାମାନେ ବାଲ୍‌କନି ଠାରୁ ଦୂରରେ ରହନ୍ତି।



**ଲାଭେଣ୍ଡର**
ଲାଭେଣ୍ଡର ଗଛର ବାସ୍ନା ବହୁତ ଭଲ। କିନ୍ତୁ ପାରାମାନେ ଏହି ବାସ୍ନାକୁ ପସନ୍ଦ କରନ୍ତି ନାହିଁ। ଯଦି ବାଲ୍‌କନିରେ ପାରାମାନଙ୍କର ଡ଼େରା ଜମା ହୋଇ ରହିଥାଏ ତେବେ ଲାଭେଣ୍ଡରର ଗଛ ଲଗେଇ ପାରିବେ।



**ଲେମନ୍‌ଗ୍ରାସ୍**
ଏହାର ବାସ୍ନା ପାରାମାନଙ୍କ ସହିତ ମାଛି ଓ ମଶାମାନଙ୍କୁ ଘରଠାରୁ ଦୂରରେ ରଖନ୍ତି। ଏହାର ତୀବ୍ର ବାସ୍ନା କାରଣରୁ ପାରାମାନଙ୍କ ଗୁଟରୁ-ଗୁଁରୁ ଆପଣଙ୍କୁ ମୁକ୍ତି ମିଳିବ।

# ଶୁଷ୍କ କେଶ ପାଇଁ ଚିକିତ୍ସା



ଆଜିକାଲିର ବ୍ୟସ୍ତ ଜୀବନରେ ପ୍ରଦୂଷଣ କାରଣରୁ କେଶରେ ଶୁଷ୍କପଣ, କେଶ ଝଡ଼ିବା ପରି ସମସ୍ୟା ସହିତ କେଶର ଚମକ ହ୍ରାସ ପାଉଛି। ଦାମୀ ହେୟାର୍ ପ୍ରଡକ୍ଟସ ଓ ସେଲୁନ୍ ଚିକିତ୍ସା କରିବା ସମସ୍ତଙ୍କ ପକ୍ଷରେ ସମ୍ଭବ ନୁହେଁ। ଏହି ଉତ୍ପାଦଗୁଡ଼ିକରେ ବ୍ୟବହୃତ ହେଉଥିବା ରସାୟନ କେଶର କ୍ଷତି ପହଞ୍ଚାଇଥାଏ। ଏପରି ସ୍ଥଳେ ଏକ ପ୍ରାକୃତିକ ଓ ପ୍ରଭାବୀ ଉପାୟର ଆବଶ୍ୟକତା ରହିଛି ଯାହା କେଶ ଭିତରକୁ ଯାଇ ପୋଷଣ ଦେଇପାରିବ ଓ ବିନା କୌଣସି ପାର୍ଶ୍ୱ ପ୍ରତିକ୍ରିୟାରେ କେଶକୁ ମଜଭୁତ, କୋମଳ ଓ ଚମକଦାର କରିପାରିବ। ଏଥିପାଇଁ ଫ୍ଲାକ୍ସ ସିଡ୍ସ ହେୟାର ମାସ୍କ ବେଶ୍ ଲୋକପ୍ରିୟ ହେଉଛି। ଫ୍ଲାକ୍ସ ସିଡ୍ସରୁ ପ୍ରସ୍ତୁତ କରାଯାଇଥିବା ହେୟାର ମାସ୍କକୁ ଘରେ ତିଆରି କରିପାରିବେ ଯାହାକୁ ବୋଟକ୍ସ ଟ୍ରିକ୍ ବୋଲି କୁହାଯାଏ।

**ହେୟାର୍ ବୋଟକ୍ସ ଟ୍ରିକ୍**-ଏହି ମାସ୍କକୁ ତିଆରି କରିବା ପାଇଁ ଦୁଇ ଚାମଚ ଫ୍ଲାକ୍ସ ସିଡ୍ସ ଓ ଏକ କପ୍ ପାଣି ନିଅନ୍ତୁ। ଏହାକୁ ଧିମା ଆଞ୍ଚରେ ୭-୮ ମିନିଟ୍ ପର୍ଯ୍ୟନ୍ତ ଫୁଟେଇ ଜେଲ୍ ପରି ଗାଢ଼ ହେବା ପର୍ଯ୍ୟନ୍ତ ରଖି ଏହାକୁ ଛାଣି ଥଣ୍ଡା କରି ନିଅନ୍ତୁ। ଜେଲ୍ ଥଣ୍ଡା ହୋଇଯିବା ପରେ ଏଥିରେ ଏଲୋଭେରା ଜେଲ୍ ଓ କିଛି ବୁନ୍ଦ ନଡ଼ିଆ ତେଲ ମିଶେଇ ଏହାକୁ କେଶରେ ଲଗେଇବେ। ଏଥିରେ କେଶର ଆର୍ଦ୍ରତା ଫେରି ପାଇବେ। ଏବେ ଏହି ମାସ୍କ କେଶର ମୂଳରୁ ଆରମ୍ଭ କରି କେଶର ଅଗ୍ରଭାଗ ପର୍ଯ୍ୟନ୍ତ ଲଗାଇ ୩୦-୪୦ ମିନିଟ୍ ପର୍ଯ୍ୟନ୍ତ ଛାଡ଼ି ଦିଅନ୍ତୁ। ଏହାପରେ ଉଷୁମ ପାଣିରେ କେଶ ଧୋଇଦେବେ। ସପ୍ତାହରେ ଥରେ କିମ୍ବା ଦୁଇ ଥର ଏହି ମାସ୍କକୁ କେଶରେ ଲଗାଇଲେ ଦୋମୁହାଁ କେଶର ସମସ୍ୟା କମ୍ ହେବ ଓ କେଶ ସିଲ୍‌କ ପରି ହେବା ସହିତ କେଶର ଚମକ ଫେରିଆସିବ।







ରାଜ୍ୟପାଳ ଡ.ହରିବାବୁ କମ୍ଭମପାଟିଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଉଛନ୍ତି ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା, ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓ ଡିଜିପି ୱାଇ.ବି ଖୁରାନିଆ

## ହଇଜାକୁ ନେଇ ଉଦବେଗ୍ ପ୍ରକାଶ କଲେ ନବୀନ

**ସଜାଗ ହେବାକୁ ସରକାରଙ୍କୁ ଦେଲେ ପରାମର୍ଶ**



**ଭୁବନେଶ୍ୱର,୧୫।୬/ଏନ୍ଏନ୍ଏସ୍:** ରାଜ୍ୟର ବିଭିନ୍ନ ଜିଲ୍ଲାରେ ଏବେ ଡାଇରିଆ ଓ ହଇଜା ସଂକ୍ରମଣ ବ୍ୟାପିଚାଲିଛି। ଏହାକୁ ନେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛନ୍ତି। ଶ୍ରୀ ପଟ୍ଟନାୟକ ସାମାଜିକ ଗଣମାଧ୍ୟମ 'ଏକ୍ସ' ମାଧ୍ୟମରେ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି। 'ଏକ୍ସ'ରେ ନବୀନ ଉଲ୍ଲେଖ କରିଛନ୍ତି ଯେ ଝାଡ଼ାବାନ୍ତି ସଂକ୍ରମଣ ଏବେ ଜିଲ୍ଲା ପରେ ଜିଲ୍ଲାକୁ ବ୍ୟାପିଚାଲିଛି। ଦୀର୍ଘ ବର୍ଷ ଧରି ଏପରି ଅବସ୍ଥା ଦେଖିବାକୁ ମିଳିନଥିଲା। ଲୋକଙ୍କୁ ଜୀବନକୁ ସଂକଟରେ ପକାଇଲାଣି ହଇଜା। ମୃତ୍ୟୁ ସଂଖ୍ୟା ୧୪କୁ ପହଞ୍ଚିଥିବା ନବୀନ ଉଲ୍ଲେଖ କରିଛନ୍ତି। ରାଜ୍ୟରେ ହଇଜା ବ୍ୟାପୁଥିବାବେଳେ ରାଜ୍ୟ ସରକାର ଏହାକୁ ହାଲୁକା ଭାବେ ନେବା ସମସ୍ତଙ୍କୁ ଚକିତ ଓ ବିଚଳିତ କରିଛି। ଲୋକଙ୍କୁ ଜୀବନକୁ ଆଉ ବିପଦକୁ ନ ଠେଲି ସରକାର ସଜାଗ ହୁଅନ୍ତୁ ବୋଲି ନବୀନ ପରାମର୍ଶ ଦେଇଛନ୍ତି। ଏହାସହିତ ହଇଜାର ପ୍ରକୋପକୁ ରୋକିବା ପାଇଁ ଦୃଢ଼ ପଦକ୍ଷେପ ନେବାକୁ ସେ ଆହ୍ୱାନ କରିଛନ୍ତି।

## କାରଖାନାରୁ ତମ୍ବାତାର ଚୋରି ମାମଲାରେ ୫ ଗିରଫ



**ରାଉରକେଲା,୧୫।୬/ଏନ୍ଏନ୍ଏସ୍:** ଏନ୍ଭିରୋ କେୟାର ଇଣ୍ଡ୍ରୋଭୋଲ୍ୟୁସନ ପ୍ରାଇଭେଟ୍ ଲିମିଟେଡ ନାମକ ଏକ କାରଖାନାରୁ ତମ୍ବାତାର ଚୋରି ଅଭିଯୋଗରେ ବ୍ରାହ୍ମଣୀତରଙ୍ଗ ପୁଲିସ୍ ୫ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଅମର ଶକ୍ତିନାଥ ଜୟସ୍ୱାଲ, ଦୀପକ ଗୁପ୍ତା, ମୁନା ଧନଓ୍ୱର, ବିବେକ ଲାକ୍ରା ଓ ସତ୍ୟନାଥ ସାହୁ। ସମସ୍ତ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ସୂଚନା ଅନୁସାରେ କଳୁଙ୍ଗା ଶିଳ୍ପାଞ୍ଚଳରେ ଥିବା ଏକ ଘରୋଇ କାରଖାନାରୁ ଦୁର୍ବୃତ୍ତମାନେ ୬୧୫ କେଜି ତମ୍ବା ତାର ଚୋରି କରି ନେଇଥିବା ସମ୍ପର୍କରେ କାରଖାନା ଦାୟିତ୍ୱରେ ଥିବା ଅଧିକାରୀ ହେମନ୍ତ ପତି ବ୍ରାହ୍ମଣୀତରଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ଆଧାରରେ ପୁଲିସ୍ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା। ଶେଷରେ ପୁଲିସ ଉପରୋକ୍ତ ୫ ଜଣଙ୍କୁ ଗିରଫ କରିଛି। କମ୍ପାନୀର ୨ କର୍ମଚାରୀ ବିବେକ ଓ ସତ୍ୟନାଥଙ୍କ ସହାୟତାରେ ଅନ୍ୟ ତିନି ଅଭିଯୁକ୍ତ କମ୍ପାନୀର ୮ ନମ୍ବର ଗେଟ ଦେଇ ଭିତରକୁ ପଶି କମ୍ପାନୀରୁ ତମ୍ବା ତାର ଚୋରି କରି ନେଇଥିଲେ। ଏ ସଂକ୍ରାନ୍ତରେ କମ୍ପାନୀର ଏଜିଏମ୍ ଥାନାରେ ଲିଖିତ ଅଭିଯୋଗ କରିଥିଲେ।

## ବଜ୍ରପାତରେ ୫୦ରୁ ଉର୍ଦ୍ଧ୍ୱ ଛେଳି ମୃତ

**ଛତ୍ରପୁର,୧୫।୬/ଏନ୍ଏନ୍ଏସ୍:** ଛତ୍ରପୁର ବ୍ଲକ ଚିକଲଖଣ୍ଡି ଗ୍ରାମରେ ବଜ୍ରପାତ ଘଟି ୫୦ରୁ ଉର୍ଦ୍ଧ୍ୱ ଛେଳିର ଜୀବନ ଯାଇଛି। ଛେଳି ଚରାଳି ଛେଳି ଧରି ନିକଟସ୍ଥ ପଡିଆରେ ଚରାଉଥିବା ବେଳେ ଆଜି ମଧ୍ୟାହ୍ନରେ କାଳବୈଶାଖୀ ପ୍ରଭାବରେ ବର୍ଷା ସହ ବଜ୍ରାପାତ ହୋଇଥିଲା। ବର୍ଷା ଯୋଗୁଁ ଛେଳିଗୁଡ଼ିକ ନିକଟସ୍ଥ ଏକ ଗଛ ମୂଳେ ଆଶ୍ରୟ ନେଇଥିଲେ। ଏହି ସମୟରେ ବଜ୍ରାଘାତର ହେବାରୁ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ଛେଳି ସେଠାରେ ପ୍ରାଣ ହରାଇଥିବା ଜଣାପଡିଛି। ୪ ଜଣ ବ୍ୟକ୍ତିଙ୍କ ପାଳିତ ଛେଳି ପଡିଆରେ ମରି ପଡିଥିବା ବେଳେ ଚିନ୍ତାରେ ଭାଙ୍ଗିପଡିଛନ୍ତି କ୍ଷତିଗ୍ରସ୍ତ ପଶୁ ପାଳକ। ଖବର ପାଇ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଘଟଣାସ୍ଥଳରେ ପହଞ୍ଚି କ୍ଷତିଗ୍ରସ୍ତ ଚାଷୀ ଓ ସ୍ଥାନୀୟ ଅଞ୍ଚଳବାସୀଙ୍କ ସହ ଆଲୋଚନା କରିଛନ୍ତି। ଏଥିସହ କ୍ଷତିଗ୍ରସ୍ତ ଛେଳି ଚରାଳୀଙ୍କୁ କ୍ଷତିପୂରଣ ନେଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି। ଗରିବ ୪ ପରିବାର ଛେଳି ବ୍ୟବସାୟ କରି ପରିବାର ପ୍ରତିପୋଷଣ କରୁଥିବା ବେଳେ ଲକ୍ଷ ଲକ୍ଷ ଟଙ୍କାର ଛେଳି ମୃତ୍ୟୁବରଣ କରିଥିବାରୁ ମୁଣ୍ଡରେ ହାତ ଦେଇ ବସିଛନ୍ତି। ତେଣୁ ସରକାର ଦୃଷ୍ଟି ଦେଇ କ୍ଷତିଗ୍ରସ୍ତ ଚାଷୀଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ଦୃଢ ଦାବି ହୋଇଛି।



### ଡାଇରିଆକୁ ନେଇ ହାଇଆଲର୍ଟରେ ଗୃହ ଓ ନଗର ଉନ୍ନୟନ ବିଭାଗ

# ପ୍ରତିଷେଧକ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ



**ରିଅଲ୍ ଟାଇମ୍ ମନିଟରିଂ ବୃଦ୍ଧି କରିବାକୁ ପରାମର୍ଶ**

**ଭୁବନେଶ୍ୱର,୧୫।୬/ଏନ୍ଏନ୍ଏସ୍:** ରାଜ୍ୟର ବିଭିନ୍ନ ଜିଲ୍ଲାରେ ଡାଇରିଆ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଏହାକୁ ନେଇ ହାଇ ଆଲର୍ଟରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ। ବିଭାଗ ପକ୍ଷରୁ ସମସ୍ତ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ଏବଂ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କୁ ତୁରନ୍ତ ପ୍ରତିଷେଧକ ଏବଂ ପ୍ରତିକ୍ରିୟା ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛି। ବିଭାଗୀୟ ସଚିବ ଉଷା ପାଢ଼ୀ ସମ୍ବେଦନଶୀଳ ସହରାଞ୍ଚଳ ପ୍ରତି ବିଶେଷ ଧ୍ୟାନ ଦେଇ ସମସ୍ତ ଜଳ ଉତ୍ସଗୁଡ଼ିକର ପରିମଳ ଏବଂ ନିରାପତ୍ତା ସୁନିଶ୍ଚିତ କରିବା ପାଇଁ ସତର୍କତା ଏବଂ ରିଅଲ୍ ଟାଇମ୍ ମନିଟରିଂ ବୃଦ୍ଧି କରିବାକୁ ପରାମର୍ଶ ଦେଇଛନ୍ତି। ଜିଲ୍ଲା ଦାୟିତ୍ୱରେ ଥିବା ବରିଷ୍ଠ ଅଧିକାରୀମାନଙ୍କୁ ବାସ୍ତବ ସ୍ଥିତି ସହ ନିବିଡ଼ ଭାବେ ଜଡିତ ରହିବାକୁ ଏବଂ ମାସ୍ ରିପୋର୍ଟର କୌଣସି କ୍ଲଷ୍ଟର କିମ୍ବା ତାଞ୍ଚାକୁ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରତିରୋଧ ଗୁରୁତ୍ୱପୂର୍ଣ୍ଣ। ସମ୍ପ୍ରଦାୟର ସୁରକ୍ଷା ଏବଂ ଡାଇରିଆ ରୋଗ ପ୍ରସାରକୁ ରୋକିବା ପାଇଁ ଆମକୁ ଶୀଘ୍ର କାର୍ଯ୍ୟ କରିବାକୁ ପଡ଼ିବ ବୋଲି ସଚିବ କହିଛନ୍ତି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସହ ଭାଗିଦାରୀରେ ସମନ୍ୱିତ କ୍ଷେତ୍ର ପ୍ରତିକ୍ରିୟାର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରାଯାଇଛି। ଜାରି କରାଯାଇଥିବା ମୁଖ୍ୟ ନିର୍ଦ୍ଦେଶଗୁଡ଼ିକ ହେଲା - ପାନୀୟ ଜଳ ଉତ୍ସଗୁଡିକର ତୁରନ୍ତ ଯାଞ୍ଚ ଏବଂ ପରିମଳ ସମ୍ଭାବ୍ୟ ହଟସ୍ପଟ୍ ଚିହ୍ନଟ ଏବଂ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ସ୍ୱାସ୍ଥ୍ୟ ବିଭାଗ ଦଳ ସହିତ ଘନିଷ୍ଠ ସମନ୍ୱୟ ରକ୍ଷା , କ୍ଷେତ୍ର କର୍ମଚାରୀଙ୍କ ସମ୍ବେଦନଶୀଳତା ଏବଂ ସ୍ୱଚ୍ଛତା ଅଭ୍ୟାସ ଉପରେ ସମ୍ପ୍ରଦାୟର ଯୋଗଦାନ। ବିଶେଷ କରି ପ୍ରାକ୍ ମୌସୁମୀ ସମୟରେ ଅଧିକ ପ୍ରକୋପକୁ ରୋକିବା ପାଇଁ ବିଭାଗ ଜରୁରୀକାଳୀନ ଜଳର ଗୁଣବତ୍ତା ଯାଞ୍ଚ, ପରିମଳ ଅଭିଯାନ ବୃଦ୍ଧି ଏବଂ ଜନସଚେତନତା ଅଭିଯାନକୁ ବ୍ୟାପକ କରିବାକୁ କୁହାଯାଇଛି। ନାଗରିକମାନଙ୍କୁ ସତର୍କ ରହିବାକୁ, କେବଳ ନିରାପଦ ପାନୀୟ ଜଳ ପିଇବାକୁ ଏବଂ କୌଣସି ଲକ୍ଷଣ ଦେଖାଗଲେ ତୁରନ୍ତ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ର କିମ୍ବା ସହରାଞ୍ଚଳ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଜଣାଇବାକୁ ଅନୁରୋଧ କରାଯାଇଛି।

## ଛାତ୍ରଛାତ୍ରୀଙ୍କ ଉପରେ ଲାଠି ଚାର୍ଜ ବିରୋଧରେ ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ବିକ୍ଷୋଭ



**ଭୁବନେଶ୍ୱର,୧୫।୬/ଏନ୍ଏନ୍ଏସ୍:** ଚୌଧୁରୀ ଚରଣ ସିଂହ ହରିୟାନା କୃଷି ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ କଲେଜରେ ଦୀର୍ଘଦିନ ଧରି ସ୍ଥଗିତ ଥିବା ନାମ ଲେଖା ଆବେଦନ ପ୍ରକ୍ରିୟାର ବିରୋଧରେ ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ କରୁଥିବାବେଳେ ସେହି ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଏବଂ ସୁରକ୍ଷା କର୍ମୀମାନେ ଆସି ସେମାନଙ୍କ ଉପରେ ଲାଠି ଚାର୍ଜ କରିଥିଲେ। ଏହି ଘଟଣାକୁ ନିନ୍ଦାକରି ଓଡ଼ିଶା ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଉଦ୍ଧିତ ପ୍ରଧାନଙ୍କ ନେତୃତ୍ୱରେ ଭୁବନେଶ୍ୱରସ୍ଥିତ ମାଷ୍ଟରକାଣ୍ଟିନ ଠାରେ ଛାତ୍ର କଂଗ୍ରେସ ପକ୍ଷରୁ ଉକ୍ତ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ନ୍ୟାୟ ଦେବା ପାଇଁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଶ୍ରୀ ପ୍ରଧାନ ତାଙ୍କ ବକ୍ତବ୍ୟରେ କହିଥିଲେ କେନ୍ଦ୍ରର ବିଜେପି ସରକାର ଆସିବା ଦିନରୁ ଛାତ୍ରଛାତ୍ରୀ ଅସୁରକ୍ଷିତ ମନେ କରୁଛନ୍ତି। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଛାତ୍ରଛାତ୍ରୀମାନଙ୍କୁ ନ୍ୟାୟ ଦେବା ପରିବର୍ତ୍ତେ ଶିକ୍ଷା ବ୍ୟବସ୍ଥାକୁ ଘରୋଇକରଣ ଦିଗରେ ଅଧିକ ଧ୍ୟାନ ଦେଉଛନ୍ତି। ତୁରନ୍ତ କେନ୍ଦ୍ର ସରକାର ଶିକ୍ଷା ବ୍ୟବସ୍ଥାରେ ସୁଧାର ଆଣନ୍ତୁ ନଚେତ ଆଗାମୀ ଦିନରେ କେନ୍ଦ୍ରଶିକ୍ଷା ମନ୍ତ୍ରୀଙ୍କୁ ଓଡ଼ିଶାରେ ତୀବ୍ର ବିରୋଧ ପ୍ରଦର୍ଶନ କରାଯିବ। ଆହୁରି ମଧ୍ୟ ଶ୍ରୀ ପ୍ରଧାନ କହିଥିଲେ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା ଦିଅନ୍ତୁ କିନ୍ତୁ ଲାଠି ନୁହେଁ। ଦେଶରେ ଛାତ୍ରଛାତ୍ରୀମାନଙ୍କ ଉପରେ ବେଆଇନ ଭାବେ ଲାଠି ଚାର୍ଜ କରିବା ଏକ ଅପରାଧଜନକ କାର୍ଯ୍ୟ ଅଟେ। ଛାତ୍ର କଂଗ୍ରେସର କର୍ମକର୍ତ୍ତାମାନେ ଏଭଳି ଘଟଣାକୁ ଦୃଢ଼ନିନ୍ଦା କରୁଛନ୍ତି ବୋଲି ଶ୍ରୀ ପ୍ରଧାନ କହିଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ସୁଦିପ ସାମଲ, ଭୁବନେଶ୍ୱର ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ସାହାରୁଖ୍ ଖାନ, ସୌମ୍ୟ ବରାଳ, ଆଶିଷ ରଞ୍ଜନ ଦାସ, ଆଦିତ୍ୟ ଅଂଶୁମାନ ପାତ୍ର, ଆଶିଷ କୁମାର ଦାସ, ଆୟୁଷ ରାୟ, ଭି. ଭବାନି ଶଙ୍କର ପ୍ରମୁଖ ଯୋଗ ଦେଇଥିଲେ।

**ହଇଜା ଅଞ୍ଚଳରେ ମେଗା ପାନୀୟଜଳ ପ୍ରକଳ୍ପର ସ୍ଥିତି**

## ତୁରନ୍ତ ସମୀକ୍ଷା ପାଇଁ ଉଠିଲାଣି ଦାବି

**ଭୁବନେଶ୍ୱର,୧୫।୬/ଏନ୍ଏନ୍ଏସ୍:** ରାଜ୍ୟର ଦୁଇ ଦୁଇଟି ଜିଲ୍ଲାରେ ହଇଜା ଭୂତାଣୁ ଚିହ୍ନଟ ହେବା ଏବଂ ଝାଡ଼ାବାନ୍ତିରେ ୧୦ରୁ ଅଧିକ ଲୋକଙ୍କ ଜୀବନ ଯିବାପରେ ଏବେ ପାନୀୟଜଳ ପ୍ରକଳ୍ପକୁ ନେଇ ପ୍ରଶ୍ନବାଚୀ ଉଠିଛି। କୋଟି କୋଟି ଟଙ୍କା ବ୍ୟୟରେ ମେଗା ପାନୀୟଜଳ ପ୍ରକଳ୍ପ କାର୍ଯ୍ୟକାରୀ ହେଉଥିବାବେଳେ ପ୍ରଭାବିତ ଅଞ୍ଚଳରେ ଏହା କିଭଳି କାର୍ଯ୍ୟକାରୀ ହେଉଛି ତାହାର ତୁରନ୍ତ ସମୀକ୍ଷା ପାଇଁ ଦାବି ଉଠିଲାଣି। ଯାଜପୁର ଜିଲ୍ଲାରୁ ଆରମ୍ଭ ହୋଇଥିବା ଝାଡ଼ାବାନ୍ତି ଏବେ ଭଦ୍ରକ ଓ କେନ୍ଦୁଝର ଜିଲ୍ଲାକୁ ବ୍ୟାପିଲାଣି। ପାନୀୟଜଳ ଦୂଷିତ କାରଣରୁ ହଇଜା ବ୍ୟାପିଛି ବୋଲି କହିବା ସହିତ ସ୍ୱାସ୍ଥ୍ୟ ବିଭାଗ ଯୁଦ୍ଧକାଳୀନ ଭିତ୍ତିରେ ଏହା ମୁକାବିଲା କରିବାରେ ଲାଗିଛି। ହେଲେ ଝାଡ଼ାବାନ୍ତି କିନ୍ତୁ ଗୋଟିଏ ପରେ ଗୋଟିଏ ଅଞ୍ଚଳକୁ ବ୍ୟାପିବାରେ ଲାଗିଛି। ବିଶେଷଜ୍ଞମାନେ ଏଭଳି ରୋଗ ପାଇଁ ପାନୀୟଜଳକୁ ଦାୟୀ କରୁଥିବାବେଳେ ଯେଉଁସବୁ ଅଞ୍ଚଳରେ ଏହା ବ୍ୟାପିଛି ସେଠାରେ ପାନୀୟଜଳର ସ୍ଥିତି କ'ଣ ସେଥିନେଇ କୌଣସି ସମୀକ୍ଷା ହେଉନାହିଁ। ବିଶେଷକରି ସେହିସବୁ ଅଞ୍ଚଳରେ ମେଗା ପାନୀୟଜଳ ପ୍ରକଳ୍ପ କାର୍ଯ୍ୟକାରୀ ହୋଇଛି କି ନାହିଁ, ଯଦି ହୋଇଛି ତେବେ ଲୋକେ ଦୂଷିତ ପାଣି ବ୍ୟବହାର କାହିଁକି କଲେ ତାହା ବଡ଼ ପ୍ରଶ୍ନବାଚୀ ହୋଇଛି। ରାଜ୍ୟର ବହୁ ଅଞ୍ଚଳରେ କୋଟିକୋଟି ଟଙ୍କା ବ୍ୟୟରେ କାର୍ଯ୍ୟକାରୀ ହେଉଥିବା ପାନୀୟଜଳ ପ୍ରକଳ୍ପ ଲୋକଙ୍କ କାମରେ ଆସୁନାହିଁ। ପାଣିଟାଙ୍କି ହୋଇଛି, ପାଇପ୍ ବିଛା ଯାଇଛି, ମୋଟର ବି ଲାଗିଛି, ହେଲେ ଲୋକଙ୍କ ଘରକୁ ପାଣି ଆସୁନାହିଁ। ଉପକୂଳ ଜିଲ୍ଲାର ଅନେକ ସ୍ଥାନରେ ଏଭଳି ବ୍ୟତିକ୍ରମ ଦେଖିବାକୁ ମିଳୁଛି।ପାନୀୟଜଳ ପ୍ରକଳ୍ପର ତଦାରଖ ସହିତ ଜଳ ଯୋଗାଣର ସମୀକ୍ଷା ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ମତପ୍ରକାଶ ପାଉଛି। ବର୍ଷାଋତୁ ଆରମ୍ଭ ହୋଇଯାଇଥିବାରୁ ରାଜ୍ୟର ସମସ୍ତ ଅଞ୍ଚଳରେ ମେଗା ପାନୀୟଜଳ ପ୍ରକଳ୍ପର ସମୀକ୍ଷା ସହିତ ଲୋକେ ଯେଭଳି ବିଶୁଦ୍ଧ ପାନୀୟଜଳ ପାଇପାରିବେ ତାହା ଉପରେ ପଦକ୍ଷେପ ନନେଲେ ଅନ୍ୟ ଅଞ୍ଚଳରେ ଯାଜପୁର ସ୍ଥିତି ଉପୁଜିପାରେ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଆଶଙ୍କା ପ୍ରକାଶ କରୁଛନ୍ତି।

### କାର୍‌କୁ ପିଟିଲା କାର୍

## ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ପତ୍ନୀ ଓ ଝିଅ ଆହତ



**ଅନୁଗୁଳ,୧୫।୬/ଏନ୍ଏନ୍ଏସ୍:** ଅନୁଗୁଳ ଜିଲ୍ଲା ଦେଇ ଯାଇଥିବା ୫୫ନମ୍ବର ଜାତୀୟ ରାଜପଥର ହଣ୍ଡପା ନିକଟରେ ଏକ କାର ଅନ୍ୟ ଏକ କାରକୁ ପଛପଟୁ ଧକ୍କା ଦେବା ଫଳରେ ୨ଜଣ ଆହତ ହୋଇଛନ୍ତି। ଆହତମାନେ ହେଉଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ହେମାନନ୍ଦ ବିଶ୍ୱାଳଙ୍କ ପତ୍ନୀ ଉର୍ମିଳା ବିଶ୍ୱାଳ ଓ ଝିଅ ଅମିତା ବିଶ୍ୱାଳ। ଝିଅ ଅମିତା ଓ ନାତୁଣୀଙ୍କ ସହିତ ଏକ କାରରେ ଉର୍ମିଳା ବିଶ୍ୱାଳ ଝାରସୁଗୁଡ଼ାରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା। ସେମାନଙ୍କ ଆଗରେ ଯାଉଥିବା ଏକ କାର ହଠାତ୍ ବ୍ରେକ୍ ମାରିଥିଲା। ଫଳରେ ଉର୍ମିଳାଙ୍କ କାର ଡ୍ରାଇଭର ଗାଡ଼ିକୁ ନିୟନ୍ତ୍ରଣରେ ରଖି ନପାରି ସେହି କାର ପଛରେ ନେଇ ପିଟି ଦେଇଥିଲେ ବୋଲି ଜଣାପଡ଼ିଛି। ଫଳରେ ଉର୍ମିଳା ବିଶ୍ୱାଳ ଓ ଅମିତା ବିଶ୍ୱାଳ ଆହତ ହୋଇଛନ୍ତି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଆମ୍ବୁଲାନ୍ସ ସାହାଯ୍ୟରେ ଆହତ ଉର୍ମିଳା ଓ ଅମିତାଙ୍କୁ ଅନୁଗୁଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା।

## ଚୋରି ମାମଲାରେ ୩ ଗିରଫ



**୩ ବାଇକ୍ ଜବତ**

**ରାଉରକେଲା,୧୫।୬/ଏନ୍ଏନ୍ଏସ୍:** ସ୍ଥାନୀୟ ଜିଆବାହାଲସ୍ଥିତ ନବକଳିଙ୍ଗ ଇଷ୍ଟେଟରୁ ସାଢେ ୭ ଲକ୍ଷ ଟଙ୍କା ଲୁଟ୍ ମାମଲାରେ ପୁଲିସ୍ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଦୀପକ ମାଝି, ରୋଶନ ବରୁଆ ଓ ରମେଶ କିସାନ। ସମସ୍ତଙ୍କୁ କୋର୍ଟ ଚାଲାଣ କରାଯିବା ସହ ସେମାନେ ଲୁଟିଥିବା ଟଙ୍କାରେ କିଣିଥିବା ୩ଟି ବାଇକ୍ ଜବତ କରାଯାଇଛି। ଏନେଇ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପାନପୋଷ ଏସ୍‌ଡିପିଓ ଅମରେନ୍ଦ୍ର ଷଣ୍ଢ, କଳୁଙ୍ଗା ଫାଣ୍ଡି ଏସ୍‌ଆଇ ବିକ୍ରମ ଭୂୟାଁ ଓ ବ୍ରାହ୍ମଣୀତରଙ୍ଗ ଥାନା ଏସ୍‌ଆଇ ଉଦୟ ସାହୁ ସୂଚନା ଦେଇଛନ୍ତି। ପ୍ରକାଶ ଯେ ଗତ ମଇ ୧୭ ତାରିଖ ବିଳମ୍ବିତ ରାତିରେ ୪ ଜଣ ଦୁର୍ବୃତ୍ତ ନବକଳିଙ୍ଗ ଇଷ୍ଟେଟ୍‌ର ମୁଖ୍ୟ ଗେଟ୍‌କୁ ଲୁହାରଡ୍ ସାହାଯ୍ୟରେ ଭାଙ୍ଗି ସୁରକ୍ଷା କର୍ମୀଙ୍କୁ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ପରେ କ୍ୟାସ କାଉଣ୍ଟରର ଲକର ଭାଙ୍ଗି ୭ ଲକ୍ଷ ୪୮ ହଜାର ଟଙ୍କା ଲୁଟି ନେଇଥିଲେ। ଲୁଟ୍ ଟଙ୍କାକୁ ନିଜ ନିଜ ଭିତରେ ବାଣ୍ଟି ଦାମୀ ବାଇକ୍ କିଣିଥିଲେ। ଏ ନେଇ ପ୍ଲାଣ୍ଟର ଭାରପ୍ରାପ୍ତ ଅଧିକାରୀ ସନ୍ଦୀପ ବିଶ୍ୱକର୍ମା ବ୍ରାହ୍ମଣୀତରଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ୍ ଘଟଣାର ତଦନ୍ତ କରି ୩ ଅଭିଯୁକ୍ତଙ୍କୁ ଗିରଫ କରିବା ୩ଟି ବାଇକ୍‌କୁ ଜବତ କରିଛି। ଅଭିଯୁକ୍ତ ଦୀପକ ନାଁରେ ବ୍ରାହ୍ମଣୀତରଙ୍ଗ ଥାନାରେ ୭ ମାମଲା ଥିବାବେଳେ ରୋଶନ ନାଁରେ ୧୦ ଓ ରମେଶ ନାଁରେ ଗୋଟିଏ ମାମଲା ରହିଛି।

### ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ଉତ୍ସବ

# ଓଡ଼ିଶାର ସମୃଦ୍ଧ ପାକକଳାର ପରମ୍ପରାକୁ କରିଛି ପୁନର୍ଜୀବିତ

**ଭୁବନେଶ୍ୱର,୧୫।୬/ଏନ୍ଏନ୍ଏସ୍:** ଏବର୍ଷର ରଜ ପର୍ବ କେବଳ ପାରମ୍ପରିକ ରୀତି-ନୀତିର ପାଳନ ନୁହେଁ, ବରଂ ଏକ ଗଭୀର ସାଂସ୍କୃତିକ ପୁନର୍ଜାଗରଣର ପ୍ରତୀକ। ସମ୍ପ୍ରତି ଭୁବନେଶ୍ୱରର ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆରେ ଅନୁଷ୍ଠିତ ହେଉଥିବା ବିକାଶ ମେଳାରେ, ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ଉତ୍ସବରେ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାଙ୍କ ଦ୍ୱାରା ପରିବେଷିତ ଖାଦ୍ୟ, ଓଡ଼ିଶାର ସମୃଦ୍ଧ ପାକକଳାର ପରମ୍ପରାକୁ ପୁନର୍ଜୀବିତ କରିଛି। ଆସନ୍ତା ୧୮ ତାରିଖ ପର୍ଯ୍ୟନ୍ତ ଚାଲୁଥିବା ଏହି ଉତ୍ସବରେ ୨୬ଟି ଷ୍ଟଲ ମାଧ୍ୟମରେ ଗ୍ରାମ୍ୟ ଓ ପାରମ୍ପରିକ ଓଡ଼ିଆ ଖାଦ୍ୟର ସ୍ୱାଦ ପ୍ରଦାନ କରାଯାଇଛି, ଯାହା ପରିଦର୍ଶକଙ୍କୁ ଏକ ଅନନ୍ୟ ଅନୁଭୂତି ପ୍ରଦାନ କରିଛି। ଜୁନ ୧୫ ତାରିଖ ସୁଦ୍ଧା ୧୫ ଲକ୍ଷ ଟଙ୍କାରୁ ଅଧିକର ବ୍ୟବସାୟ ଏହି ପ୍ରାଚୀନ ଖାଦ୍ୟ ପରମ୍ପରା ପ୍ରତି ଲୋକଙ୍କ ଗଭୀର ଆଗ୍ରହକୁ ପ୍ରତିଫଳିତ କରୁଛି। ମହୋତ୍ସବର ଶେଷ ଦିନଗୁଡ଼ିକରେ ଏହି ସଂଖ୍ୟା ଆହୁରି ବୃଦ୍ଧି ପାଇବାର ସମ୍ଭାବନା ରହିଛି, ଯାହା ପାରମ୍ପରିକ ଓଡ଼ିଆ ଖାଦ୍ୟ ପ୍ରତି ଲୋକଙ୍କ ଅଭିଳାଷ ଏବଂ ଏହାର ସ୍ଥାୟିତ୍ୱର ପ୍ରମାଣ। ଏହି ଉତ୍ସବ କେବଳ ଖାଦ୍ୟର ମହୋତ୍ସବ ନୁହେଁ, ବରଂ ଓଡ଼ିଶାର ଐତିହ୍ୟ, ସଂସ୍କୃତି, ପରମ୍ପରା ଓ ମହିଳା ସଶକ୍ତିକରଣର ଏକ ଜୀବନ୍ତ ପ୍ରଦର୍ଶନୀ ।

ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ଉପସ୍ଥିତିରେ ଶୁଭାରମ୍ଭ ହୋଇଥିବା ଏହି ଖାଦ୍ୟ ମହୋତ୍ସବ, ଏବର୍ଷର ରଜ ପର୍ବ ଅବସରରେ ଏକ ପ୍ରମୁଖ ଆକର୍ଷଣ ପାଲଟିଛି। ରାଜଧାନୀବାସୀଙ୍କ ସହିତ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ପର୍ଯ୍ୟଟକ, ଦର୍ଶକ ଏବଂ ପରିବାରଗୁଡ଼ିକ ଏଠାରେ ପ୍ରଦର୍ଶିତ ସ୍ୱାଦିଷ୍ଟ ଓ ପାରମ୍ପରିକ ଖାଦ୍ୟର ସ୍ୱାଦର ମଜା ଉଠାଉଛନ୍ତି। ଖଟା, ମିଠା, ଚଟପଟା ଦହିବରା ଆଳୁଦମ୍‌ଠାରୁ ଆରମ୍ଭ କରି ଛେନାପୋଡ଼, ଖଜା, ରସାବଳି ଓ ମାଲପୁଆ ପର୍ଯ୍ୟନ୍ତ ଏହି ମହୋତ୍ସବରେ ଓଡ଼ିଆ ଖାଦ୍ୟ ସଂସ୍କୃତିର ଏକ ଝଲକ ଦେଖିବାକୁ ମିଳିଛି। ଲାଇଭ୍ ପିଠା କାଉଣ୍ଟରରେ ଗରମ ଚକୁଳି, ଖିରି ଓ ସ୍ୱାଦିଷ୍ଟ ଦୋସା ସାଙ୍ଗକୁ ପାରମ୍ପରିକ ପଦ୍ଧତିରେ ପ୍ରସ୍ତୁତ ଚଟଣି ମଧ୍ୟ ପରିବେଷିତ ହେଉଅଛି। ପଖାଳ, ବିରି ଚକୁଳି, ସିଝା ପିଠା ଭଳି ବିସ୍ମୃତ ପ୍ରାୟ ଖାଦ୍ୟ ସହ ମୁଢ଼ି ମାଂସ, ଚାଉଳ ବରା, ପତ୍ରପୋଡା ଓ ମାଛ ଆମ୍ବିଳ ବେଶ ଲୋକପ୍ରିୟତା ହାସଲ କରିଅଛି। ଏଠାରେ ପ୍ରଦର୍ଶିତ ଖାଦ୍ୟ ପୂର୍ବେ ଓଡ଼ିଆ ରୋଷଶାଳାର ନିତିଦିନିଆ ଅଂଶ ଥିଲା। କାଠ ଚୁଲିରେ ପ୍ରସ୍ତୁତ ଖାଦ୍ୟ ପର୍ବପର୍ବାଣିକୁ ସ୍ୱତନ୍ତ୍ର ମହତ୍ୱ ଦେଉଥିଲା। ବଦଳୁଥିବା ସମୟ ସହ ଫାଷ୍ଟ ଫୁଡ୍ ପ୍ରଭାବରେ ଏହି ପାରମ୍ପରିକ ଖାଦ୍ୟର ସ୍ୱାଦ ଧୀରେ ଧୀରେ ଲୋପ ପାଇବାକୁ ଲାଗୁଥିବା ବେଳେ, ବିକାଶ ମେଳାର ଏହି ଉତ୍ସବମୁଖର ପରିବେଶରେ,ଏହି ବିସ୍ମୃତ ଖାଦ୍ୟକୁ ନେଇ ପରିଦର୍ଶକଙ୍କ ଆଗ୍ରହ ଓଡ଼ିଆ ସଂସ୍କୃତିର ଜୀବନ୍ତ ଇତିହାସକୁ ବଜାୟ ରଖିଛି। ଏହି ଉତ୍ସବ ଓଡ଼ିଶାର ଖାଦ୍ୟ ସଂସ୍କୃତିକୁ ସଂରକ୍ଷଣ କରିବା ସହିତ ନୂତନ ପିଢ଼ିକୁ ଏହାର ସମୃଦ୍ଧି ସହିତ ପରିଚିତ କରାଉଛି, ଯାହା ଆମର ସାଂସ୍କୃତିକ ପରମ୍ପରାକୁ ଜୀବନ୍ତ ରଖିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ରାଜ୍ୟ ସରକାରଙ୍କ ମହିଳା ସଶକ୍ତିକରଣ ଦିଗରେ ପ୍ରତିବଦ୍ଧତା ଅନୁଯାୟୀ, ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ଉତ୍ସବ ଏକ ଶକ୍ତିଶାଳୀ ଅର୍ଥନୈତିକ ମଞ୍ଚ ଭାବେ ମଧ୍ୟ ଉଭା ହୋଇଛି। ଏଠାରେ ଷ୍ଟଲ ପରିଚାଳନା କରୁଥିବା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାମାନେ କେବଳ ପାକକଳାରେ ଧୁରନ୍ଧର ନୁହଁନ୍ତି, ବରଂ ସେମାନେ ହେଉଛନ୍ତି ଉଦ୍ୟୋଗୀ, ଓଡ଼ିଆ ସଂସ୍କୃତିର ରକ୍ଷକ ଏବଂ ପ୍ରେରଣାଦାୟୀ ନେତ୍ରୀ। ଏହି ଉତ୍ସବରେ ବିଭିନ୍ନ ବିସ୍ମୃତ ଉପାଦାନ ଉପଯୋଗରେ ବିଭିନ୍ନ ସ୍ନାକ୍ସ ଓ ବେକାରୀ ଖାଦ୍ୟ ପ୍ରସ୍ତୁତ କରାଯାଇଛି। ମିଲେଟ୍-ଆଧାରିତ କୁକିଜ୍, ଫ୍ୟୁଜନ୍ ବେକଡ୍ ଖାଦ୍ୟ ଓ ସ୍ୱାସ୍ଥ୍ୟକର ପାନୀୟ ଆଦି ସ୍ୱାସ୍ଥ୍ୟ ସଚେତନ ପରିଦର୍ଶକ ଓ ଯୁବାଙ୍କୁ ସମାନ ଭାବେ ଆକର୍ଷିତ କରୁଛି। ଏହି ସହିତ ପାରମ୍ପରିକ ସ୍ନାକ୍ସ ଯେପରିକି ମଗଜି ଲଡୁ, ପିଆଜି, ସରସତିଆ ଓ ପକୋଡ଼ି ସାଙ୍ଗକୁ ଆଧୁନିକ ବେକାରୀ ଫ୍ୟୁଜନ୍, ଆଇସ୍କ୍ରିମ୍ ଓ ଶୀତଳ ପାନୀୟର ପରିବେଷଣ ପ୍ରତ୍ୟେକ ରୁଚି ପାଇଁ ବିଭିନ୍ନ ବିକଳ୍ପ ପ୍ରଦାନ କରୁଛି। ଆଉ ତିନି ଦିନର ବ୍ୟବସାୟିକ ସୁଯୋଗ ସହ, ଏସଏଚଜି ସଦସ୍ୟାଙ୍କ ପରିବେଷିତ ଖାଦ୍ୟ ନିୟମିତ ଦର୍ଶକଙ୍କ ଆଗମନରେ ଆହୁରି ବୃଦ୍ଧି ହେବାକୁ ଯାଉଛି।

## ଚଳିତବର୍ଷ ସବୁ ସ୍କୁଲ୍‌ରେ ହେବ ଯୋଗ ଦିବସ

**ଭୁବନେଶ୍ୱର,୧୫।୬/ଏନ୍ଏନ୍ଏସ୍:** ଆସନ୍ତା ୨୧ ତାରିଖରେ ଦେଶ ପାଳିବ ୧୧ତମ ଆନ୍ତର୍ଜାତିକ ଯୋଗ ଦିବସ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଚଳିତବର୍ଷ ଐତିହାସିକ ଯୋଗ ସଙ୍ଗମ(ଗଣ ଯୋଗ ପ୍ରଦର୍ଶନ) ସକାଳ ସାଢ଼େ ୬ଟାରୁ ୭ଟା ୪୫ ମିନିଟ୍ ପର୍ଯ୍ୟନ୍ତ ଦେଶବ୍ୟାପୀ ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହେବ। ଚଳିତବର୍ଷର ଥିମ୍ ରହିଛି 'ଏକ ପୃଥିବୀ, ଏକ ସ୍ୱାସ୍ଥ୍ୟ ପାଇଁ ଯୋଗ। ସୁସ୍ଥ ଜୀବନ ପାଇଁ ଯୋଗର ଲାଭ ସମ୍ପର୍କରେ ପିଲାମାନେ ଜାଣିବା ଉଦ୍ଦେଶ୍ୟରେ ଏଥର ରାଜ୍ୟର ସମସ୍ତ ବିଦ୍ୟାଳୟରେ ଆନ୍ତର୍ଜାତିକ ଯୋଗ ଦିବସ ପାଳନ ପାଇଁ ନିଷ୍ପତ୍ତି ନିଆଯାଇଛି। କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟର ବିଦ୍ୟାଳୟ ଶିକ୍ଷା ଓ ସାକ୍ଷରତା ବିଭାଗ ପକ୍ଷରୁ ଏନେଇ ସବୁ ରାଜ୍ୟକୁ ନିର୍ଦ୍ଦେଶ ଦିଆଯିବା ପରେ ରାଜ୍ୟରେ ବିଦ୍ୟାଳୟସ୍ତରରେ ଯୋଗ ଦିବସ ପାଳନ ପାଇଁ ତତ୍ପରତା ପ୍ରକାଶ ପାଇଛି। ବିଦ୍ୟାଳୟଗୁଡ଼ିକରେ ସକାଳ ସାଢ଼େ ୬ଟାରୁ ୭ଟା ୪୫ ମିନିଟ ପର୍ଯ୍ୟନ୍ତ ସ୍ୱତନ୍ତ୍ର ଯୋଗ ଅଧିବେଶନ ଅନୁଷ୍ଠିତ ହେବ। ଏଥିରେ ଶିକ୍ଷାର୍ଥୀଙ୍କୁ ଯୋଗଦେବା ପାଇଁ ଉତ୍ସାହିତ କରାଯିବ । ଆୟୁଷ ମନ୍ତ୍ରଣାଳୟର ଏକକ ଯୋଗ ପ୍ରୋଟୋକଲକୁ ଅନୁକରଣ କରାଯିବ। ଏହା ମନ୍ତ୍ରଣାଳୟର ଆନ୍ତର୍ଜାତିକ ଯୋଗ ଦିବସ ପୋର୍ଟାଲରେ ୨୨ଟି ଭାରତୀୟ ଭାଷାରେ ଉପଲବ୍ଧ।

## ଏଫ୍‌ଆଇଏଚ୍ ପ୍ରୋ ଲିଗ୍: ଭାରତର ଲଗାତାର ୬ଷ୍ଠ ପରାଜୟ

# ଅଷ୍ଟ୍ରେଲିଆ ୩-୨ରେ ବିଜୟୀ




**ନୂଆଦିଲ୍ଲୀ,୧୫।୬/ଏଜେନ୍ସି:** ଭାରତୀୟ ପୁରୁଷ ହକି ଟିମ୍‌ର ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ର ୟୁରୋପ ଚରଣରେ ଖରାପ ପ୍ରଦର୍ଶନ ଜାରି ରହିଛି ଏବଂ ରବିବାର ଟିମ୍‌କୁ ଅଷ୍ଟ୍ରେଲିଆ ନିକଟରୁ ୨-୩ରେ ପରାଜିତ ହେବାକୁ ପଡ଼ିଛି। ଭାରତ ଏହା ପୂର୍ବରୁ ନେଦରଲାଣ୍ଡ୍ ଏବଂ ଆର୍ଜେଣ୍ଟିନାଠାରୁ ମ୍ୟାଚ୍ ହାରିସାରିଛି। ଏହା ଟୁର୍ଣ୍ଣାମେଣ୍ଟ୍‌ରେ ଟିମ୍‌ର ଲଗାତାର ଷଷ୍ଠ ପରାଜୟ। ଭାରତ ପକ୍ଷରୁ ସଞ୍ଜୟ (୩ୟ ମିନିଟ୍) ଏବଂ ଦିଲ୍‌ପ୍ରୀତ୍ ସିଂହ (୩୬ତମ ମିନିଟ୍) ଗୋଲ୍ ଦେଇଥିବା ବେଳେ ଅଷ୍ଟ୍ରେଲିଆ ପାଇଁ ଟିମ୍ ବ୍ରାଣ୍ଡ୍ (ଚତୁର୍ଥ), ବ୍ଲାକ୍ ଗୋଭର୍ସ (୫ମ) ଏବଂ କୁପର୍ ବର୍ନ୍ସ (୧୮ତମ ମିନିଟ୍) ଗୋଲ୍ ସ୍କୋର୍ କରିଛନ୍ତି।

ରବିବାରର ମ୍ୟାଚ୍‌ରେ ଭାରତ ସକରାତ୍ମକ ଆରମ୍ଭ ସହ ଚାପ ସୃଷ୍ଟିକରି ତୃତୀୟ ମିନିଟ୍‌ରେ ସଞ୍ଜୟଙ୍କ ଗୋଲ୍ ବଳରେ ଅଗ୍ରଣୀ ହାସଲ କରିଥିଲା। ସଞ୍ଜୟ ପ୍ରାରମ୍ଭିକ ପେନାଲ୍ଟି କର୍ଣ୍ଣର୍‌ର ରିବାଉଣ୍ଡ୍‌ରେ ଗୋଲ୍ ଦେଇଥିଲେ। ତେବେ ଏହାର ଏକ ମିନିଟ୍ ପରେ ଅଷ୍ଟ୍ରେଲିଆ ଗୋଲ୍ ଦେଇ ସ୍ଥିତି ସମାନ କରିଥିଲା। ଟିମ୍ ବ୍ରାଣ୍ଡ୍‌ଙ୍କ ପ୍ରୟାସକୁ ଭାରତୀୟ ଗୋଲ୍‌କିପର୍ କୃଷ୍ଣ ବାହାଦୁର ପାଠକ ରୋକିବାରେ ବିଫଳ ହୋଇଥିଲେ। ଏହାର ଗୋଟିଏ ମିନିଟ୍ ପରେ (୫ମ ମିନିଟ୍) ଗୋଭର୍ସ ସର୍କଲ୍ ନିକଟରୁ ଗୋଲ୍ କରି ଅଷ୍ଟ୍ରେଲିଆକୁ ଆଗୁଆ କରିଥିଲେ। ଏହାପରେ ଅଷ୍ଟ୍ରେଲିଆ ମ୍ୟାଚ୍‌ରେ ସମ୍ପୂର୍ଣ୍ଣ ଆଧିପତ୍ୟ ହାସଲ କରିଥିଲା ଏବଂ ପରବର୍ତ୍ତୀ କିଛି ମିନିଟ୍ ମଧ୍ୟରେ ଟିମ୍ ଚାରିଟି ପେନାଲ୍ଟି କର୍ଣ୍ଣର୍ ହାସଲ କରିଥିଲା। ବର୍ନ୍ସ ମ୍ୟାଚ୍‌ର ୧୮ତମ ମିନିଟ୍‌ରେ ଗୋଲ୍ ଦେଇ ଟିମ୍‌ର ଅଗ୍ରଣୀ ୩-୧ କରିଥିଲେ। ଏହାପରେ ପାଠକ କେତେକ ଚମତ୍କାର ସେଭ୍ କରିବା ସହିତ ଗୋଲ୍ ବ୍ୟବଧାନ ବଢ଼ିବାକୁ ଦେଇନଥିଲେ। ଭାରତକୁ ୨୭ତମ ମିନିଟ୍‌ରେ ଲଗାତାର ଦୁଇଟି ପେନାଲ୍ଟି କର୍ଣ୍ଣର୍ ମିଳିଥିଲେ ମଧ୍ୟ ଟିମ୍ ଉଭୟ ସୁଯୋଗ ହାତଛଡ଼ା କରିଥିଲା। ପ୍ରଥମାର୍ଦ୍ଧ ପରେ ୩୬ତମ ମିନିଟ୍‌ରେ ଶିଳାନନ୍ଦ ଲାକ୍ରା ଓ ଅଭିଷେକଙ୍କ ସହାୟତାରେ ସୃଷ୍ଟି ସୁଯୋଗକୁ ଦିଲ୍‌ପ୍ରୀତ୍ ଗୋଲ୍‌ରେ ପରିଣତ କରି ମ୍ୟାଚ୍‌ରେ ଭାରତର ପ୍ରତ୍ୟାବର୍ତ୍ତନ ଉଦ୍ୟମ କରିଥିଲେ ମଧ୍ୟ ଅଷ୍ଟ୍ରେଲିଆ ଭାରତୀୟ ଡିଫେନ୍ସ ଉପରେ ଚାପ ବଜାୟ ରଖିଥିଲା। ଅନ୍ତିମ ୧୦ ମିନିଟ୍‌ରେ ଅଷ୍ଟ୍ରେଲିଆକୁ ତିନିଟି ପେନାଲ୍ଟି କର୍ଣ୍ଣର୍ ମିଳିଥିଲେ ମଧ୍ୟ କୃଷ୍ଣ ବାହାଦୁର ପାଠକ ଚମତ୍କାର ସେଭ୍ କରିଥିଲେ। ଭାରତ ପରବର୍ତ୍ତୀ ମ୍ୟାଚ୍‌ରେ ଜୁନ୍ ୨୧ରେ ବେଲ୍‌ଜିୟମ୍‌କୁ ଭେଟିବ।

## ଫାଦର୍ସ ଡେ’ରେ ବିରାଟଙ୍କୁ ଭାମିକାଙ୍କ ପତ୍ର

# ‘ସେ ମୋ ଭାଇ ପରି ଦିଶୁଛନ୍ତି’



**ନୂଆଦିଲ୍ଲୀ,୧୫।୬/ଏଜେନ୍ସି:** ପ୍ରତ୍ୟେକ ବର୍ଷ ଜୁନ୍ ମାସର ତୃତୀୟ ରବିବାର ପିତାଙ୍କୁ ସମର୍ପିତ ଏକ ସ୍ୱତନ୍ତ୍ର ଦିନ ଭାବେ ପାଳନ କରାଯାଇଥାଏ, ଯାହାକୁ ଫାଦର୍ସ ଡେ’ କୁହାଯାଇଥାଏ। ଚଳିତ ବର୍ଷ ଫାଦର୍ସ ଡେ’ ଜୁନ୍ ୧୫ ତାରିଖରେ ପାଳନ କରାଯାଇଛି। ଏହି ଦିନ ପିତାଙ୍କୁ ସମ୍ମାନ ଏବଂ ଭଲ ପାଇବା ଦର୍ଶାଇବାର ଅବସର ହୋଇଥାଏ। ଭାରତୀୟ ଟିମ୍‌ର ଷ୍ଟାର୍ ବ୍ୟାଟର୍ ବିରାଟ କୋହଲିଙ୍କ କନ୍ୟା ଭାମିକା ମଧ୍ୟ ଫାଦର୍ସ ଡେ’ରେ ନିଜ ପିତାଙ୍କୁ ବଧେଇ ଜଣାଇଛନ୍ତି। ସେ ପିତା ବିରାଟଙ୍କ ନାମରେ ଏକ ସ୍ୱତନ୍ତ୍ର ପତ୍ର ଲେଖି ଭଲ ପାଇବା ଦର୍ଶାଇଛନ୍ତି। ଏହାର ଫଟୋକୁ ବିରାଟଙ୍କ ପତ୍ନୀ ଅନୁଷ୍କା ଶର୍ମା ନିଜ ସୋସିଆଲ୍ ମିଡିଆ ହ୍ୟାଣ୍ଡଲ୍‌ରେ ଶେୟାର କରିଛନ୍ତି। ଏହି ପତ୍ରରେ ଭାମିକା ଲେଖିଛନ୍ତି - ‘ସେ ମୋ ଭାଇ ପରି ଦିଶୁଛନ୍ତି। ମୁଁ ତାଙ୍କ ସହିତ ମେକ୍‌ଅପ୍ ଖେଳୁଛି, ସେ ମୋତେ କୁତୁକୁତୁ କରିଥାନ୍ତି। ମୁଁ ତାଙ୍କୁ ବହୁତ ଭଲ ପାଏ ଏବଂ ସେ ମୋତେ ଏତେ (ହାତ ଖୋଲି) ଭଲ ପାଇଥାନ୍ତି। ହ୍ୟାପି ଫାଦର୍ସ ଡେ।’

## ବିଜୟ ଯାତ୍ରା ପାଇଁ ହେବ ନୂଆ ନିୟମ

# ସାଇକିଆଙ୍କ ଅଧ୍ୟକ୍ଷତାରେ ବିସିସିଆଇ କମିଟି ଗଠିତ

**ମୁମ୍ବାଇ,୧୫।୬/ଏଜେନ୍ସି:** ବେଙ୍ଗାଲୁରୁ ଦଳାଚକଟା ଘଟଣା ପରେ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ୍ ବୋର୍ଡ (ବିସିସିଆଇ) କଠୋର ନିଷ୍ପତ୍ତି ନେବା ସହ ସମ୍ପାଦକ ଦେବଜିତ ସାଇକିଆଙ୍କ ଅଧ୍ୟକ୍ଷତାରେ ଏକ ତିନିଜଣିଆ କମିଟି ଗଠନ କରିଛି। ଏହି କମିଟି ୧୫ ଦିନ ମଧ୍ୟରେ ବିଜୟ ଯାତ୍ରା ପାଇଁ ଦିଶା-ନିର୍ଦ୍ଦେଶ ପ୍ରସ୍ତୁତ କରିବ। ଶନିବାର ବିସିସିଆଇ ଆପେକ୍ସ କମିଟିର ୨୮ତମ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବେଙ୍ଗାଲୁରୁ ଓ ଅହମ୍ମଦାବାଦ ଦୁର୍ଘଟଣା ପାଇଁ ଶୋକପ୍ରକାଶ କରାଯାଇଥିଲା। ବୈଠକରେ ବିସିସିଆଇ ବିଜୟୀ ଯାତ୍ରା ପାଇଁ ସାଇକିଆଙ୍କ ଅଧ୍ୟକ୍ଷତାରେ ତିନିଜଣିଆ କମିଟି ଗଠନ କରିଛି। କମିଟିରେ ପ୍ରଭତେଜ ସିଂହ ଭାଟିଆ ଏବଂ ରାଜୀବ ଶୁକ୍ଳା ସଦସ୍ୟ ଅଛନ୍ତି। କମିଟି ୧୫ ଦିନ ମଧ୍ୟରେ ଦିଶା ନିର୍ଦ୍ଦେଶ ପ୍ରସ୍ତୁତ କରିବ। ସୂଚନାଯୋଗ୍ୟ, ବେଙ୍ଗାଲୁରୁରେ ଆଇପିଏଲ୍ ଚାମ୍ପିଅନ୍ ଆର୍‌ସିବିର ଟିମ୍‌ର ବିଜୟ ଉତ୍ସବ କାର୍ଯ୍ୟକ୍ରମ ଅବସରରେ ଜୁନ୍ ୪ ତାରିଖରେ ଦଳାଚକଟା ଘଟି ୧୧ ଜଣଙ୍କ ମୃତ୍ୟୁ ଘଟିଥିଲା। ଏହି ଦୁଃଖଦ ଘଟଣା ପରେ ବୋର୍ଡ ଏହି ନିଷ୍ପତ୍ତି ନେଇଛି।

## ଡବ୍ଲ୍ୟୁଟିସି ଫାଇନାଲ୍ ପରାଜୟ ପରେ କମିନ୍ସଙ୍କ ସଙ୍କେତ

# ଅଷ୍ଟ୍ରେଲିଆ ଟିମ୍‌ରେ ହେବ ବଡ଼ ପରିବର୍ତ୍ତନ !

**ଲଣ୍ଡନ,୧୫।୬/ଏଜେନ୍ସି:** ବିଶ୍ୱ ଟେଷ୍ଟ ଚାମ୍ପିଅନ୍‌ଶିପ୍ (ଡବ୍ଲ୍ୟୁଟିସି) ୨୦୨୫ ଫାଇନାଲ୍‌ରେ ଅଷ୍ଟ୍ରେଲିଆ ଶୋଚନୀୟ ଭାବେ ପରାଜିତ ହୋଇଛି। ଫଳରେ ଟିମ୍‌ର ଲଗାତାର ଦ୍ୱିତୀୟ ଥର ଟେଷ୍ଟ କ୍ରିକେଟ୍ ଚାମ୍ପିଅନ୍ ହେବା ସ୍ୱପ୍ନ ଧୂଳିସାତ୍ ହୋଇଛି। ଫାଇନାଲ୍ ମ୍ୟାଚ୍‌ରେ ଟେମ୍ବା ବାଭୁମାଙ୍କ ନେତୃତ୍ୱାଧୀନ ସାଉଥ୍ ଆଫ୍ରିକା କଙ୍ଗାରୁ ଟିମ୍‌କୁ ୫ ୱିକେଟ୍‌ରେ ହରାଇ ପ୍ରଥମ ଥର ପାଇଁ ଟେଷ୍ଟ ଚାମ୍ପିଅନ୍ ହୋଇଛି। ଏହି ପରାଜୟ ପରେ ଟିମ୍‌କୁ ପୁଣିଥରେ ପ୍ରସ୍ତୁତ କରିବାର ଆବଶ୍ୟକତା ରହିଛି ବୋଲି କ୍ୟାପ୍ଟେନ୍ ପ୍ୟାଟ୍ କମିନ୍ସ ସ୍ୱୀକାର କରିଛନ୍ତି। ୱେଷ୍ଟଇଣ୍ଡିଜ୍ ଟେଷ୍ଟ ସିରିଜ୍ ପୂର୍ବରୁ ଟିମ୍‌ର ଶୀର୍ଷକ୍ରମରେ କେତେକ ପରିବର୍ତ୍ତନର ମଧ୍ୟ ସଙ୍କେତ ଦେଇଛି। ସୂଚନାଯୋଗ୍ୟ,

**ବାଦ୍ ପଡ଼ିପାରନ୍ତି ଲାବୁଶେନ୍ ଓ ଗ୍ରୀନ୍**

ଡବ୍ଲ୍ୟୁଟିସି ଫାଇନାଲ୍ ଅବସରରେ ଷ୍ଟିଭ୍ ସ୍ମିଥ୍ ଆହତ ହୋଇଥିଲେ। ଫଳରେ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ତାଙ୍କ ଖେଳିବା ସନ୍ଦେହଜନକ। ଡବ୍ଲ୍ୟୁଟିସି ଫାଇନାଲ୍‌ରେ ଉସ୍‌ମାନ୍ ଖ୍ୱାଜାଙ୍କ ସହିତ ମାର୍ନସ୍ ଲାବୁଶେନ୍‌ଙ୍କୁ ଓପ୍ନିଂ ପାଇଁ ପଠାଯାଇଥିଲା। ମାତ୍ର ଟିମ୍‌ର ଏହି ଚାଲ୍ କାମ ଦେଇନଥିଲା। ଫଳରେ ଏବେ ଖ୍ୱାଜାଙ୍କ ସହିତ ସାମ୍ କୋନ୍‌ଷ୍ଟାସ୍‌ଙ୍କୁ ଓପ୍ନିଂ ସୁଯୋଗ ମିଳିପାରେ। ଭାରତ ବିପକ୍ଷ ବର୍ଡର-ଗାଭାସ୍କର ଟ୍ରଫିରେ ଡେବ୍ୟୁ କରିଥିବା କୋନ୍‌ଷ୍ଟାସ୍ ଦମ୍‌ଦାର ପ୍ରଦର୍ଶନରେ ସମସ୍ତଙ୍କୁ ଆକର୍ଷିତ କରିଥିଲେ। ସେହିପରି ଫାଇନାଲ୍ ମ୍ୟାଚ୍‌ରେ ଜଣେ ବ୍ୟାଟର୍ ଭାବେ ନଂ.୩ରେ ଖେଳିଥିଲେ ମଧ୍ୟ କାମେରୁନ୍ ଗ୍ରୀନ୍ ପ୍ରଥମ ଇନିଂସ୍‌ରେ ୪ ଏବଂ ଦ୍ୱିତୀୟ ଇନିଂସ୍‌ରେ ଶୂନ୍ୟରେ ଆଉଟ୍ ହୋଇଥିଲେ। ଗ୍ରୀନ୍‌ଙ୍କ ଟେକ୍‌ନିକ୍ ଉପରେ ମଧ୍ୟ ପ୍ରଶ୍ନ ଉଠିଥିଲା। ଫଳରେ ଏବେ ତାଙ୍କୁ ଟେଷ୍ଟ ଟିମ୍‌ରୁ ବାଦ୍ ଦିଆଯିବାର ବହୁ ସମ୍ଭାବନା ରହିଛି। ଅନ୍ୟପକ୍ଷରେ ଦିନିକିଆ କ୍ରିକେଟ୍‌ରେ ଧମାକାଦାର ପ୍ରଦର୍ଶନ କରୁଥିବା ଜୋଶ୍ ଇଙ୍ଗ୍‌ଲିଶ୍‌ଙ୍କୁ ଟେଷ୍ଟ ଟିମ୍‌ରେ ସ୍ଥାନ ମିଳିପାରେ। ଇଙ୍ଗ୍‌ଲିଶ୍ ମିଡିଲ୍ ଅର୍ଡର୍‌ରେ ଜଣେ ଉନ୍ନତ ବ୍ୟାଟର୍ ହୋଇଥିବା ବେଳେ ସ୍ପିନ୍ ବୋଲର୍‌ଙ୍କ ବିପକ୍ଷରେ ସୁନ୍ଦର ଭାବେ ଖେଳିଥାନ୍ତି। ତେବେ ଷ୍ଟିଭ୍ ସ୍ମିଥ୍ ଫିଟ୍ ନହେଲେ ତାଙ୍କୁ ସୁଯୋଗ ମିଳିବା ଆଶା କାଯାଉଛି।

# କୋହଲିଙ୍କୁ ଟପିଲେ କିରନ ପୋଲାର୍ଡ



**ନୂଆଦିଲ୍ଲୀ,୧୬।୫/ଏଜେନ୍ସି:** ଏମ୍‌ଆଇ ନ୍ୟୁୟର୍କ ଟିମ୍‌ର ସଦସ୍ୟ ଥିବା ୱେଷ୍ଟଇଣ୍ଡିଜ୍‌ର ପୂର୍ବତନ ଅଲ୍‌ରାଉଣ୍ଡର୍ କିରନ୍ ପୋଲାର୍ଡ ଆମେରିକାରେ ଖେଳାଯାଉଥିବା ମେଜର କ୍ରିକେଟ୍ ଲିଗ୍ (ଏମ୍‌ସିଏଲ୍) ୨୦୨୫ରେ ଟେକ୍ସାସ୍ ସୁପର୍ କିଙ୍ଗ୍ସ ବିପକ୍ଷ ମ୍ୟାଚ୍‌ରେ ଇତିହାସ ରଚିଛନ୍ତି। ପୋଲାର୍ଡ ଏବେ ଟି-୨୦ କ୍ରିକେଟ୍‌ରେ ଚତୁର୍ଥ ସର୍ବାଧିକ ସ୍କୋରର୍ ହୋଇଛନ୍ତି। ଏହି ମାମଲାରେ ସେ ଟିମ୍ ଇଣ୍ଡିଆର ଷ୍ଟାର୍ ବ୍ୟାଟର୍ ବିରାଟ କୋହଲିଙ୍କୁ ପଛରେ ପକାଇଛନ୍ତି। ଟେକ୍ସାସ୍ ସୁପର୍ କିଙ୍ଗ୍ସ ବିପକ୍ଷରେ ପୋଲାର୍ଡ ୧୬ ବଲ୍‌ରେ ୩୨ ରନ୍ କରିଥିଲେ। ଏହା ସହିତ ଟି-୨୦ କ୍ରିକେଟ୍‌ର ୬୯୬ ମ୍ୟାଚ୍‌ରେ ତାଙ୍କ ନାମରେ ୧୩୫୬୯ ରନ୍ ହୋଇଛି। ଅନ୍ୟପକ୍ଷରେ କୋହଲି ଟି-୨୦ କ୍ରିକେଟ୍‌ର ୪୧୪ ମ୍ୟାଚ୍‌ରେ ୧୩୫୪୩ ରନ୍ କରିଛନ୍ତି। ପୋଲାର୍ଡ ବିଶ୍ୱର ପ୍ରାୟ ସମସ୍ତ କ୍ରିକେଟ୍ ଲିଗ୍‌ରେ ଖେଳୁଥିବା ବେଳେ କୋହଲି ଟି-୨୦ ଅନ୍ତର୍ଜାତୀୟରୁ ସନ୍ନ୍ୟାସ ନେଇସାରିଥିବା ଟି-୨୦ ଫର୍ମାଟ୍‌ରେ କେବଳ ଆଇପିଏଲ୍ ଖେଳୁଛନ୍ତି।

ଟି-୨୦ରେ ସର୍ବାଧିକ ସ୍କୋର୍ ୱେଷ୍ଟଇଣ୍ଡିଜ୍‌ର ପୂର୍ବତନ ବିସ୍ଫୋରକ ବ୍ୟାଟର୍ କ୍ରିସ୍ ଗେଲ୍‌ଙ୍କ ନାମରେ ରହିଛି। ଗେଲ୍ ୪୬୩ ମ୍ୟାଚ୍‌ରେ ୧୪୫୬୨ ରନ୍ କରିଛନ୍ତି। ଏହି ଲିଷ୍ଟର ଦ୍ୱିତୀୟ ସ୍ଥାନରେ ଇଂଲଣ୍ଡର ଆଲେକ୍ସ ହେଲ୍ସ ରହିଛନ୍ତି। ସେ ୪୯୭ ମ୍ୟାଚ୍‌ରୁ ୧୩୭୦୪ ରନ୍ କରିଛନ୍ତି। ପାକିସ୍ତାନର ପୂର୍ବତନ ଅଲ୍‌ରାଉଣ୍ଡର୍ ସୋଏବ୍ ମଲିକ୍ ୫୫୭ ମ୍ୟାଚ୍‌ରୁ ୧୩୫୭୧ ରନ୍ ସହ ଲିଷ୍ଟର ତୃତୀୟ ସ୍ଥାନରେ ରହିଛନ୍ତି। ଚତୁର୍ଥ ସ୍ଥାନରେ ରହିଥିବା ପୋଲାର୍ଡ ଆଉ ମାତ୍ର ୩ ରନ୍ କଲେ, ସୋଏବ୍ ମଲିକ୍‌ଙ୍କୁ ଟପି ଟି-୨୦ କ୍ରିକେଟ୍‌ରେ ତୃତୀୟ ସର୍ବାଧିକ ରନ୍ ସ୍କୋରର୍ ହୋଇଯିବେ।

## ଦେଶ ବିଦେଶ

### ଅହମଦାବାଦ ବିମାନ ଦୁର୍ଘଟଣା

# ବିଜୟ ରୂପାନୀଙ୍କ ମୃତଦେହ ଚିହ୍ନଟ



**ଅହମଦାବାଦ,୧୫।୬/ଏଜେନ୍ସି:** ଅହମଦାବାଦରେ ଏୟାର୍ ଇଣ୍ଡିଆ ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଗୁଜରାଟର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟ ରୂପାନୀଙ୍କ ମୃତଦେହ ଆଜି ଡିଏନ୍‌ଏ ଟେଷ୍ଟ ଜରିଆରେ ଚିହ୍ନଟ କରାଯାଇଛି। ରବିବାର ଦିନ ୧୧ଟା ୧୦ ମିନିଟ୍‌ରେ ତାଙ୍କ ଡିଏନ୍‌ଏ ମ୍ୟାଚ୍ ହୋଇଥିବା ନେଇ ସୂଚନା ଦିଆଯାଇଥିଲା। ଏହା ପରେ ବିଜୟ ରୂପାନୀଙ୍କ ମୃତଦେହକୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସ୍ୱର୍ଗତ ରୂପାନୀଙ୍କ ଅନ୍ତିମ ସଂସ୍କାର ସୋମବାର ଅପରାହ୍ଣ ୩ଟା ବେଳେ ରାଜକୋଟରେ ସମ୍ପନ୍ନ କରାଯିବ ବୋଲି ଗୁଜରାଟ ସ୍ୱାସ୍ଥ୍ୟ ମନ୍ତ୍ରୀ ଋଷିକେଶ ପଟେଲ କହିଛନ୍ତି। ଜୁନ୍ ୧୨ ତାରିଖର ଏହି ଦୁର୍ଘଟଣାରେ ମୃତକଙ୍କ ସଂଖ୍ୟା ୨୭୫ରେ ପହଞ୍ଚିଛି। ଅହମ୍ମଦାବାଦ ସିଭିଲ୍ ହସ୍ପିଟାଲ୍ ମ୍ୟାନେଜମେଣ୍ଟ୍ ପକ୍ଷରୁ କୁହାଯାଇଛି ବର୍ତ୍ତମାନ ସୁଦ୍ଧା ୨୩୦ ପରିବାରଙ୍କ ସହିତ ଯୋଗାଯୋଗ କରାଯାଇଛି। ଆଜି ସକାଳ ସୁଦ୍ଧା ୨୪୮ ଶବର ଡିଏନ୍‌ଏ ସାମ୍ପଲ୍ ସଂଗ୍ରହ ହୋଇଥିବା ବେଳେ ଏହା ମଧ୍ୟରେ ୮୬ ଶବର ଚିହ୍ନଟ ହୋଇଯାଇଛି। ସେଥିରୁ ୨୭ଟି ମୃତଦେହକୁ ସେମାନଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସେମାନଙ୍କୁ ମୃତ୍ୟୁ ପ୍ରମାଣପତ୍ର ମଧ୍ୟ ପ୍ରଦାନ କରାଯାଇଛି। ଆମ୍ବୁଲାନ୍ସ ଏବଂ ସିକ୍ୟୁରିଟି ସହିତ ଶବଗଡ଼ିକୁ ସେମାନଙ୍କ ଗୃହକୁ ପଠାଯାଉଛି। ଏଥିପାଇଁ ୨୩୦ ଟିମ୍ ଗଠନ କରାଯାଇଛି। ଏହି ଟିମ୍ ମୃତକଙ୍କ ପରିଜନଙ୍କ ସହିତ ସିଧା ସମ୍ପର୍କରେ ରହିଛି। ୧୯୨ ଆମ୍ବୁଲାନ୍ସ ଓ ବାହନ ଷ୍ଟାଣ୍ଡବାଇ ରଖାଯାଇଛି। ଦୁର୍ଘଟଣାରେ ପ୍ରାଣ ହରାଇଥିବା ବିଦେଶୀ ନାଗରିକଙ୍କ ମଧ୍ୟରୁ ୧୧ ଜଣଙ୍କ ପରିବାର ଅହମ୍ମଦାବାଦ ପହଞ୍ଚିପାରନ୍ତି। ଏହି ଶବଗୁଡ଼ିକୁ ରଖିବା ପାଇଁ ୧୭୦ କଫିନ୍‌ର ଅର୍ଡର ଦିଆଯାଇଛି। ଏହା ମଧ୍ୟର ୧୦୦ କଫିନ୍ ବଡ଼ୋଦରାରୁ ଅହମ୍ମଦାବାଦ ଅଣାଯାଇଛି। ବାକି କଫିନ୍‌ର ନିର୍ମାଣ କାର୍ଯ୍ୟ ଚାଲିଛି।

# ସାଇପ୍ରସ୍‌ରେ ପ୍ରଧାନମନ୍ତ୍ରୀ ମୋଦୀ




**ନିକୋସିଆ,୧୫।୬/ଏଜେନ୍ସି:** ରବିବାର ଚାରିଦିନିଆ ୩ ଦେଶ ଗସ୍ତରେ ଯାଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାଇପ୍ରସ୍ ରାଜଧାନୀ ନିକୋସିଆରେ ପହଞ୍ଚିଛନ୍ତି। ସାଇପ୍ରସ୍ ରାଷ୍ଟ୍ରପତି ନିକୋସ୍ କ୍ରିଷ୍ଟାଡୌଲିସ୍ ବିମାନବନ୍ଦରରେ ରେଡ୍ କାର୍ପେଟ୍ ବିଛାଇ ତାଙ୍କର ସ୍ୱାଗତ କରିଛନ୍ତି। ବିମାନବନ୍ଦରରୁ ମୋଦୀ ସାଇପ୍ରସ୍‌ର ନିମାସୋଲ୍ ଯାଇଛନ୍ତି। ଏହି ଅବସରରେ ହୋଟେଲ୍ ବାହାରେ ଭାରତ ମାତା କୀ ଜୟର ସ୍ଲୋଗାନ୍ ସହିତ ଭାରତୀୟ ସମୁଦାୟ ପକ୍ଷରୁ ତାଙ୍କର ଜୋରଦାର ସ୍ୱାଗତ କରାଯାଇଥିଲା। ଏହାପରେ ମୋଦୀ ଓ ସାଇପ୍ରସ୍ ରାଷ୍ଟ୍ରପତି କ୍ରିଷ୍ଟାଡୌଲିସ୍‌ଙ୍କ ମଧ୍ୟରେ ଦୁଇ ଦେଶର ବ୍ୟାପାର ବୃଦ୍ଧି ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ବ୍ୟବସାୟ ସହିତ ଜଡ଼ିତ ବହୁ ହସ୍ତୀ ସାମିଲ ହୋଇଥିଲେ। ମୋଦୀ ୧୫ ଓ ୧୬ ତାରିଖ ଦୁଇଦିନ ସାଇପ୍ରସ୍‌ରେ ରହିବେ। ଏହାପରେ ଜୁନ୍ ୧୬ ଓ ୧୭ ତାରିଖରେ କାନାଡାରେ ଆୟୋଜିତ ଜି-୭ ଶିଖର ସମ୍ମିଳନୀରେ ଯୋଗଦେବେ। ଏହାପରେ ଜୁନ୍ ୧୮ ତାରିଖରେ ପ୍ରଧାନମନ୍ତ୍ରୀ କ୍ରୋଏସିଆ ଗସ୍ତରେ ଯିବେ। ଜୁନ୍ ୧୯ ତାରିଖରେ ଭାରତ ପ୍ରତ୍ୟାବର୍ତ୍ତନ କରବା କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ସେ ୨୭ ହଜାର ୭୪୫ କିମି ଯାତ୍ରା କରିବେ।

# ନାଇଜେରିଆରେ ୧୦୦ ଲୋକଙ୍କୁ ଗୁଳିମାରି ହତ୍ୟା

**ଅବଜା,୧୫।୬/ଏଜେନ୍ସି:** ନାଇଜେରିଆର ନର୍ଥ-ସେଣ୍ଟ୍ରାଲ୍ ବେନ୍ୟୁ ଷ୍ଟେଟ୍‌ସ୍ଥିତ ଗୁମାର ୟେଲେଭାଟାରେ ଅତିକମ୍‌ରେ ୧୦୦ ଲୋକଙ୍କ ଗୁଳିମାରି ହତ୍ୟା କରାଯାଇଛି। ଶତାଧିକ ଆହତ ହୋଇଥିବା ବେଳେ ଏବେ ସୁଦ୍ଧା ଅନେକଙ୍କ ପତ୍ତା ମିଳୁନାହିଁ। ହ୍ୟୁମାନ୍ ରାଇଟ୍ସ ଗ୍ରୁପ୍ ଆମ୍‌ନେଷ୍ଟି ଇଣ୍ଟରନାସ୍‌ନାଲ୍ ନାଇଜେରିଆ ଫେସ୍‌ବୁକ୍‌ରେ ଏକ ପୋଷ୍ଟ ଜରିଆରେ କହିଛି, ଏହି ଆକ୍ରମଣ ଶୁକ୍ରବାର ବିଳମ୍ବିତ ରାତିରୁ ଶନିବାର ସକାଳ ପର୍ଯ୍ୟନ୍ତ ହୋଇଥିଲା। ଆହତଙ୍କୁ ଏବେ ସୁଦ୍ଧା ଜରୁରୀ ମେଡିକାଲ୍ ସୁବିଧା ମିଳିପାରି ନାହିଁ। ଆମ୍‌ନେଷ୍ଟି ଅନୁସାରେ ଏହି ସାମୂହିକ ଆକ୍ରମଣରେ ଆକ୍ରମଣକାରୀମାନେ ଗାଁର କେତେକ ପରିବାରଙ୍କୁ ଘରେ ବନ୍ଦକରି ଜୀଅନ୍ତା ଜାଳି ଦେଇଛନ୍ତି। ଲୋକମାନେ ଏପରି ପୋଡ଼ିଯାଇଛନ୍ତି ଯେ ସେମାନଙ୍କୁ ଚିହ୍ନିବା କଷ୍ଟକର। ବେନ୍ୟୁ ପୁଲିସ ଆକ୍ରମଣ ଘଟଣାକୁ ସ୍ୱୀକାର କରିଥିଲେ ମଧ୍ୟ କିଏ ହତ୍ୟା କରିଛି ଏବଂ କେତେଜଣ ପ୍ରାଣ ହରାଇଛନ୍ତି, ସେ ସମ୍ପର୍କରେ କିଛି କହିନାହିଁ। ଆକ୍ରମଣରେ ୧୦୦ରୁ ଅଧିକ ଲୋକ ପ୍ରାଣ ହରାଇଥିବା ସ୍ଥାନୀୟ ଲୋକ ଆଶଙ୍କା କରୁଥିବା ନ୍ୟୁଜ୍ ଏଜେନ୍ସି ଏଏଫ୍‌ପି ଜଣାଇଛି। ବେନ୍ୟୁ ନାଇଜେରିଆରେ ମଧ୍ୟବର୍ତ୍ତୀ ଅଞ୍ଚଳରେ ଅବସ୍ଥିତ ହୋଇଥିବା ବେଳେ ଏହାର ଉତ୍ତରାଞ୍ଚଳରେ ବହୁସଂଖ୍ୟକ ମୁସ୍‌ଲିମ୍ ଏବଂ ଦକ୍ଷିଣରେ ଅଧିକାଂଶ ଇସାଇ ବସବାସ କରିଥାନ୍ତି। ଦୁଇ ସମୁଦାୟ ମଧ୍ୟରେ ପ୍ରାୟତଃ ଜମିଜମା ଏବଂ ପାନୀୟ ଜଳକୁ ନେଇ ଲଢ଼େଇ ଘଟିଥାଏ। ଜାତୀୟ ଏବଂ ଧାର୍ମିକ ଭାବନାକୁ ନେଇ ମଧ୍ୟ ଉଭୟ ସମୁଦାୟ ମଧ୍ୟରେ ଭୟଙ୍କର ସଂଘର୍ଷ ଦେଖିବାକୁ ମିଳିଥାଏ।

# ଏମ୍‌ସିଏଲ୍‌ରେ ବାର୍ଷିକ କୋଇଲା ଖଣି ସୁରକ୍ଷା ପକ୍ଷ ସମାରୋହ ଉଦ୍‌ଯାପିତ






**ସମ୍ବଲପୁର,ତାଳଚେର,୧୫।୬/ଏନ୍‌ଏନ୍‌ଏସ୍:** ମହାନଦୀ କୋଲ୍ ଫିଲ୍ଡ (ଏମ୍‌ସିଏଲ୍)ର ଲିଙ୍ଗରାଜ କ୍ଷେତ୍ରରେ ପାଳିତ ବାର୍ଷିକ କୋଇଲା ଖଣି ସୁରକ୍ଷା ପକ୍ଷ ୨୦୨୪-୨୫ ସମାରୋହ ରବିବାର ଉଦ୍‌ଯାପିତ ହୋଇଛି। ସମାରୋହ ଉତ୍ସବରେ ଏମ୍‌ସିଏଲ୍ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଉଦୟ ଅନନ୍ତ କାଓଲେ ଏବଂ ଡିଜିଏମ୍‌ଏସ୍ (ଧାନବାଦ) ଉଜ୍ଜ୍ୱଳ ତାହ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ନିର୍ଦ୍ଦେଶକ (କାର୍ମିକ) କେଶବ ରାଓ, ମୁଖ୍ୟ ସତର୍କତା ଅଧିକାରୀ (ସିଭିଓ) ପି.କେ. ପଟେଲ, ନିର୍ଦ୍ଦେଶକ (ଅର୍ଥ) ଏ.କେ. ବେହୁରା ଏବଂ ନିର୍ଦ୍ଦେଶକ (କାର୍ଯ୍ୟ ସଂଚାଳନ/ଯୋଜନା ଏବଂ ପ୍ରକଳ୍ପ) ସଞ୍ଜୟ କୁମାର ଝା ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଉପସ୍ଥିତ ଥିଲେ।

ଦୀପ ପ୍ରଜ୍ୱଳନ ଏବଂ ସୁରକ୍ଷା ପତାକା ଉତ୍ତୋଳନ ସହିତ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। କାର୍ଯ୍ୟକ୍ରମରେ ଉପସ୍ଥିତ ବିଶିଷ୍ଟ ବ୍ୟକ୍ତିମାନେ ଦେଶର ଶକ୍ତି ସୁରକ୍ଷାରେ ଯୋଗଦାନ ଦେଇ ଏବଂ କର୍ତ୍ତବ୍ୟ ପାଳନ କରି ନିଜ ଜୀବନ ବଳିଦାନ ଦେଇଥିବା କୋଇଲା ଖଣି ଶ୍ରମିକମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ଅତିଥିମାନେ ଷ୍ଟଲ୍ ପ୍ରଦର୍ଶନୀର ମଧ୍ୟ ଉଦ୍‌ଘାଟନ କରିଥିଲେ। ଏହି ପ୍ରଦର୍ଶନୀରେ ଖଣି କାର୍ଯ୍ୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବା ନୂତନ ପଦକ୍ଷେପ, ଉପକରଣ ପ୍ରଦର୍ଶନ, କୃତ୍ରିମ ବୁଦ୍ଧିମତ୍ତା ଆଧାରିତ ଉପକରଣ ପ୍ରଦର୍ଶିତ ହୋଇଥିଲା।

ଉପସ୍ଥିତ ଅତିଥିମାନେ ସୁରକ୍ଷା, ସ୍ୱାସ୍ଥ୍ୟସେବା ଇତ୍ୟାଦି ସମ୍ପର୍କରେ ସେମାନଙ୍କର ମୂଲ୍ୟବାନ ପରାମର୍ଶ ଦେବା ସହିତ ଶୂନ୍ୟ ଦୁର୍ଘଟଣା ହାର ହାସଲ କରିବା ଉପରେ ବିଶେଷ ଗୁରୁତ୍ୱାରୋପ କରିଥିଲେ। ଏହାପରେ ବାର୍ଷିକ ଖଣି ସୁରକ୍ଷା ପକ୍ଷ ପାଳନ ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା।

ଉକ୍ତ ସୁରକ୍ଷା କାର୍ଯ୍ୟକ୍ରମରେ ଆଞ୍ଚଳିକ ମହାପ୍ରବନ୍ଧକ, ବିଭାଗୀୟ ମୁଖ୍ୟ ଏବଂ ଏମ୍‌ସିଏଲ କର୍ପୋରେଟ୍ ଜେସିସି/କଲ୍ୟାଣ/ସୁରକ୍ଷା ସଦସ୍ୟଙ୍କ ସମେତ ଏମ୍‌ସିଏଲ୍, ସିଆଇଏସ୍‌ଟିଇଏ, ସିଏମ୍‌ଓଏଆଇ ଶ୍ରମିକ ସଂଗଠନର ପଦାଧିକାରୀମାନେ ଉପସ୍ଥିତ ଥିଲେ। ଲିଙ୍ଗରାଜ କ୍ଷେତ୍ରର ମହାପ୍ରବନ୍ଧକ ଏବଂ ତାଙ୍କ ଦଳର ସହଯୋଗରେ କାର୍ଯ୍ୟକ୍ରମଟି ସଫଳତାର ସହିତ ଆୟୋଜିତ ହୋଇଥିଲା। ଓରିଏଣ୍ଟ୍ ଅଞ୍ଚଳର ହୀରାଖଣ୍ଡ ବୁଢ଼ିଆ ଭୂତଳ ଖଣିକୁ ଶ୍ରେଷ୍ଠ ଗ୍ରସ୍ ଭୂତଳ ଖଣି ଏବଂ ଜଗନ୍ନାଥ କ୍ଷେତ୍ରର ଅନନ୍ତ ଓସିପିକୁ ଶ୍ରେଷ୍ଠ ମେଗା ଓପନ୍ କାଷ୍ଟ ଖଣି ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ଇବ୍ ଭ୍ୟାଲି ଅଞ୍ଚଳର ଲାଜକୁରା ଓସିପି ଏବଂ ଲିଙ୍ଗରାଜ ଅଞ୍ଚଳର ଲିଙ୍ଗରାଜ ଓସିପିକୁ ଯଥାକ୍ରମେ ଶ୍ରେଷ୍ଠ କ୍ଷୁଦ୍ର ଏବଂ ମଧ୍ୟମ ଖୋଲା ଖଣି ଭାବେ ପୁରସ୍କୃତ କରାଯାଇଥିଲା।




Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975, Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra